# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୩/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) Bhubaneswar, Wednesday, January 23/ 2019 ★★★★

୪୫ଶ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





କଂଗ୍ରେସ କ୍ଷମତାକୁ ଫେରିବା ନେଇ ମୁଁ ନିଶ୍ଚିତ। କାରଣ ଭାଜପାର ଏକ ବିକଳ୍ପ ଅଛି ବୋଲି ଲୋକେ ଏବେ ବିଶ୍ୱାସ କଲେଣି।
- ଶଶୀ ଥରୁର, କଂଗ୍ରେସ ଏମ୍‌ପି



## ସଂକ୍ଷେପରେ

### ମମତାଙ୍କ ବିରୋଧରେ ଗର୍ଜିଲେ ଶାହ



**ମାଲ୍‌ଦା,୨୨।୧:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ମଙ୍ଗଳବାର ପଶ୍ଚିମବଙ୍ଗର ମାଲଦାରୁ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କୁ ଟାର୍ଗେଟ କରିଛନ୍ତି। ୧୯ ତାରିଖରେ ଆୟୋଜିତ ମମତାଙ୍କ ବିରୋଧୀ ରାଲିକୁ ଟାର୍ଗେଟ କରି ମାଲଦାର ଏକ ସଭାରେ ଶାହ କହିଛନ୍ତି, ସେଦିନ ମଞ୍ଚରେ ୯ ସମ୍ଭାବ୍ୟ ପ୍ରଧାନମନ୍ତ୍ରୀ ଥିଲେ। ଆମର କେବଳ ଜଣେ ପ୍ରଧାନମନ୍ତ୍ରୀ ଅଛନ୍ତି। ନରେନ୍ଦ୍ର ମୋଦିଙ୍କୁ ସମସ୍ତେ ବିଶ୍ୱାସ କରନ୍ତି। ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାରଙ୍କୁ ଭାଜପା କ୍ଷମତାଚ୍ୟୁତ କରିବ। ଭାଜପାକୁ ରଥଯାତ୍ରା ପାଇଁ ଅନୁମତି ଦେଇ ନ ଥିବାରୁ ରାଜ୍ୟ ସରକାରଙ୍କୁ ଲୋକେ କ୍ଷମା କରିବେ ନାହିଁ ବୋଲି ଶାହ କହିଥିଲେ। ପରେ ଖରାପ ସ୍ୱାସ୍ଥ୍ୟ ଯୋଗୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ନୂଆଦିଲ୍ଲୀ ଫେରିଯାଇଥିବା ଜଣାପଡ଼ିଛି।

### ୩୧ ରୋହିଙ୍ଗ୍ୟାଙ୍କୁ ପୋଲିସକୁ ହସ୍ତାନ୍ତର

**ଅଗରତାଲା/ନୂଆଦିଲ୍ଲୀ,୨୨।୧:** ଭାରତ-ବାଂଲାଦେଶ ସୀମାନ୍ତ ଅଞ୍ଚଳରୁ ୩୧ ରୋହିଙ୍ଗ୍ୟା ମୁସ୍‌ଲିମ୍‌ଙ୍କୁ ବିଏସ୍‌ଏଫ୍ ଉଦ୍ଧାର କରି ମଙ୍ଗଳବାର ତ୍ରିପୁରା ପୋଲିସକୁ ହସ୍ତାନ୍ତର କରିଛି। ତ୍ରିପୁରାଠାରେ ବାଂଲାଦେଶ ଓ ଭାରତ ଉଭୟ ସୀମା ବାହାରେ ଥିବା ଅଞ୍ଚଳରେ ଜାନୁୟାରୀ ୧୮ ତାରିଖରୁ ସେମାନେ ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ। ସେମାନଙ୍କୁ ଉଦ୍ଧାର କରାଯିବା ନେଇ ରବିବାର ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏବଂ ବିଜିବି (ବର୍ଡର ଗାର୍ଡ ବାଂଲାଦେଶ) ମଧ୍ୟରେ କମାଣ୍ଡରସ୍ତରୀୟ ବୈଠକ ହୋଇଥିଲା। ତେବେ ଏହା ଫେଲ୍ ମାରିଥିଲା। ବିଏସ୍‌ଏଫ୍ ପକ୍ଷରୁ ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରଯାଇଥିଲା। ମନ୍ତ୍ରଣାଳୟଙ୍କ ଅନୁମତି କ୍ରମେ ବିଏସ୍‌ଏଫ୍ ରୋହିଙ୍ଗ୍ୟା ମୁସଲିମ୍‌ଙ୍କୁ ସୁରକ୍ଷିତ ଉଦ୍ଧାର କରି ପଶ୍ଚିମ ତ୍ରିପୁରା ଜିଲା ଆଣ୍ଟୋନି ଥାନା ଜିମା ଦେଇଛି।

### ତେଲ ଟ୍ୟାଙ୍କର-ବସ୍ ଦୁର୍ଘଟଣା : ୨୭ ମୃତ



**ଇସ୍‌ଲାମାବାଦ୍,୨୨।୧:** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଲାଶବେଲା ଜିଲାରେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଓ ତେଲ ଟ୍ୟାଙ୍କର ମଧ୍ୟରେ ଧକ୍କାରେ ୨୭ଜଣଙ୍କ ଜୀବନ ଯାଇଛି। ବସ୍‌ରେ ୪୦ ଯାତ୍ରୀ ରହିଥିଲେ। ଏହା କରାଚିରୁ ପଞ୍ଜ୍‌ଗୁର ଯାତ୍ରା କରୁଥିବା ବେଳେ ହବ୍ ତହସିଲ ନିକଟରେ ବିପରୀତ ଦିଗରୁ ଆସୁଥିବା ତେଲ ଟ୍ୟାଙ୍କର ସହ ମୁହାଁମୁହିଁ ହୋଇଥିଲା। ଏଥିରେ ଟ୍ୟାଙ୍କର ଜଳି ଉଠିଥିଲାବେଳେ ବସ୍‌କୁ ନିଆଁ ଗ୍ରାସ କରିଥିଲା। ବସ୍ ଓ ଟ୍ୟାଙ୍କର ମଧ୍ୟରୁ ଜୀବନ୍ତ ଦଗ୍ଧ ମୃତଦେହ ଉଦ୍ଧାର କରାଯାଇଥିବା ଲାଶବେଲା ଡେପୁଟି କମିଶନର ଶବୀର ମେଙ୍ଗଲ କହିଛନ୍ତି। ମୃତକଙ୍କୁ ଚିହ୍ନଟ କରାଯାଇନାହିଁ। ୧୫ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

### ଇତିହାସର ଆଇନାରେ

### ଜାନୁୟାରୀ ୨୩ର ପ୍ରମୁଖ ଘଟଣା

୧୮୪୬ ଜାନୁୟାରୀ ୨୩ରେ ଟ୍ୟୁନିସିଆରେ କ୍ରୀତଦାସ ପ୍ରଥାର ବିଲୋପ ଘଟିଥିଲା। ଆରବରେ କ୍ରୀତଦାସ ପ୍ରଥାର ଏହା ରୂପାନ୍ତର। ଆଲ୍‌ଜେରିଆ ଭଳି ଟ୍ୟୁନିସିଆର ଭୌଗୋଳିକ ସ୍ଥିତି ଏପରି ଯାହା ମୁଖ୍ୟ ଟ୍ରାନ୍ସ-ସାହାରାନ୍ ପଥକୁ ସଂଯୁକ୍ତ କରୁଛି। ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରତିବର୍ଷ ୫୦୦ରୁ ୧୨୦୦ ପର୍ଯ୍ୟନ୍ତ କ୍ରୀତଦାସ ଟ୍ୟୁନିସିଆକୁ ଆସୁଥିଲେ।

୨୦୦୨ ଜାନୁୟାରୀ ୨୩ରେ ଆମେରିକୀୟ ଖବରଦାତା ଡାନିଏଲ୍ ପର୍ଲଙ୍କୁ କରାଚିରେ ଅପହରଣ କରାଯାଇ ପରେ ହତ୍ୟା କରାଯାଇଥିଲା। ଆମେରିକାରେ ଜନ୍ମିତ ପର୍ଲ ଇସ୍ରାଏଲ୍‌ର ନାଗରିକତ୍ୱ ଗ୍ରହଣ କରିଥିଲେ। ସେ ୱାଲଷ୍ଟ୍ରିଟ୍ ଜର୍ନାଲ ପାଇଁ କାମ କରୁଥିଲେ।

## ତେଜିଲା ଇଭିଏମ୍ ହ୍ୟାକିଂ ବିବାଦ

# ଫଣା ଟେକିଲା ଭାଜପା

**ନୂଆଦିଲ୍ଲୀ/ମୁମ୍ବାଇ,୨୨।୧(ପି.ଟି.)**

୨୦୧୪ ସାଧାରଣ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍) ହ୍ୟାକିଂ କରାଯାଇଥିବା ନେଇ ହ୍ୟାକର ସୟଦ ଶୁଜା ଲଣ୍ଡନରେ ଦାବି କରିବା ପରେ ବିବାଦ ଜୋର ଧରିବାରେ ଲାଗିଛି। ମଙ୍ଗଳବାର ଗୋପୀନାଥ ମୁଣ୍ଡେଙ୍କ ପୁତୁରା ତଥା ଜାତୀୟତାବାଦୀ କଂଗ୍ରେସ (ଏନ୍‌ସିପି) ନେତା ଧନଞ୍ଜୟ ମୁଣ୍ଡେ ଦାଦାଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। ଭାରତର ବହିର୍ବ୍ୟାପାର ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) କିମ୍ବା ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ଧନଞ୍ଜୟ କହିଛନ୍ତି। ଗୋଆ କଂଗ୍ରେସ ପକ୍ଷରୁ ମଧ୍ୟ ଅନୁରୂପ ଦାବି କରାଯାଇଛି। ଅନ୍ୟପକ୍ଷରେ ଶୁଜା ଏହି ପ୍ରସଙ୍ଗ ଉଠାଇଥିବା ସମୟକୁ ନେଇ ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ତଥା ଭାଜପା ନେତା ସୁଧୀର ମୁଙ୍ଗାନ୍ତିୱର କ୍ୟାବିନେଟ ବୈଠକରେ ସନ୍ଦେହ ବ୍ୟକ୍ତ କରିଛନ୍ତି। ଶୁଜାଙ୍କ କଥାରେ ସତ୍ୟତା ଥିଲେ ସେ ଏତେଦିନ ଧରି କାହିଁକି ଚୁପ୍ ବସିଥିଲେ ବୋଲି ସୁଧୀର ପ୍ରଶ୍ନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଛନ୍ତି, ଶୁଜା ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) କିମ୍ବା ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସହ ଜଡ଼ିତ ଥାଇପାରନ୍ତି। କାରଣ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିବା ହେଉଛି ଉଭୟ ଆଇଏସ୍‌ଆଇ ଏବଂ ଆଇଏସ୍‌ର ଲକ୍ଷ୍ୟ।



ସ୍କ୍ରିନ୍‌ରେ ସୟଦ ଶୁଜା



କାର୍ଯ୍ୟକ୍ରମରେ କପିଲ ସିବଲ

### ଗୋପୀନାଥ ମୁଣ୍ଡେଙ୍କ ମୃତ୍ୟୁର ତଦନ୍ତ ଦାବି କଲେ ପୁତୁରା

### 'କଂଗ୍ରେସ ପ୍ରାୟୋଜିତ ଷଡ଼ଯନ୍ତ୍ର'

**ନୂଆଦିଲ୍ଲୀ,୨୨।୧(ପି.ଟି.):** ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠିବାର ଦିନକ ପରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଲଣ୍ଡନରେ ସାଇବର ବିଶେଷଜ୍ଞ କରିଥିବା ଦାବି ଅମୂଳକ। କଂଗ୍ରେସ ହେଉଛି ଉକ୍ତ କାର୍ଯ୍ୟକ୍ରମର ଆୟୋଜକ। ଏହି ଦଳ ୨୦୧୪ ଜନାଦେଶକୁ ଅପମାନିତ କରିବା ସହ ଦେଶର ନିର୍ବାଚନୀ ପ୍ରକ୍ରିୟାକୁ କଳଙ୍କିତ କରିଛି। ହ୍ୟାକର୍ ସୟଦ ଶୁଜା ଚାଞ୍ଚଲ୍ୟକର ପ୍ରଘଟ କରୁଥିବାବେଳେ ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ ଉପସ୍ଥିତ ଥିଲେ। ସେ ସେଠାରେ କ'ଣ କରୁଥିଲେ? ସିବଲ କଂଗ୍ରେସ ଦଳ ପକ୍ଷରୁ ସେଠାରେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରୁଥିଲେ ବୋଲି ବିଶ୍ୱାସ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କଂଗ୍ରେସ ଦ୍ୱାରା ପ୍ରାୟୋଜିତ ଏକ ଷଡ଼ଯନ୍ତ୍ର। ଆସନ୍ତା ଲୋକ ସଭା ନିର୍ବାଚନରେ ପରାଜୟ ନିଶ୍ଚିତ ବୋଲି ଜାଣିବା ପରେ ସେମାନେ ଏଭଳି ବାହାନା କରିବାରେ ଲାଗିଛନ୍ତି। ନିର୍ବାଚନ ପୂର୍ବରୁ କଂଗ୍ରେସ ଏପରି କେତୋଟି ଷ୍ଟଣ୍ଟ କରିବାକୁ ଯାଉଛି ବୋଲି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ରବିଶଙ୍କର ପ୍ରଶ୍ନ କରିଛନ୍ତି। ରବିଶଙ୍କର ଆହୁରି କହିଛନ୍ତି, ବିଦେଶରୁ ଭାରତୀୟ ଭୋଟର ଓ ନିର୍ବାଚନ କମିଶନଙ୍କୁ ଅପମାନିତ କରିବା ଲାଗି ଏହା ଏକ ଉଦ୍ୟମ। କଂଗ୍ରେସ ୩ଟି ରାଜ୍ୟରେ ବିଜୟୀ ହେବାବେଳେ ଇଭିଏମ୍‌କୁ ଦୋଷ ଦେଇ ନ ଥିଲା। ୨୦ ବର୍ଷ ତଳୁ ଇଭିଏମ୍ ବ୍ୟବହାର ହେଉଛି। କଂଗ୍ରେସ ୧୦ ବର୍ଷ କ୍ଷମତାରେ ଥିବାବେଳେ ଇଭିଏମ୍ ଠିକ୍ ଥିଲା। ଉତ୍ତରପ୍ରଦେଶରେ ମାୟାବତୀ, ଅଖିଳେଶ ଓ ପଶ୍ଚିମବଙ୍ଗରେ ମମତା ଜିତିବାବେଳେ ଏହା ଠିକ୍ ଥିଲା। ହେଲେ ଭାଜପା କ୍ଷମତାସୀନ ହେବାବେଳକୁ ଇଭିଏମ୍ ଟ୍ୟାମ୍ପରିଂ କରାଯାଇଥିଲା ବୋଲି କହିବା ଲଜ୍ଜାଜନକ। ୨୦୧୪ରେ ଉପା ସରକାର ଚାଲିଥିଲା। ଆମେ କ୍ଷମତାରେ ନ ଥିବାବେଳେ ଇଭିଏମ୍ ହ୍ୟାକ୍ କରିଥିଲୁ ବୋଲି ଦୋଷାରୋପ କରିବା ଯୁକ୍ତିଯୁକ୍ତ ନୁହେଁ। ୨୦୧୭ରେ ନିର୍ବାଚନ କମିଶନ ଇଭିଏମ୍‌କୁ ହ୍ୟାକ୍ କରିଦେଖାଇବା ଲାଗି ୩ ଦିନ ପାଇଁ ସବୁ ରାଜନୈତିକ ଦଳକୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ସେତେବେଳେ ବାମପନ୍ଥୀଙ୍କ ବ୍ୟତୀତ କେହି ସେଠାକୁ ଯାଇ ନ ଥିଲେ। ଲଣ୍ଡନ କାର୍ଯ୍ୟକ୍ରମର ଆୟୋଜକ ଇଣ୍ଡିଆନ୍ ଜର୍ନାଲିଷ୍ଟ ଆସୋସିଏଶନର ଅଧ୍ୟକ୍ଷ ଆଶିଷ ରାୟ କଂଗ୍ରେସ ସହ ଜଡ଼ିତ। ସେ ପୂର୍ବରୁ କଂଗ୍ରେସ ମୁଖପତ୍ର 'ନ୍ୟାଶନାଲ ହେରାଲ୍ଡ'କୁ ସହଯୋଗ କରିଥିଲେ ଓ ରାହୁଲଙ୍କ ସହ ତାଙ୍କର ସମ୍ପର୍କ ଅଛି ବୋଲି ରବିଶଙ୍କର କହିଛନ୍ତି।



ରବିଶଙ୍କର ପ୍ରସାଦ

## ବାଲଟ ପେପର ବ୍ୟବସ୍ଥା ଦାବି କଲେ ବିରୋଧୀ

### 'ଗଣତନ୍ତ୍ର ପାଇଁ ଇଭିଏମ୍ ବିପଦ'

**ଅମରାବତୀ/ଲକ୍ଷ୍ନୌ,୨୨।୧:** ଇଭିଏମ୍‌କୁ ଟ୍ୟାମ୍ପର କରାଯାଇପାରିବ ବୋଲି ହ୍ୟାକରମାନେ ପ୍ରମାଣିତ କରିସାରିଛନ୍ତି। ତେଣୁ ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବସ୍ଥାକୁ ଫେରିଯିବା ଆବଶ୍ୟକ ବୋଲି ମଙ୍ଗଳବାର ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦାବି କରିଛନ୍ତି। ସେହିପରି ଉତ୍ତରପ୍ରଦେଶର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀ ଓ ଅଖିଳେଶ ଯାଦବ ମଧ୍ୟ ଇଭିଏମ୍ ଉପରେ ପ୍ରଶ୍ନ ଉଠାଇ ଅନୁରୂପ ଦାବି କରିଛନ୍ତି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରବାବୁ କହିଛନ୍ତି, ଇଭିଏମ୍ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ହ୍ୟାକର ଏହାକୁ ହ୍ୟାକ୍ କରିଥିବା ଦାବି କରିବା ପରେ ବାଲଟ ପେପର ବ୍ୟବସ୍ଥା ଆପଣାଇବା ପାଇଁ ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳର ମତାମତ ଲୋଡ଼ିବା ଜରୁରୀ। ଏନେଇ ୨୨ ବିରୋଧୀ ଦଳ ଖୁବ୍‌ଶୀଘ୍ର ଇସିଙ୍କୁ ଭେଟି ଆଲୋଚନା କରିବେ ବୋଲି ସେ କହିଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ କହିଛନ୍ତି, ସଦ୍ୟ ପ୍ରଘଟ ପରେ ଇଭିଏମ୍ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଲୋକ ସଭା ସମେତ ଆଗାମୀ ନିର୍ବାଚନଗୁଡ଼ିକରେ ଇଭିଏମ୍ ପରିବର୍ତ୍ତେ ବାଲଟ ପେପର ବ୍ୟବହାର କରାଯାଉ। ଭାଜପାର ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହେବା ପରେ ନିର୍ବାଚନ କମିଶନ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନିଅନ୍ତୁ। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ କହିଛନ୍ତି, ୨୦୧୪ ସାଧାରଣ ନିର୍ବାଚନ ବେଳେ ଇଭିଏମ୍ ହ୍ୟାକିଂ ହୋଇଥିବା ଏବେ ପଦାକୁ ଆସିଛି। ଲୋକଙ୍କ ସ୍ୱରକୁ ଚପାଇଦେବା ପାଇଁ ଭାଜପା ଏପରି କରୁଛି। ଅଧିକାଂଶ ଉନ୍ନତ ଦେଶରେ ଇଭିଏମ୍ ବ୍ୟବହାର କରାଯାଉ ନ ଥିବାବେଳେ ଭାରତରେ ଏହା ଜରିଆରେ ମତଦାନ କାହିଁକି କରାଯାଉଛି ବୋଲି ଅଖିଳେଶ ପ୍ରଶ୍ନ କରିଛନ୍ତି।



ଏନ୍. ଚନ୍ଦ୍ରବାବୁ ନାଇଡୁ

## ଜଳିଗଲା ୨ ଜାହାଜ : ୧୪ ଦଗ୍ଧ



**ମସ୍କୋ,୨୨।୧**

କ୍ରିମିଆ ଉପଦ୍ୱୀପ ଓ ରୁଷିଆ ମଧ୍ୟରେ ବ୍ଲାକ୍ ଏବଂ ଆଜୋଭ୍ ସମୁଦ୍ରକୁ ସଂଯୋଗ କରୁଥିବା କର୍ଚ ଷ୍ଟ୍ରେଟ୍ ନିକଟରେ ତାଞ୍ଜାନିଆର କାଣ୍ଡି ଓ ମାଏଷ୍ଟ୍ରୋ ନାମକ ୨ ଜାହାଜ ଜଳିଯାଇଛି। ସୋମବାର ରାତିରେ ଘଟିଥିବା ଏହି ଦୁର୍ଘଟଣାରେ ଉଭୟ ଜାହାଜରେ ଯାତ୍ରା କରୁଥିବା ଭାରତୀୟ ଏବଂ ତୁର୍କୀର ୩୨ ନାବିକଙ୍କ ମଧ୍ୟରୁ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଦୁର୍ଘଟଣାସ୍ଥଳରୁ ମୃତଦେହ ସହ ୧୨ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ରୁଷିଆର ସାମୁଦ୍ରିକ ପରିବହନ (ଫେଡେରାଲ୍ ଏଜେନ୍ସି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ଖୋଜ୍ ଖବର ମିଳିପାରିନାହିଁ। ନିଆଁର ପ୍ରକୋପରୁ ଜୀବନ ବଞ୍ଚାଇବାକୁ ଯାଇ ସେମାନେ ପାଣି ମଧ୍ୟକୁ ଡେଇଁପଡ଼ିଥିବା କୁହାଯାଉଛି। ପମ୍ପ ସହାୟତାରେ ଏହି ୨ ଜାହାଜରେ ତେଲ ଭର୍ତ୍ତି କରାଯାଉଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି। ଜାହାଜଦ୍ୱୟ ଜଳୁଥିବା ବେଳେ ରୁଷିଆର ବୁଡ଼ାଳି ଓ ଉଦ୍ଧାରକାରୀ ଦଳ ନିଖୋଜ ନାବିକମାନଙ୍କ ନିକଟରେ ପହଞ୍ଚିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି।

## ୨ ବର୍ଷରେ ଟ୍ରମ୍ପଙ୍କ ୮,୧୫୮ ମିଛ

**ୱାଶିଂଟନ,୨୨।୧**



ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରଠାରୁ ଡୋନାଲ୍ଡ ଟ୍ରମ୍ପ୍ ୮,୧୫୮ ମିଥ୍ୟା, ମନଗଢ଼ା ତଥ୍ୟ ରଖିଛନ୍ତି। ୱାଶିଂଟନ ପୋଷ୍ଟର 'ଫ୍ୟାକ୍ଟ ଚେକର' (ତଥ୍ୟ ରେକର୍ଡ ଓ ଅନୁସନ୍ଧାନକାରୀ ଡାଟାବେସ୍)ରୁ ଏହା ସ୍ପଷ୍ଟ ହୋଇଛି। ଜନସାଧାରଣଙ୍କୁ ସମ୍ବୋଧିତ କରିବା ସମୟରେ ହେଉ ଅଥବା ଗୁରୁତ୍ୱପୂର୍ଣ୍ଣ ସଭା ବା ବୈଠକରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରତିଟି ସନ୍ଦେହଜନକ ମନ୍ତବ୍ୟକୁ ରେକର୍ଡ କରାଯାଇ ବିଧିବଦ୍ଧ ଭାବେ ଯାଞ୍ଚ କରିବାରେ କେବଳ ୨୦୧୮ରେ ସେ ଆଶ୍ଚର୍ଯ୍ୟଜନକ ଭାବେ ୬ହଜାର ଭୁଲ୍ ତଥ୍ୟ ରଖିଥିବା ଜଣାଯାଇଛି। ଏପରି କି ତାଙ୍କର ପ୍ରଥମବର୍ଷ କାର୍ଯ୍ୟକାଳରେ ହାରାହାରି ଦିନକୁ ୫.୯ ଏବଂ ଦ୍ୱିତୀୟ ବର୍ଷ ଏହାର ତିନିଗୁଣା ୧୬.୫ ଆଧାରହୀନ ମନ୍ତବ୍ୟ ରଖିଥିବା 'ଫ୍ୟାକ୍ଟ ଚେକର ଡାଟାବେସ୍' ସୋମବାର ସାର୍ବଜନୀନ କରିଛି। ରାଷ୍ଟ୍ରପତି ଟ୍ରମ୍ପ୍ ବାସ୍ତବତାକୁ ଅତିରଞ୍ଜିତ କରି ଜନସାଧାରଣଙ୍କୁ ଭ୍ରମିତ କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ତାଙ୍କର ପ୍ରତିଟି ବାକ୍ୟକୁ ଟ୍ରାକ୍ କରିବା ପାଇଁ ୱାଶିଂଟନ ପୋଷ୍ଟ ପକ୍ଷରୁ 'ଫ୍ୟାକ୍ଟ ଚେକର ଅନ୍‌ଲାଇନ୍ ପ୍ରୋଜେକ୍ଟ' ଲଞ୍ଚ୍ କରାଯାଇଥିଲା। ତଦନୁଯାୟୀ, ରାଷ୍ଟ୍ରପତି ଭାବେ ଟ୍ରମ୍ପ୍ ୧୦୦ ଦିନରେ ୪୯୨ ଅବାସ୍ତବ ମନ୍ତବ୍ୟ ରଖିଥିଲେ। ଅନୁରୂପ ଭାବେ ୨୦୧୯ର ପ୍ରଥମ ତିନି ସପ୍ତାହ ମଧ୍ୟରେ ସେ ମିଛ କହିବାରେ ବିଶ୍ୱର ଅନ୍ୟ ନେତାମାନଙ୍କ ତୁଳନାରେ ଶୀର୍ଷରେ ରହିଥିଲେ। ଫ୍ୟାକ୍ଟ ଚେକର ସୂଚନାନୁଯାୟୀ, ୮୨ ଦିନ, ମୋଟାମୋଟି ଭାବେ ତାଙ୍କ କାର୍ଯ୍ୟାଳୟର ୧୧ ପ୍ରତିଶତ ସମୟକୁ ବାଦ୍ ଦେଲେ ଟ୍ରମ୍ପ୍ ଅନ୍ୟ ସମୟରେ ବିଭ୍ରାନ୍ତିକର ତଥ୍ୟ ଦେଇଛନ୍ତି।

## ଫୁର୍‌ସତ

### ନିଲାମ ହେବ ପ୍ରଧାନମନ୍ତ୍ରୀଙ୍କ ଉପହାର

**ନୂଆଦିଲ୍ଲୀ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇଥିବା ୧,୯୦୦ ଉପହାର ସରକାର ନିଲାମ କରିବେ। ଏ ବାବଦରେ ମିଳିବାକୁ ଥିବା ଅର୍ଥ ଗଙ୍ଗା ନିର୍ମଳ ପ୍ରକଳ୍ପ ପାଇଁ ବ୍ୟୟ ହେବ ବୋଲି ଏକ ବିବୃତିରେ କୁହାଯାଇଛି। ଦେଶର ବିଭିନ୍ନ ଭାଗରୁ ପ୍ରଧାନମନ୍ତ୍ରୀ ପାଇଥିବା ଉପହାର ଆକାରରେ ଚିତ୍ରକଳା, ଭାସ୍କର୍ଯ୍ୟ, ଶାଲ୍, ପାଗ୍ରିସ, ଜ୍ୟାକେଟ ଏବଂ ପାରମ୍ପରିକ ବାଦ୍ୟଯନ୍ତ୍ର ଆଦି ଅନ୍ତର୍ଭୁକ୍ତ। ନୂଆଦିଲ୍ଲୀସ୍ଥିତ ମଡର୍ନ ଆର୍ଟର ନ୍ୟାଶନାଲ ଗ୍ୟାଲେରିରେ ଜାନୁୟାରୀ ୨୭ ଓ ୨୮ ମଧ୍ୟାହ୍ନ ୧୨ଟାଠାରୁ ସ୍ୱାଭାବିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଏହାପରେ ବଳକା ଆଇଟମ୍ ନିଲାମ ପାଇଁ ଜାନୁୟାରୀ ୨୯-୩୦ରେ ଇ-ନିଲାମ ପ୍ରକ୍ରିୟା କରାଯିବ। ବର୍ତ୍ତମାନ ଉକ୍ତ ଉପହାର ସାମଗ୍ରୀ ନ୍ୟାଶନାଲ୍ ଗ୍ୟାଲେରିରେ ପ୍ରଦର୍ଶିତ ହେଉଛି। ଏହା ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଅଛି।

### ରାଜନୈତିକ ବିଜ୍ଞାପନ ଯାଞ୍ଚ କରିବ ଗୁଗୁଲ୍

**ନୂଆଦିଲ୍ଲୀ:** ଦେଶରେ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏ ସଂକ୍ରାନ୍ତ ବିଜ୍ଞାପନ ସମ୍ପର୍କରେ ଗୁଗଲ୍ ସୂଚନା ପ୍ରଦାନ କରିବ। କେଉଁ ରାଜନୈତିକ ଦଳ କେତେ ଟଙ୍କା ବିନିମୟରେ ଗୁଗୁଲ୍ ପ୍ଲାଟଫର୍ମରେ ବିଜ୍ଞାପନ ଦେଉଛନ୍ତି ଏବଂ ଏଥିପାଇଁ କେତେ ଟଙ୍କା ବ୍ୟୟ କରୁଛନ୍ତି, ସେ ବାବଦରେ ପୁଙ୍ଖାନୁପୁଙ୍ଖ ବିବରଣୀ ଏହି ଡିଜିଟାଲ୍ ମିଡିଆ ଦେଇପାରିବ। ବିଜ୍ଞାପନଦାତାଙ୍କ ପାଖରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଏକ ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ, ଯାହାକୁ ଦର୍ଶାଇ ସମ୍ପୃକ୍ତ ସଂସ୍ଥା ବିଜ୍ଞାପନ ଦେଇପାରିବେ। ତେଣୁ ବିଜ୍ଞାପନ ଦେବା ପୂର୍ବରୁ ବିଜ୍ଞାପନଦାତାଙ୍କ ପରିଚୟ ତର୍ଜମା କରାଯାଇପାରିବ ବୋଲି ଗୁଗୁଲ୍ ପକ୍ଷରୁ କୁହାଯାଇଛି। ବିଜ୍ଞାପନଦାତା ଯାଞ୍ଚ ପ୍ରକ୍ରିୟା ଫେବୃୟାରୀ ୧୪ରୁ ଆରମ୍ଭ ହେବ। ଗୁଗଲ୍ କମ୍ପାନୀ ଭାରତ ସମ୍ପର୍କିତ ଏକ ସ୍ୱତନ୍ତ୍ର 'ରାଜନୈତିକ ବିଜ୍ଞାପନ ସ୍ୱଚ୍ଛତା' ରିପୋର୍ଟ ଏବଂ ଅନୁସନ୍ଧାନଯୋଗ୍ୟ 'ରାଜନୈତିକ ବିଜ୍ଞାପନ ଲାଇବ୍ରେରି' ମାର୍ଚ୍ଚରେ ଜାରି କରିବ। ଏଥିରେ ରାଜନୈତିକ ଦଳ, ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ, ଲୋକ ସଭାର ବର୍ତ୍ତମାନ ସଦସ୍ୟଙ୍କ ସମ୍ପର୍କରେ ବିବରଣୀ ରହିବ ବୋଲି ଗୁଗୁଲ୍ ଇଣ୍ଡିଆର ପବ୍ଲିକ ପଲିସି ଡାଇରେକ୍ଟର ଚେତନ କ୍ରିଷ୍ଣସ୍ୱାମୀ ପ୍ରକାଶ କରିଛନ୍ତି।

ଦେଶର ପରବର୍ତ୍ତୀ ସରକାର ଗଠନ ପାଇଁ ୨୦୧୯ରେ ଭାରତର ୮୫ କୋଟିରୁ ଊର୍ଦ୍ଧ୍ୱ ସାବାଳକ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ତେବେ ଭାରତରେ ତଥା ବିଶ୍ୱରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ କିପରି ନିରନ୍ତର ସହାୟତା କରାଯିବ, ସେ ସମ୍ପର୍କରେ ବିଚାର କରାଯାଉଥିବା କ୍ରିଷ୍ଣସ୍ୱାମୀ ପ୍ରକାଶ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୬ | ୧୧.୫ |
| ଚାନ୍ଦବାଲି | ୨୮.୫ | ୧୫.୮ |
| କଟକ | ୨୯.୬ | ୧୬.୦ |
| ପାରାଦ୍ୱୀପ | ୨୫.୭ | ୧୫.୮ |
| ଭୁବନେଶ୍ୱର | ୩୧.୦ | ୧୮.୩ |
| ଗୋପାଳପୁର | ୨୮.୪ | ୧୫.୫ |
| ପୁରୀ | ୨୪.୬ | ୧୭.୮ |
| ଅନୁଗୋଳ | ୩୦.୭ | ୧୦.୦ |
| ବାରିପଦା | ୨୯.୬ | ୧୧.୫ |
| ଝାରସୁଗୁଡ଼ା | ୩୦.୪ | ୧୧.୩ |
| କେନ୍ଦୁଝର | ୨୯.୪ | ୧୦.୪ |
| ସମ୍ବଲପୁର | ୩୧.୭ | ୧୧.୫ |
| ସୁନ୍ଦରଗଡ଼ | --- | ୧୧.୫ |
| ହୀରାକୁଦ | ୩୧.୪ | ୧୨.୭ |
| ତାଳଚେର | ୩୨.୨ | ୧୨.୦ |
| ଭବାନୀପାଟଣା | ୩୨.୫ | ୧୩.୦ |
| ବଲାଙ୍ଗୀର | ୩୧.୨ | ୧୧.୫ |
| କୋରାପୁଟ | ୩୦.୦ | ୯.୬ |
| ଫୁଲବାଣୀ | --- | ୮.୦ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୧.୬ | ୧୫.୪ |
| ସୋନପୁର | ୩୧.୦ | ୧୨.୨ |
| ଦାରିଙ୍ଗିବାଡ଼ି | ୨୬.୫ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ୧୦ ବର୍ଷରେ ୧୦୨ ଏକଶିଙ୍ଗି ଗଣ୍ଡା ଶିକାର

**ନୋଇଡା(ୟୁପି):** ୨୦୦୮ରୁ ଏପର୍ଯ୍ୟନ୍ତ ୧୦୨ ଏକଶିଙ୍ଗି ଗଣ୍ଡା ଶିକାର କରାଗଲାଣି ଏବଂ ଏଥିପାଇଁ ୨୦୯ ଶିକାରୀଙ୍କୁ ଗିରଫ କରାଯାଇଥିବା ସୂଚନା ଅଧିକାର ଆଇନ (ରାଇଟ୍ ଟୁ ଇନଫରମେଶନ୍) ତଥ୍ୟରୁ ଜଣାଯାଇଛି। ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅଧୀନ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ଦ୍ୱାରା ମିଳିଥିବା ତଥ୍ୟ ଅନୁସାରେ ଆସାମରୁ ସର୍ବାଧିକ ୮୪ ଏକଶିଙ୍ଗି ଗଣ୍ଡା ଶିକାର କରାଯାଇଛି। ଏହି ସମୟ ମଧ୍ୟରେ ପଶ୍ଚିମବଙ୍ଗରେ ୧୭ଟି ଗଣ୍ଡା ଶିକାର କରାଯାଇଥିବା ବେଳେ ଉତ୍ତରପ୍ରଦେଶରେ ଗୋଟିଏ ଗଣ୍ଡାର ମୃତ୍ୟୁ ଘଟିଛି। ନୋଇଡାର ଆଇନଜୀବୀ ରଞ୍ଜନ ତୋମାର ବିଗତ ୧୦ବର୍ଷ ମଧ୍ୟରେ ଦେଶର ବିଭିନ୍ନ ରାଜ୍ୟରୁ ଏକଶିଙ୍ଗି ଗଣ୍ଡା ଶିକାର ସମ୍ପର୍କରେ ରାଜ୍ୟୱାରି ତଥ୍ୟ ଆବଶ୍ୟକ କରିଥିଲେ। ସୂଚନା ଅଧିକାର ଆଇନ ବଳରେ ତାଙ୍କୁ ଡବ୍ଲ୍ୟୁସିସିବି ପକ୍ଷରୁ ଏହି ତଥ୍ୟ ଯୋଗାଇ ଦିଆଯାଇଛି। ବର୍ଷୱାରି ହିସାବରୁ ଜଣାଯାଏ, ୨୦୧୩ ଓ ୨୦୧୪ରେ ଦେଶରେ ସର୍ବାଧିକ ୨୨ ଲେଖା ଗଣ୍ଡା ଶିକାର ହୋଇଛି। ଏହା ପଛକୁ ୨୦୧୦ରେ ୧୧, ୨୦୧୫ ଓ ୨୦୦୯ରେ ୮ ଲେଖାଁ, ୨୦୧୧, ୨୦୧୨ ଏବଂ ୨୦୧୮ରେ ରେ ୭ ଲେଖାଁ, ୨୦୧୬ରେ ୫, ୨୦୦୮ରେ ୩ ଏବଂ ୨୦୧୭ରେ ୨ଟି ଗଣ୍ଡା ଶିକାର କରାଯାଇଛି। ଏନ୍‌ଜିଓ ୱାର୍ଲଡ ୱାଇଲ୍ଡଲାଇଫ୍ ଫଣ୍ଡ (ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏକଶିଙ୍ଗି ଗଣ୍ଡା ଭାରତ-ନେପାଳର ତେରାଇ, ଉତ୍ତର ପଶ୍ଚିମବଙ୍ଗ ଏବଂ ଆସାମରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୩/୨୦୧୯ | Bhubaneswar, Wednesday, January 23/ 2019 | ପୃଷ୍ଠା-୧




## ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଛି

ଦେଶରେ ଅଭିବୃଦ୍ଧି ଉନ୍ନତ ଥିବା ବେଳେ ନିଯୁକ୍ତି ସୃଷ୍ଟିର ଆବଶ୍ୟକତା ରହିଥିବା ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି।

୧୫

୦୨

## ‘#ମିଟୁ’ ଆନ୍ଦୋଳନରେ ଲୋକେ ଉଭୟ ପକ୍ଷକୁ ଶୁଣନ୍ତୁ

‘#ମିଟୁ’ ଆନ୍ଦୋଳନରେ ଲୋକେ ଉଭୟ ପକ୍ଷର ମତ ଶୁଣିବା ଉଚିତ ବୋଲି ବଲିଉଡ୍ ଅଭିନେତା ଅଜୟ ଦେବଗନ୍ ପ୍ରକାଶ କରିଛନ୍ତି।





ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

ଚୋକ୍‌ସିଙ୍କ ପଥ

**କିଛି ତଥ୍ୟ**

୨୦୧୮ ନଭେମ୍ବରରେ ଦେଶରେ ୭.୩୨ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି।
–ଇପିଏଫ୍‌ଓ ପେରୋଲ୍ ଡାଟା

# ଘାଟିରେ ଓଲଟିଲା ମିନିଟ୍ରକ, ୧୦ ମୃତ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ବଙ୍ଗରଦୁଆ ଘାଟିରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଯାଜକ ଅଭିଷେକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଲୋକଙ୍କୁ ନେଇ ଯାଉଥିବା ଏକ ମିନିଟ୍ରକ ଘାଟିରେ ତଳକୁ ଖସି ପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ତାଜୁଙ୍ଗିଆ ପଞ୍ଚାୟତ କଳିଙ୍ଗି ଗ୍ରାମର ଲିଜାରାଣୀ ପ୍ରଧାନ (୧୨), ସୁଲୁମାହା ଗ୍ରାମର ଆଲମିନା ହାବଡ଼ା (୪୫), ପ୍ରମିଳା ଛାଟିଆ (୩୦), ସୁଲୁମା ଗ୍ରାମର ଲାଜିର ଦିଗାଳ(୫୦), ଗଦାପୁର ପଞ୍ଚାୟତ ଗଦାପୁର ଗ୍ରାମର ଦୀପକ ନାୟକ (୧୫) ଓ ହାତୀମୁଣ୍ଡା ପଞ୍ଚାୟତ କସପଙ୍କା ଗ୍ରାମର ମସିଆ ପାଲଟା ସିଂ(୧୩)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ସୁଲୁମା ଗ୍ରାମର କଲେଟା ପ୍ରଧାନ (୫୦), କଳିଙ୍ଗି ଗ୍ରାମର ସାଲିନା ଦିଗାଳ (୪୦), ସ୍ନିଗ୍ଧା ବଡ଼ସେଠ୍ (୧୫), ଶାଳିଆ ବଡ଼ସେଠ(୨୨)ଙ୍କୁ ମୃତ ଘୋଷଣା କରାଯାଇଛି। ବ୍ରହ୍ମପୁର ବଡ଼ ମେଡିକାଲରେ ଏବେ ବି ୩୫ ଜଣ



ଘାଟି ତଳକୁ ଖସି ପଡ଼ିଥିବା ମିନିଟ୍ରକ।



ଚିକିତ୍ସାଧୀନ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଆହତମାନଙ୍କ ସମସ୍ତ ଚିକିତ୍ସା ମାଗଣାରେ କରାଯିବ ବୋଲି କହିଛନ୍ତି।

ମିନିଟ୍ରକ (ନଂ.ଓଆର ୦୭ଡି-୧୬୧୧)ରେ ତାଜୁଙ୍ଗିଆ, ହାତୀମୁଣ୍ଡା ଓ ଗଦାପୁର ଆଦି ପଞ୍ଚାୟତ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଲୋକ ବ୍ରାହ୍ମଣୀଗାଁରେ ହେଉଥିବା ଯାଜକ ଅଭିଷେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ବଙ୍ଗରଦୁଆ ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ ମିନିଟ୍ରକଟି ପ୍ରାୟ ୩୦ ଫୁଟ ତଳକୁ ଖସି ପଡିଥିଲା। ଖବର ପାଇ ଦାରିଙ୍ଗବାଡ଼ି ଓ ଗଜପତି ଜିଲା ମୋହନାରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସମସ୍ତ ମୃତାହତଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ୬ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଉ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ଏସ୍‌ପି ପ୍ରତୀକ ସିଂ, ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ବାହୁସାହେବ, ତହସିଲଦାର ନୀତୀଶ ତ୍ରିପାଠୀ, ବିଡିଓ ତ୍ରିଲୋଚନ ପାତ୍ର, ଫୁଲବାଣୀ ଏସ୍‌ଡିପିଓ ସୁରେନ୍ଦ୍ର କୁମାର ମୁର୍ମୁ, ଦାରିଙ୍ଗବାଡ଼ି ଆଇଆଇସି ଅଲେଖ ଗରଡ଼ିଆ ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିବାକୁ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସ୍ଥାନୀୟ ଅଞ୍ଚଳବାସୀ ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଓ ଆହତମାନଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ଦେବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବା, ନିୟମିତ ☞ପୃଷ୍ଠା-୧୪

- ଯାଜକ ଅଭିଷେକରେ ଯୋଗଦେବାକୁ ଯାଉଥିଲେ
- ବ୍ରହ୍ମପୁର ବଡ଼ ମେଡିକାଲରେ ଚାଲିଛି ୩୫ ଜଣଙ୍କ ଚିକିତ୍ସା
- ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା

■ ପଣ୍ଡା ଇନ୍‌ଫ୍ରାର ଅବହେଳାରୁ ପୁଣି ଦୁର୍ଘଟଣା

# ଫ୍ଲାଏଓଭର କାମ ବେଳେ ଲୁହାଛଡ଼ ପଡ଼ି ଯୁବକ ଗୁରୁତର

ସମ୍ବଲପୁର,୨୨।୧(ବ୍ୟୁରୋ)

**ବନ୍ଦ ନିର୍ଦ୍ଦେଶ ପରେ ଚାଲିଥିଲା କାମ: ବିଭାଗ**



ସମ୍ବଲପୁର ଫ୍ଲାଏଓଭର ନିର୍ମାଣ କାମ କରୁଥିବା ପଣ୍ଡା ଇନ୍‌ଫ୍ରା କମ୍ପାନୀର ଅବହେଳା ଯୋଗୁ ମଙ୍ଗଳବାର ପୁଣି ଏକ ଦୁର୍ଘଟଣା ଘଟିଛି। ମହିଳା ଥାନା ସମ୍ମୁଖରେ କାମ ଚାଲିଥିବା ବେଳେ ଉପରୁ ଏକ ଲୁହାଛଡ଼ ପଡ଼ିଥିଲା। ଏହି ସମୟରେ ତଳେ ଭୀମ ଭୋଇ ନଗରର ଅତୁଲ କୃଷ୍ଣ ଦାସ (୪୫) ବାଇକ୍ ଯୋଗେ ଯାଉଥିଲେ। ଲୁହାଛଡ଼ଟି ଅତୁଲଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସମ୍ବଲପୁର ସଦର ଡାକ୍ତରଖାନା ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

ଗତ ୧୬ ତାରିଖ ରାତିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଫ୍ଲାଏଓଭର କାମ ଚାଲିଥିବାବେଳେ ଏକ ଗାଟର ପଡ଼ିଯାଇଥିଲା। ଏହି ସମୟରେ ଲୋକେ ଯାତାୟାତ କରୁଥିଲେ ମଧ୍ୟ ସୌଭାଗ୍ୟବଶତଃ କେହି ଆହତ ହୋଇ ନ ଥିଲେ। କିନ୍ତୁ ପୂର୍ବରୁ ଦୂରଦର୍ଶନ କେନ୍ଦ୍ର ସମ୍ମୁଖରେ ଜଣେ ଛାତ୍ରୀ ଆହତ ହୋଇଥିଲେ। ଗାଟର ପଡ଼ି ତାଙ୍କ ସାଇକେଲ ଚୂରମାର ହୋଇଯାଇଥିଲା। ନିୟମିତ ଛୋଟ ବଡ଼ ଦୁର୍ଘଟଣା ଘଟି ଚାଲିଛି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଥିପାଇଁ ଜିଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ସହରବାସୀ ଦାୟୀ କରିଛନ୍ତି। ସ୍ଥାନୀୟ ☞ପୃଷ୍ଠା-୧୪

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ପ୍ରଚାର ପାଇଁ ଲୋକଙ୍କ ଅର୍ଥର ଅପବ୍ୟବହାର କରୁଛନ୍ତି।
–ଆନନ୍ଦ ଶର୍ମା, ବରିଷ୍ଠ କଂଗ୍ରେସ ନେତା

# ଆଇସିସି ପୁରସ୍କାରରେ କୋହଲିଙ୍କ କ୍ଲିନ୍ ସୁଇପ୍

ଦୁବାଇ,୨୨।୧(ପି.ଟି.)

ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଆଇସିସି ବାର୍ଷିକ ପୁରସ୍କାରରେ କ୍ଲିନ ସୁଇପ୍ ହାସଲ କରିଛନ୍ତି। ସେ ଟେଷ୍ଟ, ଦିନିକିଆ ଏବଂ ଓଭରାଲ ପ୍ଲେୟର ଅଫ୍ ଦି ଇୟର ଟ୍ରଫିଗୁଡ଼ିକ ବ୍ୟତୀତ ଆଇସିସି ଅଲ୍‌ଷ୍ଟାର ଟିମ୍‌ଗୁଡ଼ିକର ଅଧିନାୟକ ଭାବେ ମଧ୍ୟ ମନୋନୀତ ହୋଇଛନ୍ତି।

କୋହଲି ଇତିହାସରେ ପ୍ରଥମ ଖେଳାଳି ଭାବେ ଆଇସିସି କ୍ରିକେଟର ଅଫ୍ ଦି ଇୟର ପାଇଁ କ୍ରମାଗତ



ବିରାଟ କୋହଲି

ଦ୍ୱିତୀୟ ଥର ପାଇଁ ସାର୍ ଗ୍ୟାରଫିଲ୍ଡ ସୋବର୍ସ ଟ୍ରଫି ହାସଲ କରିଛନ୍ତି। ୨୦୧୮ରେ ଅସାଧାରଣ ପ୍ରଦର୍ଶନ ପାଇଁ ସେ ଆଇସିସି ଟେଷ୍ଟ ଏବଂ ଦିନିକିଆ ପ୍ଲେୟାର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି। କୋହଲି ଆଇସିସିର ଏହି ତିନୋଟି ପ୍ରମୁଖ ପୁରସ୍କାର ଜିତିବା ସହ ତାଙ୍କୁ ବର୍ଷର ଆଇସିସି ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଭାବେ ମଧ୍ୟ ମନୋନୀତ କରାଯାଇଛି। ୩୦ବର୍ଷୀୟ ଭାରତୀୟ ଅଧିନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଗତ ବର୍ଷ କରିଥିବା କଠିନ ପରିଶ୍ରମର ଫଳ ମିଳିଛି। ☞ପୃଷ୍ଠା-୧୪


SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com



NECC NATIONAL EGG CO-ORDINATION COMMITTEE 22.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers


# ବରୀରେ ଚାଷୀ ଆତ୍ମହତ୍ୟା

ବିଞ୍ଝାରପୁର (ଡି.ଏନ୍.ଏ)/ବରୀ, ୨୨।୧(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବ୍ଲକ ତଥା ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଅରିଲୋ ଗ୍ରାମର ଜଣେ ଚାଷୀ ମଙ୍ଗଳବାର ସକାଳେ କାଣୀ ନଈକୂଳରେ ଥିବା ଏକ ଗଛରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ଅରିଲୋ ଗ୍ରାମର ବାନାମ୍ବର ସାମଲ(୪୨)। ଚାଷ ନଷ୍ଟ ତଥା ହାତଉଧାର ଋଣ ଭାରରେ ଅତିଷ୍ଠ ହୋଇ ବାନାମ୍ବର ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଯାଇଛି। ଏପରି କି ମୃତଦେହକୁ ପୋଲିସ ଜବତ କରିବା ପୂର୍ବରୁ ଅନ୍ତିମ ସଂସ୍କାର କରି ଦିଆଯାଇଛି। ଏନେଇ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବାରୁ କୌଣସି ମାମଲା ରୁଜୁ ହୋଇ ନାହିଁ। ତଥାପି ଘଟଣାର ଖୋଳତାଡ଼ କରାଯାଉଛି ବୋଲି ବିଞ୍ଝାରପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ବଡିଭୋରରୁ ବାନାମ୍ବର ସ୍ତ୍ରୀ ତିଲୋତ୍ତମାଙ୍କୁ ବିଲରୁ ଧାନ ଆଣିବାକୁ କହି ଘରୁ ବାହାରି ☞ପୃଷ୍ଠା-୧୪

- ଘଟଣାକୁ ଚପାଇବାକୁ ଉଦ୍ୟମ
- ୧୦ ଏକର ଜମିରେ ଭାଗଚାଷ କରିଥିଲେ
- ଲକ୍ଷାଧିକ ଟଙ୍କା ହାତଉଧାର ଥିଲା
- ନିଜ ନାମରେ ଜମି ନ ଥିବାରୁ ମିଳି ନ ଥିଲା ବ୍ୟାଙ୍କ ଋଣ

ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

# ବୈଷୟିକ ଅଫିସର ସ୍ତରରେ ଆଲୋଚନା କରି ରିପୋର୍ଟ ଦିଅ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ବଂଶଧାରା ନଦୀ ଜଳ ବିବାଦ ସମାଧାନ ପାଇଁ ଉଭୟ ଓଡିଶା ଏବଂ ଆନ୍ଧ୍ରପ୍ରଦେଶ ବୈଷୟିକ ଅଧିକାରୀ ସ୍ତରରେ ଆଲୋଚନା କରନ୍ତୁ । ଚଳିତ ମାସ ୨୮ ତାରିଖରୁ ଅଧିକାରୀ ସ୍ତରୀୟ ଆଲୋଚନା କରି ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ମଙ୍ଗଳବାର ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡ. ଏମ.କେ. ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଓଡିଶା ସରକାର ଏବଂ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କିତ ଯୁକ୍ତି ଉପସ୍ଥାପନ ପାଇଁ ଏକ ପ୍ରସ୍ତାବ ଦେବାକୁ ସପ୍ତାହେ ତଳେ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୫ ଓ ୬ରେ କରିବାକୁ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେଇଛନ୍ତି। ଏହାଛଡା ଏପ୍ରିଲ ୨, ୩ ଓ ୪ରେ ମଧ୍ୟ ଏହି ମାମଲାର ଶୁଣାଣି ହେବ ବୋଲି ଟ୍ରିବ୍ୟୁନାଲ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୧୪

ଇଭିଏମ୍ ହ୍ୟାକିଂ ପ୍ରଘଟକୁ ନେଇ ରାଜନୀତି ସରଗରମ

# ଶୁଜାଙ୍କ ନାଁରେ ମାମଲା ଦାଏର କଲେ ଇସି

ନୂଆଦିଲ୍ଲୀ,୨୨।୧(ପି.ଟି.)

୨୦୧୪ ସାଧାରଣ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍) ହ୍ୟାକିଂ କରାଯାଇଥିବା ନେଇ ଜଣେ ଭାରତୀୟ ହ୍ୟାକର ଲଣ୍ଡନରେ ଦାବି କରିବା ପରେ ବିବାଦ ଜୋର ଧରିବାରେ ଲାଗିଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କପିଲ ସିବଲଙ୍କ ଉପସ୍ଥିତି ନେଇ ପ୍ରଶ୍ନ ଉଠାଇଛି ଭାଜପା। ଏହା କଂଗ୍ରେସ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା ବୋଲି ମଙ୍ଗଳବାର ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ସେପଟେ ହ୍ୟାକରଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ନିର୍ବାଚନ କମିଶନ (ଇସି) ମଙ୍ଗଳବାର ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ଆମେରିକାର ରାଜନୈତିକ ଶରଣ ଚାହୁଁଥିବା ଭାରତୀୟ ସୟଦ ଶୁଜା ଲଣ୍ଡନରେ ସୋମବାର ଏକ ଖବରଦାତା ସମ୍ମିଳନୀ ଡାକି ଇଭିଏମ୍‌କୁ ନେଇ ଏକାଧିକ ଚାଞ୍ଚଲ୍ୟକର ☞ପୃଷ୍ଠା-୧୪







# ଅପହଞ୍ଚ ଅଞ୍ଚଳରେ ମିଳିବ ପ୍ରତ୍ୟକ୍ଷ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

## ୨୩ ଜିଲାରେ ପ୍ରତିଷ୍ଠା ହେବ ୧୦୨ ଡିଜିଟାଲ ଡିସ୍‌ପେନ୍‌ସାରି

ରାଜ୍ୟର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳଗୁଡ଼ିକରେ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗମନାଗମନ ସମସ୍ୟା ଯୋଗୁ ସେମାନେ ଡାକ୍ତରଖାନାରେ ପହଞ୍ଚିପାରୁ ନାହାନ୍ତି। ତେଣୁ ସେସବୁ ଅଞ୍ଚଳରେ ଲୋକଙ୍କୁ ଏମ୍‌ବିବିଏସ୍ ଡାକ୍ତରଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ରାଜ୍ୟ ସରକାର ଆଧୁନିକ ଜ୍ଞାନକୌଶଳ ଜରିଆରେ 'ଡିଜିଟାଲ ଡିସ୍‌ପେନ୍‌ସାରୀ' ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏଥିପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗ୍ଲୋବାଲ ହେଲ୍‌ଥ କେୟାର ସିଷ୍ଟମ (ପ୍ରା)ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରତ୍ୟେକ ଡିଜିଟାଲ ଡିସ୍‌ପେନ୍‌ସାରୀରେ ଭିଡିଓ କନଫେରନ୍ସ ମାଧ୍ୟମରେ ଏମ୍‌ବିବିଏସ୍ ଡାକ୍ତରଙ୍କଠାରୁ ପରାମର୍ଶ ଗ୍ରହଣ ବ୍ୟବସ୍ଥା କରାଯାଇଛି। ଏଥିସହିତ ପ୍ରତ୍ୟେକ ଡିସ୍‌ପେନ୍‌ସାରୀରେ ଜଣେ ଲେଖାଏ ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଲାବରେଟୋରି ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତ କରାଯାଇଛି। ଡିସ୍‌ପେନ୍‌ସାରିରେ ପରିସ୍ରା ପରୀକ୍ଷା, ରକ୍ତରେ ହିମୋଗ୍ଲୋବିନ ଓ ସର୍କରା ମାତ୍ରା ଚିହ୍ନଟ ପରୀକ୍ଷା, ମ୍ୟାଲେରିଆ, ଡେଙ୍ଗୁ, ରକ୍ତଚାପ, ଇସିଜି, ଗର୍ଭଧାରଣ ଚିହ୍ନଟ ଭଳି ବିଭିନ୍ନ ପ୍ରକାର ଆବଶ୍ୟକ ପରୀକ୍ଷା ବ୍ୟବସ୍ଥା କରାଯିବା ସହିତ ବିନା ମୂଲ୍ୟରେ ଔଷଧ ଯୋଗାଣ ବ୍ୟବସ୍ଥା ହୋଇଛି। ଲୋକମାନଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଏହି ସମସ୍ତ ସୁବିଧା ବିନାମୂଲ୍ୟରେ ଯୋଗାଇ ଦିଆଯିବ।

ପରୀକ୍ଷାମୂଳକ ଭାବେ ଏହି ଯୋଜନା ନବରଙ୍ଗପୁର ଜିଲାର ୨୫ଟି ଓ କେନ୍ଦୁଝର ଜିଲାର ୫ଟି ସ୍ଥାନରେ ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହା ଦ୍ୱାରା ଉପକୃତ ହୋଇଛନ୍ତି। ଏଥିରୁ ସଫଳତା ମିଳିବା ପରେ ରାଜ୍ୟ ସରକାର ଏହି ବ୍ୟବସ୍ଥାକୁ ସମ୍ପ୍ରସାରିତ କରି ରାଜ୍ୟର ୨୩ଟି ଜିଲାରେ ୧୦୨ଟି ସ୍ଥାନରେ ଡିଜିଟାଲ ଡିସ୍‌ପେନ୍‌ସାରୀ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଜିଲାଗୁଡିକ ହେଉଛି ଅନୁଗୋଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼। ଏହି ଜିଲାଗୁଡ଼ିକର ଦୁର୍ଗମ ଅଞ୍ଚଳରେ ଯେଉଁଠି ଲୋକମାନେ ସାଧାରଣତଃ ଡାକ୍ତରଙ୍କ ନିକଟରେ ପହଞ୍ଚି ପାରନ୍ତି ନାହିଁ ସେହିଠାରେ ଡିଜିଟାଲ ଡିସ୍‌ପେନ୍‌ସାରୀ ପ୍ରତିଷ୍ଠା କରାଯିବ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ଦୁର୍ଗମ ଅଞ୍ଚଳରେ ବାସକରୁଥିବା ଅଧିବାସୀମାନଙ୍କ ଘର ପର୍ଯ୍ୟନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇ ହେବ ଓ ଏହା 'ସୁସ୍ଥ ଓଡ଼ିଶା-ସୁଖୀ ଓଡ଼ିଶା' ଗଠନର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି।




# ଶାଶୁ, ଶ୍ୱଶୁରଙ୍କୁ ହାଜର ପାଇଁ ୭ ଦିନ ମହଲତ

## ନିକିତା ମୃତ୍ୟୁ ମାମଲା

**କଟକ ଅଫିସ, ୨୨।୧:** ଅଭିନେତ୍ରୀ ନିକିତା ଓରଫ୍ ଲକ୍ଷ୍ମୀପ୍ରିୟା ବେହେରାଙ୍କ ମୃତ୍ୟୁ ମାମଲାରେ ଚାଉଳିଆଗଞ୍ଜ ପୋଲିସ ନିକିତାଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ହାଜର ହେବା ପାଇଁ ଆଉ ୭ ଦିନ ସମୟ ଦେଇଛି। ଏନେଇ ମଙ୍ଗଳବାର ପୋଲିସ ତାଙ୍କୁ ନୋଟସ ଜାରି କରିଛି। ଯଦି ଏହି ସମୟ ମଧ୍ୟରେ ସେମାନେ ହାଜର ନ ହୁଅନ୍ତି ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଅଜୟ ଦାସ କହିଛନ୍ତି। ନିକିତାଙ୍କ ମୃତ୍ୟୁ ମାମଲାରେ ତଦନ୍ତ ପାଇଁ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜ ସାହୁ ଥାନାରେ ହାଜର ହେବାକୁ କହିବାକୁ ପୋଲିସ ତାଙ୍କ ଶାଶୁ ଘରକୁ ଯାଇଥିଲା। ମାତ୍ର ସେମାନେ ଘରେ ନ ଥିବାରୁ ପୋଲିସ ଦୁଇଥର ଫେରିଥିଲା। ଗତ ୧୨ ତାରିଖରେ ପୋଲିସ ସେମାନଙ୍କ ବିରୋଧରେ ଲଟ୍‌କା ଜାରି କରିଥିଲା। ଲଟ୍‌କାର ଉତ୍ତରରେ ନିକିତାଙ୍କ ଶାଶୁ ଓ ଶ୍ୱଶୁର ସ୍ୱାସ୍ଥ୍ୟାବସ୍ଥା ଖରାପ ଦେଖାଇ ପୋଲିସକୁ ଆଉ ୧୫ ଦିନ ସମୟ ମାଗିଥିଲେ। ହେଲେ ପୋଲିସ ତାଙ୍କୁ ୭ ଦିନ ସମୟ ଦେଇଛି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଛାତରୁ ପଡି ନିକିତାଙ୍କ ମୃତ୍ୟୁ ହୋଇଥିଲା। ସ୍ୱାମୀ ଲିପନ ସାହୁ ନିକିତାଙ୍କୁ ଛାତରୁ ଠେଲି ଦେଇଥିବା ପୋଲିସ ଜାଣିବା ପରେ ତାଙ୍କୁ ଗିରଫ କରିଥିଲା।

# ୨୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ଜଳେଶ୍ୱର, ୨୨।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ଝାଡ଼େଶ୍ୱରପୁର ବସ୍ତି ଗଳିରେ ମଙ୍ଗଳବାର ସକାଳେ ଅବକାରୀ ଟିମ୍ ପକ୍ଷରୁ ଚଢାଉ କରାଯାଇ ୨୩ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅନିଲ ଖଟିକ୍ (୨୮) ନାମକ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲା ଖଡ଼ଗପୁର ଟାଉନ ଥାନା ଗୋଲବଜାର ଅଞ୍ଚଳରେ। ଜବତ ବ୍ରାଉନସୁଗାର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୮୧/୧୮-୧୯) ରୁଜୁ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସମୀକ୍ଷା କଲେ ଡିଆଇଜି

**ଝାରସୁଗୁଡ଼ା ଅଫିସ,୨୨।୧:** ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଝାରସୁଗୁଡ଼ା ଆସୁଛନ୍ତି। ମଙ୍ଗଳବାର ଡିଆଇଜି ସତ୍ୟବ୍ରତ ଭୋଇ ଝାରସୁଗୁଡ଼ା ଅମଲିପାଲି ପଡ଼ିଆ ବୁଲି ଦେଖିବା ସହ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ବିଧାୟକ ନବ ଦାସ ଏବଂ ଜିଲା ପୋଲିସ ସହ ଆଲୋଚନା କରିଥିଲେ। ତାଙ୍କ ସହ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି ଲକ୍ଷ୍ମଣ ପଟେଲ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ନାଥ, ଇନ୍ସପେକ୍ଟର ସାବିତ୍ରୀ ବଳ, ଅମିତାଭ ପଣ୍ଡାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

बैंक ऑफ़ बड़ौदा Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ, ବିଭବ ଗୁଲମୋହର, ପ୍ରଥମ ମହଲା, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଫୋନ: ୭୦୭୭୭୨୭୦୨୮

**ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ**

ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର କ୍ଷେତ୍ର, ଓଡ଼ିଶା, ଏହାର ଶାଖା ଖୋଲିବା ପାଇଁ ଦୁଇ ବିଡ୍ ବ୍ୟବସ୍ଥା ମାଧ୍ୟମରେ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଆବଶ୍ୟକ କରୁଥିବା ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି । ଗୃହ ତଳ ମହଲାରେ ହୋଇଥିଲେ ପସନ୍ଦଯୋଗ୍ୟ ।

**ବରମୁଣ୍ଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା** — **୧୬୦୦-୨୦୦୦ ବର୍ଗଫୁଟ**

ସବିଶେଷ ବିବରଣୀ ନିମନ୍ତେ ଆମ୍ଭର ୱେବସାଇଟ www.bankofbaroda.com ର ଟେଣ୍ଡର ବିଭାଗକୁ ଲଗ୍ ଅନ୍ କରନ୍ତୁ କିମ୍ବା ୦୬୭୪-୨୪୨୧୨୧୦ ରେ ଯୋଗାଯୋଗ କରନ୍ତୁ । ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ : **୧୫.୦୨.୨୦୧୯ ଅପରାହ୍ନ ୫.୦୦ ଘଟିକା ।**

ଉପମହାପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର







Prestige Xclusive

**BHUBANESWAR** 105, **Bapujinagar**: **Post office lane**; Near Yes Bank, Landline : 0674 -2597141, Mob : 9937138998 **Pani Tanki Lane**; Ph: 9777744071/0674 2597685; **10, Janpath, Satyangar**, Ph: 0674 2573408, 8280056821; **IRC Village**, I.D. Market, Mob: 9861404879; **RAGHUNATHPUR:** Nandankanan Road, Ph-7205876694; **CUTTACK Buxi Bazaar Manisahoo Chhak:** Ph No : 6371736954, **Dolmundai:** Haripur Road, Ph: 0671 2411580; Mob: 9658725456 **CDA:** Markat Nagar, Ph: 0671-2366774, Mob: 8917442506; **PURI** Behind Gundicha Temple, Ph-7978547991; **ROURKELLA:** Near Daily Market, Ph No - 9777457774, **SAMBALPUR Golbazaar**: Mob: 9338194750; **KENDRAPARA**: Kakat Chhak, Ph: 06727 221241; Mob: 9040562233 **JAGATSINGHAPUR:** Central Market, 06724221090 / 06724221080; **DHENKANAL:** I.G. Super Market, Mob: 9777190558; **BERHAMPUR:** One Way Traffic Road, Mob: 9437358402 / 06802222145; **BOLANGIR:** A.B.S.S. Road, Ph: 06652 232419; Mob : 9437331171, 9437241863; **Rayagada:** Main Road, Ph-9439239394 / 8249517365, **SEMILIGUDA:** Near Semiliguda College Chhak, Ph No - 8328800974, **JEYPORE:** Main Road, Ph: 06854 231221, Mob: 7008402905; **SUNDERGARH:** Nehru Market Complex; Mob: 9438076828, 9438575757; **BARGARH:** NH-6, Main Road, PH-9937171761 / 9556446300, 06646230124

***PRESTIGE PRIORITY RETAILER :-*** **BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK :** Union Sales Emporium, Ph:2307878. ***AUTHORISED DISTRIBUTORS:-*** **BHUBANESWAR-** Manorama Trading Co., Ph No. 9437279239; Rath Distributors, Ph.No. 9338547101 (For Chimney & Cleaning Solutions); **JATINI-** Kanha Agencies, Ph. No. 9437090516; **CUTTACK-** Mahavir Enterprise, Chauliganga, Ph. No.9937092599; **TALCHER-** Sidharth Enterprises, Hatatota, Ph. No.9437003384 **ROURKELA-** Shah Distributor, Ph-0661-2506904, 9438712456; **SAMBALPUR-** Gayatri Traders, Ph-9937074072,9437925273; **BALASORE-** Satyabhama Sales, Ph. No.7008096876; **BHADRAK-** Akhandalamani Enterprise, Ph No. 9437436221, 9437960230; **MAYURBHANJ-** Cooling Point, Ph No. 9437161333; **KEONJHAR-** Hridhaan Enterprises , Ph. No. 9777642632; **GANJAM & PHULBANI–** Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. ***AUTHORISED DEALERS :-*** **BHUBANESWAR:-** Royal Care, Ph 9937057177. Anu Agency, Ph 9437034488. Swosti Agency, Ph. 9439433333. Spectra Vision, Ph.-9937722277. Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-94371185026. Gharsansar, Ph 9437040438, Shreeji, Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises- 99178550816. Swana Electronics , Ph.9938274127. Sai Associates-7381065641. Sonamona Variety Store, Ph.9437287620. Situ Plastic, Ph. 9861772109. S.R. Electronics, Ph.-6861155300. Kitchen Queen, Ph.7894082707. Karan Electricals, Ph.-9778337345. A.S. Enterprises, Ph.8249658303. Das & DAS Home Appliances & Fan , Ph.8895014877.Galaxy Enterprises, Ph. 9937133040. Utkal Sales, Ph9853150619. Nilakantha Agency- 9937346923, SB Enterprise-9861155551; **CUTTACK:-** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222, **SALEPUR:-** Sanjay Electronics NX, Ph. 9777777329. **ANGUL:-** Saralia Trading Co. Ph-9439471222, Shree Agency-Ph 9437013144. **TALCHER-** Beauty Palace-9437118065, Home Maker-9776173777 **DHENKANAL:-** Beauty House-9777190558.NTPC:- Pani Enterprise, Ph 9437056860. **PARADEEP:-** Krishna Enterprise, Ph. 9937451474. **KENDRAPARA:-** Purnamasi Electrical, Ph. 9937070448. **UMARKOT:-** Balaji Metal Store, Ph 9437524982. **ROURKELA:-** Prestige, Ph-2642265. City Super Bazar, Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. **SUNDARGARH-** Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-** Ganapati Electricals,Ph.9938669100. **BARIPADA:-** Aerovision, Ph 9861828643. **BALASORE:-** United Sales Agency-9583519516; ***AUTHORISED SERVICE CENTRE:-*** **Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House, Ph 0671-2367499; **Bhubaneswar-** Ph -9776322880. **Rourkela-** Ph. 9853522686. **Berhampur -** Ph. 0680-2228066. Sambalpur- Ph. 8895149244; **Bolangir-** Ph 06652-234443. **Angul-** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। -ଶ୍ରୀଅରବିନ୍ଦ

# ଚୋକ୍‌ସିଙ୍କ ପଥ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସ୍କାମ୍ ପ୍ରାୟ ବର୍ଷେ ପୂରଣ କରିବାକୁ ଯାଉଛି। ଇତିମଧ୍ୟରେ ଏହାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରିଲା ନାହିଁ। ଚୋକ୍‌ସି ଆଣ୍ଟିଗୁଆ ନାଗରିକତ୍ୱ ଗ୍ରହଣ କରିସାରିଥିବାରୁ ୨୦୧୯ ଜାନୁୟାରୀ ୨୧ରେ ଭାରତୀୟ ପାସ୍‌ପୋର୍ଟ ସମର୍ପଣ କରିଦେଇଛନ୍ତି। ଭାରତୀୟ ବୈଦେଶିକ ନୀତି ଅନୁଯାୟୀ, ଯେତେବେଳେ ଜଣେ ନାଗରିକ ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିଥାଆନ୍ତି, ସେତେବେଳେ ସେ ଭାରତର ନାଗରିକତ୍ୱ ହରାଇବସିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଚୋକ୍‌ସି ପାସ୍‌ପୋର୍ଟ ଫେରାଇଦେବାରେ କୌଣସି ନୂତନତ୍ୱ ନାହିଁ। ପ୍ରସଙ୍ଗ ହେଉଛି ୨୦୧୮ ପ୍ରାରମ୍ଭରେ ଯେତେବେଳେ ୧୪,୦୦୦ କୋଟି ଟଙ୍କାର ପିଏନ୍‌ବି ଠକେଇ ଲୋକଲୋଚନକୁ ଆସିଲା, ସେହି ସମୟରେ ବ୍ୟାଙ୍କର ଆର୍ଥିକ କାରବାର ନେଇ ପ୍ରଶ୍ନ ଉଠିଥିଲା। କେନ୍ଦ୍ର ସରକାରଙ୍କୁ ବିରୋଧୀମାନେ ଘେରିବା ପରେ ନୀରବ ଓ ଚୋକ୍‌ସିଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କୁହାଯାଇଥିଲା। ଅନ୍ୟପଟେ ନୀରବ ଲଣ୍ଡନରେ ରହୁଥିବା କୁହାଯାଉଛି। ତେବେ ଆଣ୍ଟିଗୁଆ ସହ ଭାରତର ପ୍ରତ୍ୟର୍ପଣ ଚୁକ୍ତି ନ ଥିବାରୁ ଚୋକ୍‌ସିଙ୍କ ଫେରିବା ବିଳମ୍ବ ହେବାରେ ଲାଗିଛି। ଗତବର୍ଷ ଭାରତ ପକ୍ଷରୁ ଏକ ଟିମ୍ ଆଣ୍ଟିଗୁଆ ପଠାଯାଇ ତାଙ୍କୁ ଫେରାଇ ଆଣିବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳତା ଦେଖିବାକୁ ମିଳିଥିଲା। ୨୦୧୮ ଡିସେମ୍ବରରେ ଇଣ୍ଟରପୋଲ୍ ପକ୍ଷରୁ ରେଡ୍ କର୍ନର ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏ ଦିଗରେ ବିଶେଷ ଅଗ୍ରଗତି ହୋଇପାରି ନାହିଁ। ଆଣ୍ଟିଗୁଆ ସହ କୂଟନୈତିକ ସମ୍ପର୍କକୁ ଦୃଢ଼ୀଭୂତ କରି ଚୋକ୍‌ସିଙ୍କୁ ଫେରାଇ ଆଣିବାରେ କୌଣସି ଆନ୍ତରିକତା ଭାରତ ସରକାରଙ୍କ ପକ୍ଷରୁ ମଧ୍ୟ ଦେଖିବାକୁ ମିଳିନାହିଁ।

୨୦୧୪ରେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶପଥ ଗ୍ରହଣ ଉତ୍ସବକୁ ସାର୍କ ଦେଶର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ତାଙ୍କ ବୈଦେଶିକ ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବାରୁ କୌଣସି ଦେଶ ସହ ଭାରତର ସୁସମ୍ପର୍କ ରହିଛି ବୋଲି କୁହାଯାଇପାରିବ ନାହିଁ। ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ବନ୍ଧୁହୀନ ରାଷ୍ଟ୍ର ଭାବେ ଆବିର୍ଭାବ ହୋଇଛି। ପ୍ରାୟ ୫ ବର୍ଷର ଶାସନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଅନେକ ବିଦେଶ ରାଷ୍ଟ୍ର ଗସ୍ତ କରିଥିଲେ ମଧ୍ୟ ବୈଦେଶିକ ସମ୍ପର୍କରେ ଉନ୍ନତି ଆସିପାରି ନାହିଁ। ଏଭଳିସ୍ଥଳେ ଆଣ୍ଟିଗୁଆ ଭଳି ଦେଶ ସହ ପ୍ରତ୍ୟର୍ପଣ ଚୁକ୍ତି ନ ଥିବା ବେଳେ ପଳାତକମାନଙ୍କୁ ଫେରାଇ ଆଣିବା କଷ୍ଟକର ହେଉଛି। ୨୦୧୮ ଅଗଷ୍ଟରେ ପଳାତକ ଅର୍ଥନୈତିକ ଅପରାଧୀ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ସେହି ଅନୁଯାୟୀ ବିଦେଶ ପଳାୟନ କରିଥିବା ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ଆଇନଗତ ସୁବିଧା ମିଳିପାରିଛି। ୨୦୧୮ ଅକ୍ଟୋବର ୧୭ ସୁଦ୍ଧା ୧୪,୦୦୦ କୋଟି ଟଙ୍କା ପିଏନ୍‌ବି ଠକେଇ ମଧ୍ୟରୁ ଆର୍ଥିକ ଗୋଇନ୍ଦା ସଂସ୍ଥା ମାତ୍ର ୪,୪୪୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ବୋଲି କହୁଛି। ଦେଖିବାକୁ ଗଲେ ପିଏନ୍‌ବି ଠକେଇ ପରିମାଣ ଭରଣା ଅସମ୍ଭବ ମନେହେଉଛି।

ଚୋକ୍‌ସିଙ୍କୁ ଗିରଫ କରିବା ଲାଗି ଇଣ୍ଟରପୋଲ ରେଡ୍ କର୍ନର ନୋଟିସ ଜାରି କରିଥିଲେ ମଧ୍ୟ ଆଣ୍ଟିଗୁଆ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଉନାହିଁ। ଏହାର କାରଣ ହେଉଛି ଆଣ୍ଟିଗୁଆରେ ଚୋକ୍‌ସି ନାଗରିକତ୍ୱ ଗ୍ରହଣ କରିବା ସହ ବିପୁଳ ଅର୍ଥ ବିନିଯୋଗ କରିଥିବାରୁ ସେଠାକାର ସରକାର ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି। ଏଥିରୁ ବୁଝିବାକୁ ହେବ ଯେ ଭାରତ ସରକାରଙ୍କ ଚାପକୁ ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣ କରାଯାଉ ନାହିଁ। ଏପରିସ୍ଥଳେ ଭାରତୀୟ ନେତୃତ୍ୱ ବାହୁସ୍ଫୋଟ ନ ମାରି ବୈଦେଶିକ ଓ କୂଟନୈତିକ ନୀତିକୁ ସୁଦୃଢ଼ କରିବା ଉଚିତ। ନ ହେଲେ ଭାରତରୁ ଲୁଟି ପଳାତକ ସାଜିଥିବା ବ୍ୟକ୍ତିମାନେ କେବଳ ଚିନ୍ତାର ବିଷୟ ହେବେ ନାହିଁ, ତା' ସହିତ ଭାରତ ବିରୋଧରେ ବିଭିନ୍ନ ପ୍ରକାର ଅର୍ଥନୈତିକ ଅପରାଧ ଘଟିବାର ଆଶଙ୍କା ବୃଦ୍ଧି ପାଇବ। ଅନ୍ୟମାନେ ଦେଖିଶିଖି ଚୋକ୍‌ସିଙ୍କ ପଥ ବାଛିବେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜାନୁୟାରୀ ୧୯୯୪**

- ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଗଠନ କରାଯିବା ନେଇ ନିଷ୍ପତ୍ତି।
- ନିର୍ବାଚନ କମିଶନ ସମାଜବାଦୀ ପାର୍ଟି ନିର୍ବାଚନ ଚିହ୍ନ ସାଇକେଲକୁ ସ୍ୱୀକୃତି ଦେଇଛନ୍ତି।
- ବିଳାସପ୍ରିୟ ହୋଟେଲ ନିର୍ମାଣ ସକାଶେ କୋଣାର୍କ-ପୁରୀ ବେଳାଭୂମି ଅଞ୍ଚଳରେ ଥିବା ୨,୨୨୭ ଏକର ଜଙ୍ଗଲ ଜମିକୁ ସଫା କରିବା ପାଇଁ ସମ୍ପୃକ୍ତ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ସୁପ୍ରିମକୋର୍ଟ ପକ୍ଷରୁ ଓଡିଶା ସରକାର ଓ କେନ୍ଦ୍ର ସରକାରଙ୍କଠାରୁ କୈଫିୟତ ତଲବ କରିଛନ୍ତି।

# ଆଚାରରେ ସକାରାତ୍ମକତା ପ୍ରକାଶର ସୁଯୋଗ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

୨୦୧୯ ବର୍ଷର ଶେଷ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନକାରାତ୍ମକତାର ପ୍ରସାର କରିବା ଅତି ସହଜ କିନ୍ତୁ ଲୋକେ ସକାରାତ୍ମକତାର ପ୍ରସାର ପାଇଁ ଆଗେଇ ଆସିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ଭଳି ନେତୃସ୍ଥାନୀୟ ବ୍ୟକ୍ତି ଏଭଳି ସକାରାତ୍ମକତାର ବିଚାର ଦେବା ଅନେକ ଆଶା ଉଦ୍ରେକ କରାଏ। ଏହି ନିର୍ବାଚନୀ ଋତୁରେ ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍'ରେ ରଖିଥିବା ବିଚାରକୁ ନିଜ ଆଚାରରେ ପରିଣତ କରିପାରିଲେ ତାହା ସକାରାତ୍ମକତାର ଉଦାହରଣ ସୃଷ୍ଟିକରିବ। ନିଜ ବିଚାରକୁ ଆଚାରରେ ପରିଣତ କରି ବିରୋଧୀଙ୍କୁ ଟାହିଟାପରା କରିବାର ପ୍ରବୃତ୍ତିରୁ ନିଜକୁ ଦୂରେଇ ବା ବିରୋଧୀଙ୍କ ଟାହିଟାପରାକୁ ଆଦୌ ଗୁରୁତ୍ୱ ନ ଦେଇ ଯଦି ପ୍ରଧାନମନ୍ତ୍ରୀ ନିଜର ପାଞ୍ଚବର୍ଷର ଶାସନକାଳରେ ଆରମ୍ଭ କରିଥିବା ଅନେକ ଯୋଜନା କେମିତି ସୁଫଳ ଆଣିଛି, ତାହା ଉପରେ ହିଁ ମନୋନିବେଶ କରିବେ ତେବେ ତାହା 'ସକାରାତ୍ମକତା'ର ପ୍ରସାର ଦିଗରେ ଏକ ବିରାଟ ସଫଳତା ହେବ।

ଏହି ପ୍ରାୟ ପାଞ୍ଚବର୍ଷର ଶାସନକାଳରେ ନରେନ୍ଦ୍ର ମୋଦି ଏତେ ଯୋଜନା ଆରମ୍ଭ କରିଛନ୍ତି ଯେ, ସବୁ ଯୋଜନାର ଖବର ହୁଏ ତ ତାଙ୍କ ପାଖରେ ବି ନ ଥିବ। ତେବେ ମୋଦି କିଛି ଖୁବ୍ ପ୍ରଚାରିତ ଓ ବଡ଼ ଜାକଜମକରେ ଆରମ୍ଭ ହୋଇଥିବା ଯୋଜନା, ଯଥା: କୃଷକଙ୍କ ଆୟ ଦୁଇଗୁଣ କରିବା, ସ୍ମାର୍ଟ ସିଟି, ସ୍ୱଚ୍ଛ ଭାରତ ଅଭିଯାନ, ମେକ୍ ଇନ୍ ଇଣ୍ଡିଆ, ବୁଲେଟ ଟ୍ରେନ୍, ଉଜ୍ଜ୍ୱଳା, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମିଶନ ଭାଗୀରଥୀ, ପ୍ରଧାନମନ୍ତ୍ରୀ ସାଂସଦ ଆଦର୍ଶ ଗ୍ରାମ, ନମାମି ଗଙ୍ଗେ, ଆୟୁଷ୍ମାନ ଭାରତ, ଉଡାନ୍, ବେଟି ବଚାଓ ବେଟି ପଢ଼ାଓ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଇପାରନ୍ତି। କିଛି ଅତି ପ୍ରମୁଖ ଯୋଜନା ବିଷୟରେ ଲୋକଙ୍କୁ ଜଣାଇ ସକାରାତ୍ମକତାର ଏକ ନୂଆ ଉଦାହରଣ ସୃଷ୍ଟି କରିବାର କେମିତି ଅପୂର୍ବ ସୁଯୋଗ ପ୍ରଧାନମନ୍ତ୍ରୀଙ୍କ ପାଖରେ ରହିଛି ତାହାର କିଛି ଉଦାହରଣ ଏହି ଆଲେଖ୍ୟରେ ଦେଉଛୁ।

ପ୍ରଥମେ ଆସିବା 'ଚାଷୀଙ୍କ ଆୟ ଦୁଇଗୁଣ' ଯୋଜନାକୁ। ପ୍ରଧାନମନ୍ତ୍ରୀ ମୋଦି ୨୮।୨।୨୦୧୬ରେ ଏକ ନିର୍ବାଚନୀ ସଭାରେ କହିଥିଲେ ଯେ, ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବା ତାଙ୍କର ଲକ୍ଷ୍ୟ। ନୀତିଆୟୋଗ ହିସାବ କରିଛି ଯେ, ୨୦୧୫-୧୬କୁ ମୂଳ ବର୍ଷ ଭାବରେ ନେଲେ ୨୦୨୨-୨୩ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ହେଲେ କୃଷିକ୍ଷେତ୍ରରେ ବାର୍ଷିକ ହାରାହାରି ୧୦.୪% ହାରରେ ଅଭିବୃଦ୍ଧି ହେବା ଦରକାର। ନୀତିଆୟୋଗ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆଶା ରଖିଛନ୍ତି। ତେବେ ବିରୋଧୀ ଓ ଅନେକ ବିଶେଷଜ୍ଞ କହୁଛନ୍ତି ଯେ, ବଢ଼ିବା ଦୂରର କଥା ମୋଦିଙ୍କ ଶାସନରେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ଅନେକ ଧିମେଇ ଯାଇଛି। ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ, ଉପା-୨ ଶାସନର ପ୍ରଥମ ଚାରିବର୍ଷରେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ୫.୨% ଥିଲା। ମୋଦିଙ୍କ ଶାସନର ପ୍ରଥମ ୪ବର୍ଷରେ ଏହି ହାର ଅଧାରୁ ଅଧିକ ଖସି ମାତ୍ର ୨.୫% ରହିଛି। ଏବେ ପ୍ରଧାନମନ୍ତ୍ରୀ ଲୋକଙ୍କ ଆୟ ଆଉ ତିନିବର୍ଷରେ କେମିତି ଦୁଇଗୁଣ ହେବ ତାହା କହି ସକାରାତ୍ମକତାର ଏକ ସୁନ୍ଦର ବାର୍ତ୍ତା ଦିଅନ୍ତୁ।

ଏହାପରେ ଆସିବା 'ସ୍ମାର୍ଟ ସିଟି' ଯୋଜନାକୁ। ସରକାରକୁ ଆସିବା ମାତ୍ରେ ୨୦୧୪ରେ ମୋଦି 'ସ୍ମାର୍ଟ ସିଟି'ର ନାରା ଧରିଥିଲେ। ତେବେ ଏହି ଯୋଜନା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା ୨୦୧୬ ଜୁନ୍ ୨୫ରେ। ଏହି ଯୋଜନା ଅନୁସାରେ ଦେଶର ୧୦୦ଟି ସହରରେ ଲୋକଙ୍କ ରହଣି ଓ ସାଚ୍ଛନ୍ଦ୍ୟକୁ ଏକ ଅତି ଉନ୍ନତ ସ୍ଥିତିକୁ ଅଣାଯିବ, ଯାହା ଅନ୍ୟ ସହରଗୁଡ଼ିକ ପାଇଁ ଉଦାହରଣ ହେବ। 'ସ୍ମାର୍ଟ ସିଟି' ଯୋଜନା ଅଧୀନରେ କିଛି ମୌଳିକ ସ୍ଥିତିରେ ଯଥେଷ୍ଟ ଉନ୍ନତି ଆଣିବାର ଉଦ୍ଦେଶ୍ୟ ଥିଲା- ପର୍ଯ୍ୟାପ୍ତ ପାଣି, ନିରନ୍ତର ବିଜୁଳି, ସ୍ୱଚ୍ଛ ପରିମଳ ଓ ବର୍ଜ୍ୟ ପରିଚାଳନା, ଉନ୍ନତ ସହରୀ ଗମନାଗମନ ବ୍ୟବସ୍ଥା, ସମସ୍ତେ ଏପରିକି ଗରିବ ମଧ୍ୟ କିଣିପାରୁଥିବା ଘର, ପ୍ରଯୁକ୍ତି ଓ ଜ୍ଞାନକୌଶଳର ବଳିଷ୍ଠ ଉପଯୋଗ, ଭାଗୀଦାରିଭିତ୍ତିକ ଶାସନ ବ୍ୟବସ୍ଥା, ଉନ୍ନତ ପରିବେଶ ଏବଂ ସମସ୍ତଙ୍କ ସୁରକ୍ଷା ଇତ୍ୟାଦି। ଗତ ଜାନୁୟାରୀ ୩ ତାରିଖରେ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରଦେଇ ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ରାଉଣ୍ଡରେ 'ସ୍ମାର୍ଟ ସିଟି' ହିସାବରେ ନିଆହୋଇଥିବା ସହରଗୁଡ଼ିକରେ ଆସନ୍ତା ୨୦୨୦-୨୧ ସୁଦ୍ଧା ସମସ୍ତ ପ୍ରକଳ୍ପ ସାରିବାର ଯୋଜନା ଅଛି। ବିରୋଧୀମାନେ ଅବଶ୍ୟ ନକାରାତ୍ମକତା ଦେଖାଇ କହନ୍ତି ଯେ, 'ସ୍ମାର୍ଟ ସିଟି' ଏକ ପ୍ରହେଳିକା ଓ ଏହାର କାର୍ଯ୍ୟାନ୍ୱୟନ ହାର ଅତି ମନ୍ଥର। ରାଜ୍ୟ ସଭାର ସେହି ଉତ୍ତରରେ ସରକାର କହିଛନ୍ତି ଯେ, ୨,୦୫,୦୧୮ କୋଟି ଟଙ୍କାର ମୋଟ ପ୍ରକଳ୍ପ ମଧ୍ୟରୁ ୫୨,୮୬୬ କୋଟି ଟଙ୍କାର ପ୍ରକଳ୍ପ କାମ ଆରମ୍ଭ ହୋଇଛି ବା ସରିଛି। ତେବେ ପ୍ରଧାନମନ୍ତ୍ରୀ ସକାରାତ୍ମକତା ଦେଖାଇ 'ସ୍ମାର୍ଟ ସିଟି' କେମିତି ପରିବର୍ତ୍ତନ ଆଣିପାରିଛି ତାହା ଲୋକଙ୍କୁ ଜଣାନ୍ତୁ।

ମୋଦିଙ୍କ ଆଉ ଏକ ମହତ୍ୱାକାଂକ୍ଷୀ ଯୋଜନା ଥିଲା ସ୍ୱଚ୍ଛ ଭାରତ ଅଭିଯାନ। ୨୦୧୪ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅନୁସାରେ ୨୦୧୯ ଗାନ୍ଧୀ ଜୟନ୍ତୀରେ ବା ଆଉ ପ୍ରାୟ ୮ମାସରେ ଭାରତରେ କେହି ପଦାରେ ମଳତ୍ୟାଗ କରୁ ନ ଥିବେ। ଗତ ଡିସେମ୍ବର ୨୭ ତାରିଖରେ ରାଜ୍ୟ ସଭାରେ ସରକାର କହିଛନ୍ତି ଯେ, ଡିସେମ୍ବର ୨୦୧୮ ସୁଦ୍ଧା ଦେଶର ୯.୦୫କୋଟି ଘରୋଇ ପାଇଖାନା ତିଆରି ହୋଇସାରିଛି। ବିରୋଧୀ ଅବଶ୍ୟ କହନ୍ତି ଯେ, ତଥ୍ୟଠାରୁ ସତ୍ୟ ସମ୍ପୂର୍ଣ୍ଣ ଭିନ୍ନ। ତେବେ ସରକାର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରିସାରିଲେଣି। ଯଦି ତଥ୍ୟଠାରୁ ସତ୍ୟ ଭିନ୍ନ ନୁହେଁ ତେବେ ସକାରାତ୍ମକତାର ବାଣୀକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବାରେ ଏହାଠୁ ବଡ଼ ଉପଲବ୍ଧି ବା କ'ଣ ହୋଇପାରେ!

ପ୍ରଧାନମନ୍ତ୍ରୀ ଭାବରେ ଲାଲକିଲ୍ଲାରୁ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣରେ 'ମେକ୍ ଇନ୍ ଇଣ୍ଡିଆ'ର ଆହ୍ୱାନ ଦେଇ ମୋଦି ବିଶ୍ୱର ନିର୍ମାତା ଓ ପୁଞ୍ଜିପତିଙ୍କୁ ଡାକିଥିଲେ, 'ଆସ, ଭାରତରେ ନିର୍ମାଣ କର ଓ ଯେଉଁଠି ବିକିବାର ଅଛି ନେଇ ବିକ'। ଅତି ସୁନ୍ଦର ଉଦ୍ଦେଶ୍ୟ - ବିଶ୍ୱରେ ଭାରତର ନାଁ, ଭାରତୀୟମାନଙ୍କୁ ରୋଜଗାର ଓ ଭାରତୀୟ ଆର୍ଥିକସ୍ଥିତି ସୁଦୃଢ଼ ହେବାର ତାହା ମାଧ୍ୟମ ହୋଇଥାନ୍ତା। ଅବଶ୍ୟ ବିରୋଧୀ ତଥା ଅନେକ ଅର୍ଥନୀତିଜ୍ଞ କହୁଛନ୍ତି ଯେ, 'ମେକ୍ ଇନ୍ ଇଣ୍ଡିଆ' କେବଳ ସାଇନବୋର୍ଡରେ ସୀମିତ ଏବଂ ଭାରତରୁ ରପ୍ତାନି ବଢ଼ିବା ବଦଳରେ କମିବାରେ ଲାଗିଛି। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହୋଇଥିବା ବର୍ଷରେ ଭାରତ ୩୧୮.୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ରପ୍ତାନି କରିଥିଲା। ୨୦୧୭ରେ ତାହା ୨୭୫.୮ ବିଲିୟନ ଆମେରିକୀୟ ଡଲାରକୁ ଖସି ଆସିଥିଲା। ତେବେ ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦେବା କଦାପି ମୂଲ୍ୟହୀନ ହେବନାହିଁ।

ପ୍ରଧାନମନ୍ତ୍ରୀଙ୍କ ପାଖରେ ସେ ଆରମ୍ଭ କରିଥିବା ଯୋଜନାଗୁଡ଼ିକର ଭଣ୍ଡାର ଅଛି। ତେଣୁ ତାଙ୍କ ପାଖରେ ସକାରାତ୍ମକତାର ବିଚାରକୁ ଆଚାରରେ ପରିଣତ କରିବାର ବିଶାଳ ସାଧନ ମଧ୍ୟ ରହିଛି। ଏଇ ନିକଟରେ ଏକ ମାମଲାର ବିଚାର ଚାଲିଥିବା ବେଳେ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି କୁଆଡେ ବିଶିଷ୍ଟ ଓକିଲ ପ୍ରଶାନ୍ତ ଭୂଷଣଙ୍କୁ କହିଲେ ଯେ, 'ସବୁକୁ ଆଶାବାଦୀ ବା ସକାରାତ୍ମକ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତୁ, ଦେଖିବେ ସମାଜ ସୁନ୍ଦର ଦେଖାଯିବ।' ପ୍ରଧାନମନ୍ତ୍ରୀ ଓ ତାଙ୍କ ଭଳି ବ୍ୟକ୍ତି 'ସକାରାତ୍ମକତା'ର ବାଣୀ ଦେବା ଅତି ସ୍ୱାଗତଯୋଗ୍ୟ। ତେବେ ବାଣୀ ନୁହେଁ, ଠାଣିବା କାର୍ଯ୍ୟରେ ତାହା ରୂପାନ୍ତରିତ ହେବା ହିଁ ବାସ୍ତବ ସକାରାତ୍ମକତା।

# ସଶସ୍ତ୍ର ମୁକ୍ତି ସଂଗ୍ରାମର ମହାନାୟକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଉଚ୍ଚଶିକ୍ଷିତ ଭାରତୀୟଙ୍କ ପକ୍ଷରେ ଯେତେବେଳେ ଆଇସିଏସ୍ ଚାକିରି ଥିଲା ଶ୍ରେଷ୍ଠ ସଫଳତା, ସେତେବେଳେ ସୁଭାଷ ବୋଷ ଥିଲେ ପ୍ରଥମ ଭାରତୀୟ, ଯିଏ ଆଇସିଏସ୍ ପରୀକ୍ଷାରେ ସଫଳତା ଅର୍ଜନ କରି ମଧ୍ୟ ତାହାକୁ ପାଦରେ ଏଡ଼େଇ ଦେଇ କେମ୍ବ୍ରିଜ୍‌ରୁ ସ୍ୱଦେଶ ଫେରି ଆସିଥିଲେ ଦେଶମାତୃକାକୁ ସ୍ୱାଧୀନ କରିବାର ଦୃଢ଼ ସଂକଳ୍ପ ନେଇ। ସିଧାସଳଖ ବମ୍ବେରେ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରି (୨୦ଜୁଲାଇ ୧୯୨୧) ସେ କଂଗ୍ରେସରେ ଯୋଗଦେଲେ ଏବଂ କଲିକତାରେ ରହି ସାଂଗଠନିକ କାର୍ଯ୍ୟରେ ଲାଗିପଡ଼ିଲେ ଚିତ୍ତରଞ୍ଜନ ଦାସଙ୍କ ଦିଗ୍‌ଦର୍ଶନରେ। ମାତ୍ର ତାଙ୍କର ଇଂରେଜ ବିରୋଧୀ ଉଗ୍ର ମନୋଭାବକୁ ଗ୍ରହଣ କରିପାରୁ ନ ଥିଲେ ଗାନ୍ଧିଜୀ। ଛାତ୍ର ଜୀବନରୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ନେତାଜୀ ଥିଲେ କଠୋର ବାସ୍ତବବାଦୀ। ସେ କହୁଥିଲେ ଅଧିକାର ଓ ନ୍ୟାଯ୍ୟ ଦାବି ଭିକ୍ଷାକରି ନୁହେଁ, ବରଂ ତାକୁ ଛଡାଇ ଅଣାଯାଏ ବଳପୂର୍ବକ। ଅନ୍ୟପକ୍ଷରେ ଗାନ୍ଧିଜୀ ଥିଲେ ଅହିଂସାର ପୂଜାରୀ। ସ୍ୱାଧୀନତା ସଂଗ୍ରାମରେ ସେ ଅହିଂସାର ବ୍ୟତିକ୍ରମକୁ ବରଦାସ୍ତ କରୁ ନ ଥିଲେ। ତେଣୁ ମୁକ୍ତି ସଂଗ୍ରାମର ପନ୍ଥାକୁ ନେଇ ଗାନ୍ଧିଜୀ ଓ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ମତଭେଦ। ଏହି ଆଦର୍ଶଗତ ଲଢେଇ ତୀବ୍ରତର ହେଲା ଗାନ୍ଧୀଙ୍କ ସମର୍ଥିତ ପ୍ରାର୍ଥୀ ସୀତାରାମାୟାଙ୍କୁ ପରାସ୍ତ କରି (୧୯୩୯) ନେତାଜୀ ଦ୍ୱିତୀୟ ଥର ପାଇଁ କଂଗ୍ରେସ ସଭାପତି ନିର୍ବାଚିତ ହେବା ପରେ। ସେହିବର୍ଷ ଏପ୍ରିଲରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଗାନ୍ଧିଜୀ ଓ ତାଙ୍କ ଅନୁଗତମାନଙ୍କ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେବା କାରଣରୁ ସେ କଂଗ୍ରେସରୁ ଅଲଗା ହୋଇ ଗଠନ କଲେ ଫରୱାର୍ଡ ବ୍ଲକ୍।

୧୯୩୯ ମସିହା ସେପ୍ଟେମ୍ବରରେ ଆରମ୍ଭ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଏତିକି ବେଳେ ନେତାଜୀଙ୍କ ନେତୃତ୍ୱରେ ଫରୱାର୍ଡ ବ୍ଲକ୍ ଇଂରେଜ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବା ଫଳରେ ନେତାଜୀ ଓ ଫରୱାର୍ଡ ବ୍ଲକ୍‌ର ହଜାର ହଜାର କର୍ମୀଙ୍କୁ ଗିରଫ କଲେ ଇଂରେଜ ସରକାର। ମାତ୍ର ଜେଲଖାନାରେ ନିଜର ମୁକ୍ତି ଦାବିରେ ଆମରଣ ଅନଶନ ଧମକ ଦେଇ ଇଂରେଜ ସରକାରଙ୍କୁ ଚରମପତ୍ର ଦେଲେ ନେତାଜୀ। ଅବସ୍ଥାର ଗୁରୁତ୍ୱ ଉପଲବ୍ଧି କରି ସରକାର ତାଙ୍କୁ କାରାମୁକ୍ତ କରିଦେଲେ ସତ, କିନ୍ତୁ ୧୧ଥର ବନ୍ଦୀ ଜୀବନ ବିତେଇଥିବା ସୁଭାଷଙ୍କୁ ଏଥର ନଜରବନ୍ଦୀ କରି ରଖାଗଲା କଲିକତାସ୍ଥିତ ଏଲ୍‌ଗିନ୍ ରୋଡ଼ରେ ଥିବା ତାଙ୍କ ନିଜ ବାସଗୃହରେ। ରୁଷିଆ ଓ ଜର୍ମାନୀ ରେଡ଼ିଓରୁ ବିଶ୍ୱଯୁଦ୍ଧ ସମ୍ପର୍କରେ ଖବର ରଖୁଥିବା ସୁଭାଷ ଅନୁଭବ କଲେ ଇଂରେଜ ଶକ୍ତି ବିରୋଧରେ ସାମରିକ ଶକ୍ତି ପ୍ରୟୋଗ କରି ସ୍ୱାଧୀନତା ହାସଲ କରିବାର ଏହା ହିଁ ପ୍ରକୃଷ୍ଟ ବେଳ। ତେଣୁ ଇଂରେଜ ବିରୋଧୀ ଦେଶମାନଙ୍କର ସାହାଯ୍ୟ ଓ ସମର୍ଥନ ହାସଲ କରିବା ପାଇଁ ବିଭିନ୍ନ ରାଷ୍ଟ୍ର ମୁଖ୍ୟଙ୍କୁ ସାକ୍ଷାତ୍ କରିବା ତାଙ୍କର ଏକାନ୍ତ ଜରୁରୀ। ସେଥିପାଇଁ ଯୋଜନାବଦ୍ଧ ଭାବରେ ସେ ଇଂରେଜ ସରକାରଙ୍କ ଆଖିରେ ଧୂଳିଦେଇ ଖସିଗଲେ ଜଣେ କାବୁଲିବାଲା ପଠାଣ ବେଶରେ। ପ୍ରଥମେ ପେଶୱାର ଓ ସେଠାରୁ କାବୁଲ୍ ଦେଇ ନେତାଜୀ ପହଞ୍ଚିଲେ ରୁଷିଆରେ। ସେଠାରେ ଆଶାନୁରୂପ ସାହାଯ୍ୟର ପ୍ରତିଶ୍ରୁତି ନ ପାଇ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ପହଞ୍ଚିଲେ ଜର୍ମାନ୍ ରାଷ୍ଟ୍ରଦୂତଙ୍କ ସହାୟତାରେ।



ନେତାଜୀ ଜୟନ୍ତୀ ଉପଲକ୍ଷେ

ବର୍ଲିନ୍‌ରେ ଆଡ଼ଲଫ୍ ହିଟଲର ଓ ନେତାଜୀଙ୍କ ଐତିହାସିକ ଆଲୋଚନା ପରେ ଭାରତକୁ ସାମରିକ ସହାୟତା ଯୋଗାଇ ଦେବାକୁ ଜର୍ମାନ ପକ୍ଷରୁ ମିଳିଲା ନିର୍ଭର ପ୍ରତିଶ୍ରୁତି। ବର୍ଲିନ୍‌ରେ ପ୍ରତିଷ୍ଠା ହେଲା ଆଜାଦ୍ ହିନ୍ଦ୍ ରେଡ଼ିଓ ଓ ସ୍ୱାଧୀନ ଭାରତ କେନ୍ଦ୍ର। ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ଜାପାନରେ ପହଞ୍ଚି ପ୍ରଧାନମନ୍ତ୍ରୀ ଜେନେରାଲ୍ ଟୋଜ୍‌ଙ୍କଠାରୁ ହାସଲ କଲେ ସମର୍ଥନ। ଜାପାନର ଟୋକିଓରେ ଭାରତର ମହାନ୍ ବିପ୍ଳବୀ ରାସବିହାରୀ ବୋଷ ପ୍ରତିଷ୍ଠା କରିଥିଲେ ଆଜାଦ୍ ହିନ୍ଦ୍ ଫୌଜ। ତାଙ୍କ ସହ ସାକ୍ଷାତ୍ ପରେ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଲେ ନେତାଜୀ। ତାଙ୍କ ନେତୃତ୍ୱ ଯୋଗୁ ସେନାରେ ସଂଚାର ହେଲା ନୂଆ ଜୀବନ। ସେଥିରେ ସାମିଲ ହେଲେ ଜାପାନରେ ଅଟକ ଥିବା ୨୦ହଜାର ଭାରତୀୟ ଯୁଦ୍ଧବନ୍ଦୀ।

ଆଜାଦ୍ ହିନ୍ଦ୍ ଫୌଜର ସୁପ୍ରିମ୍ କମାଣ୍ଡୋ ଭାବରେ ୧୯୪୩ ଜୁଲାଇ ୫ତାରିଖ ସିଙ୍ଗାପୁର ଟାଉନ୍‌ହଲ ସମ୍ମୁଖରେ ସେନାକୁ ସମ୍ବୋଧିତ କରି ନେତାଜୀ ବଜେଇଥିଲେ 'ଦିଲ୍ଲୀ ଚଲୋ' ବିଗୁଲ୍। ସେନାର ଶକ୍ତି ଆକଳନପୂର୍ବକ ସେହିବର୍ଷ ଅକ୍ଟୋବର ୨୧ ତାରିଖରେ ନେତାଜୀ ଗଠନ କଲେ ଭାରତର ଅସ୍ଥାୟୀ ସରକାର। ଅବିଭକ୍ତ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣକଲେ ନେତାଜୀ। ତାଙ୍କ ସରକାରଙ୍କୁ ସ୍ୱୀକୃତି ଦେଲା ଜର୍ମାନ୍, ଜାପାନ, ଫିଲ୍‌ଫାଇନ୍ସ, କୋରିଆ, ଚାଇନା, ଇଟାଲି ଓ ଆୟର୍ଲାଣ୍ଡ ଆଦି ଦେଶ।

ଆଜାଦ୍ ହିନ୍ଦ୍ ଫୌଜ ରେଙ୍ଗୁନ୍ ଦେଇ ସ୍ଥଳପଥରେ ଅଗ୍ରସର ହେବା ପୂର୍ବରୁ ରେଙ୍ଗୁନ୍ ରେଡ଼ିଓରେ ମହାତ୍ମା ଗାନ୍ଧୀଙ୍କୁ ଜାତିର ପିତା ବୋଲି ସମ୍ବୋଧନ କରି ସେ କହିଥିଲେ- ''ଭାରତର ସ୍ୱାଧୀନତା ପାଇଁ ଏବେ ଆରମ୍ଭ ହୋଇସାରିଛି ଯୁଦ୍ଧ। ହେ ରାଷ୍ଟ୍ରପିତା! ଭାରତର ଏହି ପବିତ୍ର ମୁକ୍ତି ସଂଗ୍ରାମରେ ଆମେ କାମନା କରୁଛୁ ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା।'' ଆଜାଦ୍ ହିନ୍ଦ୍ ଫୌଜ ଭାରତ ଅଭିମୁଖେ ଅଗ୍ରସର ହୋଇ ପହଞ୍ଚିଥିଲା କୋହିମା ଓ ଇମ୍ଫାଲରେ। ସୈନ୍ୟମାନଙ୍କ ମନରେ ଆହୁରି ତେଜ ଭରିଦେବା ପାଇଁ ସେମାନଙ୍କୁ ସମ୍ବୋଧିତ କରି ନେତାଜୀ କହିଥିଲେ (୧୯୪୪ ସେପ୍ଟେମ୍ବର ୨୨)- 'ତୁମେ ମୋତେ ରକ୍ତ ଦିଅ , ମୁଁ ତୁମକୁ ସ୍ୱାଧୀନତା ଦେବି।' ଭାରତର ୩୮କୋଟି ଜନତାଙ୍କୁ ସ୍ୱତନ୍ତ୍ରତା ଦେବା ପାଇଁ ନେତାଜୀଙ୍କର ଏହି ଆହ୍ୱାନ ଆଜି ବି କୋଟି କୋଟି ଯୁବତୀ ଯୁବକଙ୍କ ପ୍ରାଣରେ ଭରିଦିଏ ପ୍ରେରଣାର ମନ୍ତ୍ର।

ବିଜୁପଟ୍ଟନାୟକନଗର, ଭଦ୍ରକ, ମୋ-୯୪୩୮୮୫୫୦୮୮

## ଏଇ ଭାରତରେ

ଦେଶର ବିଭିନ୍ନ ରାଜ୍ୟରେ ବିବାହକୁ ନେଇ ରହିଛି ଭିନ୍ନ ଭିନ୍ନ ପରମ୍ପରା। ବିବାହ ବେଳେ କନ୍ୟା ଓ ବର ଅଗ୍ନିକୁ ସାକ୍ଷୀ ରଖି ସାରା ଜୀବନ ଲାଗି ସାଥୀ ହୋଇଥାଆନ୍ତି। ତେବେ ରାଜସ୍ଥାନର ଶ୍ରୀମାଲୀ ସମ୍ପ୍ରଦାୟରେ ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ବିଭାଘର ବେଳେ ବର କନ୍ୟାକୁ କୋଳରେ ଧରି ଅଗ୍ନି ଚାରିପାଖରେ ସାତଥର ପ୍ରଦକ୍ଷିଣ କରିଥାଆନ୍ତି। ପୁରାଣରେ ଉଲ୍ଲେଖ ରହିଛି ପ୍ରଭୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିବା ସମୟରେ ବିଘ୍ନ ସୃଷ୍ଟି ପାଇଁ ଶିଶୁପାଳ ଆସିଥିଲେ। ଫଳରେ ତାଙ୍କୁ ପ୍ରତିହତ କରିବା ଲାଗି ଶ୍ରୀକୃଷ୍ଣ ବିବାହ ଅଧାରୁ ଉଠି ଯାଇଥିଲେ। ଫଳରେ ରାତି ବିତି ଯାଇଥିଲା। ପରେ ଶ୍ରୀକୃଷ୍ଣ ସକାଳେ ରୁକ୍ମିଣୀଙ୍କୁ କୋଳରେ ଧରି ଅଗ୍ନିଙ୍କୁ ପ୍ରଦକ୍ଷିଣ କରିଥିଲେ। ସେବେଠାରୁ ଶ୍ରୀମାଲୀ ସମାଜରେ କନ୍ୟାକୁ କୋଳରେ ଧରି ସାତଘେରା ବୁଲିବା ପରମ୍ପରା ଚଳି ଆସୁଛି। ଶ୍ରୀମାଲୀ ସମାଜର ଏହି ବିବାହ ଉତ୍ସବରେ ଅବିବାହିତ ଯୁବତୀ ଯୁବକମାନେ ଅଧିକ ସଂଖ୍ୟାରେ ଯୋଗଦେଇ ବେଦି ଚାରିପଟେ ପଡିଥିବା ଅରୁଆ ଚାଉଳକୁ ପ୍ରସାଦ ଭାବରେ ସେବନ କରିଥାଆନ୍ତି। ଏପରି କରିବା ଦ୍ୱାରା ସେମାନଙ୍କର ବିବାହ ଶୀଘ୍ର ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଚିରନ୍ତନୀ

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ!
ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
କି ଉଦ୍ଦେଶ୍ୟେ ଏ ସୃଷ୍ଟିର
କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଲେ
ଅବିଶ୍ରାମ ଧାଇଁଚାଲେ ପ୍ରାଣୀ।

(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ବିଶୃଙ୍ଖଳା ଅନ୍ତରାଳେ

ମହାଶୟ,

ପୁରୀ ଶ୍ରୀମନ୍ଦିରରେ ଡିସେମ୍ବର ୨୮ରେ ଘଟିଯାଇଥିବା ବିଶୃଙ୍ଖଳାରୁ ଏହା ପ୍ରତୀୟମାନ ହେଉଛି ଯେ, ୧୯୬୦ର ପୂର୍ବ ସମୟରେ ଶ୍ରୀମନ୍ଦିର ପରିଚାଳନା ଓ ସେବାପୂଜା ରାଜପରିବାର ତଥା ଗଜପତି ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଥିଲା। ବିଗତ ଦିନର ପରମ୍ପରା ଅଗଣିତ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କର ପ୍ରିୟଭାଜନ ହୋଇ ଆସୁଥିଲା। ଯାହା କିଛି ବି ବିଶୃଙ୍ଖଳା କେବେ କେମିତି ଦେଖାଦେଉଥିଲେ ମଧ୍ୟ ଗଜପତି ମହାରାଜାଙ୍କ ଶାସନ ପଦ୍ଧତି ଅନୁଯାୟୀ ତା'ର ତ୍ୱରିତ ସମାଧାନ ହୋଇଯାଉଥିଲା। କିନ୍ତୁ ଆଜିର ଶ୍ରୀମନ୍ଦିର ପରିଚାଳନାଗତ ବ୍ୟତିକ୍ରମ ପାଇଁ ପ୍ରଶାସନିକ ଅବହେଳା ଦାୟୀ। ତେଣୁ ପ୍ରତି କିଛିଦିନ ଅନ୍ତରାଳରେ ବ୍ୟତିକ୍ରମ ଓ ବିଶୃଙ୍ଖଳା ହେଉଛି। ଏସବୁର ସମ୍ପୂର୍ଣ୍ଣ ନିରାକରଣ ପାଇଁ ପୁନଃ ଗଜପତିଙ୍କ ହାତରେ ଶ୍ରୀମନ୍ଦିର ପରିଚାଳନା ଭାର ଅର୍ପଣ କରାଯାଇପାରିଲେ ହିଁ ସମସ୍ତ ବିଶୃଙ୍ଖଳାର ପରିସମାପ୍ତି ଘଟିପାରନ୍ତା।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

### ଉଧାରକୁ ବଦଳ

କଥାରେ ଅଛି ଉଧାରକୁ ବଦଳ କିମ୍ବା କାହାକୁ ଇଟାଟିଏ ପକେଇଲେ ତାହା ଲାଗି ପଥରଟିଏ ଥୁଆ। ପ୍ରାଚୁର୍ଯ୍ୟ ମଧ୍ୟରେ ରହି ମଣିଷ ଏ ସବୁକୁ ଭ୍ରୂକ୍ଷେପ କରେ ନାହିଁ। ମଣିଷ ଏ ଜନ୍ମରେ ନ ହଲେ ପରଜନ୍ମରେ କର୍ମଫଳ ଭୋଗ କରେ। ଗାନ୍ଧାରୀ ତାଙ୍କ ଶତପୁତ୍ରଙ୍କୁ ହରାଇ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଥିଲେ- ''ହେ କୃଷ୍ଣ! ତମେ ଚାହିଁଥିଲେ ମହାଭାରତ ଭଳି ଭୟଙ୍କର ଯୁଦ୍ଧକୁ ବନ୍ଦ କରିପାରିଥାନ୍ତ। କିନ୍ତୁ ତମେ ତାହା କଲ ନାହିଁ। ମୁଁ ମୋର ଶହେ ପୁଅଙ୍କୁ ହରାଇ ମର୍ମଭେଦୀ କଷ୍ଟ ଭୋଗ କରୁଛି। ତେଣୁ ମୁଁ ତୁମକୁ ଅଭିଶାପ ଦେଉଛି, ତୁମର ଯଦୁବଂଶ ଧ୍ୱଂସ ପାଇଯିବ।'' କୃଷ୍ଣ ତାହାକୁ ସାଦରେ ସ୍ୱୀକାର କରିଥିଲେ। କିନ୍ତୁ ଗାନ୍ଧାରୀଙ୍କୁ ତାଙ୍କ ପୂର୍ବଜନ୍ମର କର୍ମକୁ ଦର୍ଶାଇ ଦେଇଥିଲେ। ପୂର୍ବ ଜନ୍ମରେ ଗାନ୍ଧାରୀ ଶହେଟି କୁମ୍ଭୀର ଅଣ୍ଡାକୁ ଫୁଟାଇ ହତ୍ୟା କରିଥିଲେ। ଗାନ୍ଧାରୀ ବୁଝିଗଲେ ତାଙ୍କ ପ୍ରତି କୃଷ୍ଣ କିଛି ଅବିଚାର କରିନାହାନ୍ତି। ବରଂ ପୂର୍ବଜନ୍ମର କର୍ମଫଳକୁ ସେ ଏ ଜନ୍ମରେ ଭୋଗ କରୁଛନ୍ତି। ସମାଜର ବିଭିନ୍ନ ସ୍ତରରେ ଆଜି ଯେଉଁ ଅନ୍ୟାୟ ଆଉ ଅନୀତି ହେଉଛି ସରକାର ସେଥିପାଇଁ ସତର୍କତା ଅବଲମ୍ବନ କରି ନିଜକୁ ସୁଧାରିବା ସହିତ ସ୍କୁଲ କଲେଜର ପାଠ୍ୟଖସଡାରେ ନୈତିକ ଶିକ୍ଷା ପ୍ରଚଳନ କରାଇବା ଉଚିତ। ଅନ୍ୟଥା ମାନବିକ ମୂଲ୍ୟବୋଧ ରହିବ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 0 | | | 7 | | | | | | A | C | 6 |
| | | 9 | 2 | | B | | | | | 8 | | 4 | | 5 |
| 1 | 6 | | | | | 4 | | | | | | | | 9 |
| | | | | | A | | | | C | | 2 | | 8 | |
| | | 8 | | | 5 | | 0 | | 1 | B | 4 | | E | D |
| | 1 | | | 3 | | | | C | | | | | 6 | |
| 8 | | 0 | | | C | | 3 | | 6 | | | | | E |
| | | | | 0 | 7 | | 6 | | A | | 8 | 5 | 3 | |
| C | | D | | A | | | E | | | 2 | 7 | | | |
| | | | | | | | D | | 5 | | | 1 | | C |
| 4 | | | | 7 | | | | 3 | | 9 | | E | 0 | |
| | | 6 | | | | | | | | | D | | | 8 |
| | 3 | B | | | 6 | C | 2 | 9 | | 7 | | | | |
| | | C | | | D | | | 6 | | 0 | 3 | | A | B |
| | | E | | | | 0 | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | C | D | 7 | 0 | B | E | 6 | 1 | 9 | 8 | 2 | 3 | 4 |
| 3 | 2 | D | E | C | A | 9 | 8 | 0 | 6 | 4 | 7 | 1 | B | 5 |
| 8 | 6 | 0 | 4 | 9 | 5 | 1 | D | 3 | B | 2 | E | C | 7 | A |
| E | 1 | 4 | 6 | B | 2 | 7 | C | A | 5 | D | 3 | 0 | 9 | 8 |
| 9 | 7 | B | 1 | 8 | 3 | 2 | 5 | 4 | 0 | A | C | 6 | E | D |
| 0 | 5 | 6 | C | E | 9 | A | 1 | 7 | 3 | 8 | D | 4 | 2 | B |
| D | 8 | 7 | 3 | 6 | B | 4 | 9 | 5 | 2 | 0 | A | E | C | 1 |
| 2 | E | 1 | 8 | A | D | 0 | 6 | C | 7 | B | 4 | 9 | 5 | 3 |
| 4 | C | 3 | 7 | 5 | 1 | D | 2 | B | E | 6 | 9 | A | 8 | 0 |
| B | 9 | A | 0 | 2 | 4 | E | 3 | 8 | C | 5 | 1 | 7 | D | 6 |
| A | 4 | 2 | 5 | 1 | 8 | C | B | D | 9 | E | 0 | 3 | 6 | 7 |
| 6 | D | 8 | 9 | 0 | C | 3 | 4 | 2 | A | 7 | 5 | B | 1 | E |
| C | B | 9 | A | 4 | E | 5 | 7 | 1 | 8 | 3 | 6 | D | 0 | 2 |
| 1 | 3 | 5 | 2 | D | 7 | 6 | 0 | E | 4 | C | B | 8 | A | 9 |
| 7 | 0 | E | B | 3 | 6 | 8 | A | 9 | D | 1 | 2 | 5 | 4 | C |

ଗତକାଲିର ଉତ୍ତର

## ସଂକ୍ଷେପରେ

### ସବୁ ଗାଁରେ ପହଞ୍ଚିଲା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୧(ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ରାଜ୍ୟର ସବୁ ଗାଁରେ ପହଞ୍ଚିଛି। ରାଜ୍ୟରେ ଥିବା ୩୦ ଜିଲାର ୩୧୪ ବ୍ଲକକୁ ଏହି କାର୍ଯ୍ୟକ୍ରମ ମାଧମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ବ୍ଲକର ୬୭୯୮ ପଞ୍ଚାୟତର ୬୨, ୮୫୭ ପ୍ରକଳ୍ପ ପାଇଁ ୧୫୫୪.୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଲୋକମାନଙ୍କ ଉତ୍ସାହ ଓ ଅଂଶଗ୍ରହଣରେ ଦେଖି ଖୁସି ଲାଗୁଛି। ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହିତ ଲୋକମାନଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ଓ ବୈଷୟିକ ବିଦ୍ୟାର ପ୍ରୟୋଗର ଏକ ପ୍ରକୃଷ୍ଟ ଉଦାହରଣ। ଏହି କାର୍ଯ୍ୟକ୍ରମରେ ଲୋକଙ୍କ ସହ କଥା ହୋଇ, ଗାଁ ଲୋକଙ୍କ ପାଇଁ କାମ କରି ସେ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମଙ୍ଗଳବାର ସଚିବାଳୟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହୋଇଥିବା କାର୍ଯ୍ୟକ୍ରମରେ ୬ଟି ଜିଲାର ୮ଟି ବ୍ଲକ ପାଇଁ ୩୯.୫୩ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏହି ବ୍ଲକଗୁଡିକ ହେଉଛି-ନୟାଗଡ ଜିଲାର ଦଶପଲ୍ଲା, ଜଗତ୍‌ସିଂହପୁରର ସଦର ଏବଂ ନୂଆଗାଁ, ଝାରସୁଗୁଡାର ଲଖନପୁର, ବଲାଙ୍ଗୀରର ଖପ୍ରାଖୋଲ ଓ ବେଲପଡା, ଖୋର୍ଦ୍ଧାର ବାଲିପାଟଣା ଓ ରାୟଗଡା ଜିଲାର ଗୁଣୁପୁର ବ୍ଲକ ସାମିଲ। ଦଶପଲ୍ଲା ବ୍ଲକର ୨୦ ପଞ୍ଚାୟତ ପାଇଁ ୪.୭୫ କୋଟି ଟଙ୍କାରେ ୩୦୮ ପ୍ରକଳ୍ପ, ଜଗତ୍‌ସିଂହପୁର ସଦର ବ୍ଲକର ୨୯ ପଞ୍ଚାୟତ ପାଇଁ ୭.୨୫ କୋଟିରେ ୩୦୨ ପ୍ରକଳ୍ପ, ନୂଆଗାଁର ୧୬ ପଞ୍ଚାୟତ ପାଇଁ ୪ କୋଟି ଟଙ୍କାରେ ୧୫୪ ପ୍ରକଳ୍ପ ଏବଂ ଖପ୍ରାଖୋଲର ୨୧ ପଞ୍ଚାୟତ ପାଇଁ ୩.୪୭ କୋଟି ଟଙ୍କାରେ ୧୯୭ ପ୍ରକଳ୍ପ ମଞ୍ଜୁର କରାଯାଇଛି। ସେହିପରି ବେଲପଡାର ୨୫ ପଞ୍ଚାୟତ ପାଇଁ ୩.୮୬ କୋଟି ଟଙ୍କାରେ ୧୬୨ ପ୍ରକଳ୍ପ, ବାଲିପାଟଣା ବ୍ଲକର ୧୬ ପଞ୍ଚାୟତ ପାଇଁ ୪ କୋଟି ଟଙ୍କାରେ ୧୫୬ ପ୍ରକଳ୍ପ , ଲଖନପୁରର ୩୨ ପଞ୍ଚାୟତ ପାଇଁ ୮ କୋଟି ଟଙ୍କାରେ୨୬୨ ପ୍ରକଳ୍ପ ଏବଂ ଗୁଣୁପୁର ବ୍ଲକର ୧୯ ପଞ୍ଚାୟତ ପାଇଁ ୪.୨୦ କୋଟି ଟଙ୍କାରେ ୧୭୪ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହିପରି ଭାବେ ୮ଟି ବ୍ଲକର ୧୭୧୫ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି।

### ଗୋପୀନାଥ ରେମୁଣା ବ୍ଲକ ବିଜେଡି ସଭାପତି

ଭୁବନେଶ୍ୱର,୨୨।୧(ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ବିଜେଡି ସଭାପତି ଭାବେ ଗୋପୀନାଥ ସେନାପତି ଓ କାର୍ଯ୍ୟକାରୀ ସଭାପତି ଭାବେ ଦିଲ୍ଲୀପ କୁମାର ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟ ସମ୍ପାଦକ ବିଜୟ ନାୟକ ଏନେଇ ଗଣମାଧ୍ୟମକୁ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

### ପୁଅର କାଠଫାଳିଆ ମାଡରେ ବାପା ମୃତ

ମାଥିଲି, ୨୨।୧ (ସ୍ୱ.ପ୍ର.): ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କର୍ତ୍ତନପାଲି ପଞ୍ଚାୟତ କୋପ୍ରା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି । ପୁଅର କାଠ ଫାଳିଆ ମାଡରେ ବାପାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସମାରୁ ନାୟକ (୬୨) । ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ କୋପ୍ରା ଗ୍ରାମର ନିଲମ ନାୟକ (୨୮) କୌଣସି କାରଣରୁ ନିଜ ସ୍ତ୍ରୀଙ୍କ ସହିତ ବଚସା କରୁଥିଲେ । ସ୍ତ୍ରୀଙ୍କୁ ମାଡ ମାରୁଥିବାବେଳେ ନିଲମଙ୍କ ବାପା ସମାରୁ ଓ ତାଙ୍କ ମାଆ ଛଡାଇଥିଲେ । ବୋହୂକୁ କାହିଁକି ବିନା କାରଣରେ ମାରୁଛୁ ବୋଲି ସମାରୁ ପଚାରିଥିଲେ। ଏହାକୁ ନେଇ ବାପପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ନିଲମ ନିକଟରେ ଥିବା ଏକ କାଠଫାଳିଆରେ ସମାରୁଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ଘଟଣା ସ୍ଥଳରେ ହିଁ ସମାରୁଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ନିଲମଙ୍କୁ ଧରି ଆଣି ଥାନାରେ ଅଟକ ରଖିଛି । ମୃତଦେହ ଜବତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି । ଏ ନେଇ କେସ୍ ନଂ ୧୦/୧୯, ଧାରା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଜନ ଖୁଜୁର କହିଛନ୍ତି ।

# ଅସହଯୋଗରୁ ହୋଇପାରୁନି କୋଷ୍ଟାଲ ହାଇୱେ

## ■ ପ୍ରଧାନମନ୍ତ୍ରୀଙ୍କୁ ସୁନାମ ମିଳିଯିବା ଭୟ ଘାରୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ଓଡ଼ିଶାରେ କୋଷ୍ଟାଲ ହାଇୱେ ରାଜ୍ୟ ସରକାର ନିର୍ମାଣ କରାଇ ଦେଉନାହାନ୍ତି। ଦୀଘାରୁ ଗୋପାଳପୁର ୪୧୫ କିମି କୋଷ୍ଟାଲ ହାଇୱେ ନିର୍ମାଣକୁ ସରକାର ବିରୋଧ କରୁଛନ୍ତି । ୯ହଜାର କୋଟିର ଏହି ପ୍ରକଳ୍ପ ହୋଇଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଳେ ସୁନାମ ନେଇଯିବେ ସେଥିପାଇଁ ଏହି ପ୍ରକଳ୍ପକୁ କରାଇ ନ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଷଡଯନ୍ତ୍ର କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ରାଜ୍ୟର ବିକାଶ ପାଇଁ କେନ୍ଦ୍ରକୁ ସହଯୋଗ କରନ୍ତୁ । କେନ୍ଦ୍ର ସରକାର ଓଡିଶା ଉପରେ ବିଶେଷ ଧ୍ୟାନ ଦେଇଛନ୍ତି । ବିଗତ କିଛିଦିନ ମଧ୍ୟରେ ଓଡିଶାର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ପ୍ରଧାନମନ୍ତ୍ରୀ ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କେତେକ ପ୍ରକଳ୍ପ ଲୋକାର୍ପଣ କରିବା ସହ କାର୍ଯ୍ୟ ଆରମ୍ଭ ହୋଇଛି । ମାତ୍ର ରାଜ୍ୟ ସରକାର ଈର୍ଷା ପରାୟଣ ହୋଇ ମୋଦି ସରକାରଙ୍କ କାମକୁ



କରେଇ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ଟଙ୍କା ଓଡ଼ିଶାରେ ଖର୍ଚ୍ଚ ନ ହେଉ ପଛେ ସେମାନେ ମୋଦିଙ୍କ ଉପରେ ଈର୍ଷା କରିବେ ଏଭଳି ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେଇଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି ।

ଧର୍ମେନ୍ଦ୍ର କହିଛନ୍ତି ଯେ, ସମୁଦ୍ର ହେଉଛି ଉପକୂଳ ଓଡିଶାର ପୁଞ୍ଜି । ରାଜ୍ୟରେ ୪୧୫ କିମି ସମୁଦ୍ର ଉପକୂଳ ରହିଛି । ଦୀଘାରୁ ଗୋପାଳପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ୨୦୧୬ରେ ସଡକ, ପରିବହନ ମନ୍ତ୍ରଣାଳୟ ଭାରତମାଳା ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରି ଏହାର କାର୍ଯ୍ୟ ଆରମ୍ଭ କଲେ । ଏଥିପାଇଁ କନ୍ସଲଟାଣ୍ଟ ନିଯୁକ୍ତି କରାଗଲା ଏବଂ ପ୍ରସ୍ତାବିତ ଆଲାଇନମେଣ୍ଟ ମଧ୍ୟ ତିଆରି ହେଲା । ସେହି ଆଲାଇନମେଣ୍ଟର ପ୍ରଥମ ବୈଠକ ଓଡିଶାର ତତ୍କାଳୀନ ଆଡିସିନାଲ୍ ଚିଫ୍ ସେକ୍ରେଟାରୀ ତଥା ଡେଭେଲପମେଣ୍ଟ କମିଶନରଙ୍କ ସହ ବସିଥିଲା। ରାଜ୍ୟ ସରକାରଙ୍କ ଆଗରେ ଭଦ୍ରକ, ବାଲେଶ୍ୱର ଜିଲାପାଳ, ଚିଲିକା ଡେଭେଲପମେଣ୍ଟ ଅଥରିଟି କେନ୍ଦ୍ରୀୟ ଅଧିକାରୀମାନେ ଏହାର ପ୍ରାଥମିକ ପ୍ରେଜେଣ୍ଟେସନ ଦେଲେ। ଉକ୍ତ ଆଲାଇନମେଣ୍ଟକୁ ବୈଠକରେ ପ୍ରଶଂସା କରାଗଲା। ପରବର୍ତ୍ତୀ ସମୟରେ ଏହାକୁ ଜାତୀୟ ରାଜପଥଭାବେ ଘୋଷଣା କରାଗଲା। ଏହାସହ ଜମି ଅଧିଗ୍ରହଣ ପାଇଁ ରାଜ୍ୟ ସରକାରଙ୍କ ପରାମର୍ଶରେ ୧୫ ଜଣ କମ୍ପିଟେଣ୍ଟ ଅଥରିଟିଙ୍କୁ ନିଯୁକ୍ତ ମଧ୍ୟ କରାଗଲା। ୨୦୧୭ରେ ତୃଣମୂଳସ୍ତରରେ ଏହି କାମ ଚାଲିଲା । ୨୦୧୭ରେ ଏଡିଏମ ଗଞ୍ଜାମ, କେତେଜଣ ଜିଲାପାଳ, ତତ୍କାଳୀନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା, ମହେଶ୍ୱର ମହାନ୍ତିଙ୍କ ସହ ବିଭିନ୍ନସ୍ତରରେ ବୈଠକ ବସିଥିଲା। ଓଡିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ମଧ୍ୟ ଏହାକୁ ପ୍ରଶଂସା କଲେ। ୨୪ଏପ୍ରିଲ ୨୦୧୮ରେ ମନ୍ତ୍ରଣାଳୟର ସଚିବ ଏଥିପାଇଁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହି ନିର୍ଦ୍ଦେଶ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଉକ୍ତ ତଥ୍ୟ ବିଷୟରେ ଅବଗତ କରାଗଲା । ଏହି ପ୍ରକଳ୍ପଗୁଡିକ ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ଅଧିଗ୍ରହଣ, ସିଆରଜେଡ୍, ୟୁଟିଲିଟି ସିଫିଙ୍ଗ ୪ଟି ସହାୟତା ରାଜ୍ୟକୁ ମଗାଯାଇଥିଲା । ଏନ୍‌ଏଚ୍‌ଏଆଇ ମଧ୍ୟ ଏକ ଚିଠି ଏଥିପାଇଁ ରାଜ୍ୟ ସରକାରଙ୍କୁ ମଧ୍ୟ ଦେଇଥିଲେ । ୧୯୫୬ ଆକ୍ଟ ବଳରେ ସମସ୍ତଙ୍କ ପରାମର୍ଶ ପରେ ଆଲାଇନମେଣ୍ଟ ଫାଇନାଲ କରିବାର ଅଧିକାର ଭାରତ ସରକାରଙ୍କ ପାଖରେ ଅଛି। ଚିଲିକା ଉପରେ ବିଶେଷ କରି କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ଅଞ୍ଚଳକୁ ଯୋଡିବାକୁ ପ୍ରାୟ ୫୦୦ କୋଟି ଟଙ୍କା ଖର୍ଚ୍ଚରେ ଏକ ବ୍ରିଜ୍ ବ୍ରହ୍ମପୁରା ଓ ମଇଷା ଗାଁ ଦେଇ ହୋଇଥାନ୍ତା। ଏଥିପାଇଁ ଜମି ଦରକାର ନ ଥିଲେ ସୁଦ୍ଧା ସିଆରଜେଡ୍ ଅନୁମତିର ଆବଶ୍ୟକତା ଥିଲା। ଓଡିଶା କୋଷ୍ଟାଲ ଜୋନ୍ ଅଥରିଟି ଏଥିପାଇଁ ଅନୁମତି ଦେବା ଦରକାର ଥିଲା । ହେଲେ ଏଥିପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ରାଜ୍ୟ ସରକାର ଅସହଯୋଗ ପାଇଁ ଏହା ହୋଇପାରୁ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ■ ସାଧାରଣ ନିର୍ବାଚନ ୨୦୧୯

# ବିଜେଡି ବହୁତ ଭଲ ପ୍ରଦର୍ଶନ କରିବ:ନବୀନ

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ସାଧାରଣ ନିର୍ବାଚନକୁ ପ୍ରାୟ ୧୦୦ ଦିନରୁ କମ୍ ସମୟ ରହିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୦୪ରୁ ଓଡ଼ିଶାରେ ଲୋକ ସଭା ସଙ୍ଗରେ ବିଧାନସଭା ନିର୍ବାଚନ ହୋଇଆସୁଛି। ତେଣୁ ରାଜ୍ୟରେ ନିର୍ବାଚନକୁ ନେଇ ଉତ୍ସାହ ଦେଖିବାକୁ ମିଳିଥାଏ। ରାଜ୍ୟରେ ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ଏ ସମ୍ପର୍କିତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶ୍ନରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଚିବାଳୟରେ ଦେଇଥିବା ମନ୍ତବ୍ୟ ଶାସକ ଦଳକୁ ଉତ୍ସାହିତ କରିଛି। ସେ କହିଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ବହୁତ ଭଲ ସଫଳତା ପାଇବ। ଉଭୟ ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଦଳ ଭଲ କରିବ।

କିଛିଦିନ ତଳେ କେତେକ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରେ ବିଜେଡି ଅନ୍ୟ ଦଳ ଅପେକ୍ଷା ଉତ୍ତମ ସ୍ଥିତିରେ ଥିବା ଆକଳନ କରାଯାଇଛି। ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ ବିଜେଡିକୁ କଡ଼ା ମୁକାବିଲା କରିବା ପାଇଁ ଚେଷ୍ଟା



କରାଯାଉଛି। ନିର୍ବାଚନକୁ ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ ହେବା ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ନବୀନବାବୁଙ୍କ କୌଣସି ଆଦର୍ଶ ନାହିଁ। ତାଙ୍କ ଦଳରେ ନେତା ନ ଥିବାରୁ ଅନ୍ୟ ଦଳର ନେତାଙ୍କୁ ଆଣୁଛନ୍ତି। ୧୯ ବର୍ଷରେ କୌଣସି ନେତା ତିଆରି କରିପାରି ନାହାନ୍ତି। ତେଣୁ ଆସନ୍ତା ନିର୍ବାଚନରେ ବିଜେଡି ସଫଳତା ପାଇବ ନାହିଁ ବୋଲି ନିରଞ୍ଜନ କହିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାରେ ଥିବା ୪୦ଟି ବିଧାନସଭା ଆସନ ଭାଜପା ଜିତିବ ବୋଲି ଦୁଇଦିନ ତଳେ ଦଳର ବରିଷ୍ଠ ନେତା ସୁରେଶ ପୂଜାରୀ ମତ ରଖିଥିଲେ।

# ‘ନିର୍ବାଚନୀ ଚାନ୍ଦା ପାଇଁ ଭାଜପାର ଅଭିସନ୍ଧି’

ଭୁବନେଶ୍ୱର,୨୨।୧(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦିଲ୍ଲୀରେ ଓଡ଼ିଶାର ଉପକୂଳ ରାଜପଥ (କୋଷ୍ଟାଲ ହାଇୱେ) ବାବଦରେ କରିଥିବା ଖବରଦାତା ସମ୍ମିଳନୀ କେତେକ ଠିକାଦାରଙ୍କ ଦ୍ୱାରା ପ୍ରାୟୋଜିତ। ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଅଭ୍ୟାସଗତ ଭାବେ ମିଛୁଆ। ତାଙ୍କ ଦ୍ୱାରା କୋଷ୍ଟାଲ ହାଇୱେ ସମ୍ପର୍କରେ ଦିଲ୍ଲୀରେ ରଖାଯାଇଥିବା ମନ୍ତବ୍ୟ ଅମୂଳକ ଓ ଭିତ୍ତିହୀନ। ବିଜେଡିର ବରିଷ୍ଠ ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଏହି ମନ୍ତବ୍ୟ ଦେଇଛନ୍ତି। ।

ପ୍ରତାପ କହିଛନ୍ତି ଯେ, ତରବରିଆ ଭାବରେ କୋଷ୍ଟାଲ ହାଇୱେର ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରାଯାଉଛି। ଭାଜପା ନିର୍ବାଚନୀ ଖର୍ଚ୍ଚ ବାହାର କରିବା ପାଇଁ ଏହା ଅଭିସନ୍ଧି। ୨୦୧୫ରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏହାର ନିର୍ମାଣକୁ ନେଇ ଯେଉଁ ବିବୃତି ରଖିଥିଲେ, ତାହା କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ପାଇ ଦୀର୍ଘ ଅଢ଼େଇ ବର୍ଷ ଲାଗିଥିଲା। କାହିଁକି ଏ ପ୍ରକାର ବିଳମ୍ବ ହେଲା, ତାହା କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ରାଜ୍ୟର ପୁରୁଣା ରାସ୍ତାକୁ ନବୀକରଣ କରି ତାହାକୁ କୋଷ୍ଟାଲ ହାଇୱେର ଆଖ୍ୟା ଦେଇ ଏକ ଅସଫଳ ପ୍ରୟାସ କରାଯାଉଛି। ତାହା ପରୋକ୍ଷରେ ଠିକାଦାର ପୋଷିବା ନୀତିକୁ ପଦାରେ ପକାଉଛି। ଓଡ଼ିଶା ସରକାରଙ୍କ ବିନା ଅବଗତରେ ତରବରିଆ ଭାବେ କାର୍ଯ୍ୟ କରାଯାଉଛି। ଏହିପରି ହେଲେ ଉପକୂଳ ଓଡ଼ିଶାର ହଜାର ହଜାର ଘର ଓ ଗାଁ କ୍ଷତିଗ୍ରସ୍ତ ହେବ। କେନ୍ଦ୍ର ସରକାରଙ୍କ ଏନ୍‌ଏଚଏଆଇ ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ପଥ ନିର୍ଦ୍ଧାରଣର ତଥ୍ୟ ଓ ବିବରଣୀ ସହିତ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରନ୍ତୁ ବୋଲି ପ୍ରତାପ କହିଛନ୍ତି। ଅପରପକ୍ଷରେ ମନ୍ତ୍ରୀ ଜେନା ତଥ୍ୟଭିତ୍ତିକ ଉତ୍ତର ରଖି ନ ଥିବା ଅଭିଯୋଗ କରିଛି ଭାଜପା। ରାଜ୍ୟ ସରକାର କୋଷ୍ଟାଲ ହାଇୱେ କାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଗୋଲକ ମହାପାତ୍ର କହିଛନ୍ତି।

# ସାପ ଗ୍ୟାଙ୍ଗ୍‌ର ମୁଖ୍ୟ ବାବୁଙ୍କୁ ଏନ୍‌କାଉଣ୍ଟର

ରାଜନଗର(ଡି.ଏନ୍.ଏ.)/
କେନ୍ଦ୍ରାପଡ଼ା ଅଫିସ, ୨୨।୧

କେନ୍ଦ୍ରାପଡା ଜିଲା ଅପରାଧ ଦୁନିଆରେ ନୂଆକରି ପାଦ ଥାପିଥିବା ସାପ ଗ୍ୟାଙ୍ଗ୍‌ର ମୁଖ୍ୟ ସଞ୍ଜୟ ବିଶ୍ୱାଳ ଓରଫ ବାବୁ (୩୨)ଙ୍କୁ ଜିଲା ପୋଲିସ ମଙ୍ଗଳବାର ଭୋର ସାଢେ ୪ଟା ସମୟରେ ରାଜନଗର ବ୍ଲକର କୁରୁଣ୍ଟିଠାରେ ଏନ୍‌କାଉଣ୍ଟର କରିଛି । ବାବୁଙ୍କ ବାମ ଗୋଡର ଆଣ୍ଠୁ ଉପରେ ଦୁଇଟି ଓ ତଳକୁ ଗୋଟିଏ ଏପରି ମୋଟ ୩ ଟି ଗୁଳି ବାଜିଛି। ଏନ୍‌କାଉଣ୍ଟର ପରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାବୁଙ୍କ ନିକଟରୁ ଗୋଟିଏ ସିଙ୍ଗଲ ସଟ୍‌ପିସ୍ତଲ, ବ୍ୟବହୃତ ଗୁଳିର ତିନୋଟି ଖୋକା ଓ ଏକ ନମ୍ବର ବିହୀନ ଗ୍ଳାମର ମୋଟର ସାଇକେଲ ଜବତ ହୋଇଛି। ତାଙ୍କ ନାମରେ କେନ୍ଦ୍ରାପଡା ଓ ଭଦ୍ରକ ଜିଲାର ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ଥିବା ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ରଞ୍ଜନ କୁମାର ଦେ ସୂଚନା ଦେଇଛନ୍ତି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ସକାଳେ ରାଜନଗର ବ୍ଲକ କଣ୍ଡିରାଠାରେ ଚିଙ୍ଗୁଡି ଘେରିକୁ ନେଇ ଗୁଳିକାଣ୍ଡ ହୋଇଥିଲା । ଏହି ଗୁଳିକାଣ୍ଡରେ କଣ୍ଡିରା ଗ୍ରାମର କାଳନ୍ଦୀ ସେଠୀଙ୍କ ପୁଅ କିଶୋର(୩୫)ଙ୍କ ମୃତ୍ୟୁ ହୋଇଥିବା ବେଳେ ଗ୍ରାମବାସୀ ସାପ ଗ୍ୟାଙ୍ଗ୍‌ର ସାର୍ପସୁଟର ସିପୁନ ସ୍ୱାଇଁଙ୍କୁ ଧରି ନେଇ ପୋଲିସ ଜିମା ଦେଇଥିଲେ । ଏହି ଘଟଣାକୁ ନେଇ ଏସପି ନୀତିଶେଖରଙ୍କ ନିର୍ଦ୍ଦେଶ ମୁତାବକ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍‌ର ଏସଆଇ ପି. କେ. କାନୁନଗୋ, ରାଜନଗର ଥାନା ଅଧିକାରୀ ସୁକାନ୍ତ ପାତ୍ର, ରାଜକନିକା ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ ଓ ଆଳି ଥାନା ଆଇଆଇସି ମହେଶ୍ୱର ମଲ୍ଲିକଙ୍କୁ ନେଇ ଗଠିତ ଟିମ୍ ତନାଘନା କରିଥିଲେ । ତେବେ ପେଣ୍ଠ ଅଞ୍ଚଳରେ ଲୁଚିଥିବା ବାବୁ ଭୋର ସମୟରେ ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତା ଦେଇ ଏକ ସବୁଜ ରଙ୍ଗର ନମ୍ବରବିହୀନ ମୋଟର ସାଇକେଲରେ କେନ୍ଦ୍ରାପଡା ଅଭିମୁଖେ ଆସୁଥିଲେ । ଏହି ଖବର ପାଇ ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟିଠାରେ ପୋଲିସ ଟିମ୍ ଜଗି ରହିଥିଲେ। ସେଠାରେ ବାବୁ ଓ ପୋଲିସ ମଧ୍ୟରେ ଗୁଳି ଚାଳନା ହୋଇଥିଲା । ବାବୁ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ ହେଁ ତାହା କାହାରି ଦେହରେ ବାଜି ନ ଥିଲା । ରାଜନଗର ଆଇଆଇସି ପାତ୍ର ବାବୁଙ୍କୁ ରୋକିବା ପାଇଁ



ଡାକ୍ତରଖାନାରେ ଆହତ ବାବୁ।

ଫାଙ୍କା ଗୁଳି ଚଳାଇଥିଲେ । ପରେ ପୋଲିସ ତାଙ୍କ ବାମ ଗୋଡକୁ ଲକ୍ଷ୍ୟ କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲା । ଆହତ ହେବା ପରେ ବାବୁ ସ୍ପେଶାଲ ସ୍କ୍ୱାଡ୍ କବ୍‌ଜାକୁ ଆସିଥିଲେ । ଘଟଣାସ୍ଥଳରେ ମୋଟର ସାଇକେଲ, ପିସ୍ତଲ ଓ ଖୋକା ପଡିଥିଲା । ଅପରାହ୍ନ ୨ଟାରେ ସାଇଣ୍ଟିଫିକ୍ ଟିମ୍ ଏନ୍‌କାଉଣ୍ଟର ସ୍ଥଳରେ ପହଞ୍ଚି ଖୋକା, ପିସ୍ତଲ ଓ ମୋଟର ସାଇକେଲ ଜବତ କରିଛି। ବାବୁଙ୍କ ନାମରେ ହତ୍ୟାକାଣ୍ଡ, ଦାଦାବଟି, ମାଡମାରିବା, ମୋଟର ସାଇକେଲ ଚୋରି କରିବା ଆଦି ମାମଲା ରହିଥିବା ଏସ୍‌ଡିପିଓ ଦେ ସୂଚନା ଦେଇଛନ୍ତି। ବାବୁଙ୍କ ଘର ଆଳି ବ୍ଲକର ପତ୍ରପୁର ଗ୍ରାମରେ ବୋଲି ଜଣାଯାଇଛି । ଏ ନେଇ ରାଜନଗର ଥାନା ଆଇଆଇସି ପାତ୍ରଙ୍କ ଏତଲାକୁ ଆଧାର କରି ସ୍ଥାନୀୟ ଥାନାରେ କେଶ ନଂ ୧୩/୨୦୧୯ ଦଫା ୩୦୭, ୩୫୭,୨୫, ୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି। କଣ୍ଡିରା ଗୁଳିକାଣ୍ଡ ଓ ଏନ୍‌କାଉଣ୍ଟର ମାମଲାର ତଦନ୍ତ ଭାର ଏସ୍‌ଡିପିଓ ଦେ ନେଇଛନ୍ତି ।

ସୂଚନାଯୋଗ୍ୟ ଯେ, ରାଜନଗର ଅଞ୍ଚଳରେ ସୋମବାର ଓ ମଙ୍ଗଳବାର ଗୁଳି ଫୁଟିଛି। ସୋମବାର ରାଜନଗର ଅଞ୍ଚଳରେ ସାପ ଗ୍ୟାଙ୍ଗର ଅପରାଧୀମାନଙ୍କ ଦ୍ୱାରା କଣ୍ଡିରା ଗ୍ରାମର କିଶୋରଙ୍କୁ ହତ୍ୟା କରାଯିବା ପରେ ପୋଲିସ ମଙ୍ଗଳବାର ଭୋରରୁ ଅପରାଧୀମାନଙ୍କୁ ଧରିବା ପାଇଁ ତନାଘନା କରିଥିଲା । ଗିରଫ ହୋଇଥିବା ସିପୁନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିଥିଲା। ଅପରାଧୀମାନେ ରାଜନଗର ଅଞ୍ଚଳରେ ଥିବା ଖବରପାଇ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଜିଲା ପୋଲିସ ଗତବର୍ଷ ମେ ମାସରୁ ଅଦ୍ୟାବଧି ଜିଲାର ବିଭିନ୍ନ ସ୍ଥାନରେ ୫ଟି ଏନ୍‌କାଉଣ୍ଟର କରି ଚର୍ଚ୍ଚାକୁ ଆସିଛି । ରାଜନଗର ଅଞ୍ଚଳରେ ଏହା ଦ୍ୱିତୀୟ ଏନ୍‌କାଉଣ୍ଟର ବୋଲି ଜଣାଯାଇଛି । ପୂର୍ବରୁ ୨୦୦୬ ମସିହାରେ ରାଜନଗର ବ୍ଲକର କୃଷ୍ଣନଗର ଠାରେ ଟିଟୋ ଗ୍ୟାଙ୍ଗ୍‌ର ଜଣେ ଅପରାଧୀଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା।

## ■ ଶ୍ରୀକ୍ଷେତ୍ରରେ କଂସ ମହାରାଜ

# ମହୋଦଧିରେ ସ୍ନାନ କରି ପ୍ରାୟଶ୍ଚିତ୍ତ କଲେ



କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପଧାନ ମହାପ୍ରଭୁଙ୍କ ନିକଟରେ କ୍ଷମାପ୍ରାର୍ଥନା କରୁଛନ୍ତି।

ପୁରୀ ଅଫିସ,୨୨।୧

**ମହାପ୍ରଭୁଙ୍କୁ କ୍ଷମା ମାଗିଲେ, ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆଶୀର୍ବାଦ ନେଲେ**

ସର୍ବବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ସୋମବାର ଶେଷ ହୋଇଛି। ଏଥିରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପଧାନ ମଙ୍ଗଳବାର ପୁରୀ ଆସି ମହୋଦଧିରେ ସ୍ନାନକରି ନିଜ ପାପର ପ୍ରାୟଶ୍ଚିତ୍ତ କରିଛନ୍ତି। ଅଭିନୟରେ ଭଗବାନ କୃଷ୍ଣ ବଳରାମଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିନ୍ଦା ସୂଚକ ଶବ୍ଦ ପାଇଁ ଅନୁତାପ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏଥିସହ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ନିକଟରେ ଭୁଲ୍ ସ୍ୱୀକାର କରି ତାଙ୍କଠାରୁ ଆଶୀର୍ବାଦ ନେଇଛନ୍ତି।

ମଙ୍ଗଳବାର ସକାଳେ ଭୁବନେଶ୍ୱର ପ୍ରଥମେ ଗୋବର୍ଦ୍ଧନ ମଠରେ ପହଞ୍ଚିଥିଲେ। ସେଠାରୁ ଯାଇ ମହୋଦଧିରେ ସ୍ନାନ ସାରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ କରିଥିଲେ। ଅଭିନୟରେ ସେ କୃଷ୍ଣ ବଳାରାମଙ୍କ ପ୍ରତି ଯେଉଁ କଟୁ ମନ୍ତବ୍ୟ ଦେଇଥିଲେ ତାହାର ପଶ୍ଚାତ୍ତାପ କରି ଶଙ୍କରାଚାର୍ଯ୍ୟଙ୍କ ଶରଣାପନ୍ନ ହୋଇ ଆଶୀର୍ବାଦ ନେଇଥିଲେ। ଶଙ୍କରାଚାର୍ଯ୍ୟ ତାଙ୍କୁ ଏକ ଉତ୍ତରୀୟ ପ୍ରଦାନ କରିଥିଲେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି କ୍ଷମାପ୍ରାର୍ଥନା ମଧ୍ୟ କରିଥିଲେ।

ପୁରୀକୁ ଆସିବା ସମ୍ପର୍କରେ କଂସ ମହାରାଜ କୁହନ୍ତି, କୃଷ୍ଣ ହେଉଛନ୍ତି ସ୍ୱୟଂ ନାରାୟଣ । ଧନୁଯାତ୍ରାର ୧୧ ଦିନ ଧରି ପ୍ରଭୁ ନାରାୟଣଙ୍କୁ ସମସ୍ତେ ଭକ୍ତି କରୁଥିବାବେଳେ ମୁଁ ତାଙ୍କୁ ଗାଳି, ଈର୍ଷା, ଭର୍ତ୍ସନା, ନିନ୍ଦା ଆଉ କଟୁ ମନ୍ତବ୍ୟ ଦେଇ ବଦ୍‌ନାମ କରିଛି। ଶେଷରେ ମାରିଦେବା ପାଇଁ ଅସି ଉତ୍ତୋଳନ କରିଛି। ଏହି କଳିଯୁଗରେ ଯଦି ଭଗବାନଙ୍କ ସହ ଏପରି ଆଚରଣ କେହି କରେ ତେବେ ତାହାଠୁ ବଳି ମହାପାପୀ ଆଉ ଦୁନିଆରେ କେହି ନୁହଁନ୍ତି। ତେଣୁ ସେହି ପାପରୁ ମୁକ୍ତିପାଇବା ପାଇବା ପାଇଁ ଶ୍ରୀକ୍ଷେତ୍ର ଧାମ ଆସିଛି। ମହୋଦଧିରେ ସ୍ନାନ କରି ପାପର ପ୍ରାୟଶ୍ଚିତ୍ତ କରିଛି।

# ପୁଣି ସେବାଶ୍ରମ ସ୍କୁଲରେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ

ମାଲକାନଗିରି, ୨୨।୧(ଡି.ଏନ.ଏ.)

ମାଲକାନଗିରି ଜିଲାରେ ଛାତ୍ରୀଙ୍କ ପ୍ରତି ଅସଦାଚରଣ ଘଟଣା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ ୨୦ ତାରିଖରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯିବା ନେଇ ଅଭିଯୋଗ ହେବା ପରେ ଜିଲା କ୍ରୀଡ଼ା ଅଧିକାରୀ ଜ୍ଞାନେନ୍ଦ୍ର ପ୍ରସାଦ ବଡ଼େଇ ଗିରଫ ହୋଇଥିଲେ। ଏହାର ଗୋଟିଏ ଦିନ ପରେ ପୁଣି ଏପରି ଏକ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଘଟଣାରେ ଡିଡବ୍ଲ୍ୟୁଓ ପ୍ରଦୀପ କୁମାର ପଣ୍ଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି। ପୋଲିସ ସହକାରୀ ଶିକ୍ଷକଙ୍କୁ ଗିରଫ କରିଥିବା ବେଳେ ପ୍ରଧାନଶିକ୍ଷକଙ୍କୁ ନୋଟିସ୍ ଜାରି କରିଛି।

ମିଳିଥିବା ସୂଚନା ଅନୁଯାୟୀ ଜିଲା ସଦର ବ୍ଲକ ଅନ୍ତର୍ଗତ ଗଙ୍ଗଲା ଆଶ୍ରମ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ସମ୍ପୃକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଜୟ କୁମାର ଦାସ ଅସଦାଚରଣ କରିଥିବା ମାଲକାନଗିରି ଥାନାରେ ଅଭିଯୋଗ ହୋଇଛି। ଏଥିସହ

■ସହକାରୀ ଶିକ୍ଷକ ଗିରଫ
■ପ୍ରଧାନ ଶିକ୍ଷକଙ୍କୁ ନୋଟିସ
■ଉଭୟେ ନିଲମ୍ବିତ

ପ୍ରଧାନଶିକ୍ଷକ ପ୍ରଭାତ କିରଣ ଲାକ୍ରା ତାଙ୍କୁ ଗାଳିଗୁଲଜ କରିଥିବା ମଧ୍ୟ ଛାତ୍ରୀ ଜଣକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏପରି ଘଟଣା ଗତ ଅଗଷ୍ଟ ୧୦ରେ ଘଟିଛି। ଏହାକୁ ଭିତ୍ତି କରି ପୋଲିସ କେସ୍ ନଂ ୧୫/୧୯ରେ ଏକ ମାମଲା ରୁଜୁ କରି ଉଭୟ ଶିକ୍ଷକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି। ତଦନ୍ତ ବେଳେ ପ୍ରଧାନଶିକ୍ଷକ ଲାକ୍ରା କେବଳ ଛାତ୍ରୀଙ୍କୁ ଗାଳିଗୁଲଜ କରିଥିବାରୁ ତାଙ୍କୁ ପୋଲିସ ନୋଟିସ ଦେଇଛି । ତେବେ ସହକାରୀ ଶିକ୍ଷକ ଦାସ ନାବାଳିକାଙ୍କୁ ଅସଦାଚରଣ କରିଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନ ୩୫୪/୨୯୪/୩୪ ଓ ପୋକ୍ସୋ ଆକ୍ଟ ସହ ଏସ.ସି., ଏସ.ଟି. ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ସହକାରୀ ଶିକ୍ଷକ ଦାସଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

## ■ ଭୁବନେଶ୍ୱର ବିମାନବନ୍ଦରରେ ଇ-ଭିଜା ସେବା

# ଅନ୍ତର୍ଜାତୀୟ ବିମାନ ସେବା ବଢ଼ିବା ଆଶା

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ବହୁ ପ୍ରତୀକ୍ଷିତ ଇ-ଭିଜା ସେବା ଭୁବନେଶ୍ୱର ବିମାନବନ୍ଦରରେ ଆରମ୍ଭ ହେବା ପରେ ରାଜ୍ୟ ପର୍ଯ୍ୟଟନ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଇ-ଭିଜା ସେବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର(ବିପିଆଇଏ)କୁ ଅନୁମତି ମିଳିଥିବା ବେଳେ ଜାନୁୟାରୀ ୧୬ରୁ ବିମାନବନ୍ଦର ପରିସରରେ ଆରମ୍ଭ ହୋଇଛି ଇ-ଭିଜା କାଉଣ୍ଟର। ପୂର୍ବରୁ ଏହି ସୁବିଧା ଉପଲବ୍ଧ ନ ଥିବାରୁ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିବାରେ ବିଶେଷ ସମସ୍ୟା ସୃଷ୍ଟି ହେଉଥିଲା। ଏବେ ବିନା କୌଣସି ପ୍ରତିବନ୍ଧକରେ ବିଦେଶୀ ପର୍ଯ୍ୟଟକଙ୍କୁ ସିଧାସଳଖ ପ୍ରବେଶ ଅନୁମତି ମିଳିବ। ଇ-ଭିଜା ସେବା ଆରମ୍ଭ ହେବା ଦ୍ୱାରା ଓଡ଼ିଶାକୁ ବିଦେଶୀଙ୍କ ଆଗମନ ବୃଦ୍ଧି ହେବ ବୋଲି ରାଜ୍ୟ ସରକାର ଆଶା ରଖିଥିବା ବେଳେ ଭୁବନେଶ୍ୱର ବିମାନବନ୍ଦରରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରିବାକୁ ଅଧିକ ସଂସ୍ଥା ଆଗ୍ରହୀ ହେବା ମଧ୍ୟ ସମ୍ଭାବନା ରହିଛି।

ଗତ ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍ ପୂର୍ବରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇ-ଭିଜା ସେବା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଥିଲେ ରାଜ୍ୟ ସରକାର। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ମଧ୍ୟ ଶେଷ ହୋଇଥିଲା। ମାତ୍ର ବିଭିନ୍ନ କାରଣବଶତଃ ଏହା ଆରମ୍ଭ ହୋଇପାରି ନ ଥିଲା। ଏବେ ଦୀର୍ଘବର୍ଷର ପ୍ରତୀକ୍ଷା ପରେ ଭୁବନେଶ୍ୱର ବିମାନବନ୍ଦରରେ ଏହି ସେବା ଉପଲବ୍ଧ ହୋଇଛି। ଦେଶର ୨୭ତମ ବିମାନବନ୍ଦର ଭାବେ ବିପିଆଇଏକୁ ଏହି ମାନ୍ୟତା ମିଳିଛି। ବିନା କୌଣସି ଏଜେଣ୍ଟ ବା

**ବିନା ଝିନ୍‌ଝଟରେ ଆସିପାରିବେ ବିଦେଶୀ**

ଝିନ୍‌ଝଟରେ ଏଠାକୁ ଆସିବାର ମାତ୍ର କିଛିଦିନ ପୂର୍ବରୁ ଜଣେ ଘରେ ବସି ଅନ୍‌ଲାଇନ୍‌ରେ ଇ-ଭିଜା ପାଇଁ ଆବେଦନ କରିପାରିବେ। ଯେଉଁ ବିଦେଶୀ ନାଗରିକ ମନୋରଞ୍ଜନ, ଭ୍ରମଣ, ଚିକିତ୍ସା, ବ୍ୟବସାୟିକ ଗସ୍ତ ଓ ଭାରତରେ ଥିବା ନିଜ ବନ୍ଧୁ ପରିଜନଙ୍କ ନିକଟକୁ ଆସିବାକୁ ଚାହୁଁଥିବେ, ସେମାନେ ଏହି ସେବାର ଲାଭ ନେଇପାରିବେ। ପାକିସ୍ତାନକୁ ଛାଡ଼ି ୧୬୩ ଦେଶର ନାଗରିକ ଇ-ଭିଜା ପାଇଁ ଆବେଦନ କରିପାରିବେ। ଏହାପୂର୍ବରୁ ଭାରତର ୨୬ଟି ବିମାନବନ୍ଦରରେ ଇ-ଭିଜା ପାଇଁ ପ୍ରବେଶ ଅନୁମତି ରହିଥିଲା। ଭୁବନେଶ୍ୱର ବିମାନବନ୍ଦରରେ ଏହି ସେବା ଲାଗୁ କରିବା ନେଇ ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ.ଜେ. ଆଲଫନ୍ସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଇ-ଟୁରିଷ୍ଟ ଭିଜା ମାଧ୍ୟମରେ ୨୦୧୭ ଜାନୁୟାରୀରୁ ଜୁନ୍ ମଧ୍ୟରେ ଭାରତକୁ ୟୁକେରୁ ସର୍ବାଧିକ ୧,୫୧,୪୭୬ଜଣ ପର୍ଯ୍ୟଟକ ଆସିଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାରୁ ୯୦,୩୭୮, ରୁଷିଆରୁ ୪୯,୩୬୫ ଓ ଚାଇନାରୁ ୪୪,୫୭୭ ପର୍ଯ୍ୟଟକ ଆସିଥିଲେ। ଏଭଳିସ୍ଥଳେ ଇ-ଭିଜା ଲାଗୁ ହେବା ଦ୍ୱାରା ଓଡ଼ିଶାକୁ ଦୁଇଗୁଣା ଅଧିକ ବିଦେଶୀ ପର୍ଯ୍ୟଟକ ଆସିବେ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହାବ୍ୟତୀତ ବିମାନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଏଣିକି ଭୁବନେଶ୍ୱର ବିମାନବନ୍ଦରରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରିବାକୁ ଆଗ୍ରହୀ ହେବେ। ଏବେ କେବଳ ଏୟାର ଏସିଆ ମାଲେସିଆ ଏବଂ ବ୍ୟାଙ୍କକ୍‌କୁ ଅନ୍ତର୍ଜାତୀୟ ବିମାନ ସେବା ଯୋଗାଇ ଦେଉଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ କରିଛି ଓଷା,**
**ଡୋଲିକ ଚାଉଳ ଓଲିକେ ଖାଇଲା**
**ଦାନ୍ତ ଅଛି ଦରଘଷା ।**

ଓଷା କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ । ଖାଇବା ପିଇବା କମ୍ କରାଯାଏ, କିନ୍ତୁ ଓଷାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷା ନୁହେଁ ଏହା ଏକ ଭଣ୍ଡାମି ହୋଇଥାଏ । ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ । ଓଷା ବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି ।

**ଅବଧାନେ,**
**ଆଗ ମାଇପକୁ ନିତି ଗଞ୍ଜାଣ**
**କନ୍ୟା ମାଇପକୁ ସାବଧାନେ ।**

ଏହା ଏକ ସାମାଜିକ ବ୍ୟଙ୍ଗ । ପ୍ରଥମ ସ୍ତ୍ରୀ ପୁରୁଷର ଅନେକ ଦଡ଼ି ମଡ଼ି ଭଲମନ୍ଦ ଗାଳିଗୁଲଜ ସହିପାରେ । ଦୁଃଖକଷ୍ଟ ଯନ୍ତ୍ରଣା ସହି ସେ ସ୍ୱାମୀକୁ ମାନି ଚଳିବା ସହ ଦି'ଚାପଡ଼ ପକେଇଲେ ବି ସହିଯାଏ । କିନ୍ତୁ ପଛରେ ବିଭା ହୋଇଥିବା ସ୍ତ୍ରୀ ପ୍ରତି ଏପରି ବ୍ୟବହାର କଲେ ସେ ରହେ ନାହିଁ । ପୁରୁଷକୁ କୌଣସି କାରଣରୁ ବଶ ବା ମୁଗ୍ଧ କରି ଆସିଥିବା ଉକ୍ତ ମହିଳା ପୁରୁଷ ଉପରେ ହୁକୁମ ଜାହିର କରେ । କାଳେ ଅଭିମାନ କରି ଘରୁ ପଳେଇବ ସେ ନେଇ ପୁରୁଷ ତାକୁ ଡରିହରି ଚଳିବାକୁ ବାଧ୍ୟ ହୁଏ ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇଲା କଂଗ୍ରେସ

ରାଜନଗର, ୨୨।୧(ଡିଏନଏ)

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ଗାଁରେ ଦିନ ଦ୍ୱିପ୍ରହରରେ ଅପରାଧୀମାନେ ଖଣ୍ଡା ,ପିସ୍ତଲ ଧରି ଗ୍ରାମବାସୀଙ୍କୁ ଗୋଡାଇବା ଓ ଗୁଳି କରି କିଶୋର ସେଠୀଙ୍କୁ ହତ୍ୟା କରିବା ଘଟଣାରେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି । ମଙ୍ଗଳବାର ରାଜନଗର ବ୍ଲକ କଂଗ୍ରେସ କର୍ମୀମାନେ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ସରକାରୀ ବିରୋଧୀ

**କଣ୍ଡିରା ଗୁଳିକାଣ୍ଡ**

ନାରା ଦେଇ ତହସିଲ କାର୍ଯ୍ୟାଳୟ ଓ ଥାନା ସମ୍ମୁଖରେ ପହଞ୍ଚି ଥିଲେ । କଂଗ୍ରେସ କର୍ମୀମାନେ ମୃତ କିଶୋରଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ତାଙ୍କ ପତ୍ନୀ ଝୁମୁରୀଙ୍କୁ ସରକାରୀ ଚାକିରୀ ଓ ଗୁଳିକାଣ୍ଡରେ ସଂପୃକ୍ତ ଥିବା ଅଭିଯୁକ୍ତ ଓ ସୁପାରି ଦେଇଥିବା ଅଭିଯୁକ୍ତଙ୍କୁ ୭ଦିନ ମଧ୍ୟରେ ଗିରଫ କରିବା ପାଇଁ ଦାବି କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ନିହାର ରଞ୍ଜନ ମଲ୍ଲିକ ଓ ଏସଡିପିଓ ରଞ୍ଜନ କୁମାର ଦେଙ୍କୁ ଦାବିପତ୍ର ଦେଇଥିଲେ । ଦାବି ପୂରଣ ନ ହେଲେ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି , ମନୋଜ କୁମାର ସ୍ୱାଇଁ, କିରଣ କୁମାର ନାୟକ, ବାବାଜୀ ଚରଣ ପାତ୍ର, ପୃଥୀରାଜ ପାତ୍ର, ସୂର୍ଯ୍ୟମଣି ଜେନା, ଦାମୋଦର ମହାନ୍ତି , ସତ୍ୟବାନ ସେଠୀ, ପ୍ରଭାତ ଚନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ ।



ଥାନା ଆଗରେ କଂଗ୍ରେସ କର୍ମୀମାନେ ।

# ରାଜନଗରରେ ଦ୍ୱିତୀୟ ଏନ୍‌କାଉଣ୍ଟର, ତୃତୀୟ ଗୁଳିକାଣ୍ଡ

ରାଜନଗର, ୨୨।୧(ଡିଏନଏ)

ସୋମବାର ରାଜନଗର ବ୍ଲକର କଣ୍ଡିରା ଗ୍ରାମରେ ଗୁଳିକାଣ୍ଡ ଘଟି କିଶୋର ସେଠୀ (୩୫)ଙ୍କ ଅକାଳ ମୃତ୍ୟୁ ଘଟିବା ସମଗ୍ର ରାଜନଗର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଥିଲା । ରାତି ପାହି ସକାଳ ହେବା ପରେ ପୁନର୍ବାର ପୋଲିସର ଏନ୍‌କାଉଣ୍ଟର ଖବର ସାଧାରଣ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି । ଏହି ଘଟଣା ଗାଁ ଠାରୁ ବଜାର ଯାଏଁ ଚର୍ଚ୍ଚାର ବିଷୟ ହୋଇଛି । ରାଜନଗର ବଜାର ମଙ୍ଗଳବାର ଦିନ ତମାମ ଖାଁ ଖାଁ ଲାଗୁଥିଲା । ତେବେ ମଙ୍ଗଳବାର ଭୋର ସମୟରେ ସାପ ଗ୍ୟାଙ୍ଗର ମୁଖ୍ୟ ସଞ୍ଜୟ ବିଶ୍ୱାଳ ଓରଫ ବାବୁ (୩୨)ଙ୍କୁ ଏନକାଉଣ୍ଟର କରାଯିବା ନୂଆ ନୁହେଁ । ଏହା ପୂର୍ବରୁ ମଧ୍ୟ ରାଜନଗର ଅଞ୍ଚଳରେ ଏନକାଉଣ୍ଟର ଓ ଗୁଳିକାଣ୍ଡ ଘଟିଛି । ୨୨ ସେପ୍ଟେମ୍ବର ୨୦୧୭ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୁପାରୀ ନେଇ ଅପରାଧିମାନେ ରାଜନଗର ଗାଁର ବିଚିତ୍ର କୁମାର ମଲ୍ଲିକଙ୍କୁ ହଂସୁଆ ପୋଲ ନିକଟରେ ରାତି ୧୦ଟାରେ ଗୁଳି କରିଥିଲେ । ବିଚିତ୍ରଙ୍କ ପେଟରେ ଗୁଳି ବାଜିଥିଲା । ବିଚିତ୍ର ସୌଭାଗ୍ୟ କ୍ରମେ ଜୀବନ ଫେରି ପାଇଛନ୍ତି । ସେହିପରି ୧୯୯୨ ମସିହାରେ ତାଳଚୁଆ ଠାରେ ରାଜ୍ୟ ବାହାରର ଅପରାଧିମାନେ ଆସି ଡକାୟତି କରିବା ସହ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ । ଏହାଛଡା ୨୦୦୬ ମସିହାରେ କୃଷ୍ଣନଗର ଠାରେ ଟିଟୋ ଗ୍ୟାଙ୍ଗର ଅପରାଧିମାନେ ଲୁଚି ରହିଥିଲେ । କେନ୍ଦ୍ରାପଡା ଓ ରାଜନଗରର ପୋଲିସ ମିଳିତ ଭାବରେ ଚଢାଉ କରିଥିଲେ । ଘଟଣାସ୍ଥଳରୁ ଅପରାଧୀମାନେ ଖସି ପଳାଇଥିଲେ । ମାତ୍ର କୃଷ୍ଣନଗର ଗାଁର ସେକ ମୁସ୍ତାଫାଙ୍କୁ ପୋଲିସ ଏନକାଉଣ୍ଟର କରିଥିଲା । ରାଜନଗର ଭଳି ଏକ ପଲ୍ଲୀ ଅଞ୍ଚଳରେ ଗୁଳି ଫୁଟିବା ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି ।

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL): Balimela Hydro Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (0)/ 232641 (R), Fax: 06861-232541, E-Mail: <unit.head_balimela@yahoo.com>

REGD OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar, Chouk, Janapath, Bhubaneswar-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER, E-Mail: ohpc.co@gmail.com/ md@ohpcltd.com, WEB: www.ohpcltd.com

No. BHEP: Tech-13 (H)-8 / 388 /Dtd. 19.01.2019

**NOTICE INVITING TENDER NO. P-13 (H) / 36/ 2018-19 / DATED 19.01.2019**

No.CAD-1305:- Sealed tenders are invited for supply of Computer Peripherals from authorized dealers for the following.

| Sl. No. | Description of materials | Estimated Cost | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | | 3 | 4 | 5 | 6 | 7 |
| 1. | Supply of Computer Peripherals | Rs . 1,48,742/- | 708/- (600/- + GST @18%) | @1% of the quoted value | 22.01.2019 to 05.02.2019 | 05.02.2019 upto 12.00 hrs. | 05.02.2019 at 12.30 hrs. |

For details of the tender documents, terms & conditions please visit our website www.ohpcltd.com.
04019/11/0104/1819 Sd./- Senior General Manager (Electrical) BHEP, Balimela

# ଅମୃତମଣୋହି ବାଳିକା ହାଇସ୍କୁଲ ବାର୍ଷିକ କ୍ରୀଡ଼ା

ପଞ୍ଚାମୁଣ୍ଡାଇ,୨୨।୧(ସ୍ୱ.ପ୍ର)

ପଞ୍ଚାମୁଣ୍ଡାଇ ବ୍ଲକ ଅମୃତମଣୋହି ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । କ୍ରୀଡା ଶିକ୍ଷୟିତ୍ରୀ ଅନା ଧଳଙ୍କ ତତ୍ତ୍ୱାବଧାନରେ ୧୫ଟି ବିଭାଗରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ ଛାତ୍ରୀମାନେ ଭାଗ ନେଇ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ଶୁକ୍ରବାର ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ କୁଳମଣି ମଲିକ, ମୁଖ୍ୟବକ୍ତା ଭାବେ ଧରଣୀଧର ପରିଡା, ସିଆରସିସି ସୌମ୍ୟରଞ୍ଜନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ପରିଡାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କ୍ରୀଡା ଚମ୍ପିୟନ୍ ସୀମା ମଲିକଙ୍କୁ ଚମ୍ପିୟନ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା ।

# ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଆଳି, ୨୨।୧ (ଡି.ଏନ୍.ଏ.)

ଆଳି ବ୍ଲକ ନିଆଳ ପଞ୍ଚାୟତର ଗୋପୀନାଥପୁର ଶାସନସ୍ଥିତ ଲକ୍ଷ୍ମୀବରାହ ସଂସ୍କୃତ ଟୋଲର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ଭୀମସେନ ହୋତାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ମାର୍ଚ୍ଚ ୩୧ ତାରିଖରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ପୁରାତନ ଛାତ୍ର ସଂସଦ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ରାଜନଗର,୨୨।୧(ଡିଏନଏ)

ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟ ଓ ଏନ୍‌କେଏନକେ ସଂସ୍କୃତ ମହାବିଦ୍ୟାଳୟରେ ଦଶଦିନ ଧରି ସଂସ୍କୃତ ସମ୍ଭାଷଣ ଶିବିର ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ୩ ଟି ମହାବିଦ୍ୟାଳୟରେ ଏକ ସମୟରେ ଆୟୋଜିତ ଏହି ଶିବିରର ୧୪୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀମାନଙ୍କର ମିଳିତ ଶୋଭାଯାତ୍ରା ରାଜନଗର ବଜାର ପରିକ୍ରମା କରିଥିଲା । ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ହରେକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଉଦ୍‌ଯାପନୀ ସମାରୋହ ହୋଇଥିଲା । ରାଜନଗର ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧୀଶ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଲୋକଭାଷା ପ୍ରଚାର ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ଡ. ସଦାନନ୍ଦ ଦିକ୍ଷୀତ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସଂସ୍କୃତଜ୍ଞ, ସଂସ୍କୃତବିତ୍, ସଂସ୍କୃତପ୍ରେମୀ ତଥା ସଂସ୍କୃତ ଛାତ୍ରୀଛାତ୍ରମାନଙ୍କୁ ଏକତ୍ର ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ମୁଖ୍ୟଅତିଥି ନାୟକ ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ଜୀବନ କାଳରେ ସଂସ୍କୃତର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ବକ୍ତା ଭାବେ ପଣ୍ଡିତ କିଶୋରଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ । ଅଧ୍ୟାପକ ପବିତ୍ର କୁମାର କଣ୍ଡ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପାଲ୍ ଧନ୍ୟବାଦ ଦେଇଥିଲେ । ଶେଷରେ ୩ଟି ଶିବିରର ଶିବିରାର୍ଥୀଗଣ ସଂସ୍କୃତ ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରାଧ୍ୟାପକ ଅକ୍ଷୟ କୁମାର ମିଶ୍ର, ପ୍ରାଧ୍ୟାପକ ସର୍ବେଶ୍ୱର ଲେଙ୍କା, ଡ. ବିକ୍ରମାଦିତ୍ୟ ଦାସ, ଅଧ୍ୟାପକ ରାଜକିଶୋର ପାଣି, ଅଧ୍ୟାପକ ବିଶ୍ୱମ୍ଭର ତ୍ରିପାଠୀ, ଅଧ୍ୟାପକା ପାର୍ବତୀ କଣ୍ଡ,ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ, ପଣ୍ଡିତ ଜଗବନ୍ଧୁ ବେହେରା, ରମାକାନ୍ତ ରାଉତ ଓ କିଶୋରଚନ୍ଦ୍ର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହିତାଧିକାରୀଙ୍କ ଆବାସ ଯୋଜନା ଟଙ୍କା ବିହାରରେ

## ବ୍ୟାଙ୍କ ଆକାଉଣ୍ଟ ନମ୍ବର ତ୍ରୁଟି ଯୋଗୁ ହିତାଧିକାରୀ ହନ୍ତସନ୍ତ

ପଞ୍ଚାମୁଣ୍ଡାଇ, ୨୨।୧ (ସ୍ୱ.ପ୍ର)

ପଞ୍ଚାମୁଣ୍ଡାଇ ପୌର କାର୍ଯ୍ୟାଳୟରେ ବ୍ୟାପକ ଜାଲିଆତି ଓ ହେରଫେର ଘଟଣା ନେଇ ବାରବାର ଅଭିଯୋଗ ହୋଇ ଆସୁଛି । ଏଥିନେଇ ପୌର କର୍ତ୍ତୃପକ୍ଷ ଓ କର୍ମଚାରୀମାନଙ୍କର ନିଘା ନ ଥିଲା ବେଳେ ହିତାଧିକାରୀମାନେ ହନ୍ତସନ୍ତ ହେଉଛନ୍ତି । ଏମିତି ଏକ ଘଟଣା ଘଟିଛି ପଞ୍ଚାମୁଣ୍ଡାଇ ପୌରାଞ୍ଚଳର ୨୦ ନମ୍ବର ୱାର୍ଡ ବେଲତଳ ଗ୍ରାମର ଜଣେ ହିତାଧିକାରୀଙ୍କ କ୍ଷେତ୍ରରେ । ଏହି ହିତାଧିକାରୀ ଜଣକ ହେଲେ ବେଲତଳ ଗ୍ରାମର ବୈଷ୍ଣବ ଚରଣ ମଲ୍ଲିକ । ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ନଂ-୨୨୦୨ ତା-୨୦।୦୭।୨୦୧୮ରିଖରେ ପାଇଥିଲେ । ସେ ଗୃହ ଆରମ୍ଭ କରିଥିବା ବେଳେ ତାଙ୍କ ବ୍ୟାଙ୍କ ଜମାଖାତାରେ ପୌର କାର୍ଯ୍ୟାଳୟ ପକ୍ଷରୁ ୪୦ହଜାର ଟଙ୍କା ଜମା କରାଯାଇଥିଲା । କିନ୍ତୁ ବୈଷ୍ଣବଙ୍କ ଆଲ୍ଲାହାବାଦ୍ ବ୍ୟାଙ୍କ ସ୍ଥାନୀୟ ଶାଖାରେ ଉକ୍ତ ଟଙ୍କା ପହଞ୍ଚି ନ ଥିଲା । ଟଙ୍କା ନ ପାଇ ବୈଷ୍ଣବ ପୌର କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇ ପଡିଥିଲେ ମଧ୍ୟ ତାଙ୍କ କଥା କେହି ଶୁଣି ନ ଥିଲେ । ଶେଷରେ ସେ ଅନଶନ କରିବାକୁ ଧମକ ଦେବା ପରେ ତାଙ୍କ ଜମାଖାତା ଯାଞ୍ଚ କରାଯାଇଥିଲା । ସଂପୃକ୍ତ ପୌର କର୍ମଚାରୀ ବୈଷ୍ଣବଙ୍କ ଆକାଉଣ୍ଟ ନମ୍ବର ପରିବର୍ତ୍ତେ ଭୁଲରେ ଅନ୍ୟ ଏକ ଆକାଉଣ୍ଟ ନମ୍ବର ଲେଖିଥିବାରୁ ତାହା ବିହାର ଆଲ୍ଲାହାବାଦ

**ପଞ୍ଚାମୁଣ୍ଡାଇ ପୌର କାର୍ଯ୍ୟାଳୟ**

ବ୍ୟାଙ୍କର ଅନ୍ୟ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଚାଲି ଯାଇଥିଲା । ଫଳରେ ଧାର ଉଧାର କରି ନିଅଁ ପକାଇଥିବା ବୈଷ୍ଣବ ୬ ମାସ ହେଲା ଟଙ୍କା ଶୁଝି ନ ପାରି ଦୋକାନୀମାନଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ସେହିପରି ଉକ୍ତ ଗ୍ରାମର ଅକ୍ଷୟ ମଲିକ ଅନୁରୂପ ଭାବେ ହଇରାଣ ହରକତ ହେଉଛନ୍ତି । ଅକ୍ଷୟ ତା୧୭।୯।୨୦୧୮ରିଖରେ କାର୍ଯ୍ୟାଦେଶ (ନଂ-୩୨୩୮) ପାଇଥିଲେ । ସେ ପ୍ରଥମ କିସ୍ତିରେ ୪୦ହଜାର ଓ ୨ୟ କିସ୍ତିରେ ୬୦ ହଜାର ମିଶାଇ ମୋଟ ୧ଲକ୍ଷ ଟଙ୍କା ପାଇଥିଲେ । ସେହି ଟଙ୍କା ଖର୍ଚ୍ଚ କରି ସେ ଗୃହ ନିର୍ମାଣ କରିଛନ୍ତି । କିନ୍ତୁ ୩ୟ କିସ୍ତିରେ ମିଳିବାକୁ ଥିବା ଅବଶିଷ୍ଟ ଟଙ୍କା ଅକ୍ଷୟଙ୍କ ଆକାଉଣ୍ଟ ନମ୍ବର ଭୁଲ ଲେଖିବା ଯୋଗୁ ତାହା ତାଙ୍କ ଜମା ଖାତାକୁ ନ ଯାଇ ବିହାର ଆଲ୍ଲାହାବାଦ ବ୍ୟାଙ୍କର ଅନ୍ୟ ଜଣଙ୍କ ଜମା ଖାତାରେ ପହଞ୍ଚିଥିବା ଜାଣିବାକୁ ମିଳିଛି ।

ପୌର କର୍ମଚାରୀଙ୍କ ଖାମଖିଆଲି କାର୍ଯ୍ୟ ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ହିତାଧିକାରୀମାନେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରି ନ ପାରି ବାର ଦୁଆର ହେଉଥିବା ନେଇ ଆଇଏଚଆରସି ଜିଲା ମୁଖ୍ୟ ପ୍ରତାପ ପାଢୀ କହିଛନ୍ତି । ଇତିମଧ୍ୟରେ ୬ମାସ ବିତି ଯାଇଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷ ବିହାର ଆଲ୍ଲାହାବାଦ ବ୍ୟାଙ୍କରୁ ସଂପୃକ୍ତ ହିତାଧିକାରୀଙ୍କ ଜମା ଖାତାକୁ ଟଙ୍କା ଫେରାଇ ଆଣିବା ପାଇଁ କୌଣସି ଉଦ୍ୟମ ନ କରିବା ସରକାରୀ ଯୋଜନା ପ୍ରତି ଉପହାସ ସଦୃଶ ବୋଲି ପାଢୀ କହିଛନ୍ତି । ଅନ୍ୟପକ୍ଷରେ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ନିର୍ଦ୍ଧାରିତ ସମୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ହିତାଧିକାରୀମାନେ ଗୃହ ନିର୍ମାଣ କରି ନ ପାରି ହଇରାଣ ହରକତ ହେଉଛନ୍ତି । ଏଥିନେଇ ପୌରାଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

DADLS-250

**ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ** ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା
ତା:୨୩।୦୧।୨୦୧୯ ସ୍ଥାନ: ଜୟଦେବ ଭବନ

**ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ** ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା
ତା:୨୪।୦୧।୨୦୧୯ ସ୍ଥାନ: ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** ସମୟ: ପୂର୍ବାହ୍ନ ଘ.୧୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ: ଅପରାହ୍ନ ଘ.୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟପତ୍ର / ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀ/ ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତିପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୨୩।୦୧।୨୦୧୯ରିଖ ଦିନ ଆୟୋଜିତ ପ୍ରତିଯୋଗିତା ପାଇଁ ସେହିଦିନ ସନ୍ଧ୍ୟା ୬ଘଟିକା ସମୟରେ ଏବଂ ତା୨୪।୦୧।୨୦୧୯ରିଖ ପାଇଁ ସେହିଦିନ ସନ୍ଧ୍ୟା ୬ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0549/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553
OPTCL Lifeline of Odisha

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

e-TENDER NOTICE NO.: CPC-57/2018-19 Date: 23.01.2019

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of 132KV DC line on DC tower from 220/132/33KV Grid Substation at Jaipatna (Baner) to 132/33KV Grid Substation at Junagarh along with associated bay extension work at Jaipatna (Baner) and Junagarh Grid Sub-stations at an Estimated Cost of the Package for Rs.31.40 Crore on "TURNKEY CONTRACT BASIS"**. Interested bidders are required to enroll themselves in the tender portal "www.tenderwizard.com/OPTCL". Complete set of bidding documents are available on "www.tenderwizard.com/OPTCL" portal from Dt.(24.01.2019) / (11:00)AM up to Dt.(18.02.2019) / (12:45)PM. Interested bidders may visit OPTCL's official website "http://www.optcl.co.in" and Tender Portal "http://www.tenderwizard.com/ OPTCL" for further detail.

**Note:** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/-
Chief General Manager (CPC)
e-Mail: sgm.cpc@optcl.co.in
CR Advt. No.76/2018-19
Please connect us: optcl.odisha optcl_odisha energyodisha

**CLASSIFIED DISPLAY**
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

୧୯୪୫ରୁ ସହସ୍ରାଧିକଙ୍କୁ ଲାଭ
**ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ**
**ପ୍ରଫେସର ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ
କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

GET INSTANT CASH AGAINST GOLD
GOLD CASH
An ISO Certified Company
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଡିଜିଟାଲ ଉପକରଣ
-କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା । ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ ।
7520206361
7061764396
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ । କମ୍ ସୁଧରେ ଋଣ ସୁବିଧା । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ । 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers
9915535422
7626900260
Address
C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
**ବାବା ଆଲାମ ଖାନ**
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

**ଋଣ - ଋଣ - ଋଣ**
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
**ସତ୍ୟମ ଫାଇନାନ୍ସ**
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ
- ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

# ଗୋପାଳପୁରରେ ଭାଜପାର ମିଶ୍ରଣ ପର୍ବ

ତିର୍ତ୍ତୋଲ,୨୨।୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଦାଇଁଲୋ ମଣ୍ଡଳର ଗୋପାଳପୁର (ଶ) ପଞ୍ଚାୟତରେ ଭାଜପାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଭାଜାପା ନେତା ହରିହର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ବିଜୟ ଦାଶ, ମଣ୍ଡଳ ସଭାପତି ମନୋରଞ୍ଜନ ଦାଶ, କୋଷାଧ୍ୟକ୍ଷ ବିରଜାମୋହନ ମହାପାତ୍ର, ଦାଇଁଲୋ ପଞ୍ଚାୟତ ପ୍ରମୁଖ ଅରୁଣ ମଲ୍ଲିକ, କନିମୂଳ ପଞ୍ଚାୟତ ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ଦାଶ, ମାନସ ମଲ୍ଲିକ, ନଗେନ୍ଦ୍ର ମଲ୍ଲିକ, ଅମିୟ ମଲ୍ଲିକ, ତପନ ମହାପାତ୍ର, ଧ୍ରୁବଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ଅକ୍ଷୟ ମଲ୍ଲିକ, ଗଗନ ବିହାରୀ ମଲ୍ଲିକ, କାଶୀନାଥ ଦାସ, ତାପସ କୁମାର ମଲ୍ଲିକ, ଦେବପ୍ରସାଦ ମଲ୍ଲିକ, ବିଭୂତି ଭୂଷଣ ସାହୁ, ଉତ୍ତମ ଚରଣ ଦାସ, ବିଜୟ ସାହୁ, ଏକାଦଶୀ ସାମଲ, କୁମରବର ବେହେରା, ଭାସ୍କର ମଲ୍ଲିକ, ସୁଭାଷ କୁମାର ଦାସ, ମିଲି ଗୋଛାୟତ, ଧ୍ରୁବଚରଣ ସେଠୀଙ୍କ ସମେତ ବହୁ କର୍ମୀ ଭାଜପାରେ ମିଶିଥିଲେ।

## ୬୬ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଲିକୁଦା,୨୨।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତର ଜଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୂଳ ପରିସରରେ ୬୬ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଡା.ଜଗତ ମୋହନ ରଥ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ଅନେକ ଉପାଦେୟ କଥା କହିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ଧର୍ମାନନ୍ଦ ଦାସ, ବିଦ୍ୟାଳୟ ସଭାପତି ମନ୍ମଥ କୁମାର ପରିଡା, ବିଦ୍ୟାଳୟ ଅଧ୍ୟକ୍ଷ ତଥା ପରିଚାଳନା ପରିଷଦ ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, ସହ ସମ୍ପାଦିକା ରୀତା ପରିଡା, ଗଙ୍ଗାଧର ପରିଡା, ପ୍ରତିମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ କୁମାର ପରିଡା, ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପରିଡା, ରୋଜାଲିନ ଦାସ, ସର୍ମିଷ୍ଠା ମହାନ୍ତି, ରାଜଲକ୍ଷ୍ମୀ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଏରସମା,୨୨।୧(ସ୍ୱ.ପ୍ର.)

ଏରସମା ବ୍ଲକ ଗଡ଼ବିଶୁନିପୁର ଗ୍ରାମସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦେଇ ମୁଖ୍ୟ ଅତିଥି, ଉପଦେଷ୍ଟା ଲିଙ୍ଗରାଜ ମିଶ୍ର, ଶିକ୍ଷକ ହିମାଂଶୁ ମୋହନ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମହେଶ୍ୱତା ପଣ୍ଡା ଅତିଥିପରିଚୟ ପ୍ରଦାନ କରିଥିଲେ।

# ଜଗତ୍‌ସିଂହପୁରରେ ଆମ ଗାଁ ଆମ ବିକାଶ
# ୩୧୨ ପ୍ରକଳ୍ପ ପାଇଁ ୭.୨୫ କୋଟି ମଞ୍ଜୁର

ଜଗତ୍‌ସିଂହପୁର ଅଫିସ,୨୨।୧

ମଙ୍ଗଳବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜଗତ୍‌ସିଂହପୁର ସଦର ବ୍ଲକ ନିମନ୍ତେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବ୍ଲକର ୨୯ ପଞ୍ଚାୟତ ପାଇଁ ୩୧୨ଟି ପ୍ରକଳ୍ପ ନିମନ୍ତେ ୭.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଟଙ୍କା ବ୍ଲକ ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲ, ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ଆରକ୍ଷୀ ଅଧିକ୍ଷକ ପ୍ରକାଶ ଆର୍ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜଗତ୍‌ସିଂହପୁର ବ୍ଲକର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ୱାର୍ଡ ମେମ୍ବର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।


**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁନ୍ଦରଗଡ଼**

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH**

**Notice No. 418 / CDM & PHO/ SNG/ Dt. 21.01.19**

**(ପ୍ରୟୋଗଶାଳା ଉପଯୋଗ ସାମଗ୍ରୀ କ୍ରୟ ସମ୍ବନ୍ଧେ ବିଜ୍ଞାପନ)**

**No.810-E:-** The sealed quotations are invited from the willing supplier/ distributors/ wholesaler to quote the rates of consumables & lab. logistics items as mentioned in Annexure-I. The bidders are requested to submit their sealed quotations to the office of the undersigned by Speed Post/ Regd. Post/ Courier Services only on or before dt. 07.02.2019 till 04 PM. The said quotations will be opened on dt.08.02.2019 at 11 AM and after due date & time any quotation will not be entertained. The bidders himself or their representatives are requested to remain present in the fixed date & time. The details term & conditions and items list can be downloaded from the district website- www.sundergarh.nic.in.

The undersigned reserves the right to accept/reject the all quotations without assigning any reason thereof.

Sd./-
Dr. D.K. Sarangi
Chief District Medical & Public Health Officer,
Sundargarh

10100/11/0075/1819

**NATIONAL INSTITUTE OF FASHION TECHNOLOGY, BBSR**
(Ministry of Textile, Govt. of India)

**E-TENDER NOTICE**

E-Tenders are invited by NIFT Bhubaneswar for **Comprehensive Annual Maintenance Contract (AMC)** of Air Conditioners (ACs), last date for receipt of e-tender is **14.02.2019**.

\- Director

**OFFICE OF THE EXECUTIVE ENGINEER**

**PARALAKHEMUNDI IRRIGATION DIVISION**

**PARALAKHEMUNDI (GAJAPATI)**

Phone/Fax: 06815-223249, Email: eepkhemundieicwr.od@gov.in

**Tender Call Notice No. EE-PKID-10/2018-19**

No.1160-A

1. Type of work : Civil Construction Work
2. Form of Contract : Percentage Rate
3. Period of Completion : 02-06 (Two to Six) Calendar months

| Procurement Officer | Bid Identification No. | Bid amount Rs. in lakhs | Availability & submission of Bids online |
|---|---|---|---|
| Executive Engineer, Paralakhemundi Irrigation Division | PKID-01/2018-19 to PKID-3/2018-19 | Rs. 7.75 to Rs. 37.25 Lakhs | 28.01.2019, 10.00AM to 11.02.2019, 5.00PM |

Date of opening of the Technical & Financial Bid: 12.02.2019 at 11.00AM.
Further details can be seen from the Govt. website www.tendersorissa.gov.in

*Sd./- Executive Engineer*
*Paralakhemundi Irrigation Division*
*Paralakhemundi*

32358/11/0009/1819

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**

**ODISHA POWER TRANSMISSION CORPORATION LIMITED**

OPTCL

**(A Government of Odisha Undertaking)**

**Regd. Office: Janapath Bhubaneswar-751022**

**OFFICE OF THE G.M. (ELECT.) E.H.T. (O&M) CIRCLE, JAJPUR ROAD, At: TTS Colony, PO: Sobra, Jajpur Road, Dist: Jajpur, Pin: 755019 (Odisha), Phone/Fax No: 06726-220965(off)**

**E-mail: ehtm.cle.jjp@optcl.co.in, CIN: U40102OR2004SGC007553**

**No. 73** **Dated: 22.01.2019**

**Notification**

In accordance with Section 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10/2006, dated 9th March 2006, the following transmission schemes, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of General public that any person interested in making representation regarding the execution of the above scheme, may submit such representation in writing so as to reach the General Manager (Elect.), EHT (O&M) Circle, Jajpur Road, Odisha Power Transmission Corporation Limited, PO-Sobra, District-Jajpur-755019 within two(02) months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.) as mentioned against the work, on any working day during office hours.

| Sl. No. | Name of he work and scope | Name of the Village in which the line will pass | Tentative Estimated amount (Rs. in Crore) | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Diversion of 220KV Joda-TTPS D.C. Line from Existing Loc. No. 247 to 319 due to proposed NH-49 expansion by NHAI. | **Tahasil:- Bansapal** RI Circle:- Kanjipani, Revenue Village:- Kunara, RI Circle:- Suakati, Revenue Village:- Bayakumutia, Pandadar, Godijoda, Talakaipur, Tentuli, Talakainsari, Medinpur | 47.83 | Dy. General Manager (Elect.) EHT (O&M) Division, Joda | To make adequate clearance for proposed expansion of NH-49 by NHAI. |

**Sd./- General Manager (Elect), EHT (O&M) Circle, Jajpur Road**

**C.D.A କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ ପ୍ଲଟ୍ ନଂ – F / 645 ଟିକୁ ଶ୍ରୀ ଶରତ ଚନ୍ଦ୍ର ସ୍ୱାଇଁ, ପିତା – ବେଣୁ ସ୍ୱାଇଁ, ସା – ତାଳଗଣା, ପୋ – କରିଜାପାଟଣା, ଥା – ପାଟକୁରା, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶରତ ଚନ୍ଦ୍ର ସ୍ୱାଇଁଙ୍କ ମୃତ୍ୟୁପରେ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ଆଧାରରେ ତାଙ୍କର ପୌତ୍ର ଶ୍ରୀ ବିଶ୍ୱଜିତ ସ୍ୱାଇଁ, ପିତା – ବିଜୟ କୁମାର ସ୍ୱାଇଁ, ସା – ପ୍ଲଟ ନଂ – F / 645, ସେକ୍ଟର – ୬, ମର୍କତ ନଗର, କଟକ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏକ ଇଚ୍ଛାପତ୍ର (ଉଇଲ୍) ବଳରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ସମଗ୍ର ଶିକ୍ଷା ଅଭିଯାନ, ବାଲେଶ୍ୱର**

**ବିଜ୍ଞାପନ**

ନଂ–୧୮୬ ତା. ୨୧.୦୧.୨୦୧୯

ଏତଦ୍ୱାରା ବାଲେଶ୍ୱର ଜିଲ୍ଲା ପାଇଁ ତା.୨୫.୦୮.୨୦୧୮ ରିଖରେ ବିଜ୍ଞାପନ ଅନୁଯାୟୀ Part Time Instructor (PET/VA) ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ ସେମାନଙ୍କର ମେଧା ତାଲିକା ସହିତ ଚୁକ୍ତିପତ୍ର (TOR) ଓ ଘୋଷଣାନାମା (Undertaking form) www.balasore.nic.in ଏବଂ www.opepa.odisha.gov.inରେ ଉପଲବ୍ଧ ଅଟେ।

ତେଣୁ ଏହି ଚୂଡ଼ାନ୍ତ ମେଧା ତାଲିକାରେ ସ୍ଥାନ ପାଇଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ସେମାନଙ୍କ ସଦ୍ୟ ଆବାସିକ ପ୍ରମାଣପତ୍ର, ମେଡିକାଲ ଫିଟନେସ୍‌ର ପ୍ରମାଣପତ୍ର, ଟ ୧୧ଙ୍କାର କୋର୍ଟଫି ଯୁକ୍ତ ଚୁକ୍ତିପତ୍ର, ଘୋଷଣାନାମ, ସଦ୍ୟ ରଙ୍ଗିନ ଫଟୋ ୨ କପି ଧରି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା ଅଭିଯାନ, ବାଲେଶ୍ୱର ଠାରେ ତା ୨୯.୦୧.୨୦୧୯ରିଖ ଦିବା ୧୧ଘ. ୩୦ ମିନିଟ୍‌ରେ ନିଜେ ଉପସ୍ଥିତ ରହି Counselingରେ ଅଂଶ ଗ୍ରହଣ କରିବାକୁ ଜଣାଇ ଦିଆଗଲା। ଉକ୍ତ ଦିବସରେ ଅନୁପସ୍ଥିତ ରହିଲେ କାହାର କଥା ବିଚାରକୁ ନିଆଯିବ ନାହିଁ।

ସ୍ୱା./– ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା ଅଭିଯାନ, ବାଲେଶ୍ୱର

**C.D.A କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 6 ରେ ପ୍ଲଟ୍ ନଂ – B / 1439 ଟିକୁ ଶ୍ରୀମତୀ ହସୁମତୀ ଦୟାଲାଲ ଶାହା, ସ୍ୱାମୀ – ୰ ଦୟାଲାଲ ଶାହା, ସା – ଆଲମଚାନ୍ଦ ବଜାର, ଥା – ଲାଲବାଗ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ହସୁମତୀ ଦୟାଲାଲ ଶାହାଙ୍କ ମୃତ୍ୟୁପରେ ତାଙ୍କର ପୌତ୍ର ଶ୍ରୀ କୌଶଳ ଶାହା, ପିତା – ୰ଭରତ ଶାହା, ସା – ବର୍ମା ଭୱନ, କାଜି ବଜାର, ପୋ – ଚାନ୍ଦିନୀଚୌକ, ଥା – ଲାଲବାଗ, ଜିଲ୍ଲା – କଟକ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ଆଧାରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସଚିବ

**अखिल भारतीय आयुर्विज्ञान संस्थान (एम्स), भुवनेश्वर**

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar (Odisha)-751019
www.aiimsbhubaneswar.edu.in

File No. : AIIMS/BBSR/MS-16/025/2018-19 Dated : 22nd Jan 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Annual Maintenance Contract for Pest Control Service in & around the premises of AIIMS, Bhubaneswar"** *(NIT No. : AIIMS/BBSR/Engg./ 042 /2018-19).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.edu.in,www.tenderwizard.com/ AIIMS BBSR & CPP Portal www.eprocure.gov.in.**

Sd/-
Executive Engineer (Civil)
AIIMS, Bhubaneswar


# ଜିଲ୍ଲା କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ

ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ଅଧିକାରୀ (ଜାତୀୟ ରାଜପଥ-୫୯) କନ୍ଧମାଳ, ଫୁଲବାଣୀ (ଜାତୀୟ ରାଜପଥ ଆଇନ-୧୯୫୬ (Act 48 of 56) ର ଧାରା ୩-କ ଉପଧାରା ୩ ମୁତାବକ)

## ସର୍ବସାଧାରଣ ନୋଟିସ୍

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ

## ଅଧିସୂଚନା

ନୂଆଦିଲ୍ଲୀ, ୨୯ ନଭେମ୍ବର ୨୦୧୮

ଯେହେତୁ ଭାରତ ସରକାର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟଙ୍କ ଦ୍ୱାରା ଜାତୀୟ ରାଜପଥ ନଂ.୫୯ର ଓଡ଼ିଶା ରାଜ୍ୟର କନ୍ଧମାଳ ଜିଲ୍ଲାରେ କି.ମି.– ୧୭୩.୩୭୦ ରୁ କି.ମି.– ୨୨୯.୪୦୦ (ବାଲିଗୁଡ଼ା – ଦାରିଙ୍ଗିବାଡ଼ି ସେକ୍ସନ) ର ନିର୍ମାଣ (ସମ୍ପ୍ରସାରଣ / ପେଭେଡ଼ ସୋଲଡ଼ର ଇତ୍ୟାଦି ସହିତ ଦୋହରୀକରଣ) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ନିମ୍ନ ତଫସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି।

ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ରୁ ୪୮ ନମ୍ବର ଆଇନ) ର ଧାରା ୩– (କ) ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା ସଂଖ୍ୟା ୪୭୮୮/ ତା୦୩।୧୨।୨୦୧୮ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ଭାରତର ରାଜପତ୍ର ଅସାଧାରଣ ସଂଖ୍ୟା s.o. 6014(E) ତା୨୯।୧୧।୨୦୧୮ରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱାଧିକାରୀ / ଭୂମି ମାଲିକ / ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ୨୧ (ଏକୋଇଶି) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କର ବିଧିପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂ–ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନଂ.–୫୯, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପରୋକ୍ତ ଆଇନ ଧାରା ୩–ଗ ଉପଧାରା (୧) ଅନୁସାରେ ଆପତ୍ତି ଦରଖାସ୍ତ / ମକଦମା ଦାଏର କରିପାରିବେ।

ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିବରଣୀ ଭୂ–ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ–ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ), ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ସର୍ବ ସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଲଭ୍ୟ ହେଉଅଛି।

ସ୍ୱା./– କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ–ଅର୍ଜନ ଅଧିକାରୀ, କନ୍ଧମାଳ, ଫୁଲବାଣୀ

## MINISTRY OF ROAD TRANSPORT AND HIGHWAYS NOTIFICATION

**New Delhi, the 29th November, 2018**

**S.O.6014(E)**.—In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH59 in the stretch of land from Km. 173.370 to Km. 229.400 (Balliguda- Daringbadi Section) in the district of Kandhamal in the state of Odisha, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act. Every such objection shall be made to the Competent Authority, namely, the Land Acquisition Officer, Kandhamal in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land covered under this notification are available and can be inspected by the interested person at the aforesaid office of the Competent Authority.

### SCHEDULE

Brief Description of the land to be acquired with or without structure falling within the stretch of land from Km. 173.370 to Km. 229.400 (Balliguda- Daringbadi Section) of the NH59 in the district of Kandhamal in the State of Odisha.

| State: ODISHA District: KANDHAMAL | | | | | |
|---|---|---|---|---|---|
| **Sl. No.** | **Survey / Plot Number** | **Type of Land** | **Nature of Land** | **Area (in Local Unit)** | **Area (in Hectare)** |
| **Taluk: Baliguda** | | | | | |
| **Village: Baliguda** | | | | | |
| 1 | 3213 | Private | GHARABARI - 1 | 0.0140000(Hectare) | 0.0140000 |
| 2 | 3214 | Private | BILLA - 2 | 0.0130000(Hectare) | 0.0130000 |
| 3 | 3229 | Private | BILLA - 2 | 0.0110000(Hectare) | 0.0110000 |
| 4 | 3327 | Government | Patita | 0.0110000(Hectare) | 0.0110000 |
| 5 | 3328 | Government | Patita | 0.0060000(Hectare) | 0.0060000 |
| 6 | 3329 | Private | Billa - 1 | 0.0230000(Hectare) | 0.0230000 |
| 7 | 3330 | Private | GHARABARI - 1 | 0.0140000(Hectare) | 0.0140000 |
| 8 | 3336 | Private | Billa - 1 | 0.0010000(Hectare) | 0.0010000 |
| 9 | 3534 | Private | BILLA - 2 | 0.0040000(Hectare) | 0.0040000 |
| 10 | 3535 | Private | GHARABARI - 1 | 0.0110000(Hectare) | 0.0110000 |
| 11 | 3536 | Private | GHARABARI - 1 | 0.0110000(Hectare) | 0.0110000 |
| 12 | 3538 | Private | Billa - 2 | 0.0150000(Hectare) | 0.0150000 |
| 13 | 3551 | Private | BILLA -2 | 0.0180000(Hectare) | 0.0180000 |
| 14 | 3553 | Private | Billa - 2 | 0.0030000(Hectare) | 0.0030000 |
| **Taluk: Daringbadi** | | | | | |
| **Village: Daberi** | | | | | |
| 1 | 183 | Government | JUNGLE | 0.0440000(Hectare) | 0.0440000 |
| 2 | 386 | Government | JUNGLE | 0.2330000(Hectare) | 0.2330000 |
| **Village: Greodi** | | | | | |
| 1 | 328 | Government | JUNGLE | 0.0270000(Hectare) | 0.0270000 |
| 2 | 493 | Government | JUNGLE | 0.1840000(Hectare ) | 0.1840000 |
| **Village: Kajuripaderi** | | | | | |
| 1 | 68 | Government | JUNGLE | 0.2960000(Hectare) | 0.2960000 |
| **Village: Kirikuti** | | | | | |
| 1 | 13 | Government | JUNGLE | 0.0220000(Hectare) | 0.0220000 |
| 2 | 174 | Private | PADAR - 2 | 0.0050000(Hectare) | 0.0050000 |
| 3 | 175 | Government | PATITA | 0.0400000(Hectare) | 0.0400000 |
| 4 | 176 | Government | NADI | 0.1210000(Hectare) | 0.1210000 |
| 5 | 198 | Government | JUNGLE | 0.0820000(Hectare) | 0.0820000 |
| 6 | 8 | Government | PARBAT | 0.6060000(Hectare) | 0.6060000 |
| **Village: Malebadi** | | | | | |
| 1 | 1 | Government | JUNGLE | 0.4440000(Hectare) | 0.4440000 |
| 2 | 143 | Government | UNATAJOYANAJOGYA | 0.0390000(Hectare) | 0.0390000 |
| 3 | 147 | Government | JUNGLE | 0.0070000(Hectare) | 0.0070000 |
| 4 | 147 / 401 | Government | JUNGLE | 0.0180000(Hectare) | 0.0180000 |
| 5 | 380 | Government | JUNGLE | 0.1860000(Hectare) | 0.1860000 |
| 6 | 384 | Government | JUNGLE | 0.0320000(Hectare) | 0.0320000 |
| 7 | 5 | Government | PATITA | 0.0690000(Hectare) | 0.0690000 |
| **Village: Patangi** | | | | | |
| 1 | 13 | Government | PARBAT | 0.8130000(Hectare) | 0.8130000 |
| 2 | 14 | Private | BILLA- 3 | 0.0380000(Hectare) | 0.0380000 |
| 3 | 16 | Government | JUNGLE | 0.4520000(Hectare) | 0.4520000 |
| 4 | 17 | Private | PADAR - 2 | 0.0600000(Hectare) | 0.0600000 |
| 5 | 18 | Government | PARBAT | 0.1770000(Hectare) | 0.1770000 |
| 6 | 3 | Government | PARBAT | 0.0320000(Hectare) | 0.0320000 |
| 7 | 57 | Government | PARBAT | 0.0600000(Hectare) | 0.0600000 |
| 8 | 58 | Government | PARBAT | 1.0290000(Hectare) | 1.0290000 |
| 9 | 67 | Government | PARBAT | 1.1750000(Hectare) | 1.1750000 |
| 10 | 68 | Government | JUNGLE | 0.0180000(Hectare) | 0.0180000 |
| 11 | 7 | Government | PARBAT | 0.0220000(Hectare) | 0.0220000 |
| 12 | 76 / 369 | Government | JUNGLE | 0.0220000(Hectare) | 0.0220000 |
| 13 | 8 | Government | PARBAT | 0.1080000(Hectare) | 0.1080000 |
| **Village: Simanbadi** | | | | | |
| 1 | 1951 | Private | BILLA - 1 | 0.0380000(Hectare) | 0.0380000 |
| 2 | 1952 | Private | BILLA - 1 | 0.0470000(Hectare) | 0.0470000 |
| 3 | 1953 | Private | BILLA -1 | 0.0020000(Hectare) | 0.0020000 |
| 4 | 1954 | Private | BILLA - 1 | 0.0530000(Hectare) | 0.0530000 |
| 5 | 1955 | Private | BILLA - 1 | 0.0430000(Hectare) | 0.0430000 |
| 6 | 1956 | Private | BILLA - 1 | 0.0070000(Hectare) | 0.0070000 |
| 7 | 1957 | Private | BILLA - 1 | 0.0170000(Hectare) | 0.0170000 |
| 8 | 1958 | Private | BILLA - 1 | 0.0700000(Hectare) | 0.0700000 |
| 9 | 1962 | Private | BILLA - 1 | 0.0800000(Hectare) | 0.0800000 |
| 10 | 1963 | Private | BILLA - 1 | 0.0020000(Hectare) | 0.0020000 |
| 11 | 1985 | Government | PARBAT | 0.6020000(Hectare) | 0.6020000 |
| 12 | 1985 / 2835 | Government | PARBAT | 0.3280000(Hectare) | 0.3280000 |
| 13 | 2007 | Government | BASTIJOGYA | 0.6750000(Hectare) | 0.6750000 |
| 14 | 2112 | Private | BILLA - 3 | 0.0140000(Hectare) | 0.0140000 |
| 15 | 2113 | Private | BILLA - 1 | 0.0030000(Hectare) | 0.0030000 |
| 16 | 2114 | Private | BILLA - 1 | 0.0770000(Hectare) | 0.0770000 |
| 17 | 2116 | Private | GHARABARI | 0.0570000(Hectare) | 0.0570000 |
| 18 | 2117 | Private | BILLA - 1 | 0.1500000(Hectare) | 0.1500000 |
| 19 | 2118 | Government | PARBAT | 0.2180000(Hectare) | 0.2180000 |
| 20 | 2123 / 2991 | Private | PADAR - 2 | 0.1440000(Hectare) | 0.1440000 |
| 21 | 2738 | Government | PATITA | 0.3120000(Hectare) | 0.3120000 |
| 22 | 2739 | Government | JUNGLE | 0.2650000(Hectare) | 0.2650000 |
| 23 | 2740 | Government | JUNGLE | 0.2280000(Hectare) | 0.2280000 |
| 24 | 2755 | Private | PADAR - 1 | 0.2820000(Hectare) | 0.2820000 |
| 25 | 2756 | Government | PATITA | 0.9540000(Hectare) | 0.9540000 |
| 26 | 2760 | Private | BILLA - 2 | 0.1630000(Hectare) | 0.1630000 |
| 27 | 2789 | Government | PARBAT | 0.0160000(Hectare) | 0.0160000 |
| **Village: Sraniketa** | | | | | |
| 1 | 451 | Government | PARBAT | 0.0890000(Hectare) | 0.0890000 |
| | | | | | |
| 2 | 452 | Government | GOCHARA | 0.4440000(Hectare) | 0.4440000 |
| **Village: Subaranga** | | | | | |
| 1 | 198 | Government | JUNGLE | 0.2020000(Hectare) | 0.2020000 |
| 2 | 199 | Private | PADAR - 2 | 0.1810000(Hectare) | 0.1810000 |
| 3 | 200 | Private | PADAR - 2 | 0.1690000(Hectare) | 0.1690000 |
| **Village: Sulumaha** | | | | | |
| 1 | 1 | Government | JUNGLE | 0.5180000(Hectare) | 0.5180000 |
| **Taluk: K Nuagaon** | | | | | |
| **Village: Kandibandha** | | | | | |
| 1 | 299 | Government | JUNGLE | 0.0130000(Hectare) | 0.0130000 |
| 2 | 310 | Government | JUNGLE | 0.0480000(Hectare) | 0.0480000 |
| 3 | 314 | Government | JUNGLE | 0.1990000(Hectare) | 0.1990000 |
| **Village: Mahasing** | | | | | |
| 1 | 783 | Government | JUNGLE | 0.1010000(Hectare) | 0.1010000 |
| 2 | 784 | Private | PADAR - 2 | 0.0130000(Hectare) | 0.0130000 |
| 3 | 784 / 2698 | Private | PADAR -2 | 0.0630000(Hectare) | 0.0630000 |
| 4 | 784 /2699 | Private | PADAR - 2 | 0.0120000(Hectare) | 0.0120000 |
| | | | **Total** | **13.5150** | **13.5150** |



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ
ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ବରୀ/ରତ୍ନଗିରି,୨୨।୧(ସ୍ୱ.ପ୍ର./ଡି.ଏନ୍.ଏ.):** ବରୀ ବ୍ଲକ ଅଧୀନ ଅନ୍ୟାସୀପୁର ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ବଳରାମ ସେଠୀଙ୍କ ୨ ବଖରା ଛଣ ଛପର ଘର ଜଳିଯାଇଛି। ସ୍ଥାନୀୟ ଗ୍ରାମବାସୀ ବରୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତହସିଲ ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ପାଲ ଯୋଗାଇ ଦିଆଯାଇଛି। ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ସୁଲଭ ମଲିକ, ଶାନ୍ତନୁ ମଲିକ ପ୍ରମୁଖ ବିପନ୍ନଙ୍କ ନିକଟରେ ପହଞ୍ଚି ଶୀତବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବଳରାମ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପିକ୍‌ନିକ୍ ବସ୍ ଦୁର୍ଘଟଣା ଘଟଣା
### ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

**ବାଲିଚନ୍ଦ୍ରପୁର,୨୨।୧(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଏକ ପିକ୍‌ନିକ୍ ବସ ଦୁର୍ଘଟଣାଗ୍ରସ୍ତ ହେବା ଘଟଣାରେ ସୋମବାର ବିଳମ୍ବିତ ରାତିରେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମର ମେନକା ବେହେରା (୬୩)। ସେ ଗରିବ ଶ୍ରେଣୀର ହୋଇଥିବାରୁ ବଡ଼ଚଣା ବ୍ଲକ ଉପାଧ୍ୟକ୍ଷା ଉପାସନା ପାତ୍ର, ଯୁବ ସାମାଜିକ କର୍ମୀ ଯଶୋଦୀପ୍ତ ସାମଲ, ପୂର୍ବତନ ଜିଲାପରିଷଦ ସଭ୍ୟ ଅଜୟ ସାମଲ, ଭାଜପା ନେତା ଅମର ନାୟକ ପ୍ରମୁଖ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୧୯ ତାରିଖରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରୁ ଏକ ପିକ୍‌ନିକ୍ ବସ୍ ସମ୍ବଲପୁର ଯାଇଥିଲା। ଫେରିବା ସମୟରେ କୟାକୁଦାଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ ଜଣେ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିଲେ।

### ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ଅଭିଯୁକ୍ତ ଗିରଫ

**ବାଲିଚନ୍ଦ୍ରପୁର,୨୨।୧(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ବାଲିଚନ୍ଦ୍ରପୁର ପୋଲିସ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଆଜାଦ ଖାନ (୨୪)। ପ୍ରକାଶ ଯେ, ଆଜାଦ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ବେଳେ ସେହି ସମୟର ଏକ ଭିଡିଓକୁ କୌଶଳକ୍ରମେ ମୋବାଇଲରେ ରେକର୍ଡ କରିନେଇଥିଲେ। ପରେ ନିଜର ସାଙ୍ଗସାଥୀଙ୍କ ପାଖକୁ ପଠାଇବା ସହ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ସୋସିଆଲ ମିଡିଆରେ ଏପରି ଭିଡିଓ ଘୁରିବୁଲିବା ପରେ ନାବାଳିକାଙ୍କ ପରିବାର ଲୋକଙ୍କ ନଜରକୁ ଆସିଥିଲା। ଫଳରେ ଏ ନେଇ ସମ୍ପୃକ୍ତା ନାବାଳିକାଙ୍କ ପରିବାର ଲୋକେ ସୋମବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୯/୧୯) ରୁଜୁ କରି ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା।

### ଧର୍ମଶାଳା ସୁପରକପ୍ କ୍ରିକେଟ ଟି-୨୦ ମ୍ୟାଚ୍

**ଧର୍ମଶାଳା,୨୨।୧(ଡି.ଏନ୍.ଏ.):** ଧର୍ମଶାଳା ସ୍ପୋର୍ଟ୍ସ କାଉନ୍‌ସିଲ ଆନୁକୂଲ୍ୟରେ ଜାରକାସ୍ଥିତ ଷ୍ଟାଡିୟମରେ ଆୟୋଜିତ ଧର୍ମଶାଳା ସୁପରକପ୍ ଟି-୨୦ ମ୍ୟାଚ୍‌ର ମଙ୍ଗଳବାର ଏସଆରସିଟି କେନ୍ଦୁଝର ଆୟୋଜକ ଧର୍ମଶାଳା ସ୍ପୋର୍ଟ୍ସ କାଉନ୍‌ସିଲ ଦଳକୁ ୪ ଉଇକେଟରେ ଓ ଅନ୍ୟ ଏକ ମ୍ୟାଚ୍‌ରେ ବିଏସ୍‌ସି ବଡ଼ଚଣା ଦଳ ଧବଳଗିରିର ଡିସିସିକୁ ୫ ଉଇକେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ସ୍ପୋର୍ଟ୍ସ କାଉନ୍‌ସିଲ୍ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍‌ରେ ୯ ଉଇକେଟ ହରାଇ ୯୩ ରନ୍ କରିଥିଲା। ଜବାବରେ କେନ୍ଦୁଝର ଦଳ ୧୨.୩ ଓଭର୍‌ରେ ୬ ଉଇକେଟ ହରାଇ ୯୫ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଧବଳଗିରି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର୍‌ରେ ୪ ଉଇକେଟ ହରାଇ ୧୫୩ ରନ୍ କରିଥିଲା। ଜବାବରେ ବଡ଼ଚଣା ଦଳ ବ୍ୟାଟିଂ କରି ୧୪.୪ ଓଭର୍‌ରେ ୫ ଉଇକେଟ ହରାଇ ୧୫୭ ରନ୍ କରି ବିଜୟୀ ହୋଇଥିଲା। ସୁବ୍ରତ ଜେନା, ଅମରେଶ ପରିଡା, ଇନ୍ତେକାବ ଆଲମ ଓ ଦିଲକ ଜେନା ଖେଳ ପରିଚାଳନା କରିଥିଲେ।

## ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନ
# ଦିନକ ପରେ ପରାମର୍ଶଦାତା କମିଟି ବୈଠକ

**ଯାଜପୁର ଅଫିସ,୨୨।୧**



- ୬ଦଫା ସମ୍ବଳିତ ସମସ୍ୟା ଉପରେ ହେବ ଆଲୋଚନା
- ଗୁଡ୍‌ସ ସେଡ୍ ପାଇଁ ଅତିଷ୍ଠ ସହରବାସୀ
- ଷ୍ଟେଶନର ପଶ୍ଚିମକୁ ସ୍ଥାନାନ୍ତର ପାଇଁ ଦିଆଯିବ ପ୍ରସ୍ତାବ

ଭାରତ ସରକାର ସ୍ୱଚ୍ଛତା ଅଭିଯାନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅଥଚ ରେଳ ମନ୍ତ୍ରଣାଳୟର ଅଧୀନରେ ଥିବା ରେଳଷ୍ଟେଶନ ଉପରେ ସ୍ୱଚ୍ଛ ଭାରତ ଅଭିଯାନ ଦିଗହରା ହୋଇଛି। ଖୋର୍ଦ୍ଧା ରେଳ ଡିଭିଜନ ଅଧୀନସ୍ଥ ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନକୁ ଲାଗି ରହିଥିବା ଗୁଡ୍‌ସ ସେଡକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ସହର ମଧ୍ୟରେ ଗୁଡ୍‌ସ ସେଡ ଥିବାରୁ ସମେଣ୍ଟ ଗୁଣ୍ଡରେ ଯାତ୍ରୀ ଓ ସହରବାସୀ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏପରିକି ଟ୍ରାଫିକ ସମସ୍ୟା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହି ଗୁଡ୍‌ସ ସେଡ ସ୍ଥାନାନ୍ତର ପାଇଁ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଦିନକ ପରେ ଅର୍ଥାତ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକରେ ଏହି ପ୍ରସଙ୍ଗକୁ ଉପସ୍ଥାପନ କରି ଆଲୋଚନା କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନ ସର୍ବାଧିକ ରାଜସ୍ୱ ଦେଇ ଆସୁଛି। ଏପରିକି ଏହି ଷ୍ଟେଶନ ଏ' ଗ୍ରେଡ ମାନ୍ୟତା ପାଇଛି । କିନ୍ତୁ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଷ୍ଟେଶନର ନାମକରଣ ଯାଜପୁର-କେନ୍ଦୁଝର ରୋଡ ହୋଇଥିଲେ ହେଁ ଏଠାରୁ କେନ୍ଦୁଝର ଜିଲାକୁ ଗୋଟିଏ ବି ଟ୍ରେନ ଚଳାଚଳ କରୁନାହିଁ। ଷ୍ଟେଶନର ପରିଚାଳନା ଓ ବିକାଶ ପାଇଁ ଗଠିତ ପରାମର୍ଶଦାତା କମିଟିର ୧୬।୨୦୧୮ ତାରିଖ ବୈଠକରେ ଏନେଇ ଆଲୋଚନା ହୋଇଛି। କିନ୍ତୁ ବୈଠକରେ ଏହାର ସମାଧାନ ହୋଇପାରିବ ନାହିଁ ବୋଲି କମିଟି ଅଧ୍ୟକ୍ଷ ସିଧାସଳଖ ମନା କରିଦେଇଥିଲେ। ଏହାବାଦ ଏହି ରେଳଷ୍ଟେଶନରେ ନାନା ଅସମାହିତ ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଥିଲେ ହେଁ ରେଳ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଆସନ୍ତା ୨୪ତାରିଖରେ କମିଟିର ଦ୍ୱିତୀୟ ବୈଠକ ହେବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ କମିଟିର ସଭ୍ୟ ଭାଗିରଥି ଆଚାର୍ଯ୍ୟ ଓ ଅନ୍ୟସଭ୍ୟମାନେ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନରେ ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ୬ଦଫା ସମ୍ବଳିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ରଖିଛନ୍ତି। ବିଶେଷକରି ରେଳଷ୍ଟେଶନ ମଝିରେ ଥିବା ଗୁଡ୍‌ସ ସେଡ ପାଇଁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେଉଁଦିନ ସିମେଣ୍ଟ ଅନ୍‌ଲୋଡିଂ ହେଉଛି ସେହିଦିନ ଶହଶହ ଟ୍ରକ୍ ସହର ଦେଇ ପରିବହନ ହେଉଛି। ଏହି ସମୟରେ ଦଳା ଛକଠାରୁ ଗଣେଶ ବଜାର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ୍ ପରିସ୍ଥିତି ମଧ୍ୟ ଅଣାୟତ୍ତ ହେଉଛି। ସିମେଣ୍ଟ ଗୁଣ୍ଡରେ ସହରବାସୀ ଅତିଷ୍ଠ ହେଉଥିବାବେଳେ ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ପରିସର ଧଳା ରଙ୍ଗରେ ଆଚ୍ଛାଦିତ ହୋଇଯାଉଛି। ଟ୍ରାଫିକ୍ ସମସ୍ୟା ଯୋଗୁ ଏହି ରାସ୍ତାଦେଇ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଦୀର୍ଘ ସମୟ ଅଟକି ରହୁଥିବା ଦେଖିବାକୁ ମିଳିଛି । ତେଣୁ ଏହି ଗୁଡ୍‌ସ ସେଡକୁ ଷ୍ଟେଶନର ପଶ୍ଚିମରେ ଥିବା ଅଞ୍ଚଳକୁ ସ୍ଥାନାନ୍ତରଣ କରିବାକୁ ପରାମର୍ଶଦାତା କମିଟି ବୈଠକରେ ପ୍ରସ୍ତାବ ଦିଆଯିବ ବୋଲି ଜଣାପଡ଼ିଛି। ପୂର୍ବ ଓ ପଶ୍ଚିମରେ ଥିବା ଲେଭଲ କ୍ରସିଂ ବନ୍ଦ ହେଲେ ଯାତ୍ରୀ ଓ ସାଧାରଣ ଜନତା ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦକ୍ଷିଣ ପାର୍ଶ୍ୱର ଯାତ୍ରୀମାନେ ତାଙ୍କ ବାଇକ କିମ୍ବା ଗାଡ଼ି ଷ୍ଟାଣ୍ଡକୁ ନେଇ ରଖିବା ଅସମ୍ଭବ ହେଉଛି। ଏଥିପାଇଁ ବହୁ ସମୟରେ ଯାତ୍ରୀମାନେ ଠିକ ସମୟରେ ଷ୍ଟେଶନକୁ ପହଞ୍ଚି ନ ପାରି ଟ୍ରେନ ଫେଲ୍ ହେଉଛନ୍ତି। ତେଣୁ ଦକ୍ଷିଣ ପାର୍ଶ୍ୱରେ ବାଇକ/ଚାରି ଚକିଆ ଯାନ ପାଇଁ ଷ୍ଟାଣ୍ଡ ନିର୍ମାଣ ସହିତ ଏକ ଟିକେଟ କାଉଣ୍ଟର ଖୋଲିବାକୁ ପ୍ରସ୍ତାବ ରହିଛି । ମେମୁ ଟ୍ରେନ ପୁରୀ, ବ୍ରହ୍ମପୁର, ତାଳଚେର, ଅନୁଗୋଳ, ବାଲେଶ୍ୱରକୁ ସମ୍ପ୍ରସାରଣ ହୋଇଛି। କିନ୍ତୁ ଯାଜପୁର-କେନ୍ଦୁଝର ଅଞ୍ଚଳକୁ ଅବହେଳା କରାଯାଇଛି। ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ପ୍ରାନ୍ତରରେ ବୁଲେଟ ଟ୍ରେନ ସୁବିଧା ଯୋଗାଇ ଦେଉଥିବାବେଳେ ମାଇନିଂ ଅଞ୍ଚଳରୁ ସର୍ବାଧିକ ରାଜସ୍ୱ ଯାଉଥିବା ଏହି ଷ୍ଟେଶନ ପ୍ରତି ଅବିଚାର କରାଯାଉଛି ବୋଲି ଅଭିଯୋଗ ହେଉଛି। ଷ୍ଟେଶନର ପଶ୍ଚିମ ଦିଗରେ ୨ ଓ ୩ ନମ୍ବର ପ୍ଲାଟଫର୍ମରେ ଶୌଚାଳୟ ନିର୍ମାଣ ପାଇଁ ଗତ ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ଏହାର ଅଗ୍ରଗତି ଏଯାଏ ନୈରାଶ୍ୟଜନକ ରହିଛି। ପୂର୍ବ ପ୍ରସ୍ତାବ ଅନୁଯାୟୀ ପୁରୀ- ଗୌହାଟି ଟ୍ରେନ୍‌କୁ ମଙ୍ଗଳବାର ଯାଜପୁର ରୋଡରେ ରହଣୀ କରିବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏସଂକ୍ରାନ୍ତରେ ଯାଜପୁରରୋଡ- କେନ୍ଦୁଝରରୋଡ ଷ୍ଟେଶନ ମାଷ୍ଟରଙ୍କୁ ପଚାରିବାରେ ଫୁଟ ଓଭରବ୍ରିଜ୍ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗୁଡ୍‌ସ ସେଡ ସ୍ଥାନାନ୍ତର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ସେ କହିଛନ୍ତି।

## ଅମଠପୁର, ଚାରିନଙ୍ଗଳ, ଦର୍ପଣ ମଣ୍ଡିରେ ତଦନ୍ତ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୨।୧**

**ଧରା ପଡିଲା ଧାନମଣ୍ଡିରେ ଅନିୟମିତତା**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଦର୍ପଣ ଓ ଚାରିନଙ୍ଗଳ ଏବଂ ବରୀ ବ୍ଲକର ଅମଠପୁର ପ୍ୟାକ୍ସରେ ଧାନ ସଂଗ୍ରହରେ ବ୍ୟାପକ ଅନିୟମିତତା ଧରାପଡିଛି। ଗତ ୧୨ତାରିଖରେ ରାଜ୍ୟ ଯୋଗାଣ ନିଗମ(ଓଏସ୍‌ସିଏସ୍‌ସି) ଲିଃର ପରିଚାଳନା ନିର୍ଦ୍ଦେଶକଙ୍କ ଅନୁଧ୍ୟାନରୁ ଏହା ଜଣାପଡିଛି। ତେଣୁ ଆସନ୍ତା ୨୪।୧।୨୦୧୯ ତାରିଖରେ ୪ଜଣ ଅଧିକାରୀଙ୍କୁ ଏହି ଅନିୟମିତତାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ମର୍ମରେ ଓଏସ୍‌ସିଏସ୍‌ର ପରିଚାଳନା ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୯୯୧/୨୧।୧।୨୦୧୯ରେ ଯାଜପୁର ଏସିଏସ୍‌ଓଙ୍କ ସମେତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟର ଖଣ୍ଡେଲୱାଲ, ପି.ଆର. କର ଓ ନିର୍ମଳ ମଣ୍ଡଳଙ୍କୁ ଦାୟିତ୍ୱ ଦେଇଛନ୍ତି। ଧରିତ୍ରୀରେ ନିୟମିତ ଭାବେ ଗତ ଡିସେମ୍ବର ୨୧, ଜାନୁୟାରୀ ୫ ଓ ୧୦ ତାରିଖରେ ଧାନ ସଂଗ୍ରହରେ ଅନିୟମିତତା ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ଏହିସବୁ ଖବର ସଂକ୍ରାନ୍ତରେ ଭାଜପା ନେତା ଉଦୟନାଥ ସାହୁ ଟୁଇଟ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜାଣିବାକୁ ମିଳିଛି।

ଗତ ଡିସେମ୍ବର ମାସରେ ଯାଜପୁର ଜିଲାରେ ଧାନମଣ୍ଡି ଖୋଲିବାରେ ଅବହେଳା ତଥା ବିଳମ୍ବ ପାଇଁ ଜିଲାପାଳ ରଞ୍ଜନ କୁମାର ଦାସ ୬୦ ଜଣ ପ୍ୟାକ୍ସ ସେକ୍ରେଟାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ। ୨୦୧୭-୧୮ଆର୍ଥିକ ବର୍ଷରେ ୭,୦୫,୮୪୨.୦୩ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରହିଥିଲାବେଳେ ୬,୦୭,୬୦୫.୮୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଗତବର୍ଷ ୨ମାସ ପରେ ଧାନମଣ୍ଡି ଖୋଲିବାରୁ ପ୍ରାୟ ୧ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ନ ପାରି ଚାଷୀ ଅଭାବି ବିକ୍ରିର ସମ୍ମୁଖୀନ ହୋଇଥିଲେ। ସେହିବର୍ଷ ପ୍ରଶାସନିକସ୍ତରରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ ହେବାରୁ ଚଳିତ ବର୍ଷ ମଧ୍ୟ ଧାନମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହୋଇଛି। ଏପରିକି ଜାନୁୟାରୀ ମାସ ୯ତାରିଖ ପର୍ଯ୍ୟନ୍ତ ୨୫ଟି ପ୍ୟାକ୍ସ ଧାନମଣ୍ଡି ଖୋଲି ନ ଥିଲେ। ପଶ୍ଚିମ ବଡ଼ଚଣାର କୌଣସି ଗୋଟିଏ ବି ସ୍ଥାନରେ ମଣ୍ଡି ଖୋଲାଯାଇ ନ ଥିଲା। ମଧ୍ୟସ୍ଥମାନେ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ମାତ୍ର ୧୨୦୦ ଟଙ୍କାରେ ଧାନ କିଣି ଆନ୍ଧ୍ର ପ୍ରଦେଶକୁ ବଡ଼ ବଡ଼ ଟ୍ରକ ଯୋଗେ ପ୍ରାୟ ୩ଶହ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ଧାନ ଚାଲାଣ କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ତେବେ ୨୧ତାରିଖ ସୁଦ୍ଧା ଅମଠପୁର ପ୍ୟାକ୍ସରେ ୨୯୦୪.୧୫ କୁଇଣ୍ଟାଲ, ଚାରିନଙ୍ଗଳ ପ୍ୟାକ୍ସରେ ୨୩୫୯.୯୮ କୁଇଣ୍ଟାଲ ଓ ଦର୍ପଣ ପ୍ୟାକ୍ସରେ ୬୬୦୨.୭୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ପୂର୍ବରୁ ଚାଷୀମାନେ ମଧ୍ୟସ୍ଥଙ୍କୁ କମ୍ ଦରରେ ଧାନ ବିକ୍ରି କରି ଦେଇଥିବାରୁ ଏଠାରେ ଧାନ ସଂଗ୍ରହ ନୈରାଶ୍ୟଜନକ ହୋଇଛି। ତେବେ ଏସ୍‌ସିଏସସିର ପରିଚାଳନା ନିର୍ଦ୍ଦେଶକ ଦେଇଥିବା ତଦନ୍ତ କେତେ ନିରପେକ୍ଷ ହେବ ତାହା ସମୟ ହିଁ କହିବ ବୋଲି ଏବେ ଆଲୋଚନା ହେଉଛି।

### ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ ପୂଜ୍ୟପୂଜାକୁ ସମ୍ମାନ

**ରସୁଲପୁର,୨୨।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ପୂଜ୍ୟପୂଜାଙ୍କୁ ସମ୍ମାନ ଓ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷକ ରାମଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସହାକରୀ ବ୍ଲକ ଶିକ୍ଷାଧିକାରୀ ଭିକାରୀ ଚରଣ କବି ମୁଖ୍ୟଅତିଥି ଭାବରେ ଯୋଗଦେଇ ପିଲାଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ପିଲାମାନେ କଢ଼ି ସଦୃଶ ଭବିଷ୍ୟତରେ ପ୍ରସ୍ଫୁଟିତ ଫୁଲ ହୋଇ ଫୁଟନ୍ତୁ ଜାତି ଓ ଦେଶର ଟେକ ରଖନ୍ତୁ ବୋଲି କାମନା କରିଥିଲେ। ସମ୍ମାନିତ ଅତିଥିଭାବରେ ସାଧାନ କେନ୍ଦ୍ର ଅଧିକାରୀ ପ୍ରତାପରୁଦ୍ର ପଣ୍ଡା, ଖବରଦାତା ରଞ୍ଜିତ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆର୍ତ୍ତବନ୍ଧୁ ଘଡାଇ, ଝରଣା ବରାଉତ, ଝରଣା ଘଡ଼େଇ ପ୍ରମୁଖଙ୍କ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ଜଗବନ୍ଧୁ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ୨୮ଜଣ ଛାତ୍ରୀଛାତ୍ରଙ୍କୁ ୨ହଳ ଲେଖାଏ ପୋଷାକ ଓ ଜୋତା ପ୍ରଦାନ କରାଯାଇଥିଲା।

### ଘନ କୁହୁଡ଼ି ଯୋଗୁ ପୃଥକ୍ ଦୁର୍ଘଟଣା
## ମା' ମୃତ, ପୁଅ ଗୁରୁତର

**ବାଲିଚନ୍ଦ୍ରପୁର,୨୨।୧(ସ୍ୱ.ପ୍ର.)**

ରତ୍ନଗିରି-କୃଷ୍ଣଦାସପୁର ରାସ୍ତାର ଝରକୁଳଠାରେ ଏକ କୋଇଲା ବୋଝେଇ ହାଇୱା ସହ ବାଇକ୍ ଧକ୍କା ହେବାରୁ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ଅଛନ୍ତି। ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଝିପଡ଼ା ପଞ୍ଚାୟତ ଚଣ୍ଡିଆ ଗ୍ରାମର ଅନ୍ନପୂର୍ଣ୍ଣା ପାଢ଼ି(୫୦) ଓ ଗୁରୁତର ହେଲେ ରତିକାନ୍ତ(୨୪)। ପ୍ରକାଶ ଯେ, କୃଷ୍ଣଦାସପୁରରୁ ଏକ କୋଇଲା ବୋଝେଇ ହାଇୱା (ଓଆର୍-୦୯-ଏଚ୍-୯୩୭୮) ବାଲିଚନ୍ଦ୍ରପୁର ଆଡ଼କୁ ଆସୁଥିଲା। କୁହୁଡ଼ି ଯୋଗୁ ରାସ୍ତା ଜାଣି ନ ପାରି ଏକ ମୋଟର ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ପୋଲିସକୁ ଖବର ଦେଇଥିଲେ। ଡାକ୍ତରଖାନା ନେବାବେଳେ ଅନ୍ନପୂର୍ଣ୍ଣାଙ୍କର ରାସ୍ତାରେ ମୃତ୍ୟୁ ହୋଇଥିଲା। ରତିକାନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଏକ ମାମଲା (୨୨/୧୯) ରୁଜୁ କରିଛି। ସେହିପରି ଚଣ୍ଡିଖୋଲ-ପାରାଦୀପ ୫ନଂ. (କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା ଅଧୀନ ଚାରିନଙ୍ଗଳ ଛକଠାରେ ମଙ୍ଗଳବାର ସକାଳୁ କୁହୁଡ଼ି ଯୋଗୁ ହାଇୱା ଓ ବସ୍ ଧକ୍କା ହେବା ଯୋଗୁ ବସ୍ ରାସ୍ତା ତଳକୁ ଖସିପଡ଼ିଥିଲା। ୪ ଛାତ୍ର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ଚଣ୍ଡିଖୋଲରୁ ଏକ ହାଇୱା (ଓଆର୍-୦୫-ଏଜେ-୪୫୬୩) ପାରାଦୀପ ଅଭିମୁଖେ ଆସୁଥିଲା। ଏହି ସମୟରେ ଏକ ଘରୋଇ ଶିକ୍ଷାନୁଷ୍ଠାନକୁ ଯାଉଥିବା ବସ୍ ସହ ଧକ୍କା ହେବାରୁ ବସ୍ ରାସ୍ତା ତଳକୁ ଖସିପଡ଼ିଥିଲା।

## ବୁଥ୍‌ସ୍ତରରେ ଭୋଟର ସଚେତନତା କର୍ମଶାଳା



ଜଣେ ମହିଳାଙ୍କୁ ଭିଭିପାଟ୍ ସମ୍ପର୍କରେ ସଚେତନ କରାଯାଉଛି।

**ରସୁଲପୁର,୨୨।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତରେ ମଙ୍ଗଳବାର ଚାନ୍ଦିପୁର ପ୍ରାଥମିକ ବିଦ୍ୟାଳୟ ଓ ମହେଶ୍ୱର ନୋଡାଲ ଉ.ପ୍ରା. ବିଦ୍ୟାଳୟ ବୁଥ୍‌ରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ୨ଟି ବୁଥ ଅଧୀନରେ ଥିବା ଭୋଟରଙ୍କୁ ଭୋଟର ଭେରିଫାଏବଲ୍ ପେପର ଅଡିଟ ଟ୍ରାଏଲ(ଭିଭିପାଟ୍) ମେଶିନର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ସଚେତନ କାରାଯାଉଛି । ଆଗାମୀ ସାଧାରଣ ନିର୍ବାଚନରେ ଭୋଟିଂ ମେସିନ୍ ସହ ଭିଭିପାଟ ବ୍ୟବହାର କରାଯାଉଛି। ବିଭିନ୍ନ ନିର୍ବାଚନ ବେଳେ ଭୋଟିଂ ମେଶିନକୁ ଟାମ୍ପରିଂ କରାଯାଉଛି। ଏପରିକି ଭୋଟରମାନେ ଭିନ୍ନ ଭିନ୍ନ ଚିହ୍ନରେ ଭୋଟଦାନ କରିବା ସତ୍ତ୍ୱେ ବି ଏକ ନିର୍ଦ୍ଦିଷ୍ଟ ଚିହ୍ନକୁ ଭୋଟ ଯାଉଛି ବୋଲି ଅଭିଯୋଗ ହେଉଥିଲା। ଏଥିରେ ସ୍ୱଚ୍ଛତା ଆଣିବା ସହ ପ୍ରତ୍ୟେକ ଭୋଟର କେଉଁ ଚିହ୍ନ ଓ ଦଳକୁ ଭୋଟ ଦେଉଛନ୍ତି ତାକୁ ଜାଣିପାରିବେ। ଏଦିଗରେ ପ୍ରମାଣମୂଳକ ଭାବରେ ଭୋଟିଂ ମେଶିନ ଓ ଭିଭିପାଟ ମେଶିନକୁ ବୁଥରେ ରଖାଯାଇ ଭୋଟରମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଗତି ସହାୟକ ପ୍ରୀତିଶ ରଞ୍ଜନ ସ୍ୱାଇଁ, ଆଞ୍ଚଳିକ ସାଧନକେନ୍ଦ୍ର ଅଧିକାରୀ ପ୍ରତାପରୁଦ୍ର ପଣ୍ଡା, ନିହାରରଞ୍ଜନ ଶତପଥୀ, ଗିରିଜାଶଙ୍କର ଆଚାର୍ଯ୍ୟ, ଦେବାର୍ଚ୍ଚନା ରାଉତ, ରଘୁନାଥ ରାଉତ, ଭରତଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ୨ଟି ବୁଥରେ ଭୋଟର ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ୨୦୧୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଛତିଆ,୨୨।୧(ଡି.ଏନ୍.ଏ.)**

ଛତିଆ ହାଇସ୍କୁଲ୍‌ର ୨୦୧୧ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେପକାଇବା ସହ ବିଦ୍ୟାଳୟ ପ୍ରତି ଆନ୍ତରିକତା ରହିବା ଉଚିତ୍ ବୋଲି କହିଥିଲେ। ସୌଗତ ଶେଖର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଅମିୟ ମହାପାତ୍ର, ବୈକୁଣ୍ଠ ନନ୍ଦ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଚଣ୍ଡିପୁର ବିଦ୍ୟାଳୟ ସମୂହର ୨୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ରସୁଲପୁର,୨୨।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମୂହର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ନୃତ୍ୟ ପ୍ରତିଯୋଗିତା କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ଥାନୀୟ ଚଣ୍ଡିପୁର ଗ୍ରାମର ଜଗନ୍ନାଥ ମନ୍ଦିରରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଖେଳପଡିଆରେ ମଶାଲ ପହଞ୍ଚିବାପରେ ବାର୍ଷିକ କ୍ରୀଡ଼ାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ବନଦୁର୍ଗା ସାଧନକେନ୍ଦ୍ରର ସଂଯୋଜକ ସରୋଜ ସୂତାର, ପ୍ରଧାନ ଶିକ୍ଷକ ସନାତନ ପଣ୍ଡା, ଶିକ୍ଷକ ବାସୁଦେବ ମଲିକ, ରମେଶଚନ୍ଦ୍ର ଦାସ, ତୃପ୍ତିମୟୀ ସାହୁ, ଦୀପ୍ତିମୟୀ ସାହୁ, ପୁଷ୍ପଲତା ରାଉତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାକୁ ଜୀବନର ଏକ ଅଙ୍ଗ ବୋଲି କହିବା ସହ ଏଥିରେ ମନୋନିବେଶ କଲେ ସୁନାମ ଅର୍ଜନ କରିପାରିବା ସହ ସୁସ୍ଥ ରହିପାରିବେ ବୋଲି ମତ ରଖିଥିଲେ। ଶିକ୍ଷକ ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କ୍ରୀଡାରେ ୧୨ଟି ବିଭାଗର ଖେଳରେ ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।

## ସରିଲା ବରୁଣେଶ୍ୱର ମେଳା, ଆର ବରଷକୁ ଅପେକ୍ଷା

**ବିଞ୍ଝାରପୁର,୨୨।୧(ଡି.ଏନ.ଏ)**

୯ଦିନବ୍ୟାପି ଚାଲିଥିବା ପ୍ରସିଦ୍ଧ ବରୁଣେଶ୍ୱର ମେଳା ମଙ୍ଗଳବାର ରାତିରେ ଶେଷ ହୋଇଛି । ଶେଷ ଦିନରେ ବହୁ ଯାତ୍ରୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ମେଳା ସରିଯାଇଥିବାରୁ ଅନେକ ବ୍ୟବସାୟୀ ବଳି ପଡିଥିବା ସାମଗ୍ରୀକୁ ଶସ୍ତା ଦରରେ ବିକ୍ରୟ କରିଥିଲେ। ମେଳା ପଡିଆରେ ସମସ୍ତ ସରକାରୀ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିବାବେଳେ ଅଗ୍ନିଶମ ବାହିନୀର ସେବା ଯାତ୍ରୀଙ୍କ ବେଶ୍ ମନ ଛୁଇଁଛି। ମେଳା ପଡିଆରେ ଲକ୍ଷାଧିକ ଲୋକଙ୍କ ସୁରକ୍ଷା ପାଇଁ ୫୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଦୀର୍ଘ ୯ଦିନ ଧରି ରାତିଦିନ ଅନିଦ୍ରା ରହି ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ । ଏଥର ପୋଲିସ ମେଳା ପଡିଆର ଚାରିପଟରେ ଫୋର୍ସ ମୃତୟନ କରି ଆଇନ ଶୃଙ୍ଖଳା ରକ୍ଷା କରିଥିଲା। ମଇଁଦାରେ ଏକ ଅସ୍ଥାୟୀ ଶିବିର କରି ଟ୍ରାଫିକ ଓ ଚୋରାମଦ ଉପରେ ନିୟନ୍ତ୍ରଣ କରିଥିଲା। ଅପରପକ୍ଷରେ ମେଳା ଶେଷ ପରେ କୁଢ କୁଢ ପ୍ଲାଷ୍ଟିକ ଅବର୍ଜନା ମେଳା ପଡିଆ ଓ ପଡିଆରେ ବାହାରେ ପଡି ରହିଥିବା ଦେଖିବାକୁ ମିଳିଛି। ଏହିସବୁ ଅବର୍ଜନାକୁ ବିଜୁଯୁବ ବାହିନୀ ସଫେଇ କରୁଥିବା ଜଣାପଡିଛି । ୯ଦିନ ବ୍ୟାପି ଏହି ମେଳାକୁ ଚଳିତ ବର୍ଷ ଜିଲାପାଳଙ୍କ ନିର୍ଦ୍ଦେଶଅନୁସାରେ ସ୍ଥାନୀୟ ବିଡିଓ ଦାମୋଦର ଖୁଣ୍ଟିଆ, ତହସିଲଦାର ଶୁଭ୍ରବାଳା ବେହେରା, ଆରକ୍ଷୀ ନିରୀକ୍ଷକ ସୁଚିତ୍ରବୀର୍ଯ୍ୟ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମେଳା ପରିଚାଳନା କରାଯାଇଥିଲା। ଏହି ତିନି ପ୍ରଶାସକଙ୍କୁ ମେଳା ପରିଚାଳନାରେ ସ୍ଥାନୀୟ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ହେମେନ୍ଦ୍ର ସାମଲ,ରବିନ୍ଦ୍ର ପରିଡା, ପ୍ରଫୁଲ୍ଲ ନାୟକ, ସରୋଜ ସାମଲ, କାମଦେବ ଧଳ, ମନୋରଞ୍ଜନ ଧଳ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ମେଳାର ସଫଳ ଆୟୋଜନ ଓ ସୁପରିଚାଳନା ପାଇଁ ପ୍ରଶାସନକୁ ସାଧାରଣରେ ପ୍ରଶଂସା କରାଯାଇଛି।



ମେଳାର ଶେଷଦିନରେ ଯାତ୍ରୀଙ୍କ ସମାଗମ।



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାରଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



# ଆଲୋକୀକରଣ ଯୋଜନାରେ ଅର୍ଥ ହଡ଼ପ ମସୁଧା

## ସରପଞ୍ଚ, ପ୍ରଶାସନିକ ଅଧିକାରୀଙ୍କ ସଲାସୁତୁରାରେ ଚାଲିଛି କାର୍ଯ୍ୟ

ରସୁଲପୁର,୨୨।୧(ଡି.ଏନ୍.ଏ.)

ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ଯୋଜନା କାର୍ଯ୍ୟକାରୀ ନାଁରେ ଅର୍ଥ ହଡପ ମସୁଧା ହେଉଛି। ପଞ୍ଚାୟତସ୍ତରରେ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରପଞ୍ଚ ଓ ପ୍ରଶାସନିକ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଉଭୟ ଜନପ୍ରତିନିଧି ଓ ସରକାରୀବାବୁଙ୍କ ମଧ୍ୟରେ ଭିତିରି ବୁଝାବଣା ହୋଇଥିବାରୁ ବ୍ୟବସ୍ଥାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରସୁଲପୁର ବ୍ଲକରେ ମନଇଚ୍ଛା ପଞ୍ଚାୟତ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଛି। ଅପରପକ୍ଷରେ ଅଭିଯୋଗ ଆସିଲେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବ୍ଲକ ପ୍ରଶାସନ କହୁଛି। ଆଇନର ଗଳାବାଟ ଓ ପ୍ରଶାସନର ନୀରବତାରୁ ଫାଇଦା ମାରିବାକୁ ଚାହୁଁଛନ୍ତି ନେତା ଓ କର୍ମୀଗଣ । ଏଦିଗରେ ପ୍ରଶାସନିକ ଅଧିକାରୀମାନେ ଧ୍ୟାନ ଦେବା ସହ ଆଇନ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀ ଓ ସରପଞ୍ଚଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

ଅନୁସନ୍ଧାନରୁ ଜଣାଯାଏ ଚତୁର୍ଦ୍ଦଶ କେନ୍ଦ୍ରୀୟ ଓ ୪ର୍ଥ ରାଜ୍ୟ ଅର୍ଥ କମିଶନ ଯୋଜନା ଜରିଆରେ ପ୍ରତି ପଞ୍ଚାୟତକୁ ବାର୍ଷିକ ୨୦ରୁ ୩୦ ଲକ୍ଷ ଟଙ୍କା ଆସୁଛି। ଏହି ଅର୍ଥକୁ ଖର୍ଚ୍ଚ କରିବା ସମୟରେ ପଞ୍ଚାୟତରୁ ରାଜସ୍ୱବୃଦ୍ଧି ଘଟିବା ଦିଗରେ ଗୁରୁତ୍ୱ ଦିଆଯିବ। ଯାହାଫଳରେ ପଞ୍ଚାୟତର ଆୟ ବଢ଼ିବା ସହ କ୍ରମାନ୍ୱୟରେ ପଞ୍ଚାୟତଗୁଡ଼ିକ ସ୍ୱାବଲମ୍ବୀ ହୋଇପାରିବ ବୋଲି ସରକାରୀ ଉଦ୍ଦେଶ୍ୟ ରହିଛି। ମାତ୍ର ଏଦିଗପ୍ରତି ପଞ୍ଚାୟତଗୁଡ଼ିକ ଗୁରୁତ୍ୱ ପ୍ରଦାନ କରୁ ନ ଥିବାଭଳି ମନେ ହେଉଛି। ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କ ସଲାସୁତୁରାରେ ଟଙ୍କାକୁ ହରିଲୁଟ କରାଯାଉଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ପଞ୍ଚାୟତ ଆଲୋକୀକରଣ ଯୋଜନା। ପଞ୍ଚାୟତରେ ଆଲୋକ ଲଗାଇବା ପାଇଁ କୋଟିକୋଟି



ଟଙ୍କା ବ୍ୟୟ କରାଯାଉଛି। ହେଲେ ସେ ବାବଦରେ ପଞ୍ଚାୟତକୁ ଟଙ୍କାଟିଏ ଆସୁ ନ ଥିବାବେଳେ ନେତା,କର୍ମୀ, ଯନ୍ତ୍ରୀ ଓ ଅଧିକାରୀଙ୍କ ପକେଟ କିନ୍ତୁ ଗରମ ହେଉଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ମୋଟା ଅଙ୍କର ପିସି କାରବାର ହେଉଥିବା ଅଭିଯୋଗ ହେଉଛି। ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସ କେଇଟି ବାକି ରହିଛି। ଏହି ଅବସରରେ ଲାଇଟ ଲଗାଇବା ଆଳରେ ଟଙ୍କା ହଡପ କରିବାକୁ ଏକମାତ୍ର ସୁବିଧା ବାଟ ବୋଲି ଧରାଯାଉଛି। ପଞ୍ଚାୟତରେ ଆଲୋକୀକରଣ ପାଇଁ ରହିଥିବା ସରକାରୀ ନିୟମ ଓ ସର୍ତ୍ତାବଳୀକୁ ଅନୁସରଣ କରାଯାଉ ନାହିଁ। ପଞ୍ଚାୟତ ଆଲୋକୀକରଣ ବ୍ୟବସ୍ଥାକୁ ରାଜ୍ୟସ୍ତରରେ ଟେଣ୍ଡର ଜରିଆରେ ପରିଚାଳନା କରିବାକୁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଚିଠି ନଂ-୨୧୭୫୬/୧୪।୪।୨୦୧୮ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଏପରି କି ଟେଣ୍ଡର ଜରିଆରେ ଠିକାଦାର ଚୟନ କରାଯିବ। ଟେଣ୍ଡର ପାଇଥିବା ଭେଣ୍ଡର ଓ ଠିକାଦାର ଜରିଆରେ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଆଲୋକ ସ୍ଥାପନ କରାଯିବ। ମାତ୍ର ସରକାରଙ୍କ ଏହି ସ୍ପଷ୍ଟ ନିର୍ଦ୍ଦେଶକୁ ପଞ୍ଚାୟତସ୍ତରରେ ଉଲ୍ଲଙ୍ଘନ କରାଯାଉଛି। ସରପଞ୍ଚ ଓ ନର୍ବାହୀ ଅଧିକାରୀମାନେ ଉକ୍ତ ନିର୍ଦ୍ଦେଶନାମାକୁ ପାଳନ ନ କରି ବୁଝାମଣାରେ କାମ କରିବାକୁ ଯୋଜନା କରୁଛନ୍ତି। ଏପରି କେତେକ ପଞ୍ଚାୟତରେ ସରପଞ୍ଚମାନେ ପଞ୍ଚାୟତ ବୈଠକ ରିଜୋଲ୍ୟୁଶନକୁ ଆଳକରି ବିଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା ସ୍ଥାପନ କରିଛନ୍ତି। ନୀୟମାବଳୀକୁ ଅନୁସରଣ କରାଯାଉ ନ ଥିବାରୁ ବିଭାଗୀୟ ଯନ୍ତ୍ରୀମାନେ ବିଲ୍ କରିବାକୁ କୁଣ୍ଠାକୁଣ୍ଠ ହେଉଛନ୍ତି। ଏଭଳିଭାବେ ଯୋଜନାର ଅର୍ଥ ହରିଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି । ହେଲେ ପ୍ରଶାସନର ନୀରବତା ସମସ୍ତଙ୍କୁ ଚକିତ କରିଛି। ଫଳରେ କୋଟିକୋଟି ଟଙ୍କା ଚଳୁ ହୋଇଯିବାର ଆଶଙ୍କା ବୃଦ୍ଧି ପାଇଛି। ଏ ସମ୍ପର୍କରେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ରାଜ୍ୟ ସରକାରଙ୍କ ଚିଠି ମୁତାବକ ପଞ୍ଚାୟତକୁ ଆସିଥିବା ଅର୍ଥକୁ ବିନିଯୋଗ ପାଇଁ ସରପଞ୍ଚଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଦିଗରେ ରହିଥିବା ନିୟମାବଳୀ ଚିଠିକୁ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଆଇନ ଉଲ୍ଲଙ୍ଘନ କରାଯାଇଥିବାନେଇ କୌଣସି ସ୍ଥାନରୁ ଅଭିଯୋଗ ଆସିଲେ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ମତ ରଖିଛନ୍ତି।

## କୁରୁପଦା ଇଟାଭାଟିରେ ଶ୍ରମିକ ମୃତ

ଯାଜପୁରରୋଡ,୨୨।୧(ନି.ପ୍ର.)
ବ୍ୟାସନଗର ତହସିଲ ଅନ୍ତର୍ଗତ କୁରୁପଦା ଗ୍ରାମ ନିକଟରେ ଥିବା ଏକ ଇଟା ଭାଟିରେ ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲା ହାଟଡିହି ବ୍ଲକ ହଦଗଡ଼ ଅଞ୍ଚଳର ଦଳେଇ ଦଙ୍ଗ(୨୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କଭରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଦଳେଇ ଓ ତାଙ୍କ ନେପାଳ ଗତ ରବିବାର କାମ କରିବାକୁ କୁରୁପଦା ଗ୍ରାମକୁ ଆସିଥିଲେ। ମଙ୍ଗଳବାର ଇଟା ଭାଟିରେ କାମ କରୁଥିବା ବେଳେ ଦଳେଇଙ୍କୁ ଶୋଷ ହେଲା। ତାଙ୍କ ଭାଇ ନେପାଳ ତାଙ୍କୁ ପାଣି ପିଇବାକୁ ଦେଇଥିଲେ। ପାଣି ପିଇବା ପରେ ହଠାତ୍ ଝାଳ ବୋହିଯାଇ ତଳେ ପଡ଼ିଗଲେ। ଭାଟିରୁ ପଡ଼ି ଦଳେଇଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲା।

## ସଂକ୍ଷେପରେ

### କମ୍ୟୁନିଟି କେନ୍ଦ୍ର ଉଦ୍‌ଘାଟିତ

ଛତିଆ,୨୨।୧(ଡି.ଏନ୍.ଏ.)- ବୈରୀ ଥାନା ଅନ୍ତର୍ଗତ ବୈରୀ ପଞ୍ଚାୟତ ବଗଉ ଆଦିବାସୀ ସାହିରେ ମଙ୍ଗଳବାର ଏକ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ୩ ଲକ୍ଷ ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ ଗୋଷ୍ଠୀ କେନ୍ଦ୍ର ଡାଲ୍‌ମିଆ ଫାଉଣ୍ଡେଶନ୍ ତରଫରୁ ନିର୍ମାଣ କରାଯାଇଛି। କପିଳାସ ସିମେଣ୍ଟ କାରଖାନାର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ସାହୁ ଓ ତାଙ୍କ ସ୍ତ୍ରୀ କବିତାଙ୍କ ଦ୍ୱାରା ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଏହି କେନ୍ଦ୍ର ଉତ୍ସର୍ଗ କରାଯାଇଛି । କୋଣାର୍କ ସିମେଣ୍ଟ କାରଖାନାର ଲୋକ ସମ୍ପର୍କ ଅଧିକାରୀ ନିଳାମ୍ବର ମିଶ୍ର ଓ ସହକାରୀ ଲୋକ ସମ୍ପର୍କ ଅଧିକାରୀ ବଳରାମ ଭୂୟାଁ ଓ ଦୀପକ କୁମାର ସ୍ୱାଇଁ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

### ମା' ଡାଳଖାଇ ପୀଠରେ ଯଜ୍ଞ

ବାଲିଚନ୍ଦ୍ରପୁର,୨୨।୧(ସ୍ୱ.ପ୍ର.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ବେଲବଣ ଡାଳଖାଇ ପୀଠରେ ଏକ ଦିବସୀୟ ଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ସୂର୍ଯ୍ୟ ପୂଜା, ଗୋ ପୂଜା, କଳସ ପୂଜା ଆଦି ରୀତିନୀତି ଅନୁଯାୟୀ ଆରମ୍ଭ ହେବା ପରେ ଯଜ୍ଞ କାର୍ଯ୍ୟ ହୋଇଥିଲା। ପଣ୍ଡିତ ପ୍ରଭାକର ଉଦ୍‌ଗାତା, ବ୍ରଜକିଶୋର ନନ୍ଦ, ବୀରକିଶୋର ଦାଶ, ଶରତ ଚନ୍ଦ୍ର ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। ବରଦା ଓ ବାଲିପଡ଼ିଆ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିବା ସହ ଭଜନ ସମାରୋହରେ ଯୋଗଦେଇଥିଲେ। ଆଶିଷ କୁମାର ତ୍ରିପାଠୀ, କାଳନ୍ଦୀ ଖଟୁଆ, କାର୍ତ୍ତିକ ଚନ୍ଦ୍ର ଦାଶ, ପ୍ରବୀର ସାମଲ, ଦେବେନ୍ଦ୍ର କୁମାର ସାମଲ, ସୁରେନ୍ଦ୍ର ପ୍ରଧାନ, ସନ୍ତୋଷ ରାଉତ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

କୋରେଇ,୨୨।୧(ସ୍ୱ.ପ୍ର.)- ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିଶ ମିଡିୟମ୍ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟମଣୀ ରାୟ ଓ ଯୁବନେତା ମୁସ୍ତାକ ଅଲ୍ଲୀ ଖାଁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅବଦୁଲ ସଇଦ ଖାଁ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ୨୨୫ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଖେଳ ପରିଚାଳନା କରିଥିଲେ।

### ସେଣ୍ଟ ଯୋଶେଫ୍ ପବ୍ଲିକ ସ୍କୁଲକୁ ମିଳିଲା ସରକାରୀ ସ୍ୱୀକୃତି

ବାଲିଚନ୍ଦ୍ରପୁର,୨୨।୧(ସ୍ୱ.ପ୍ର.)- ଯାଜପୁର ଶିକ୍ଷା ଜିଲା ଅନ୍ତର୍ଗତ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ନଳୀପୁରସ୍ଥିତ ସେଣ୍ଟ ଯୋଶେଫ୍ ପବ୍ଲିକ ସ୍କୁଲକୁ ସରକାରୀ ସ୍ୱୀକୃତି ମିଳିଥିବା ଜଣାପଡ଼ିଛି। ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା, ୧୦୮୨୨/୧୫।୧୨।୨୦୧୮ ତଥା କୋଡ୍ ନଂ. ଜେ.ପି.ଆର୍ ୦୧୦୫/୨୦୧୭ ଅନୁଯାୟୀ ଏହି ସ୍ୱୀକୃତି ମିଳିଥିବା ସ୍କୁଲର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ଏହି ସ୍କୁଲକୁ ସରକାରୀ ସ୍ୱୀକୃତି ମିଳିଥିବାରୁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନେଇ ଆଶଙ୍କା ଦୂର ହୋଇଥିବାବେଳେ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରିଣୀଙ୍କୁ କୃତଜ୍ଞତା ଜଣାଯାଇଛି।

### ଭାଜପାର ଜନପରାମର୍ଶ ପଦଯାତ୍ରା

କୋରେଇ,୨୨।୧(ସ୍ୱ.ପ୍ର.)- ରାଜ୍ୟ ଭାଜପାର ଆହ୍ୱାନକ୍ରମେ କୋରେଇ ଭାଜପା ପକ୍ଷରୁ ସୋମବାର ବିଭିନ୍ନ ପଞ୍ଚାୟତରେ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ବିଶ୍ୱଜିତ୍ ନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ସୋଲପଟା, ବେଙ୍ଗମାଧପୁର ଓ ବଡ଼ବିରୁହାଁ ଗ୍ରାମ ପରିକ୍ରମା କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ବ୍ଲକ ଅଧକ୍ଷା ମାଳତି ଟୁଡୁ, ସରପଞ୍ଚ ସୁଲୋଚନା ପଣ୍ଡା, ମଣ୍ଡଳ ସଭାପତି ପ୍ରମୋଦ ସାହୁ, ପ୍ରକାଶ ଧଳ, ବିକ୍ରମ ବିଶ୍ୱାଳ, କ୍ଷୀରୋଦ ଦାସ, ରାକେଶ ମହାନ୍ତି, ଶଶିଭୂଷଣ ସେନାପତି ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ନିର୍ବାଚନ ପୂର୍ବରୁ କୋରେଇ ବ୍ଲକର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଭାଜପା ନେତା ନାୟକ ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ଆଗାମୀ ଦିନରେ ପରିବର୍ତ୍ତନର ସୂଚନା ଦେଉଛି ବୋଲି ଦଳୀୟ କର୍ମୀ କହିଛନ୍ତି।

■ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବରେ ରାଜ୍ୟପାଳ

# 'ଶିଶୁଙ୍କୁ ପ୍ରକୃତିକୁ ଭଲ ପାଇବାକୁ ଦିଅ'

ଯାଜପୁର ଅଫିସ,୨୨।୧

ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଜାଗରଣ କରିବାରେ ମାତାପିତା ଓ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁ ଯେଉଁ ରାସ୍ତାରେ ଯିବାକୁ ଆଗ୍ରହ ପ୍ରକାଶ କରୁଛି ସେହି ରାସ୍ତାକୁ ଯିବାକୁ ଦିଅ । ଶିଶୁଙ୍କ ଚେରକୁ ନ କାଟି ପ୍ରକୃତିକୁ ଭଲ ପାଇବାକୁ ଦିଅ। ପିଲାମାନେ ନିଜର ପ୍ରତିଭାକୁ ଯେଭଳି ଚିହ୍ନିପାରିବେ ସେ ନେଇ ମାତାପିତା ଯତ୍ନବାନ ହେବାର ଆବଶ୍ୟକତା ରହିଛି। ସମ୍ପ୍ରତି ଆମେ ଆମ ହସକୁ ଭୁଲି ଯାଇଛୁ କିନ୍ତୁ ଶିଶୁମାନଙ୍କ ହସରେ କୌଣସି କପଟ ନାହିଁ। ସେମାନଙ୍କ ହସ ଭଗବାନଙ୍କ ହସ ସହିତ ସମାନ ବୋଲି ରାଜ୍ୟପାଳ ଗଣେଶି ଲାଲ ମତପ୍ରକାଶ କରିଛନ୍ତି । ମଙ୍ଗଳବାର ବ୍ୟାସନଗର ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୯ମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶି ଲାଲ ବିଭିନ୍ନ ଇତିହାସ ଓ ପୌରାଣିକ ଉଦାହରଣ ଦେଇଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ଦୁନିଆରେ ବୈଜ୍ଞାନିକ ଜ୍ଞାନକୌଶଳ ଯେତେ ଦୂର ଆଗେଇଥିଲେ ମଧ୍ୟ ନିଜକୁ ସମୀକ୍ଷା କରିବା ଆବଶ୍ୟକ। ପିଲାମାନଙ୍କୁ ଏହି ଶିକ୍ଷା ଦେବାର ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାୟିତ୍ୱ ରହିଛଇ। ପିଲାମାନେ ସବୁ କିଛି କରିପାରିବେ। ଏଥିପାଇଁ ଦୃଢ ମନୋବଳ ଓ ଇଚ୍ଛାଶକ୍ତିର ଆବଶ୍ୟକ ରହିଛି । ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମ, ପୌରାଣିକ ଯୁଗର ଭରତ, ଐତିହାସିକ ବାଘା ଯତିନ, ଯଶୱନ୍ତ ସିଂ ରାଠୋର ପ୍ରମୁଖଙ୍କ ଧୈର୍ଯ୍ୟ ଓ ସାହାସର କିମ୍ବଦନ୍ତୀ କହି ପିଲାମାନଙ୍କୁ ସେଭଳି ହେବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ସ୍କୁଲର ଅଧକ୍ଷ ଆଲେକଜାଣ୍ଡାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫକିରମୋହନ ବିଶ୍ୱବିଦ୍ୟାଳୟର ସିନେଟ ମେମ୍ବର ପ୍ରଫେସର ଶାନ୍ତନୁ ପାଣି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍କୁଲ ଦିନର ଜୀବନୀକୁ ମନେ ପକାଇ ସ୍କୁଲର ଗଠନମୂଳକ କାର୍ଯ୍ୟ ଉପରେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍କୁଲର ପ୍ରିନ୍ସିପାଲ ବିଶ୍ୱରଞ୍ଜନ ରାୟ ମଞ୍ଚାସୀନ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ନିର୍ମାଣ ହୋଇଥିବା ଏକ ନୂତନ କୋଠାକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ।



ବ୍ୟାସନଗର ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୯ମ ବାର୍ଷିକ ଉତ୍ସବରେ ପିଲାଙ୍କ ଗହଣରେ ଉପସ୍ଥିତ ରାଜ୍ୟପାଳ ଗଣେଶି ଲାଲ୍ ।

■ଶ୍ୟାମସୁନ୍ଦର ହାଇସ୍କୁଲର ହୀରକ ଜୟନ୍ତୀ ସମାରୋହ

# 'ମାତାପିତାଙ୍କ ସହ ଗୁରୁଜନଙ୍କ ପ୍ରତି ଭକ୍ତିଭାବ ରଖିବା ଦରକାର'

ଧର୍ମଶାଳା,୨୨।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତସ୍ଥିତ ଶ୍ୟାମସୁନ୍ଦର ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍କୁଲର ହୀରକ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଷ୍ଟଲ ଓ ପ୍ରଜ୍ଞାନ ପବ୍ଲିକେଶନ ପ୍ରଦର୍ଶିତ ପୁସ୍ତକ ମେଳା ବୁଲି ଦେଖିଥିଲେ। ପରେ ହୀରକ ଜୟନ୍ତୀ ଉତ୍ସବର ଉଦ୍‌ଘାଟନ କରିବା ସହ ଉତ୍ସବ ଉପଲକ୍ଷେ ପ୍ରକାଶିତ ମୁଖପତ୍ର ଶ୍ୟାମାୟନକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତି ମହାନ। ଭାରତ ବର୍ଷର ନଦୀନାଳ, ପର୍ବତ ଓ ମନ୍ଦିରର ବିଶ୍ୱରେ ଆଦୃତ ରହିଛି। ପୌରାଣିକ ଶିକ୍ଷା ତଥା ସାମାଜିକ ସୁରକ୍ଷା ଦିଗରେ ସୂଚନା ପ୍ରଦାନ କରି ମାତା ଓ ପିତା ଚଳନ୍ତି ଠାକୁର। ପିଲାମାନେ ସେମାନଙ୍କ ସହ ଗୁରୁଜନଙ୍କ ପ୍ରତି ଭକ୍ତି ଭାବନା ରଖିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଥିସହ ପୁରାଣର ବହୁ ଦୃଷ୍ଟାନ୍ତ ପ୍ରଦାନ କରି ଅଧ୍ୟାତ୍ମିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ପୁରାତନ ଶିକ୍ଷକ ଦେବେନ୍ଦ୍ରନାଥ ସାହୁ, ଭାଗବତ ପ୍ରସାଦ ଦାଶ, ରମେଶ କୁମାର ସାହୁ, ବ୍ରଜ କିଶୋର ଦାଶ, ଅନନ୍ତ ଚରଣ ସାହୁ, ଦୁର୍ଯ୍ୟୋଧନ ସାହୁ, ପ୍ରଶାନ୍ତ କୁମାର ସ୍ୱାଇଁ, ଆରତି ବେହେରା, ସେକ୍ ଗୟାସୁଦ୍ଦିନ୍, ଯତୀନ୍ଦ୍ର ନାଥ ଦାସ ଓ କର୍ମଚାରୀ କୁଳମଣି ସ୍ୱାଇଁ, ରବୀନ୍ଦ୍ର କୁମାର ସାହୁ, ବାବାଜୀ ପରିଡ଼ାଙ୍କୁ ସ୍କୁଲ ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ବିଧାୟକ ତଥା ହୀରକ ଜୟନ୍ତୀ କମିଟିର ସଭାପତି ରବି ଲାବଣ୍ୟଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥିଭାବେ ଲୋକ ସେବକ ମଣ୍ଡଳର ସର୍ବଭାରତୀୟ ସମ୍ପାଦକ ନିରଞ୍ଜନ ରଥ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ରାଜାରାମ ଶତପଥୀ ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଡୁ ବିବରଣୀ ପାଠ ଏବଂ ବଳଭଦ୍ର ଦାଶ ଉତ୍ସବ ପରିଚାଳନା କରିଥିଲେ।

■ଜାରକାଠାରେ ଫ୍ଲାଏଓଭର ନିର୍ମାଣ ପ୍ରସଙ୍ଗ

# ରାସ୍ତାକୁ ଓହ୍ଲାଇବ ଧର୍ମଶାଳା ଉନ୍ନୟନ କମିଟି

ଧର୍ମଶାଳା,୨୨।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାଠାରେ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ଦାବିରେ ମଙ୍ଗଳବାର ଜାରକାଠାରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତିଙ୍କ ଆବାହକତ୍ୱରେ ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସମେତ ଗଣେଶପୂଜା କମିଟି, ମହୋତ୍ସବ କମିଟି ଓ ପ୍ରେସ୍ କ୍ଲବ ଧର୍ମଶାଳାର ସଦସ୍ୟଙ୍କ ସହ ୬ଟି ବଜାର କମିଟି ଯୋଗଦେଇଥିଲେ। ୧୬ନମ୍ବର ଜାତୀୟ ରାଜପଥ ଜାରକା ଛକଠାରେ ଏକ ଫ୍ଲାଏ ଓଭର ବ୍ରିଜ୍ ଓ ବଜାରର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ବୈଠକରେ ଦାବି କରାଯାଇଛି। ଏଥିସହ ବର୍ତ୍ତମାନ ଜାତୀୟ ରାଜପଥର ପ୍ରସସ୍ତୀକରଣ ଚାଲିଥିବା ବେଳେ ତୁରନ୍ତ ଫ୍ଲାଏ ଓଭର କାର୍ଯ୍ୟକରିବାକୁ ଦାବି କରାଯାଇଥିଲା । ଏ ନେଇ ବୈଠକରେ ଧର୍ମଶାଳ ଉନ୍ନୟନ କମିଟି ନାମରେ ଏକ କମିଟି ଗଠନ କରାଯାଇଛି। ତେବେ ତୁରନ୍ତ ଏକ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରା ନ ଗଲେ ରାଜ ରାସ୍ତାକୁ ଓହ୍ଲାଇବାକୁ କମିଟି ପକ୍ଷରୁ ବୈଠକରେ ସ୍ଥିର କରାଯାଇଛି। ୧୬ନଂ ଜାତୀୟ ରାଜପଥ ୪ଥାକିଆ ରାସ୍ତା ନିର୍ମାଣ ସମୟରେ ଗଳିପୋଲକୁ ଅଣଓସାରିଆ ଓ କମ୍ ଉଚ୍ଚତା ବିଶିଷ୍ଟ କରାଯିବା ଦ୍ୱାରା ନିର୍ବାଚନ ମଣ୍ଡଳୀର ମୁଖଶାଳା ପାଲଟିଥିବା ଜାରକା ବଜାରରେ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏହାକୁ ନେଇ ଅନେକ ସମୟରେ ପ୍ରତିବାଦ ଓ ଖବର ପ୍ରସାରିତ ହୋଇଥିଲେ ମଧ୍ୟ ଏହାର ପ୍ରତିକାର କରାଯାଇ ନ ଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି।

# ନାବାଳିକା ନିଖୋଜ, ଥାନାରେ ମାମଲା

ବିରଜାକ୍ଷେତ୍ର,୨୨।୧(ଡି.ଏନ୍.ଏ.)

ଯାଜପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକା ନିଖୋଜ ହେବା ନେଇ ପରିବାର ଲୋକେ ମଙ୍ଗଳବାର ଯାଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଗତ ୨୦ ତାରିଖ ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକା ଶୌଚ ହେବା ପାଇଁ ବାହାରକୁ ଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ତରତୋଟା ଗ୍ରାମର ସର୍ବେଶ୍ୱର ଜେନା ତାଙ୍କୁ ଅପହରଣ କରିଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ସର୍ବେଶ୍ୱର ରାସ୍ତାରେ ଯାଉଥିବା ବହୁ ସ୍କୁଲ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଥିବା ନାବାଳିକାଙ୍କ ବାପା କହିଛନ୍ତି। ମାମଲା ରୁଜୁ ହେବା ପରେ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଘଟଣାକୁ ଗୁରୁତ୍ୱ ଦେବା ସହ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି।

# ଏକଦିବସୀୟ ପ୍ରାଣୀ ଚିକିତ୍ସା ଶିବିର

ବରୀ,୨୨।୧(ସ୍ୱ.ପ୍ର.)

ବରୀ ବ୍ଲକ ଅନ୍ତର୍ଗତ ଭଆଁରା ପଞ୍ଚାୟତର ରାଇପୁର ମେଳଣ ପଡ଼ିଆଠାରେ ମଙ୍ଗଳବାର ଯାଜପୁର ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ବିଶ୍ୱ ଆଧ୍ୟାତ୍ମିକ ସେବା ସଂଗଠନ ଆନନ୍ଦ ମାର୍ଗର ପ୍ରାଣୀ ଓ ବୃକ୍ଷ ସେବା ବିଭାଗ ପିକ୍‌ଅପ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ପାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିମାରୀ ଡାକ୍ତର ସଚ୍ଚିଦାନନ୍ଦ ପଣ୍ଡା, ବରୀ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଭକ୍ତଚରଣ ସେଠୀ, ପିକ୍‌ଅପ ଫାଉଣ୍ଡେଶନ ରାଷ୍ଟ୍ରୀୟ ସଂଯୋଜକ ଆଚାର୍ଯ୍ୟ ପ୍ରେମାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଭଆଁରା, ରାଇପୁର, ଶାସନ, ବରିଲୋ, ବୋଦୁଅ, ପାଳସାହି, ମଲ୍ଲିକ ସାହି ଆଦି ଗ୍ରାମରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ଗୋରୁ ଗାଈ, ଛେଳି, କୁକୁଡା ଆଦିଙ୍କୁ ଚିକିତ୍ସା କରାଯାଇଥିଲା। ବିଭିନ୍ନ ପ୍ରତିଷୋଧକ ଟିକା, କୃମି ନିରାକରଣ ଔଷଧ ଓ ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯାଇ ମାଗଣା ଔଷଧ ବିତରଣ କରାଯାଇଥିଲା। ଶିବିରକୁ ସଫଳ କରାଇବାରେ ସମାଜ ଆନ୍ଦୋଳନ ଓଡ଼ିଶାର ରାଜ୍ୟ ସମ୍ପାଦକ କାହ୍ନୁଚରଣ ବେହୁରା, ବନ୍ଦିତା ଦାସ, ଯୁବ ସାମାଜିକ କର୍ମୀ ସତ୍ୟରଞ୍ଜନ କର, କାଞ୍ଚନବାଳା ଯତି, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଜେନା, ବିଭୂତି ଭୂଷଣ ଧଳ, ପୀତାମ୍ବର ଭୂୟାଁ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ କରିଥିଲେ। ଆଗାମୀ ଦିନରେ ବରୀ ବ୍ଲକର ବହୁ ଅପହଞ୍ଚ ଗାଁ ଓ ପଞ୍ଚାୟତସ୍ତରରେ ଏଭଳି ଶିବିର ଆୟୋଜନ କରିବା ପାଇଁ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ପିକ୍‌ଅପ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।




ପ୍ରାଣୀ ଶିବିରରେ ଗୋରୁଙ୍କ ଚିକିତ୍ସା କରାଯାଉଛି ।

■ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍ ଉଦ୍‌ଯାପିତ

# ବ୍ରହ୍ମପୁରକୁ ହରାଇ ଭଦ୍ରକ ରେଲୱେ ଚାମ୍ପିୟନ

କୋରେଇ,୨୨।୧(ସ୍ୱ.ପ୍ର.)

ବ୍ୟାସନଗର ନିକଟ ତରାପୁର ଖେଳ ପଡିଆରେ ଚାଲିଥିବା ୨୧ତମ ମା' ହିଙ୍ଗୁଳା କପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବ୍ରହ୍ମପୁରର ୟୁନାଇଟେଡ୍ କ୍ଲବ୍ ଏବଂ ଭଦ୍ରକର ରେଲୱେ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ରେଲୱେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ରହ୍ମପୁର ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ୍ ହରାଇ ୧୬୫ ରନ୍ କରିଥିଲା। ଦଳ ପକ୍ଷରୁ ଆଇ.ଏସ୍ ଗିରି ୪୬ଟି ବଲ୍‌ର ସମ୍ମୁଖୀନ ହୋଇ ୬୫ ରନ୍ କରିଥିଲେ। ଜବାବରେ ଭଦ୍ରକ ରେଲୱେ ୨୫.୧ ଓଭରରେ ୧୭୦ ରନ୍ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଭଦ୍ରକର ଓମ୍ ଶ୍ରୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ବ୍ରହ୍ମପୁରର ଆଇ.ଏସ୍ ଗିରି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଭାଷ୍ୟକାର ଭାବେ ଜନ୍ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ସଞ୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଯାଜପୁର ଏମ୍‌ପି ରୀତା ତରାଇ ମୁଖ୍ୟବକ୍ତା, କୋରେଇ ବିଧାୟକ ଆକାଶ ଦାସନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଝରଣା ରାଉତ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ବ୍ୟାସନଗର ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡ଼ା, ମନୋଜ କୁମାର ନାୟକ, ଅଞ୍ଜଳି ରାଉତ ଏବଂ ରସୁଲପୁର ବ୍ଲକ୍ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କ୍ଲବ୍‌ର ସମ୍ପାଦକ ଅଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ଦଳ ପକ୍ଷରୁ ରମାକାନ୍ତ ବେହେରା, ବିମଳ ଜେନା, ମନୋଜ ମଲିକ, ଅକ୍ଷୟ ସାହୁ, ଉମେଶ ଦାସ, ହେମନ୍ତ ନାୟକଙ୍କ ସମେତ ଟାଇଗର୍ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ରନର୍ସ ଅପ୍ ଦଳକୁ ଅତିଥିମାନେ ଚେକ୍ ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### କାର୍‌କୁ ଧକ୍କା ଦେଲା ଟ୍ରକ୍, ୪ ଆହତ



**ଡେରାବିଶ, ୨୨।୧ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ବଜାରଠାରେ ମଙ୍ଗଳବାର ସକାଳୁ ଏକ ସଡ଼କ ଦୁର୍ଘଟଣା ଘଟି ୫ଜଣ ଆହତ ହୋଇଛନ୍ତି। ଚାନ୍ଦବାଲିରୁ କଟକ ଯାଉଥିବା ଏକ କାର (ନଂ.-ଓ.ଆର୍-୦୨-ବି.ଏମ୍.-୯୦୯୯)କୁ ସମ୍ମୁଖରୁ ଆସୁଥିବା ଏକ ସିମେଣ୍ଟ ବୋଝେଇ ୪୦୭ ଟ୍ରକ୍ (ନଂ. ଓ.ଡି-୦୫-ଏଚ୍-୦୦୩୫) ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ଚାନ୍ଦବାଲି ଅଞ୍ଚଳର ଶାନ୍ତିଲତା ବଳ, ମାନସୀ ମଳିକ ଓ ମତୋ ଗ୍ରାମର ନରେନ୍ଦ୍ର ଭୂୟାଁ ଏବଂ ରତିକାନ୍ତ ବଳ ଆହତ ହୋଇଛନ୍ତି। ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି।

### ମାଧ୍ୟମିକ ସ୍କୁଲ ଶିକ୍ଷକ, କର୍ମଚାରୀ ସଂଘ ବୈଠକ

**ଡେରାବିଶ, ୨୨।୧ (ସ୍ୱ.ପ୍ର.):** ବିଭିନ୍ନ ଦାବି ପୂରଣରେ ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରି ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକଠାରେ ରାଜ୍ୟ ବ୍ଲକଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ବିକ୍ଷୋଭକୁ ସଫଳ କରିବା ପାଇଁ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ବ୍ଲକଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅଧୀନ ଲକ୍ଷ୍ୟ ଆବାସିକ କୋଚିଂ ସେଣ୍ଟରରେ ଅନୁଷ୍ଠିତ ଏହି ବୈଠକରେ ଜିଲା ସଂଘ ସଭାପତି ଶିକ୍ଷକ ଦେବେନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ବୈଠକରେ ଜିଲା ସମ୍ପାଦକ ଭାଗିରଥି ପତି ଯୋଗଦେଇ ରାଜ୍ୟ ସଂଘର ଡାକରାକୁ ସ୍ୱାଗତ କରିବା ସହିତ ଜିଲା ସଂଘର ସମସ୍ତ ସଦସ୍ୟ ଆସନ୍ତା ୨୮ ତାରିଖରେ ମାଷ୍ଟରକ୍ୟାଣ୍ଟିନଠାରେ ପହଞ୍ଚିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଜିଲା ସଂଘର ଶତାଧିକ ସଦସ୍ୟାସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ସର୍ବସମ୍ମତି କ୍ରମେ ରାଜ୍ୟ ସଂଘ ନିଷ୍ପତ୍ତିକୁ ସମର୍ଥନ କରିଥିଲେ। ଶେଷରେ ଈଶ୍ୱରଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

### ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ

**କେନ୍ଦ୍ରାପଡା ଅଫିସ, ୨୨।୧:** କେନ୍ଦ୍ରାପଡା ବ୍ଲକ ଗୁଲନଗର ପଞ୍ଚାୟତ ଅନ୍ତର୍ଗତ ସୁଜାନଗର ଗ୍ରାମର ରଜନୀକାନ୍ତ ଦାସଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଆକାଉଣ୍ଟରୁ ମଙ୍ଗଳବାର ଟଙ୍କା ଗାଏବ ହୋଇଛି । ଏନେଇ ସଦର ଥାନାରେ ରଜନୀକାନ୍ତ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ,ଘରେ ଥିବା ସମୟରେ ହଠାତ୍ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଲା। ଭୁବନେଶ୍ୱରସ୍ଥିତ ଏକ ଏଟିଏମ୍‌ରେ ତାଙ୍କ ଏକାଉଣ୍ଟରୁ ୨ ଥର ଟଙ୍କା ଉଠାଣ ହୋଇଥିବା ଉଲ୍ଲେଖ ଥିଲା। ପ୍ରଥମ ଥର ୨୦,୦୦୦ ଟଙ୍କା ଉଠାଣ ହୋଇଥିବା ବେଳେ ୨ୟଥର ୧୬, ୫୦୦ ଟଙ୍କା ଉଠାଣ ହୋଇଥିଲା। ଫଳରେ ତାଙ୍କର ବ୍ୟାଙ୍କ ଏକାଉଣ୍ଟ ଶୂନ ହୋଇଯାଇଛି। ଏନେଇ ସଦର ଥାନାରେ ଅଭିଯୋଗ କରାଯିବା ସହ ଷ୍ଟେଟ ବ୍ୟାଙ୍କ ମ୍ୟାନେଜରଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

### ଟ୍ରାକ୍ଟର ତଳେ ଚାପି ହୋଇ ଜଣେ ମୃତ

**ରାଜକନିକା, ୨୨।୧ (ଡି.ଏନ୍.ଏ.):** ରାଜକନିକା ଥାନା ଅଧୀନ ସିହୋପଡ଼ା ପଞ୍ଚାୟତ ସିହୋପଡ଼ା ଗ୍ରାମର ଜନୈକ ଯୁବକଙ୍କର ଟ୍ରାକ୍ଟର ତଳେ ଚାପି ହୋଇ ମୃତ୍ୟୁ ଘଟିଛି। ସେ ହେଲେ ଧୀରଜ କୁମାର ନାୟକ(୩୫)। ଜମିରୁ ମାଟି ଉଠାଇ ଆଣିବା ସମୟରେ ଟ୍ରାକ୍ଟରଟି ଓଲଟି ପଡିବାରୁ ଧୀରଜ ଟ୍ରାକ୍ଟର ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ରାଜକନିକା ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରେ ମୃତଦେହକୁ ଆଳି ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି। ଗତ ନିର୍ବାଚନରେ ଧୀରଜ ସମିତିସଭ୍ୟ ପ୍ରାର୍ଥୀ ଭାବେ ଠିଆ ହୋଇ ହାରିଥିଲେ। ଏହି ଖବରପାଇ ବରିଷ୍ଠ ନେତା ବିକାଶ ଦାସ, ରାଜ୍ୟସଭା ସଦସ୍ୟ ପ୍ରତାପ ଦେବଙ୍କ ସହ ବହୁ ବିଜେଡି କର୍ମୀ ଧୀରଜଙ୍କ ଶେଷ ଦର୍ଶନ କରିଥିଲେ।

---

■ ବ୍ରାହ୍ମଣୀ ନଦୀ କୂଳରୁ ବେଆଇନ ବାଲି ମାଟି ଉଠାଣ ଘଟଣା

# ଏନ୍‌ଜିଟି ନିର୍ଦ୍ଦେଶକଙ୍କୁ ବେଖାତିର, ମାମଲା ରୁଜୁ

**ପଟ୍ଟାମୁଣ୍ଡାଇ, ୨୨।୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଅଳଭା ଓ ନିମପୁର-ଶାସନ ଆର୍‌ଆଇ ସର୍କଲ ନିକଟସ୍ଥ ବ୍ରାହ୍ମଣୀ ନଦୀକୂଳରୁ ବେଆଇନ ବାଲି ଓ ମାଟି ଉଠାଣ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତାହା ବନ୍ଦ ହୋଇନାହିଁ। ଏ ନେଇ ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମର ସାମାଜିକ କର୍ମୀ ମନୋରଞ୍ଜନ ପ୍ରଧାନ ଓ ସାଥୀମାନେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଆଶ୍ରୟ ନେଇଥିଲେ। ବେଆଇନ ଭାବେ ବ୍ରାହ୍ମଣୀ ନଦୀ କୂଳ ଓ ତତ୍‌ସଂଲଗ୍ନ ସରକାରୀ ଜମିରୁ ବହୁ ମାଟି ବାଲି ଖୋଳା ଯିବା ଦ୍ୱାରା ପରିବେଶ ନଷ୍ଟ ହେବା ସହିତ ନିକଟରେ ଥିବା ଉତିକଣ ବନ୍ୟା ନିରୋଧକ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଏନ୍‌ଜିଟି ଏହି ମାମଲାକୁ ବିଚାର କରି ଠିକ୍ ରିପୋର୍ଟ ଦାଖଲ କରିବା ପାଇଁ ପଟ୍ଟାମୁଣ୍ଡାଇ ତହସିଲଦାର, କେନ୍ଦ୍ରାପଡ଼ା ଜିଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବେଆଇନ ବାଲି, ମାଠି ଉଠାଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପ୍ରଶାସନିକ ଅଧିକାରୀମାନେ ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ବେଖାତିର କରି ବାଲି, ମାଟିଖୋଳା ଜାରି ରଖିଥିଲେ। ତେବେ ଏନଜିଟିଙ୍କ ନିର୍ଦ୍ଦେଶକୁ ବେଖାତିର କରିବା ସହ ପ୍ରଶାସନିକ ଅଧିକାରୀମାନେ ବାଲି, ମାଟି ଖୋଳା ବନ୍ଦ ଦିଗରେ ପଦକ୍ଷେପ ନେଇ ନଥିବା ମନୋରଞ୍ଜନଙ୍କ ଓକିଲ ଦେବାଶିଷ ତ୍ରିପାଠୀ କୋର୍ଟକୁ ଦର୍ଶାଇଥିଲେ। ଏହାକୁ ଗ୍ରହଣ କରି ଏନଜିଟି ପକ୍ଷରୁ କୋର୍ଟ ଅବମାନନା ମାମଲା ରୁଜୁ ହୋଇଛି। ଏହି ମାମଲାରେ ପଟ୍ଟାମୁଣ୍ଡାଇ ତତ୍କାଳୀନ ତହସିଲଦାର, ଜିଲାପାଳ ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଜଣାପଡିଛି। କୋର୍ଟ ଅବମାନନା ରୁଜୁ ପରେ ମଧ୍ୟ ସମ୍ପୃକ୍ତ ସ୍ଥାନରୁ ଏବେ ବି ହାଇୱା ଯୋଗେ ବାଲି ମାଟି ଉଠାଣ ଚାଲିଥିବା ଦେଖିବାକୁ ମିଳିଛି। ତତ୍କାଳୀନ ତହସିଲଦାର ତଥା ଆଡିସ୍‌ନାଲ ତହସିଲଦାର ସରୋଜକାନ୍ତ ସ୍ୱାଇଁଙ୍କୁ ପଚାରିବାରେ ତାଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଏବେ ବ୍ରାହ୍ମଣୀ କୂଳରୁ ବାଲି ଉଠାଣ ସମ୍ପର୍କରେ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି କହିଛନ୍ତି, ଉପରୁ ନିର୍ଦ୍ଦେଶ ଥିବାରୁ ସେଠାରୁ ବାଲି ଉଠାଣ ଚାଲିଛି। ଏ ସମ୍ପର୍କରେ ଜିଲାପାଳଙ୍କ ମତାମତ ନେବା ପାଇଁ ଚେଷ୍ଟା କରିବାରେ ସେ ଫୋନ୍ ଉଠାଇ ନଥିଲେ।



ବ୍ରାହ୍ମଣୀ କୂଳରୁ ବାଲି ଉଠାଣ ଚାଲିଛି।

---



ବୈଠକରେ ଯୋଗଦେଇଥିବା ସଂଗଠନର କର୍ମକର୍ତ୍ତା।

## ନବନିର୍ମାଣ କୃଷକ ସଂଗଠନର ବୈଠକ

**ଡେରାବିଶ, ୨୨।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅଧୀନ ସଲାରୋ ମଠ ପ୍ରାଙ୍ଗଣରେ ନବ ନିର୍ମାଣ କୃଷକ ସଂଗଠନର ବ୍ଲକସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଫେବୃୟାରୀ ୬ରେ ରାଜଧାନୀରେ ହେବାକୁ ଥିବା ବିଶାଳ କୃଷକ ସମାବେଶ ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଗଠନର ଡେରାବିଶ ବ୍ଲକ ଶାଖା ସଭାପତି ଅଭୟ କୁମାର ପରିଡ଼ାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଅକ୍ରୁର ପଲାଇ, ସହ-ସଂଯୋଜକ ସୀତାକାନ୍ତ ନାୟକ, ଦୋଳଗୋବିନ୍ଦ ସାହୁ, ଦାଶରଥି ସାହୁ, ସରୋଜ କୁମାର ଭଦ୍ର, ଈଶ୍ୱର ଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ କ୍ଷୀତିଶକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମର କେଶରୀ ନାୟକ, ନିରଞ୍ଜନ ପ୍ରଧାନ, ନୃସିଂହ ଚରଣ ସାମଲ, ବିଜୁଳି ଦାସ, ପ୍ରମୋଦ ନାୟକ ପ୍ରମୁଖ ବୈଠକ ପରିଚାଳନା କରିଥିଲେ।

---

■ ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଚିନ୍ତାମଣି ଗୁରୁଜୀଙ୍କ ଶ୍ରାଦ୍ଧୋତ୍ସବ

# ଭିଜନ ଉପରେ ଗୁରୁତ୍ୱ ଦିଅନ୍ତୁ ଛାତ୍ରୀଛାତ୍ର

**ମାର୍ଶାଘାଇ, ୨୨।୧ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇସ୍ଥିତ ମଧୁସାଗର ବିଦ୍ୟାପୀଠର ପ୍ରତିଷ୍ଠାତା ଚିନ୍ତାମଣି ଗୁରୁଜୀଙ୍କ ୩୨ତମ ଶ୍ରାଦ୍ଧୋତ୍ସବ ସୋମବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଚିନ୍ତାମଣୀ ଗୁରୁଜୀ ଏବଂ ରୁକିଣୀ ଦେବୀ ସ୍ମାରକୀ ନ୍ୟାସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଆଇଏଏସ୍ ସୁରେଶ ଚନ୍ଦ୍ର ମନ୍ତ୍ରୀ ସଭାପତିତ୍ୱ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚିନ୍ତାମଣି ଗୁରୁଜୀଙ୍କୁ କେନ୍ଦ୍ରାପଡାର ଗାନ୍ଧୀ ବୋଲି କହିଥିଲେ। ଏଥିସହିତ ୭୦ ବର୍ଷ ତଳେ ପ୍ରତିଷ୍ଠା କରାଯାଇଥିବା ଏହି ଅନୁଷ୍ଠାନ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଡିଭିଜନ ଅପେକ୍ଷା ଭିଜନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ଆଇଏଏସ୍ ଡା. ଅଲେଖ ଚନ୍ଦ୍ର ପଢିଆରୀ, ଶାରଳା ପୁରସ୍କାରପ୍ରାପ୍ତ ସାହିତ୍ୟିକ ଶତ୍ରୁଘ୍ନ ପାଣ୍ଡବ, ଶିକ୍ଷାବିତ୍ ଭଜକୃଷ୍ଣ ରାଉତ, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଡା. ବୈଷ୍ଣବ ପରିଡ଼ା, ଟ୍ରଷ୍ଟି ତୁଳସୀ ମଞ୍ଜରୀ ମନ୍ତ୍ରୀ, କେନ୍ଦ୍ରାପଡ଼ା ପୂର୍ବତନ ପୌରପାଳ ମହମ୍ମଦ ଆକବର ଅଲ୍ଲୀ, ଡା. ଅସିତ ଦାସ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ଆଇଆଇଟିଆନ୍ ଶକ୍ତିଶେଖର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ଜୀବନୀ ଉପରେ ପ୍ରକାଶିତ ପୁସ୍ତକ 'ଗାନ୍ଧୀ'କୁ ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଟ୍ରଷ୍ଟର ସମ୍ପାଦକ ସୁଧୀର ରଞ୍ଜନ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଟ୍ରଷ୍ଟି ତୁଳସୀ ମଞ୍ଜରୀ ମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। ଅତିଥିମାନଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା କରାଯାଇ ୧୨ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଏବଂ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ୩୬ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଦସ୍ୟ ପ୍ରହଲ୍ଲାଦ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଭ୍ରମରବର ରାଉତ, ସାମାଜିକ କର୍ମୀ ଉମାକାନ୍ତ ଦାସ, ଶିକ୍ଷକ ବାବୁଲି ଚରଣ ବେହେରା, ଶିକ୍ଷୟିତ୍ରୀ ମାଧୁରୀ ଭଦ୍ରା, ସୌଦାମିନୀ ସ୍ୱାଇଁ, ସୁନୀତା ମହାନ୍ତି, ଗୀତାଞ୍ଜଳି ସାମଲ, ଯଦୁମଣି ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ 'ଗାନ୍ଧୀ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

---

# ନମତରା ଗୁଳିକାଣ୍ଡର ୪ ବର୍ଷ ପରେ ଆହତଙ୍କୁ ମିଳିଲା ସହାୟତା

**ରାଜକନିକା, ୨୨।୧(ଡି.ଏନ୍.ଏ)**

ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ଗ୍ରାମରେ ଏକ ସରକାରୀ ମଦ ଦୋକାନକୁ ବିରୋଧ କରି ଗତ ୪ ବର୍ଷ ତଳେ ମହିଳାମାନେ ଆନ୍ଦୋଳନ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ୨୦୧୫ ମାର୍ଚ୍ଚ ୮ ତାରିଖରେ ନିରୀହ ଜନତାଙ୍କ ଉପରେ ପୋଲିସ ଆଖିବୁଜା ଗୁଳି ଚଳାଇଥିଲା। ଫଳରେ ଏହି ଗୁଳିକାଣ୍ଡରେ ୯ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ଏହି ଗୁଳିକାଣ୍ଡ ଘଟଣା ସେତେବେଳେ ସମଗ୍ର ରାଜ୍ୟରେ ଚହଳ ପକାଇଥିଲା। ଏପରି କି ଓଡିଶା ବିଧାନସଭାରେ ହଟଚମଟ ସୃଷ୍ଟି ହୋଇଥିଲା। ତେବେ ଘଟଣାର ୪ବର୍ଷ ପରେ କନିକା ତହସିଲଦାର ଶୁକଦେବ ବେହେରା ନମତରା ଗୁଳିକାଣ୍ଡରେ ଆହତ ହୋଇଥିବା ବେଙ୍ଗଲତା ଯେନା, ମାୟାବତୀ ଯେନା, ପୂର୍ଣ୍ଣିମା ମଲିକ, ମନ୍ମଥ ଯେନା, ରଶ୍ମିତା ଯେନା, ରୀତା ଯେନା, ଦେବସ୍ମିତା ଯେନାଙ୍କୁ ୫୦ ହଜାର ଟଙ୍କା ଲେଖାଁଏ ଦେଇଥିବା ବେଳେ ଗୋଡରୁ ଗୁଳି ବାହାରି ନ ଥିବା ସସ୍ମିତା ଯେନାଙ୍କୁ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ତେବେ ଆହତ ଭାଗ୍ୟଧର ଯେନାଙ୍କୁ କୌଣସି ଆର୍ଥିକ ସାହାଯ୍ୟ ମିଳି ନଥିବା ଜଣାପଡିଛି। ତେବେ ଆଜିକୁ ଦେଢମାସ ତଳେ ଏହି ଘଟଣାର ଆରଡିସି ତଦନ୍ତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରିପୋର୍ଟ ପ୍ରକାଶ ପାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓଡିଶା ମିଳିତ ନିଶାନିବାରଣ ଅଭିଯାନର ସଂପାଦକ ରମାକାନ୍ତ ମଣ୍ଡଳ ମଙ୍ଗଳବାର ଦିନ ନମତରାଠାରେ ଆହତମାନଙ୍କୁ ନେଇ ଏକ ବୈଠକ ଡାକିଥିଲେ। ଏହି ବୈଠକରେ ଆହତମାନଙ୍କୁ ମିଳିଥିବା ଅର୍ଥରାଶି ଅତିନଗନ୍ୟ ବୋଲି ପ୍ରକାଶ କରିଥିଲେ।



ଆହତମାନଙ୍କୁ ସହାୟତା ପ୍ରଦାନ କରାଯାଉଛି।

---

# ପୋଲିସ ବିରୋଧରେ ଜନ ଅସନ୍ତୋଷ ତେଜୁଛି

**କେନ୍ଦ୍ରାପଡା ଅଫିସ,୨୨।୧**

କେନ୍ଦ୍ରପଡ଼ା ଜିଲାରେ ପୋଲିସର ବେପରୁଆ ମନୋଭାବ ପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାଜନଗର ଥାନା କଣ୍ଡିରା ଗ୍ରାମର କିଶୋର ସେଠୀଙ୍କୁ ସୋମବାର ସକାଳେ ଅପରାଧୀମାନେ ଗୁଳି କରି ହତ୍ୟା କରିଛନ୍ତି। ଏହି ଗୁଳିକାଣ୍ଡକୁ ପୋଲିସ ଚାହିଁଥିଲେ ରୋକି ପାରିଥାନ୍ତା ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ପୋଲିସ ଆଳି ଥାନା ଅନ୍ତର୍ଗତ ସାପ ଗ୍ୟାଙ୍ଗ ମୁଖ୍ୟ ସଞ୍ଜୟ ବିଶ୍ୱାଳ ଓରଫ ବାବୁଙ୍କୁ ସୋମବାର ରାତିରେ ଘରୁ ଉଠାଇ ନେଇ ରାଜନଗର ଥାନା କୁରୁଣ୍ଡିଠାରେ ଏନକାଉଣ୍ଟର କରିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଦିଆଯାଇଛି।

ଏହାପରେ ପୋଲିସର କାର୍ଯ୍ୟକଳାପକୁ ନେଇ କେନ୍ଦ୍ରାପଡା ଜିଲାରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୋଲିସ ଏନକାଉଣ୍ଟରରେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ବାବୁ କହିଛନ୍ତି ଯେ, କଣ୍ଡିରା ଗୁଳିକାଣ୍ଡ ଘଟଣାରେ ତାଙ୍କର ସାଙ୍ଗମାନେ ସମ୍ପୃକ୍ତ। ଆଳିସ୍ଥିତ ବିମ୍ବେଶ୍ୱର ନଦୀବନ୍ଧରେ ଅରବିନ୍ଦ ପ୍ରଧାନ ହତ୍ୟାକାଣ୍ଡରେ ଅଭିଯୁକ୍ତ ଥିବାରୁ ସେ କେନ୍ଦ୍ରାପଡା କୋର୍ଟକୁ ଯାଇଥିଲେ। ସେଠାରୁ ଫେରିବା ପରେ ଜିଲା ପୋଲିସ ତାଙ୍କୁ ଉଠାଇ ନେଇଥିଲେ ବୋଲି ସେ କହିଛନ୍ତି। ସେହିପରି କଣ୍ଡିରାରେ ହେମନ୍ତ ସେଠୀଙ୍କୁ ମାରିବାକୁ ଆସିଥିବା ସିପୁନ ସେଠୀଙ୍କୁ ଗ୍ରାମବାସୀ କାବୁ କରି ରାଜନଗର ପୋଲିସକୁ ଖବର ଦେଇଥିଲେ। ତେବେ ଏହି ସମୟରେ ଥାନାରେ ଉପସ୍ଥିତ ପୋଲିସର କାର୍ଯ୍ୟକଳାପକୁ ଗ୍ରାମବାସୀ ନିନ୍ଦା କରିଛନ୍ତି। ଗ୍ରାମବାସୀ କାବୁ କରିଥିବା ସିପୁନଙ୍କୁ ଥାନାକୁ ନେଇ ଆସିବା ପାଇଁ ପୋଲିସ କହିଥିବା ଟେଲିଫୋନ ବାର୍ତ୍ତାଳାପ ଏବେ ଜିଲାରେ ଭାଇରାଲ ହୋଇଛି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ଯାଇଥିଲେ କଣ୍ଡିରା ଗ୍ରାମକୁ ଅପରାଧୀମାନେ ପୁନର୍ବାର ଆସି ଗୁଳିକାଣ୍ଡ ଘଟାଇ ପାରି ନଥାନ୍ତେ ବୋଲି ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ଓ କେତେଜଣ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତିଯେ, ଜିଲା ପୋଲିସର ଏହି ବେପରୁଆ ନୀତି କେବଳ କଣ୍ଡିରାରେ ନୁହେଁ, ବହୁ ସ୍ଥାନରେ ଦେଖିବାକୁ ମିଳିଛି। ମହାକାଳପଡା ଥାନା ହାଜତରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷା ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ସେହିପରି ଡେରାବିଶ ବ୍ଲକ କସ୍ତୁରୀ ମୃତ୍ୟୁ ମାମଲାର ଅଦ୍ୟାବଧି ସମାଧାନ ହୋଇନାହିଁ। ୨୦୧୫ ମସିହା ନଭେମ୍ବର ୮ ମହିଳା ଦିବସରେ ରାଜକନିକା ଓଳାଭରଠାରେ ଜଣେ ମହିଳାଙ୍କୁ ପୋଲିସର ଗୁଳିମାଡ଼ ଘଟଣା ଏବେବି ଲୋକଙ୍କ ମନରୁ ଲିଭିନାହିଁ। ବହୁ ସମୟରେ ଅଭିଯୋଗକାରୀଙ୍କୁ ଜିଲା ପୋଲିସ ଅଭିଯୁକ୍ତ ପରି ବ୍ୟବହାର କରୁଛି। ଜିଲା ପୋଲିସର ଏଭଳି କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





ଏନ୍‌କାଉଣ୍ଟର ହୋଇଥିବା ସ୍ଥାନ ଓ ଜବତ ପିସ୍ତଲ।

## କଣ୍ଡିରା ଗୁଳିକାଣ୍ଡ ଘଟଣାରେ ସିପୁନଙ୍କୁ କୋର୍ଟ ଚାଲାଣ

**କେନ୍ଦ୍ରାପଡା ଅଫିସ/ରାଜନଗର(ଡି.ଏନ୍.ଏ.) ୨୨।୧**

ସାପ ଗ୍ୟାଙ୍ଗର ସାର୍ପସୁଟର ସିପୁନ ସ୍ୱାଇଁ ସୋମବାର ରାଜନଗର ବ୍ଲକ ଅନ୍ତର୍ଗତ କଣ୍ଡିରା ଗ୍ରାମର ହେମନ୍ତ ସେଠୀଙ୍କୁ ଚିଙ୍ଗୁଡି ଘେରିକୁ ନେଇ ମାରିବା ଉଦ୍ଦେଶ୍ୟରେ ଗାଙ୍ଗର ଅନ୍ୟ ସଦସ୍ୟଙ୍କ ସହ ଗ୍ରାମକୁ ଆସିଥିଲେ। ସେ ହେମନ୍ତଙ୍କୁ ତାଙ୍କ ଘରେ ଧରିବାକୁ ଚେଷ୍ଟା କରୁଥିବା ବେଳେ ତଳେ ପଡିଯାଇଥିଲେ। ଏହି ସମୟରେ ତାଙ୍କ ଦାଦା ରବୀନ୍ଦ୍ର ସେଠୀ ସିପୁନଙ୍କୁ ଗଛରେ ବାନ୍ଧି ଦେଇଥିଲେ। ଗ୍ରାମବାସୀଙ୍କ ପଚରାଉଚୁରା ବେଳେ ସୁପାରୀ ନେଇ ହେମନ୍ତଙ୍କୁ ମାରିବାକୁ ଆସିଥିବା ସିପୁନ ପ୍ରକାଶ କରିଥିଲେ। ଏହାଦେଖି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନେ ସେଠାରୁ ଖସି ପଳାଇ ୨ ଘଣ୍ଟା ପରେ ପୁନର୍ବାର ଆସି ସିପୁନଙ୍କୁ ଛାଡ଼ି ଦେବାକୁ କହିବା ସହ ଗୁଳିକାଣ୍ଡ କରିଥିଲେ। ଏହି ଗୁଳିକାଣ୍ଡରେ ଗ୍ରାମର ନିରୀହ ଯୁବକ କିଶୋର ସେଠୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଗ୍ୟାଙ୍ଗ ସଦସ୍ୟମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଏହି ଘଟଣାରେ ସିପୁନଙ୍କୁ ପୋଲିସ ଗିରଫ କରି ମାମଲା (ନଂ ୧୧/୧୯) ରୁଜୁ କରିଛି। ତାଙ୍କୁ ମଙ୍ଗଳବାର କେନ୍ଦ୍ରାପଡା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଛି। ସେଠାରୁ ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ବାବୁଙ୍କ ଆପରାଧିକ କାର୍ଯ୍ୟକଳାପ

**କେନ୍ଦ୍ରାପଡା ଅଫିସ/ରାଜନଗର(ଡି.ଏନ୍.ଏ.) ୨୨।୧:** କେନ୍ଦ୍ରାପଡା ଜିଲାର ଦୁର୍ଦ୍ଦାନ୍ତ ଅପରାଧୀ ସାପ ଗ୍ୟାଙ୍ଗର ମୁଖ୍ୟ ସଞ୍ଜୟ ବିଶ୍ୱାଳ ଓରଫ ବାବୁ (୩୨)ଙ୍କୁ ଜିଲା ପୋଲିସ ମଙ୍ଗଳବାର ଭୋର ସାଢ଼େ ୪ଟାରେ ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଡିଠାରେ ଏନକାଉଣ୍ଟର କରିଛି। ବାବୁଙ୍କ ନାମରେ ବିଭିନ୍ନ ଥାନାରେ ୧୦ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ହତ୍ୟାକାଣ୍ଡ, ଦାଦାବଟି, ମାଡ଼ମାରିବା, ଗାଡ଼ି ଓ ମଟରସାଇକେଲ ଚୋରି ଆଦି ମାମଲାରେ ତାଙ୍କର ସମ୍ପୃକ୍ତି ରହିଛି। ତାଙ୍କ ଆପରାଧିକ ଦୁନିଆର କାର୍ଯ୍ୟକଳାପ ସମ୍ପର୍କରେ ପ୍ରଥମେ ୨୦୧୬ ଡିସେମ୍ବର ୨୬ରେ ଜଣାପଡିଥିଲା। ଆଳି ଥାନା ଅନ୍ତର୍ଗତ ବାଙ୍କେଶ୍ୱର- ନରେନ୍ଦ୍ରପୁର ରିଙ୍ଗରୋଡରେ ସିଙ୍ଗିରି ପଞ୍ଚାୟତ ପତ୍ରପୁରର ଅରବିନ୍ଦ ପ୍ରଧାନ (ହାପି)ଙ୍କ ହତ୍ୟା ଘଟଣାର ଅଭିଯୁକ୍ତ ଭାବେ ସେ ଜେଲ ଯାଇଥିଲେ। ପରେ ଭଦ୍ରକର ବାସୁଦେବପୁର, ଚାନ୍ଦବାଲି ଥାନାରେ ହତ୍ୟା ଧମକ ଓ ଗାଡ଼ି ଚୋରି ଆଦିକୁ ନେଇ ସେ ଅଭିଯୁକ୍ତ ଥିଲେ। ଇତିମଧ୍ୟରେ ସାପ ଗ୍ୟାଙ୍ଗ ସୃଷ୍ଟି କରି ବାବୁ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରେ ଆତଙ୍କ ଖେଳାଇଛନ୍ତି।

## ୮ ମାସରେ ୫ଟି ଏନ୍‌କାଉଣ୍ଟର

ଗତ ମେ ରୁ ଜିଲା ପୋଲିସ ଅଦ୍ୟାବଧି ୫ଟି ଏନକାଉଣ୍ଟର କରି ଚର୍ଚ୍ଚାକୁ ଆସିଛି। ମେ ୯ ତାରିଖରେ ସଦର ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ସେକ୍ ଲାଲା (୩୪)ଙ୍କୁ ଜିଲା ପୋଲିସ ଏନକାଉଣ୍ଟର କରିଥିଲା। ମେ ୩୧ରେ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ବହୁ ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟାର ବିଭୁ ସାହୁ ଓରଫ ପ୍ରତାପ ସାହୁ (୪୭)ଜିଲା ପୋଲିସ ଏନକାଉଣ୍ଟରର ଶିକାର ହୋଇଛନ୍ତି। ସେହିପରି ଟାଉନ ଥାନା ଅନ୍ତର୍ଗତ ସହରର ବାସୁଳେଇ ଗଳିର ଭବାନୀଶଙ୍କର ସାହୁ ଓରଫ ବାବୁ ସାହୁ (୨୮)ଙ୍କୁ ଗତ ଜୁଲାଇ ୨୩ରେ ପୋଲିସ ଏନକାଉଣ୍ଟର କରିଥିଲା। ଅକ୍ଟୋବର ୭ରେ ଭୋର ସମୟରେ ସନ୍ତୋଷ (୩୬)ଙ୍କୁ ଏନକାଉଣ୍ଟର କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ କଣ୍ଡିରା ଗୁଳିକାଣ୍ଡ ଘଟଣାରେ ବାବୁଙ୍କୁ ଜିଲା ପୋଲିସ ଏନକାଉଣ୍ଟର କରିଛି।

## ସାପ ଗ୍ୟାଙ୍ଗ

ପ୍ରାୟ ଦେଢ଼ବର୍ଷ ତଳେ ରାଜନଗର ଅଞ୍ଚଳରେ ଏହି ସାପ ଗ୍ୟାଙ୍ଗ ଗଢ଼ାଯାଇଥିଲା। ଏମାନେ ମଧ୍ୟରୁ ଅଧିକାଂଶ ପଟ୍ଟାମୁଣ୍ଡାଇ, ଆଳି, ରାଜନନଗର ବିଭିନ୍ନ କଲେଜର ଛାତ୍ରଥିବା ବେଳେ ଅନ୍ୟ କେତେଜଣ ବେକାର ଯୁବକ ରହିଛନ୍ତି। ବିଭିନ୍ନ ସ୍ଥାନରେ ଏହି ଗ୍ୟାଙ୍ଗର ପ୍ରାୟ ୧୫୦ ସଦସ୍ୟ ରହିଛନ୍ତି ବୋଲି ତଦନ୍ତ ବେଳେ ଜଣାପଡିଛି। ପ୍ରଥମେ ଏହି ଗ୍ୟାଙ୍ଗର ସଦସ୍ୟମାନେ ଭିତରକନିକା ଜାତୀୟ ଉଦ୍ୟାନରୁ ବିରଳ ରଣା ସାପ ଧରି ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ପରେ ରାଜନଗର ଅଞ୍ଚଳର ପେଣ୍ଠ ଓ ଅନ୍ୟାନ୍ୟ ସ୍ଥାନରୁ ୨୫ ଉର୍ଦ୍ଧ୍ୱ ମୋଟର ସାଇକେଲ ଚୋରି କରିଥିଲେ। ଏବେ ଗ୍ୟାଙ୍ଗର ସଦସ୍ୟମାନେ ସକ୍ରିୟ ହୋଇ ଅନ୍ୟାନ୍ୟ ଅପରାଧ ଘଟଣାରେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା କୌଶଳ

ବିରିଡ଼ି,୨୨।୧(ଡି.ଏନ.ଏ.): ବିରିଡ଼ି ବ୍ଲକ ୨୨ମୌଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା କୌଶଳ ଶିବିର ରବିବାର ଅନୁଷ୍ଠିତ ହୋଇଛି। ଏହାକୁ ଯୁକ୍ତ ୩ର ଅଧକ୍ଷ ଶିଶିର କୁମାର ଦାସ ଓ ଯୁକ୍ତ ୨ର ଅଧକ୍ଷ ବିଭୁଦତ୍ତ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଶେଷକରି ବାଳିକାମାନେ ନିଜେ ନିଜକୁ କିପରି ସୁରକ୍ଷା ଦେଇପାରିବେ ସେ ସମ୍ବନ୍ଧରେ ଏଥିରେ ବିଭିନ୍ନ କୌଶଳ ଶିକ୍ଷା ଦିଆଯାଇଥିଲା। ଶିବିରକୁ ସଂଯୋଜନା କରିଥିଲେ ମିନାରାଣୀ ରାଉତ ଓ ପ୍ରଶିକ୍ଷଣ ଦେଇଥିଲେ ଲୋପିକା ଭୋଇ। ଅଧାପିକା ସ୍ମିତା ମହାପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ଅଧାପକ ଅନ୍ତର୍ଯ୍ୟାମୀ ରାଉତଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିବିର ଦୀର୍ଘ ୧୨ ଦିନ ଧରି ଚାଲିବ ବୋଲି ଅଧକ୍ଷ ପ୍ରଧାନ କହିଛନ୍ତି।

### ୧୯୯୬ ବ୍ୟାଚ୍ ବନ୍ଧୁମିଳନ

ବିରିଡ଼ି,୨୨।୧(ଡି.ଏନ.ଏ.): ବିରିଡ଼ି ବ୍ଲକ ନାଇଲୋସ୍ଥିତ ଯଶୋବନ୍ତ ବିଦ୍ୟାପୀଠର ୧୯୯୬ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ଓଏଏସ କମଳଜିତ୍ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ପ୍ରଧାନ, ଗୌରାଙ୍ଗ ଚରଣ ମହାନ୍ତି, ମହମ୍ମଦ ଇସମାଇଲ, ଯଦୁନାଥ ଯଶମୁଖ ଓ କୈଳାସ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସତ୍ୟ ସୁନ୍ଦର ରାଉତ, ତ୍ରିଲୋଚନ ସେଠୀ, ଅବଧୁତ ଓଝା, ସରାଫତ ଅଲ୍ଲୀ, ପଟେଲ ଓଝା, ରାଜେନ୍ଦ୍ର ବିଶ୍ୱାଳ, ଶିବସୁନ୍ଦର ପଟ୍ଟନାୟକ, ଜୟଶଙ୍କର ମହାରଣା, ତୃପ୍ତି ଦାସ, ପରୱୀନା ବେଗମ ଓ ଆଶାଲତା ସିଂହ ପ୍ରମୁଖ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ ରଖିଛି ଶିଶୁ ମନ୍ଦିର



ବିରିଡ଼ି,୨୨।୧(ଡି.ଏନ.ଏ): ପ୍ରାଚୀନ ଭାରତୀୟ ସଂସ୍କୃତିକୁ ଉଜ୍ଜୀବିତ ରଖିଛି ଶିଶୁ ବିଦ୍ୟାମନ୍ଦିର। ବେଦ, ଉପନିଷଦ, ପୁରାଣ ଆଦି ବିଷୟରେ ପିଲାମାନଙ୍କୁ ଶିକ୍ଷାଦାନ କରିବା ସହ ସେମାନଙ୍କୁ ଶୃଙ୍ଖଳିତ କରି ଗଢି ତୋଳିବାରେ ଏହି ଅନୁଷ୍ଠାନ କାର୍ଯ୍ୟ କରୁଛି ବୋଲି ସୋମବାର ବିରିଡ଼ି ବ୍ଲକ ଅଣଖିଆ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପରିଚାଳନା କମିଟି ସଭାପତି ଭବତୋଷ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଇଓ ସଚ୍ଚିନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି, ଅଧାପକ ଶରତ କୁମାର ରାଉତରାୟ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଇଓ ଶରତ କୁମାର ରାଉତରାୟ, ଏବିଇଓ ସଚ୍ଚିଦାନନ୍ଦ ବେହେରା, ସାହିତ୍ୟିକ କବି ପୀତାମ୍ବର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ଅଶୋକ ସିଂହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## କାଠ ନିଲାମରେ ଅନିୟମିତତା ଅଭିଯୋଗ: ତହସିଲଦାରଙ୍କ ବଦଳି ଦାବି

# କୁଜଙ୍ଗ ଓକିଲ ସଂଘର ଧାରଣା

କୁଜଙ୍ଗ,୨୨।୧(ସ୍ୱ.ପ୍ର.)



ଧାରଣାରେ ସାମିଲ ହୋଇଥିବା ଓକିଲ ସଂଘ କର୍ମକର୍ତ୍ତା।

- ୪ କୋର୍ଟ ସମେତ ରେଜେଷ୍ଟ୍ରି ଅଫିସ ବନ୍ଦ
- ପ୍ରଶାସନ ହସ୍ତକ୍ଷେପ ପରେ ଆନ୍ଦୋଳନ ପ୍ରତ୍ୟାହୃତ
- ତଦନ୍ତ ପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି

ମଙ୍ଗଳବାର କୁଜଙ୍ଗ ତହସିଲ ପରିସର ଅଶାନ୍ତ ହୋଇପଡ଼ିଥିଲା। କାଠ ନିଲାମରେ ତହସିଲଦାର ଅନିୟମିତତା କରିଥିବା ଅଭିଯୋଗ କରି କୁଜଙ୍ଗ ଓକିଲ ସଂଘ ପକ୍ଷରୁ ତାଙ୍କ ବଦଳି ଦାବିରେ ଧାରଣା ଦିଆଯାଇଥିଲା। କୁଜଙ୍ଗର ୪ଟି କୋର୍ଟରେ ଓକିଲମାନେ ଯୋଗ ନ ଦେବାରୁ କୋର୍ଟ କାର୍ଯ୍ୟ ବ୍ୟାହତ ହୋଇଥିଲା। ସେହିପରି ରେଜେଷ୍ଟ୍ରୀ ଅଫିସ ମଧ୍ୟ ବନ୍ଦ ହୋଇଥିଲା। ଓକିଲମାନେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରବେଶ ପଥରେ ବ୍ୟାନର ଲଗାଇ ଧାରଣାରେ ବସିବାରୁ ତହସିଲ କାର୍ଯ୍ୟ ମଧ୍ୟ ଠପ୍ ହୋଇଯାଇଥିଲା। ତହସିଲର ମୁଖ୍ୟ ଫାଟକରେ ତାଲା ପକାଯାଇଥିଲା। ସ୍ଥିତି ସଙ୍ଗୀନ୍ ହେବାରୁ ଅପରାହ୍ନ ୨ଟାରେ ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର କୁମାର ମହାନ୍ତି, ତିର୍ତ୍ତୋଲ ଏସ୍‌ଡିପିଓ ଶିବଚରଣ ମଲିକ ଓ କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ପହଞ୍ଚି ଓକିଲ ସଂଘ ସହିତ ଆଲୋଚନା କରିଥିଲେ। କାଠ ନିଲାମ ସମ୍ପର୍କରେ ସମ୍ପୂର୍ଣ୍ଣ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ତହସିଲଦାରଙ୍କୁ ଆବଶ୍ୟକସ୍ଥଳେ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଓକିଲମାନେ ଆନ୍ଦୋଳନରୁ ଓହରିଥିଲେ।

ପ୍ରକାଶ ଯେ, କୁଜଙ୍ଗରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ସମେତ ଏକ ଜୁଡିସିଆଲ କ୍ୟାମ୍ପସ୍ ନିର୍ମାଣ ପାଇଁ ତହସିଲ ପକ୍ଷରୁ ଆଇନ ବିଭାଗକୁ ଜମି ହସ୍ତାନ୍ତର କରିବା ନିମନ୍ତେ କେତେକ ସରକାରୀ କ୍ୱାର୍ଟର୍ସ ଭଙ୍ଗାଯାଇଥିଲା। ସେଠାରୁ ମିଳିଥିବା ପୁରୁଣା କାଠଗୁଡିକ ତହସିଲ କ୍ୟାମ୍ପସ୍‌ରେ ପଡ଼ିରହିଥିଲା। ସେଗୁଡିକ ସରକାରୀ ଭାବେ ନିଲାମ କରିବା ପାଇଁ ତହସିଲ ପକ୍ଷରୁ ନୋଟିସ ଦିଆଯାଇଥିଲା। ତେବେ ବିଭାଗ ପକ୍ଷରୁ ଧାର୍ଯ୍ୟ ଅର୍ଥ ୧ ଲକ୍ଷ ୬୦ ହଜାର ଟଙ୍କା ହୋଇଥିବାରୁ ୨ଥର ନିଲାମ ପ୍ରକ୍ରିୟା ବାତିଲ ହୋଇଥିଲା। ବହୁ କାଠ ବ୍ୟବସାୟୀ କାଠର ମୂଲ୍ୟ ଅଧା ଦରରୁ କମ୍ ହେବ ବୋଲି ଦର୍ଶାଇ ଫେରିଯାଇଥିଲେ। ଫଳରେ ପ୍ରାୟ ୪ ମାସ ହେବ ସେହି କାଠ ପଡି ରହିଥିଲା। ସୋମବାର ସନ୍ଧ୍ୟାରେ କୋଠିଆସାହିର ଜଣେ କାଠ ବ୍ୟବସାୟୀ ପ୍ରଶାନ୍ତ ବାରିକ ଗାଡି ଲଗେଇ କାଠ ଉଠାଉଥିବାବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ କାଠ ଉଠା ବନ୍ଦ କରିଦେଇଥିଲେ। ମଙ୍ଗଳବାର ୧୦ଟା ବେଳେ ଆନ୍ଦୋଳନ ଦାନା ବାନ୍ଧିଥିଲା। ସଂଘ ସଭାପତି ଯାଦବଙ୍କ ସମେତ ବରିଷ୍ଠ ଓକିଲ ସତ୍ୟାନନ୍ଦ ବିଶ୍ୱାଳ, ପ୍ରଣୟ ପରିଜା, ଧିରେନ୍ଦ୍ର ପଲାଇ, ସଞ୍ଜୟ ବେହେରା, ଗତିକୃଷ୍ଣ ଶତପଥୀଙ୍କ ସହ ବହୁ ଓକିଲ ଧାରଣାରେ ବସିଥିଲେ। କାଠଗାଡି ସେମିତି ଅଟକି ରହିଛି। ଘଟଣା ସମ୍ପର୍କରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, କାଠ ନିଲାମରେ କୌଣସି ଅନିୟମିତତା କରାଯାଇନାହିଁ। ଦୀର୍ଘଦିନ କାଠ ପଡିରହିବାରୁ ସରକାରୀ ନିୟମ ମୁତାବକ ନିଲାମ କରାଯାଇଥିଲା। ଓକିଲ ସଂଘ ସଭାପତି ଯାଦବ କହିଛନ୍ତି ଯେ, ତହସିଲଦାର ସଂଘକୁ ଅପମାନଜନକ ମତ ଦେଇଛନ୍ତି। କାଠ ନିଲାମରେ ଅନିୟମିତତା କରିଛନ୍ତି। ତହସିଲ ଫାଟକ ତାଲା ପକାଇ ଧାରଣା ଦେଇଥିବାରୁ ଦାବିପୂରଣ ନେଇ ପ୍ରଶାସନ ଆଲୋଚନା କରିଛି। ବ୍ୟତିକ୍ରମ ହେଲେ ପୁଣି ଆନ୍ଦୋଳନ ହେବ। ଏସ୍‌ଡିପିଓ ଶିବଚରଣ ମଲିକ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।



ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଜନସାଧାରଣ।

## ନାଉଗାଁରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୧୫୪ ପ୍ରକଳ୍ପ ପାଇଁ ୪ କୋଟି ଅନୁଦାନ

ନାଉଗାଁ,୨୨।୧(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅଲଣାହାଟ ହାଇସ୍କୁଲ ପଡିଆରେ ମଙ୍ଗଳବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାଉଗାଁ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ବିଡିଓ ଜେ. କଳ୍ପନା, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁବଳ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଅଭିବାଦନ ଜଣାଇବା ପରେ ୧୬ ପଞ୍ଚାୟତ ପାଇଁ ଅନୁମୋଦିତ ହୋଇଥିବା ପ୍ରକଳ୍ପ ସମ୍ପର୍କରେ କୁହାଯାଇଥିଲା। ଏହି ବ୍ଲକର ୧୫୪ ପ୍ରକଳ୍ପ ପାଇଁ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ଗୋଷ୍ଠୀ କେନ୍ଦ୍ର, ଜଳାଶୟ ନବୀକରଣ, ପୋଷକ ବଦଳା ଗୃହ, ମିଶନ ଶକ୍ତି ଗୃହ ଆଦି ଅନ୍ତର୍ଭୁକ୍ତ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ ଧନ୍ୟବାଦ ଦେଇଥିଲେ।




ରଘୁନାଥପୁରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ହୋଇଥିବା ସଭାରେ ଉପସ୍ଥିତ କର୍ମକର୍ତ୍ତା ଓ ଚାଷୀ।

# କାଳିଆ ଯୋଜନା ଚାଷୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ

ରଘୁନାଥପୁର, ୨୨।୧( ଡି.ଏନ.ଏ.)

**ନବନିର୍ମାଣ କୃଷକ ସଙ୍ଗଠନ**

- ଫେବୃୟାରୀ ୬ ସମାବେଶ ସଫଳ ପାଇଁ ଆହ୍ୱାନ

ଦୀର୍ଘବର୍ଷ ଧରି ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ ଓ ପେନସନ ଦାବି ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଆସୁଛି। ହଠାତ୍ ବିଧାନସଭା ନିର୍ବାଚନର ୩ ମାସ ପୂର୍ବରୁ ବିଭିନ୍ନ ରାଜନୈତିକ ଦଳଗୁଡିକ ପକ୍ଷରୁ ରାଜ୍ୟରେ ଚାଷୀଙ୍କ ସମସ୍ୟା ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ପାଇଁ କାଳିଆ ଯୋଜନା କରି କେବଳ ରାଜନୈତିକ ଫାଇଦା ହାସଲ କରିବାକୁ ଗାଁ ଗଣ୍ଡାରେ ପ୍ରଚାର ଚଳାଇଛନ୍ତି। ଏହି ଯୋଜନା ମାଧ୍ୟମରେ ଚାଷୀଙ୍କ ପ୍ରକୃତ ସମସ୍ୟାର ସମାଧାନ ହେବନାହିଁ। ଯଦି ଚାଷୀଙ୍କ ପାଇଁ ଦରଦ ଅଛି ତାହା ହେଲେ ସ୍ଥାୟୀ ପ୍ରତିକାର ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଗେଇ ଆସନ୍ତୁ। ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅଚ୍ଛୁତପୁର ମା' ମଳିକେଶ୍ୱରୀ ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଆସନ୍ତା ଫେବୃୟାରୀ ୬ ଚାଷୀ ସମାବେଶକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଉପରୋକ୍ତ ମନ୍ତବ୍ୟ ରଖିଛନ୍ତି। ସଙ୍ଗଠନର ୱାର୍ଡସ୍ତରୀୟ କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ବୈଠକରେ ଦିବାକର ବେହେରା ପୌରୋହିତ୍ୟ କରିଥିଲେ। ବ୍ଲକ ସଂଯୋଜକ ଅଟଳ ବିହାରୀ ରାଉତ ଦୁଗ୍ଧ ଚାଷୀଙ୍କ ପାଇଁ ଲିଟର ପିଛା ୫୦ ଟଙ୍କା କରାଯିବାକୁ ପ୍ରସ୍ତାବ ରଖିବା ସହ ସଙ୍ଗଠନ ପକ୍ଷରୁ ଆୟୋଜିତ ଚାଷୀ ସମାବେଶକୁ ପ୍ରତି ଗ୍ରାମରୁ ବହୁସଂଖ୍ୟାରେ ଚାଷୀ ଯୋଗଦେବାକୁ କହିଥିଲେ। ସେହିପରି ସଙ୍ଗଠନର ସଭ୍ୟ ନିଗମାନନ୍ଦ ଦାସ ୫ଟି ଖରିଫ ଓ ରବି ସିଜନ ପାଇଁ ସରକାର ୨୫ ହଜାର ଟଙ୍କା ୩ ବର୍ଷରେ ଯୋଗାଇ ଦେବେ। ହେଲେ ଏଥିରେ ଚାଷୀଙ୍କ ମେରୁଦଣ୍ଡ ସଳଖ ହେବ ନାହିଁ ବୋଲି କହିଥିଲେ। ଏହା ଚାଷୀଙ୍କ ଭୋଟ ହାତେଇବା ପାଇଁ ଅଭିନବ ପ୍ରୟାସ ବୋଲି କହିଥିଲେ। ଚାଷୀଙ୍କ ପାଇଁ ସୁରକ୍ଷା ଭତ୍ତା, ଧାନର ସର୍ବନିମ୍ନ ମୂଲ୍ୟବୃଦ୍ଧି, ଆନୁଷଙ୍ଗିକ ଜଳସେଚନ ବ୍ୟବସ୍ଥାରେ ସୁଧାର, ଶୀତଳଭଣ୍ଡାର ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ରମେଶ ଓଝା, ନିର୍ମଳା ବେହେରା, ଗୋଲେଖ ଚନ୍ଦ୍ର ନାୟକ, କେଦାରନାଥ ମହାରଣା, ରଞ୍ଜିତ କୁମାର ଡାଲୁଆ ପ୍ରମୁଖ କହିଥିଲେ।

### ଅରିଲୋକୁ ଆଦର୍ଶ ପରିମଳ ପଞ୍ଚାୟତ ଘୋଷଣା

ବାଲିକୁଦା,୨୨।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତକୁ ବାହ୍ୟ ମଳ ମୁକ୍ତ ବା ଆଦର୍ଶ ପରିମଳ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ପଞ୍ଚାୟତର ମୋଟ ୧୦୨୨ ପରିବାର ଥିବାବେଳେ ସ୍ୱଚ୍ଛ ଭାରତ ଯୋଜନାରେ ୯୯୪ ଜଣ ନିଜ ଘରେ ପାଇଖାନା ବସାଇଛନ୍ତି। ପୂର୍ବରୁ ରୁରାଲ ହାଉସିଂ ପକ୍ଷରୁ ମଧ ଏହି ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅରିଲୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଉତ୍ସବ କରାଯାଇଥିଲା। ଏଥିରେ ଜିଲା ଜଳ ଓ ପରିମଳ ବିଭାଗ ଏସଡିଓ ତପନ କୁମାର ରାଉତ ସଭାପତିତ୍ୱ କରିଥିଲେ। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟଅତିଥି, ଜିଲାପାଳ ଯାମିନୀ ଷଡ଼ଙ୍ଗୀ ମୁଖ୍ୟବକ୍ତା, ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଦାସ, ଜିଲା ପରିଷଦ ସଭ୍ୟା ବବିତା ସ୍ୱାଇଁ, ଜିଲା ଜଳ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବାରିକ, ସମିତିସଭ୍ୟା ପ୍ରିୟମ୍ବଦା ପଲାଉର, ସୁଧାଂଶୁ ଶେଖର ଦାଶ, ଯନ୍ତ୍ରୀ ସତ୍ୟରଞ୍ଜନ ଭୋଇ, ଭାରତ ଭୂଷଣ ଲେଙ୍କା, ଅବସରପ୍ରାପ୍ତ ସିଡିପିଓ ରେଣୁବାଳା ସାସମଲ, ଜୀବୀକା ମିଶନ ବ୍ଲକ ପରିଚାଳକ ପ୍ରତାପ ରୁଦ୍ର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

କୁଜଙ୍ଗ,୨୨।୧(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍‌ର ବାଗୋଇ ଓ ବଗଦିଆ ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ବାଗୋଇ ପଞ୍ଚାୟତ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଧିର ପ୍ରଧାନ ସଭାପତିତ୍ୱ କରିଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରା ମୁଖ୍ୟ ଅତିଥି, ଏସ୍‌ବିଆଇ ଶାଖା ପରିଚାଳକ କାଳୀ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଭା ଚୟନ ସହ ସରକାରୀ ଯୋଜନା ପ୍ରଚାର ପ୍ରସାର ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଯୁବ ବାହିନୀ ବ୍ଲକ୍ ସଂଯୋଜକ ମଧୁସ୍ମିତା ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, କୃପାସିନ୍ଧୁ ଖଟେଇ, ପଞ୍ଚାୟତ ସମିତି ସଭ୍ୟ କୈଳାସ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଯୁବବାହିନୀ ସଭାପତି ଉମେଶ ଚନ୍ଦ୍ର ମଲିକ, ସମ୍ପାଦକ ମୁକେଶ ଚୌଧୁରୀ, କୋଷାଧକ୍ଷ ଦୀପାରାଣୀ ରାଉତରାୟଙ୍କ ସହ ବିଜୁ ଯୁବ ବାହିନୀର ସମସ୍ତ ସଭ୍ୟା ସଭ୍ୟ ପରିଚାଳନା କରିଥିଲେ। କୃଷକ, କଳାକାର, କୃତୀ ବିଜ୍ଞାନ ଛାତ୍ରୀ, ବିଭିନ୍ନ ବର୍ଗର ପ୍ରତିଭାଧାରୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବଗଦିଆ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଅନୁରୂପ ଢଙ୍ଗରେ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଜୁ ଯୁବ ବାହିନୀ ସଭାପତି ଝିଲି ସାମଲ, ସମ୍ପାଦକ ସୂର୍ଯ୍ୟକାନ୍ତ ପାତ୍ର, ସଭ୍ୟ ସଞ୍ଜନ ସ୍ୱାଇଁ, ଯୋଜନ ବରାଳ, ସମୀର ସାହୁ, ଲକ୍ଷ୍ମୀପ୍ରିୟା ଲେଙ୍କା, ବାପି ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୨୬ରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଅନିଲ ମେମୋରିଆଲ ଗୋଲ୍‌ଡେନ୍ କପ୍ କ୍ରିକେଟ

# ସେମିଫାଇନାଲରେ ବାଟମଙ୍ଗଳା

ଜଗତ୍‌ସିଂହପୁର ଅଫିସ, ୨୨।୧

ପୁନର୍ଗଠିତ ଜୟଦୁର୍ଗା ଯୁବ ଓ କ୍ରୀଡା ସଂଘ ଆନୁକୂଲ୍ୟରେ ଆୟୋଜିତ ଅନିଲ ମେମୋରିଆଲ ଗୋଲଡେନ୍ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀର ମହାବୀର ସ୍ପୋର୍ଟସ୍‌କୁ ୮ ରନ୍‌ରେ ହରାଇ ଯାଜପୁରର ବାଟ ମଙ୍ଗଳା କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବାଟ ମଙ୍ଗଳା କ୍ରିକେଟ୍ କ୍ଲବ ଟସ୍ ଜିତି ବ୍ୟାଟିଂ କରିଥିଲା। ଅଭିଷେକ ବିଶ୍ୱାଳଙ୍କ ୩୩ ଓ ଶୁଭ୍ରଜିତ ଜେନାଙ୍କ ୨୪ ରନ୍ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୩ ରନ୍ ସଂଗ୍ରହ କରିଥିଲା। ଅପରପକ୍ଷରେ ମହାବୀର ସ୍ପୋର୍ଟସ୍‌ର ସୌମ୍ୟରଞ୍ଜନ ମଲିକ ୪ଟି, ଦୀପକ ସାହୁ ୨ ଓ ଅନୀଲ ପ୍ରଧାନ ୨ଟି ଉଇକେଟ୍ ହାସଲ କରିଥିଲେ। ଜବାବରେ ମହାବୀର ସ୍ପୋର୍ଟସ୍ ସଚିନ ମିଶ୍ରଙ୍କ ଆକର୍ଷଣୀୟ ୪୫ ଓ ଅନିଲ ପ୍ରଧାନଙ୍କ ୪୧ ରନ୍ ସତ୍ତ୍ୱେ ୫ ଉଇକେଟ୍ ହରାଇ ୧୨୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ମା ମଙ୍ଗଳା କ୍ରିକେଟ୍ କ୍ଲବର ଆଝାର ଅଲ୍ଲୀ ଓ କାର୍ତ୍ତିକ ପତି ଉଭୟ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ମା ମଙ୍ଗଳା କ୍ରିକେଟ୍ କ୍ଲବର ଅଭିଳାଷ ବିଶ୍ୱାଳଙ୍କୁ ମ୍ୟାନ ଅଫ ଦ ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅତିଥିଭାବେ ପ୍ରଶାନ୍ତ ମଲିକ, ବଂଶୀଧର ବେହେରା, ବଦ୍ରି ମହାନ୍ତି ଓ ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ସୌମ୍ୟରଞ୍ଜନ ସାହୁ ଓ ବୁଟା ସିଂ ପରିଚାଳନା କରିଥିଲେ। ରଞ୍ଜିତ ରଣା, ଗୋପବନ୍ଧୁ ବେହେରା, ଆକାଶ ବାନାର୍ଜୀ, ଅଭିଜିତ ମହାନ୍ତି ସହଯୋଗ କରିଥିଲେ। ବୁଧବାର ୧ମ ସେମିଫାଇନାଲ ମ୍ୟାଚ୍ କଟକର ମା ମଙ୍ଗଳା କ୍ରିକେଟ୍ କ୍ଲବ ଓ ଯାଜପୁରର ବାଟ ମଙ୍ଗଳା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରଜନୀକାନ୍ତ ଚୌଧୁରୀ ସୂଚନା ଦେଇଛନ୍ତି।



ଅତିଥି ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

# ଉପକୂଳରେ ପାନ ମହଙ୍ଗା

ପାରାଦୀପ,୨୨।୧(ସ୍ୱ.ପ୍ର.)



- ପୋସ୍କୋ ପାଇଁ ବରଜ ଭାଙ୍ଗିଲା
- ଶୀତ ଓ ପ୍ରଦୂଷଣ ଯୋଗୁ ଉତ୍ପାଦନ ହ୍ରାସ
- ହଜାର ପତ୍ରକୁ ୨୩୦୦ ଟଙ୍କା

ସାଧାରଣତଃ ଓଡ଼ିଶାର ଅଧିକାଂଶ ଲୋକ ପାନ ପ୍ରିୟ। ସେଥିପାଇଁ ପ୍ରତ୍ୟେକ ବଜାରରେ ପାନ ଦୋକାନ ଦେଖିବାକୁ ମିଳେ। ଅନେକଙ୍କ ଘରେ ପାନ ବଟୁଆ ରହିଥାଏ ଓ ପରିବାରର ଏକାଧିକ ସଦସ୍ୟ ବଟୁଆରୁ ପାନ ଖାଇଥାନ୍ତି। ସେହି ପାନ ପ୍ରିୟ ଲୋକଙ୍କ ପାଇଁ ଏବେ ପାନପତ୍ର ମହଙ୍ଗା ହୋଇଛି। ଉପକୂଳ ଓଡ଼ିଶାରେ ଏବେ ପାନପତ୍ର ଦର ହଜାର ପ୍ରତି ୨୩ଶହ ଟଙ୍କାରେ ବିକ୍ରି ହେଉଛି। ଅର୍ଥାତ୍ ପତ୍ର ଗୋଟା ୨ ଟଙ୍କାରୁ ଊର୍ଦ୍ଧ୍ୱ। ବିଶେଷକରି ପାନପତ୍ରର ଅନୁଦ୍ଦିଶାଳ କୁହାଯାଉଥିବା କୁଜଙ୍ଗ-ପାରାଦୀପ ଅଞ୍ଚଳରେ ଏଭଳି ମୂଲ୍ୟବୃଦ୍ଧି ଆଲୋଚ୍ୟର ବିଷୟ ହୋଇଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଏହି ମୂଲ୍ୟ ଅଢେଇ ହଜାରରୁ ଊର୍ଦ୍ଧ୍ୱ ବୋଲି ଜଣାଯାଇଛି। ପୋସ୍କୋ ପାଇଁ ହଜାର ହଜାର ପାନ ବରଜ ଉଜାଡ଼ି ଦେବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିପରି ଶିଳ୍ପ କାରଖାନାର ମାତ୍ରାଧିକ ପ୍ରଦୂଷଣ ଓ ଅତ୍ୟଧିକ ଶୀତ, କାକର ଯୋଗୁ ମଧ୍ୟ ପାନ ପତ୍ର ଉତ୍ପାଦନ ହ୍ରାସ ପାଇଛି। ସାଧାରଣତଃ ଶୀତଦିନେ ପାନପତ୍ର କମ୍ ମିଳେ। ଏହି ସମୟରେ ପତ୍ରର ମୂଲ୍ୟ ସାମାନ୍ୟ ଅଧିକ ଥାଏ। ପାରାଦୀପ ସହରରେ ପ୍ରାୟତଃ ପାନପତ୍ର ହଜାରକୁ ୧୫୦ରୁ ୩୦୦ ଟଙ୍କା ମଧ୍ୟରେ ଥାଏ। ଶୀତଦିନେ ସେହି ମୂଲ୍ୟ ସର୍ବାଧିକ ୬୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧିପାଏ। ଶୀତ କମିଗଲେ ପୁଣି ପୂର୍ବ ମୂଲ୍ୟକୁ ଖସିଥାଏ। କିନ୍ତୁ କେବେ ୨ହଜାର ଟଙ୍କା ହେବା ପାନପତ୍ର ଇତିହାସରେ ଦୃଷ୍ଟାନ୍ତ ନାହିଁ ବୋଲି କୁହନ୍ତି ବଡ଼ ପଡ଼ିଆର ପାନ ବ୍ୟବସାୟୀ ବାବୁଲି ଦାସ। ସେ କୁହନ୍ତି ୪୦ ବର୍ଷ ହେଲା ପାନପତ୍ର ବ୍ୟବସାୟ କରୁଛି। ଚଳିତବର୍ଷ ରେକର୍ଡ ମୂଲ୍ୟ ବୃଦ୍ଧି ଘଟିଛି। ଏହା ଦ୍ୱାରା ସହରରେ ଅର୍ଦ୍ଧାଧିକ ପାନ ଦୋକାନ ବନ୍ଦ ହୋଇଗଲାଣି। ଏବେ ବଜାରରେ ଖିଲିପାନ ଖଣ୍ଡ ୪ରୁ ୫ଟଙ୍କା ହେଲାଣି।

ସୂଚନାଯୋଗ୍ୟ, ଓଡ଼ିଶାର ପ୍ରମୁଖ ପାନଚାଷ ଅଞ୍ଚଳ ମଧ୍ୟରେ ରହିଛି କୁଜଙ୍ଗ ବ୍ଲକର ଢିଙ୍କିଆ-ନୂଆଗାଁ ଅଞ୍ଚଳ। ପୁରୀ ଜିଲାର ପିପିଲି, ଚନ୍ଦନପୁର, ବାଲେଶ୍ୱର, ବନମାଳିପୁର, କଟକର ନରସିଂହପୁର, ନିଆଳି ପ୍ରଭୃତି ସ୍ଥାନରେ ଅଳ୍ପ ବହୁତ ପାନ ଚାଷ ହୁଏ। ତେବେ ଅଧିକ ପାନପତ୍ର କୁଜଙ୍ଗରୁ ବାହାରିଥାଏ। ୨୦୧୨-୧୩ରେ ପୋସ୍କୋ ପାଇଁ ଜମି ଅଧିଗ୍ରହଣ ବେଳେ ହଜାରରୁ ଅଧିକ ପାନବରଜ ଭଙ୍ଗାଯାଇଥିଲା। ଏବେ ଯାହା କିଛି ବରଜ ରହିଛି, ତାହା ପ୍ରଦୂଷଣ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ପୂର୍ବଭଳି ପାନପତ୍ର ଉତ୍ପାଦନ ହେଉନାହିଁ। ଯାହାବି ପତ୍ର ହେଉଛି ତାହା ଛୋଟ ଆକାର ବୋଲି ଢିଙ୍କିଆର ପାନ ଚାଷୀ ପ୍ରଦୀପ ଜେନା କହିଛନ୍ତି। ସ୍ୱଳ୍ପ ପାନ ପତ୍ରକୁ ବାହାର ରାଜ୍ୟର ବେପାରୀମାନେ ଅଧିକ ମୂଲ୍ୟ ଦେଇ କିଣୁଥିବାରୁ ପାନ ଦର ବୃଦ୍ଧି ପାଇଛି। ଏପରି ଅବସ୍ଥା ଆହୁରି ମାସେ ରହିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସାଉଥ୍ ଆଫ୍ରିକାରେ ଚାକିରି ଦେବା ନାଁରେ ଠକେଇ

**ସାଲେପୁର,୨୨।୧(ଡି.ଏନ.ଏ.):** ସାଉଥ୍ ଆଫ୍ରିକାରେ ଚାକିରି କରାଇ ଦେବା ନାଁରେ ଠକେଇ ହୋଇଛି। କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ଗଞ୍ଜାମ ଜିଲାର ୧୨ଜଣ ଯୁବକ ଏହି ଠକେଇର ଶିକାର ହୋଇଛନ୍ତି। ଫଳରେ ସେମାନେ ଠକେଇ କରିଥିବା ବ୍ୟକ୍ତିଙ୍କ ନାଁରେ ମଙ୍ଗଳାବର କଟକ ଜିଲା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସାଲେପୁର ଥାନା ସଉରୀ ପଞ୍ଚାୟତ ବଟାପୁର ଗ୍ରାମର ଇବ୍ରାହିମ୍ ଖାଁ, ସେକ୍ ମକିମ୍ ଉଦ୍ଦିନ୍, ଅଲିମ୍ ମୁଦ୍ଦିନ ମଲ୍ଲିକ ପ୍ରମୁଖ ଉପରୋକ୍ତ ଜିଲାର କେତେଜଣ ଯୁବକଙ୍କୁ ସାଉଥ୍ ଆଫ୍ରିକାରେ ଚାକିରି କରାଇ ଦେବାକୁ କହି ସେମାନଙ୍କଠାରୁ ୫୦ ହଜାର ଟଙ୍କା ନେଇଥିଲେ। ଥେତବେ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଚାକିରି ଦେଇ ପାରି ନ ଥିଲେ। ଫଳରେ ଯୁବକମାନେ ସେମାନଙ୍କ ଘରକୁ ଆସି ଟଙ୍କା ଫେରାଇ ଦେବାକୁ କହିଥିଲେ। ହେଲେ ସେମାନେ ଟଙ୍କା ଫେରସ୍ତ କରି ନ ଥିଲେ। ଗଞ୍ଜାମ ଜିଲା ସୁନାଥର ଗ୍ରାମର ମିଥୁନ୍ ନାୟକ, କେନ୍ଦ୍ରାପଡ଼ା ଜିଲା ବାଲିପାଟଣା ଗ୍ରାମର ସତ୍ୟବାନ୍ ନାୟକ, ଅରବିନ୍ଦ ପରିଡ଼ା, ଗୁସନ୍ ସହର, ସୁକାନ୍ତ କୁମାର ପରିଡ଼ା, ପଟ୍ଟାମୁଣ୍ଡାଇ ଥାନା ବୁଲଙ୍ଗ ଗ୍ରାମର ଆଲୋକ ରଞ୍ଜନ ଜେନା, ରାଜକନିକା ଥାନା କଣ୍ଟାବାଡ଼ିଆ ଗ୍ରାମର ପ୍ରଦୀପ କୁମାର ଶର୍ମା, ତଳପଡ଼ା ଗ୍ରାମର ରତିକାନ୍ତ ପୁହାଣ, କଣ୍ଟାବାଡ଼ିଆ ଗ୍ରାମର ରଜତ୍ କୁମାର ନାଥ, ଭଦ୍ରକ ଜିଲା ଭୀମ୍‌ପୁର୍ ଗ୍ରାମର ପ୍ରଶାନ୍ତ କୁମାର ବାରିକ୍, ଗଙ୍ଗାଧର ପଲାଇ ଓ ଯାଜପୁର ଜିଲା କଳାନାଗପୁର ଗ୍ରାମର ଦଶରଥ ରାଉଳ ଏହି ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର କୁମାର ମଲିକ କହିଛନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଜେଡିରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀଙ୍କ ଗହଣରେ ପ୍ରଣୟ ସାହୁ ଓ ସମର୍ଥକମାନେ।

# ବିଜେଡିରେ ଯୋଗଦେଲେ ପ୍ରଣୟ ସାହୁ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ବରଗଡ଼ ଜିଲା ବିଜେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଣୟ ସାହୁ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମଙ୍ଗଳବାର ନବୀନ ନିବାସରେ ଆୟୋଜିତ ଦଳର ମିଶ୍ରଣ ପର୍ବରେ ପ୍ରଣୟ ସମର୍ଥକମାନଙ୍କ ସହ ଯୋଗଦେଇଛନ୍ତି। ପ୍ରଣୟ ସୋମବାର କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଅବଗତ କରାଇଥିଲେ। ୨୦୧୮ ବିଜେପୁର ଉପନିର୍ବାଚନରେ ପ୍ରଣୟ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇ ୧୦,୨୭୪ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଉକ୍ତ ଆସନ ୨୦୦୪, ୨୦୦୯ ଏବଂ ୨୦୧୪ କଂଗ୍ରେସ ହାତରେ ରହିଥିଲା। ହେଲେ କଂଗ୍ରେସ ବିଧାୟକ ସୁବଳ ସାହୁଙ୍କ ପରଲୋକ ପରେ ଉପନିର୍ବାଚନ ହୋଇଥିଲା। ଏଥିରେ ସ୍ୱର୍ଗତ ସାହୁଙ୍କ ସ୍ତ୍ରୀ ରୀତା ସାହୁ ବିଜେଡି ପ୍ରାର୍ଥିନୀ ଭାବେ ବିଜୟୀ ହୋଇଥିଲେ। ପ୍ରଣୟ ସାହୁ ସ୍ୱର୍ଗତ ସୁବଳଙ୍କ ଜଣେ ଟାଣୁଆ ସମର୍ଥକ ଭାବେ ଜଣାଶୁଣା।

ଆଗକୁ ନିର୍ବାଚନ ଲଢିବା ଅପେକ୍ଷା ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବେ। ଗାଇସିଲଟ୍ ବ୍ଲକ ସମେତ ସମଗ୍ର ବିଜେପୁର ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିବେ ବୋଲି ପ୍ରଣୟ କହିଛନ୍ତି। ବିଜେପୁର ବିଧାୟିକା ରୀତା ସାହୁ ସମର୍ଥକମାନଙ୍କ ସହ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ।

# ସରକାରୀ ବସ୍‌ରୁ ୩୬ ବସ୍ତା ଗୁଟ୍‌ଖା ଜବତ

**ଭୁବନେଶ୍ୱର, ୨୨।୧(ବ୍ୟୁରୋ)**

କିଛିଦିନ ତଳେ ଦୁଇଟି ଘରୋଇ ବସ୍‌ରୁ ପ୍ରାୟ ୪୬ ବସ୍ତା କଏନ ଜିଏସ୍‌ଟି ବିଭାଗ ଜବତ କରିଥିଲା। ତେବେ କେବଳ କଏନ୍ ନୁହେଁ, ବସ୍‌ରେ ଗୁଟ୍‌ଖା ମଧ ଚାଲାଣ ହେଉଛି। ମଙ୍ଗଳବାର ସକାଳେ ବାଣିଜ୍ୟକର ବିଭାଗ ପକ୍ଷରୁ ସିଆରପି ଛକରେ ଓଏସ୍‌ଆରଟିସିର ଏକ ବସ୍‌ରେ ଚଢ଼ାଉ କରାଯାଇ ୩୬ ବସ୍ତା ଗୁଟ୍‌ଖା ଜବତ କରାଯାଇଛି। ଉକ୍ତ ଗୁଟ୍‌ଖା ବ୍ରହ୍ମପୁରରୁ କଟକ ଚାଲାଣ ହେଉଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ବସ୍‌କୁ ଜବତ କରାଯିବା ସହ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

**ବ୍ରହ୍ମପୁରରୁ କଟକ ଚାଲାଣ ହେଉଥିଲା**

ମିଳିଥିବା ସୂଚନା ଅନୁଯାୟୀ, ସରକାରଙ୍କୁ ଜିଏସ୍‌ଟି ଫାଙ୍କିବା ପାଇଁ କେତେଜଣ ଅସାଧୁ ବ୍ୟବସାୟୀ ବେଆଇନ୍ ଭାବେ ଗୁଟ୍‌ଖା ଚାଲାଣ କରୁଛନ୍ତି। ଏ ନେଇ ବାଣିଜ୍ୟକର ବିଭାଗକୁ ସୂଚନା ମିଳିବା ପରେ ଅଧିକାରୀମାନେ ସକାଳ ପ୍ରାୟ ୭ଟାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆରପି ଛକରେ ବସ୍‌କୁ ଜଗିରହିଥିଲେ। ବସ୍‌ଟି ସିଆରପି ଦେଇ ଯିବା ସମୟରେ ବାଣିଜ୍ୟକର ଅଧିକାରୀମାନେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବସ୍‌ରେ ୩୬ ବସ୍ତା ଗୁଟ୍‌ଖା ଥିବା ଜଣାପଡ଼ିଥିଲା। ଅଧିକାରୀମାନେ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ କାଗଜପତ୍ର ମାଗିଥିଲେ ମଧ ସେମାନେ ଦେଖାଇ ପାରି ନ ଥିଲେ। ବସ୍‌ରେ କିଏ ଗୁଟ୍‌ଖା ପଠାଇଥିଲେ ଏବଂ କଟକରେ କେଉଁ ସ୍ଥାନକୁ ଏହା ଯାଇଥାନ୍ତା ସେ ନେଇ ଖୋଳତାଡ଼ କରାଯାଉଛି ବୋଲି ବାଣିଜ୍ୟକର ବିଭାଗର ଯୁଗ୍ମ ବାଣିଜ୍ୟକର ଅଧିକାରୀ ପର୍ଶୁରାମ କଅଁର କହିଛନ୍ତି।

ଅନ୍ୟପଟେ ଅଧିକାଂଶ ବସ୍‌ରେ ପ୍ରତିଦିନ ଏଭଳି କାରବାର ଚାଲିଥିବା ଅଟକ ଥିବା ସୂଚନା ମିଳିଛି। ଏସବୁ ଗୁଟ୍‌ଖା ବ୍ରହ୍ମପୁରରୁ ରାଜଧାନୀ ଦେଇ କଟକ ଯାଉଛି। ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟର ପ୍ରତି ପ୍ୟାକେଟ ପିଛା ୧୬୦ ଟଙ୍କା ନେଉଛନ୍ତି। ଗୁଟ୍‌ଖା ଚାଲାଣରୁ ଅଧିକ ଭଡ଼ା ମିଳୁଥିବାରୁ ସେମାନେ ଅଧିକାଂଶ ସମୟରେ ଯାତ୍ରୀ ପରିବହନ କରନ୍ତି ନାହିଁ ବୋଲି ଅଟକ ଥିବା ଡ୍ରାଇଭର ପଚରାଉଚରା ବେଳେ କହିଛନ୍ତି।

# ମତଦାନର ୪୮ ଘଣ୍ଟା ପୂର୍ବରୁ ସିଲ୍ ହେବ ସୀମାନ୍ତ

**କଟକ ଅଫିସ, ୨୨।୧**

ଆଗାମୀ ସାଧାରଣ ନିର୍ବାଚନ ସମୟରେ ନିଶା କାରବାର ଉପରେ ତୀକ୍ଷ୍ଣ ନଜର ରହିବ। ନିଶାମୁକ୍ତ ନିର୍ବାଚନ ପାଇଁ ଅବକାରୀ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି ମାଷ୍ଟର ପ୍ଲାନ। ମଙ୍ଗଳବାର ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ପର୍ଷଦଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟର ୩୨ଟି ଅବକାରୀ ଜିଲାର ଅଧୀକ୍ଷକଙ୍କ ସମେତ ବହୁ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀ ପାଇଁ ମନିଟରିଂ ଟିମ୍ ଗଠନ କରାଯିବ। ଏହି ଟିମ୍ ନିୟମିତ ଭାବେ ଚୋରା ମଦ ପ୍ରସ୍ତୁତ ଓ କାରବାର ସହ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ଉପରେ ନଜର ରଖିବେ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଉକ୍ତ ଟିମ୍ ନିୟମିତ ଭାବେ ସରକାରୀ ଦୋକାନଗୁଡ଼ିକୁ ମଧ ଯାଞ୍ଚ କରିବେ। ରାଜ୍ୟର ଯେଉଁ ସ୍ଥାନରେ ଚୋରା ନିଶା ସାମଗ୍ରୀ କାରବାର ହେଉଥିବା ଖବର ଆସିବ ସେଠାରେ ଉକ୍ତ ଟିମ୍ ଚଢ଼ାଉ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବ। ସେହିପରି ମତଦାନର ଅବ୍ୟବହିତ ପୂର୍ବରୁ (ନିର୍ଦ୍ଧାରିତ ସମୟ) ଯାହାକୁ ଡ୍ରାଏ ଡେ କୁହାଯାଏ ସେଥିପ୍ରତି ଅବକାରୀ ବିଭାଗର ଅଧିକାରୀମାନେ ସଚେତନ ରହିବେ। ଅନ୍ୟପକ୍ଷରେ ରାଜ୍ୟର ସୀମାନ୍ତଗୁଡ଼ିକୁ ମତଦାନର ୪୮ ଘଣ୍ଟା ପୂର୍ବରୁ ସିଲ୍ କରାଯିବ।

**ନିଶାମୁକ୍ତ ନିର୍ବାଚନ ଚିନ୍ତା**
- ଅବକାରୀ ବିଭାଗର ଉଚ୍ଚସ୍ତରୀୟ ବୈଠକ
- ପ୍ରତି ନିର୍ବାଚନମଣ୍ଡଳୀ ପାଇଁ ମନିଟରିଂ ଟିମ୍

ଆନ୍ଧ୍ର, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତ ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ମୁଖ୍ୟତଃ ଓଡ଼ିଶାକୁ ଯେପରି ସେହିସବୁ ରାଜ୍ୟରୁ କୌଣସି ନିଶା ସାମଗ୍ରୀ ନ ଆସେ ତାହାକୁ ନିଶ୍ଚିତ କରାଯିବ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରଦିନଠାରୁ ମତଦାନ ଶେଷହେବା ପର୍ଯ୍ୟନ୍ତ ଜିଲା ସ୍ତରରେ ନିୟମିତ ଭାବେ ବୈଠକ ବସି ପରିସ୍ଥିତିର ସମୀକ୍ଷା କରାଯିବ। ଦୈନିକ କାର୍ଯ୍ୟବିଧିର ଚିଜିନିଖି ଖବର କମିଶନରଙ୍କ ଅଫିସକୁ ପଠାଯିବ। ଏହାବାଦ୍ ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଅବକାରୀ ଗୋଇନ୍ଦା ବିଭାଗକୁ ମଧ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୨୫୦ରୁ ଊର୍ଦ୍ଧ୍ୱ ବିରଳ ସାର୍କ ଜବତ, ୭ ଆନ୍ଧ୍ର ମତ୍ସ୍ୟଜୀବୀ ଗିରଫ

**ପାରାଦୀପ/ରାଜନଗର/ମହାକାଳପଡ଼ା, ୨୨।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ସାମୁଦ୍ରିକ ଅଭୟାରଣ୍ୟ ଭିତରକନିକାର ଗହୀରମଥା ନିଷିଦ୍ଧାଞ୍ଚଳରେ ଆନ୍ଧ୍ର ପ୍ରଦେଶର ଏକ ମାଛଧରା ଟ୍ରଲର ବିରଳ ପ୍ରଜାତିର ସାର୍କ ମାଛ ଧରୁଥିବାବେଳେ କୋଷ୍ଟଗାର୍ଡ ହାତରେ ଧରାପଡିଛି। ଉକ୍ତ ଟ୍ରଲରରୁ ୩ ପ୍ରଜାତିର ୨୫୦ରୁ ଊର୍ଦ୍ଧ୍ୱ ସାର୍କ ଜବତ କରାଯାଇଛି। ସମ୍ପୃକ୍ତ ୭ ଜଣ ଆନ୍ଧ୍ର ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହ ଟ୍ରଲର ଜବତ ହୋଇଛି।

କୋଷ୍ଟଗାର୍ଡ ମୁଖ୍ୟାଳୟ-୭ ପାରାଦୀପ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆନ୍ଧ୍ର ପ୍ରଦେଶର ଟ୍ରଲର(ଆଇଏନ୍‌ଡି ଏପି-ଭିଆଇ-ଏମ୍‌ଏମ୍-୭୬୪)ରେ ସମ୍ପୃକ୍ତ ମତ୍ସ୍ୟଜୀବୀମାନେ ଗହୀରମଥା ନିଷିଦ୍ଧାଞ୍ଚଳରେ ସାର୍କ ଧରୁଥିଲେ। ସୋମବାର କୋଷ୍ଟଗାର୍ଡର ପାଟ୍ରୋଲିଂ ସିପ୍ ଚାର୍ଲି-୪୨୬ ଉକ୍ତ ଟ୍ରଲରକୁ କାବୁ କରିଥିଲା। ସେଥିରୁ ବିଲୁପ୍ତପ୍ରାୟ ୧୪୭ଟି ବୁଲ୍ ଶାର୍କ, ୨୬ଟି ସ୍ୱଟ୍‌ଟେଲ୍ ଶାର୍କ, ୨ଟି ହାମରହେଡ୍ ଶାର୍କ ଭଳି ମୋଟ୍ ୨୫୦ରୁ ଅଧିକ ଶାର୍କ ଜବତ କରାଯାଇଛି। ଏଥିସହ ୫୦ଟି ମାଛ ଧରା ହୁକ, ଗୋଟିଏ ଲେଖାଏଁ ଭିଏଚ୍‌ଏଫ, ଜିପିଏସ୍, ଫିସ୍ ଫାଇଣ୍ଡର ଓ ୨ କୁଇଣ୍ଟାଲ ଅନ୍ୟ ସାମୁଦ୍ରିକ ମାଛ ଜବତ କରାଯାଇଛି। ଏହି ଘଟଣାରେ ମେଡା ଆପନ୍ନା, ମେଡା ରାମୁ, ମେଡା ଚିନା, ମେଡା ଚିନାରମୁଲୁ, ମେଲାପଲ୍ଲୀ ରାମବାବୁ, ଅମର ଗୁରୟା ଓ ଗଙ୍ଗାଲା ଗୁରଭାୟାଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସେମାନଙ୍କୁ ରାଜନଗର ବନ ବିଭାଗକୁ ହସ୍ତାନ୍ତର କରାଯିବା ପରେ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତ ସାର୍କ ବ୍ୟବଚ୍ଛେଦ ପରେ ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି।

### ଗିଲନେଟର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର,୨୨।୧(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରୁ ମଙ୍ଗଳବାର ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗ କର୍ମଚାରୀ ଏକ ଗିଲନେଟର ଜବତ କରିଛନ୍ତି । ଏଥିସହ ସେଥିରେ ଥିବା ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏନେଇ ରାଜନଗର ବନ ବିଭାଗ ପକ୍ଷରୁ ରେ ମାମଲା (ନଂ ୮୮/୧୯)ରୁଜୁ କରାଯାଇଛି।



■ ପ୍ରସ୍ତାବିତ ବୟନ, ବସ୍ତ୍ରଶିଳ୍ପ ପ୍ରକଳ୍ପ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

**ଶିଳ୍ପ ହେଲେ ଭଦ୍ରକ ହେବ ପୂର୍ବଭାରତର ସୁରଟ**

ଭଦ୍ରକଠାରେ ଇଣ୍ଡିଆନ ଅଏଲ୍ ତରଫରୁ ପ୍ରସ୍ତାବିତ ବୟନ ଓ ବସ୍ତ୍ରଶିଳ୍ପ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଅନୁମତି ଦେଇନାହାନ୍ତି। ଏଥିପାଇଁ ଆବଶ୍ୟକୀୟ ଜମି ମିଳିବାରେ ଅହେତୁକ ବିଳମ୍ବ ହେଉଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତଭାବେ ହସ୍ତକ୍ଷେପ କରି ଆବଶ୍ୟକୀୟ ୭୫ ଏକର ଜମି ଯୋଗାଇ ଦେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

ଉକ୍ତ ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଏହି ଜମି ଯୋଗାଇ ଦିଆଗଲେ ବୟନ ଓ ବସ୍ତ୍ରଶିଳ୍ପ ପ୍ରକଳ୍ପ ତୁରନ୍ତ ଆରମ୍ଭ କରାଯିବ। ଫଳରେ ଲୋକମାନଙ୍କ ଅନେକ ଦିନର ସ୍ୱପ୍ନ ସାକାର ହୋଇପାରିବ। ପାରାଦୀପ ପୂର୍ବଭାରତର ପେଟ୍ରୋଲିୟମ ଶିଳ୍ପର ପ୍ରବେଶ ଦ୍ୱାର ହେବାରେ ଲାଗିଛି। ପାରାଦୀପ ଅଏଲ୍ ରିଫାଇନେରିରୁ ବାହାରୁଥିବା ପଲିଷ୍ଟର, ଏମ୍‌ଇଜି ଓ ପିଟିଏ ପରି ଉତ୍ପାଦ ବ୍ୟବହାରରେ ପଲିଷ୍ଟର ଆଧାରିତ ବୟନ ଓ ବସ୍ତ୍ରଶିଳ୍ପର ବ୍ୟାପକ ସମ୍ଭାବନା ତିଆରି ହୋଇଛି। ଏହି ସମ୍ଭାବନାକୁ ଦେଖି ଇଣ୍ଡିଆନ୍ ଅଏଲ୍ ତରଫରୁ ୧୯୭୧ କୋଟି ଟଙ୍କା ବ୍ୟୟ ବରାଦରେ ଭଦ୍ରକଠାରେ ବୟନ ଓ ବସ୍ତ୍ରଶିଳ୍ପ ପ୍ରକଳ୍ପ ପାଇଁ ଯୋଜନା କରାଯାଇଛି। ଏହି ମୂଳ ପ୍ରକଳ୍ପ ହେଲେ ବୟନଶିଳ୍ପ କ୍ଷେତ୍ରରେ ଡାଇନଷ୍ଟ୍ରିମ୍ ଶିଳ୍ପରେ ୨୫୦୦ କୋଟି ପୁଞ୍ଜିନିବେଶ ସହ ୨୫ରୁ ୩୦ ହଜାର ଲୋକଙ୍କର ରୋଜଗାର ସୃଷ୍ଟିର ସମ୍ଭାବନା ତିଆରି ହେବ। ଇଣ୍ଡିଆନ ଅଏଲର ଭଦ୍ରକଠାରେ ଏହି ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଶିଳ୍ପ ମାନଚିତ୍ରରେ ବ୍ୟାପକ ପରିବର୍ତ୍ତନ ଆସିପାରିବ। ଏହି ପ୍ରକଳ୍ପରେ ପ୍ରଚୁର ମାନବସମ୍ବଳ ଆବଶ୍ୟକତା ପରିପ୍ରେକ୍ଷୀରେ ଭଦ୍ରକ ପୂର୍ବଭାରତର ସୁରଟ ହୋଇପାରିବ। ଯଦି ସରକାର ଏହି ପ୍ରକଳ୍ପ ପାଇଁ ସହଯୋଗର ହାତ ନ ବଢାନ୍ତି ତେବେ ରାଜ୍ୟ ଏକ ବଡ଼ ସୁଯୋଗକୁ ହାତଛଡ଼ା କରିବ। ଯଦି ରାଜ୍ୟ ସରକାର ଆହୁରି ବିଳମ୍ବ କରନ୍ତି ତେବେ ଉକ୍ତ ପ୍ରକଳ୍ପ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ ହେବାର ସମ୍ଭାବନା ତିଆରି ହେବ। ଓଡ଼ିଶାର ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରକଳ୍ପ ପାଇଁ ସହଯୋଗର ହାତ ବଢାଇବା ପାଇଁ ଧର୍ମେନ୍ଦ୍ର ନିବେଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୬।୧୧।୨୦୧୭ରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଉପସ୍ଥିତିରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ପ୍ରାରମ୍ଭିକ ଭାବେ ଏଥିପାଇଁ ୩୫ ଏକର ଜମି ଆବଶ୍ୟକ ବୋଲି ଆକଳନ କରାଯାଇଥିଲା, ମାତ୍ର ପରବର୍ତ୍ତୀ ସମୟରେ ୭୫ ଏକର ଜମିର ଆବଶ୍ୟକତା ନେଇ ଆକଳନ ପରେ ଏହି ଜମି ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ ଇପିକଲ୍ ପାଖରେ ଆବେଦନ କରାଯାଇଥିଲା। ଜମି ଯୋଗାଇ ଦେବା ପାଇଁ ବିଭିନ୍ନ ତାରିଖରେ ସରକାରଙ୍କ ପାଖରେ ଯୋଗାଯୋଗ କରାଯାଇଥିଲା। ଏହାପରେ ମଧ ଜମି ଯୋଗାଇବାରେ ସରକାର ଅହେତୁକ ବିଳମ୍ବ କରୁଥିବା ଧର୍ମେନ୍ଦ୍ର ଚିଠି ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।


ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

REQUIRED
• DIGITAL PARTNERS for All Odisha Branches.
Fixed income 15,000/- per month
Banking Personal / House wives / Retired Persons invited.
Contact: 7788830886

JOBS IN AIRPORT (ONLY MALE)
Post: GROUND STAFF
➔ Qual.: 9th Pass,10th & +2
➔ Age : 18 To 28 Years
➔ Salary : 10,000/- To 25,000/-
Global Certification With 100% Job
Blaze Aviation, Plot No : 576/3398, Nayapalli, Bhubaneswar.
7077708313, 7077708315

OMM SAI INFRATECH
ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9776141333

ଆବଶ୍ୟକ
ଭୁବନେଶ୍ୱରରେ ଘରୋଇ ଗାଡି ଚଲାଇବା ପାଇଁ ଡ୍ରାଇଭର ଆବଶ୍ୟକ।
Printing Press ରେ କାମ କରିବା ପାଇଁ COMPUTER OPERATOR ଆବଶ୍ୟକ। (ରହିବା ଖାଇବା ସୁବିଧା ଅଛି)
PRINTONIX
Room No 02/58 ,1st floor, PD Market, CRP square , Bhubaneswar
CONTACT: 9937281776

CONTACT:- 9938414918
ଭୁବନେଶ୍ୱର Office ପାଇଁ Accountant, Computer Operator, Field Officer, Office Assistant, Receptionist, Telecaller & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (18-35) yrs, Monthly Salary upto Rs. 24000/-.

JOB PREMIER LEAGUE.COM
BARAMUNDA GROUND, BBSR
Walk in Interview on Jan 28th, 29th, 30th.
All segment of Companies.
Contact: 9583279596, 8480228593

ହୋଟେଲ ପାଇଁ ଓଡ଼ିଆ ଖାଦ୍ୟ ରୋଷେୟା, ହେଲ୍‌ପର୍ ଓ ମ୍ୟାନେଜର ଆବଶ୍ୟକ।
ଫୋନ୍ ନଂ: 7873651675
(10 AM- 12 Noon)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately: Mob: 8763257042

URGENTLY REQUIRE FOR HOTEL
4 Nos Front Office Manager
1 No General Manager
3 Nos Cook/ Asst. Cook
2 Nos Maintenance Manager
Call : 9937793191

BIOTECH FOCUSED > FAST > FIRST
www.biotechindia.net
We are into Manufacturing & Marketing of Medical Equipments having head office at Mumbai.
We are looking for experienced:
SALES EXECUTIVE / MANAGER
FOR ORISSA
Interested candidates may send their resume to: advert.biotech@gmail.com

GANESH SCIENCE COLLEGE
Bhubaneswar ▮ Chandikhole
APPOINTMENT
Ganesh Institute of Engineering & Technology (Group of Institutions), one of the leading education house of the state invites applications from suitable candidates for appointment in its +2 and +3 Science Colleges having campus at Bhubaneswar and Chandikhole.
Sr. Lecturer/ Teaching Asst. : Physics / Chemistry / Math / Botany Zoology / Geology / English / Odia
Eligibility : For Sr. Lecturer PG in relevant subject with min. 5 yrs. teaching exp. For Teaching Asst. PG in relevant Subject
Lab. Asst.: Physics/Chemistry/Botany/Zoology/Geology B.Sc. with Lab. exp. in concerned subject.
DTP Operator.: Experienced Graduate with knowledge in Pagemaker, Photoshop, MS Office etc.
Lecturers willing to stay at Hostel will get preference during selection.
Interested candidates may submit their CV at City Office or through E-mail : appt@ganeshsccollege.edu.in with qualification, photograph, address, contact number alongwith exp. details on or before 31st January 2019.
CITY OFFICE : Plot No. 562, Ekamra Vihar, (Nearer to IRC Village Elec. Sub-Station) BBSR - 15, Ph. (0674) 2471014, 2362981, 8093745466

ଆବଶ୍ୟକ
ଡ୍ରାଇଭର, ରୋଷେୟା, ପିଅନ ଓ ମାଳି
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର, ରୋଷେଇ କରିବା ପାଇଁ ରୋଷେୟା, ପିଅନ ଏବଂ ମାଳି ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ସୁଯୋଗ ଦିଆଯିବ। ଠିକଣାରେ ଯୋଗାଯୋଗ କରନ୍ତୁ:
DLF Cibercity, Infront of Silicon Institute, Patia, 9th Floor, #929, Bhubaneswar
Phone No. : 0674-7107777, 7852984720

Wanted Male/Female for Travel Agency. Marketing (Experience),
Sai Tour Travels.
Contact 9040056776, 9348861961

ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଏବଂ ପୁଅ ପିଲା ଆବଶ୍ୟକ। ଦରମା Rs. 7,000/-, ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ: 9090253740, 7569806086

WANTED A reputed Real Estate Company lewis road required Deputy Manager- 5 Nos., Marketing Executive-15 Nos. (M/F) Fixed Salary/ Incentives.
Contact: 7381222322/ 9861747353

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା- 27,000/-, ଶିକ୍ଷାଗତ ଯୋଗ୍ୟତା-8th to 10th & above.
Contact: 8339922964

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ। ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଡ୍ରାଇଭର, ପୁରୁଷ ଓ ମହିଳା ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଉପଲବ୍ଧ।
Contact: 8018172594

WANTED
Front Office Manager
Massage Therapist
Peon Boy
For SPA CENTER in Bhubaneswar.
Mob : 9861550765

OrissaPOST English daily
WANTED
SENIOR SUB-EDITORS:-
Applicants must have atleast 5 years of editorial experience and proficiency in QuarkXPress. Responsibilities will include copy editing and rewriting articles, fact-checking and writing engaging headlines.
SENIOR REPORTERS:-
Minimum 5 years of reporting experience in English media.
TRANSLATORS:-
Well versed in English and Oriya.
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.



"କ୍ରୋଧ ଆସିଗଲେ ବୁଦ୍ଧିମାନ ପୁରୁଷମାନେ ସର୍ବଦା ପରିଣାମ ବିଚାର କରନ୍ତି ଏବଂ ଲାଭର ସମ୍ଭାବନା ଦେଖିଲେ ନିଜର କର୍ତ୍ତବ୍ୟ ଉପରେ ଚିନ୍ତା କରନ୍ତି।
- କନ୍‌ଫୁସିୟସ



## ସଂକ୍ଷେପରେ

### ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

**କଳିଙ୍ଗନଗର, ୨୨।୧(ଡି.ଏନ୍.ଏ.):** ଖଣି ଉଦ୍ୟୋଗଗୁଡ଼ିକୁ ସଚେତନ କରିବା ଲକ୍ଷ୍ୟରେ ଜିଲା ଯକ୍ଷ୍ମା ବିଭାଗ ଏବଂ ୟୁଏସ୍ଏ ଜେଡିର ମିଳିତ ସହଯୋଗରେ ଏକ ଯକ୍ଷ୍ମା ସଚେତନାତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ କଳିଙ୍ଗନଗର ସନ୍ତୋଷ କୁମାର ମିଶ୍ର ସଭାପତିତ୍ୱ କରି ଖଣି ଗୁଡିକର କର୍ମଚାରୀଙ୍କର ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଯକ୍ଷ୍ମା ରୋଗ ଚିହ୍ନଟୀକରଣ ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବାରିଶ କୁମାର ଦାଶ ଯକ୍ଷ୍ମା ପରବର୍ତ୍ତି ଚିକିତ୍ସା ପ୍ରଣାଳୀ ସମ୍ବନ୍ଧରେ କହିଥିଲେ। ୨୦୧୮ରେ ଓଡ଼ିଶାର ଖଣି ଉଦ୍ୟୋଗ ଏନ୍‌ଟିପିସି ନାଲକୋ, ଏମ୍‌ସିଏଲ, ଜେଏସ୍‌ପିଏଲ୍ ଓ ଓଏମସି ଯକ୍ଷ୍ମା ନିରାକରଣ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ସହିତ ଅନୁବନ୍ଧିତ ହୋଇ କାର୍ଯ୍ୟ କରୁଅଛି। ରିଚ୍‌ର ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ପଙ୍କଜ ଢିଙ୍ଗାରା ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ କିପରି ଏକତ୍ରିତ ହୋଇ କରାଯାଇ ପାରିବ କହିଥିଲେ। ଆଗାମୀ ଦିନରେ ଯକ୍ଷ୍ମାର ସଫଳ ନିରାକରଣ ପାଇଁ ଖଣି ଉଦ୍ୟୋଗ ଗୁଡିକ ଇଏଲଏମକୁ କାର୍ଯ୍ୟକାରୀ କରିବାକୁ ମତବ୍ୟକ୍ତ କରିଥିଲେ। ଶେଷରେ ମାନସ ରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ନିର୍ବାଚନୀ ବୈତରଣୀ ପାର ପାଇଁ ପୂଜାପାଠ

**କାଳିଆପାଣି, ୨୨।୧(ଡି.ଏନ୍.ଏ.):** ପ୍ରାଚୀନ କାଳରୁ ସୁକିନ୍ଦା ଅଧିଷ୍ଠାତ୍ରୀ ଦେବୀ ମା'ଖଣ୍ଡୁରାଇଙ୍କ ପୂଜା ଅର୍ଚ୍ଚନା ଶବର ସମ୍ପ୍ରଦାୟଙ୍କ ଦ୍ୱାରା ହୋଇଆସୁଛି। ପୌଷ ପୂର୍ଣ୍ଣିମାରେ ପାଳିତ ହେଉଥିବା ମା'ଙ୍କ ପୂଜାଅର୍ଚ୍ଚନାରେ ଏବେ ନିର୍ବାଚିତ ନେତାଙ୍କ ଭିଡ଼ ଦେଖିବାକୁ ମିଳିଛି। ତେବେ ପୂର୍ବରୁ ଶବର ସମ୍ପ୍ରଦାୟମାନେ ସୁକିନ୍ଦା ରାଜାଙ୍କୁ ଏହି ପୂଜାରେ ସାମିଲ କରୁଥିବା ବେଳେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ନିର୍ବାଚନ ପୂର୍ବରୁ ଏଠାରେ ପୂଜା କରି ନିର୍ବାଚନୀ ପ୍ରଚାର ଆରମ୍ଭ କରିଥାନ୍ତି। କିନ୍ତୁ ଏବେ ସୁକିନ୍ଦାରେ ଏକ ପ୍ରଥା ହେବାରେ ଲାଗିଛି। ସୋମବାର ମା'ଙ୍କ ମନ୍ଦିରରେ ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ ଓ ଭାଜପା ନେତା ପ୍ରଦୀପ ବଳ ସାମନ୍ତ ପୂଜାଅର୍ଚ୍ଚନା କରିଛନ୍ତି। ଉଭୟ ଦଳର ନେତା ମା' ଖଣ୍ଡୁରାଇଙ୍କ ପୀଠ ଦେଓଗାଁରେ ପହଞ୍ଚି ମା'ଙ୍କ ନିକଟରେ ହୋମରେ ବସିବା ସହ ପୂଜାପାଠ କରି ମା'ଙ୍କ ଆଶିଷ ନେଇଥିଲେ। ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଭଗବତୀ ମହାନ୍ତ, ନିଳେନ୍ଦ୍ର ପ୍ରଧାନ, ସବିତା ମହାନ୍ତ, ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଯୋଗଦେଇଥିଲେ। ସୁକିନ୍ଦା ରାଜା ଭୂପତି ଭୂଦେବ ହରିଚନ୍ଦନ ମହାପାତ୍ର ସିଂଦେଓ ଜଳାଭିଷେକ କରି ପୂଜକ ବାର ପ୍ରଧାନୀଙ୍କୁ ଉପଢୌକନ ଦେଇଥିଲେ।

### ପୌଷପୂର୍ଣ୍ଣିମା ପାଳିତ

**କାଳିଆପାଣି, ୨୨।୧(ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ଅବସ୍ଥିତ ସୁକିନ୍ଦା ଆରାଧ ଦେବୀ ମା' ଖଣ୍ଡୁରାଇଙ୍କ ପୀଠରେ ସୋମବାର ଶବର ସଂମ୍ପ୍ରଦାୟଙ୍କ ପୌଷପୂର୍ଣ୍ଣିମା ପାଳିତ ହୋଇଯାଇଛି। ଖ୍ରୀଷ୍ଟପୂର୍ବ ୭୫୪ ମସିହାରୁ ଶବର ରାଜ ପରିବାରଙ୍କ ଦ୍ୱାରା ଏହି ପର୍ବ ପାଳିତ ହୋଇ ଆସୁଛି। ପୌଷମାସ ଜହ୍ନ ଉଇଁବା ଆରାମ୍ଭ ହେବା ପରେ ପର୍ବ ପାଳନର ପ୍ରସ୍ତୁତି ହୋଇଥାଏ। ଆରାମ୍ଭର ପୂର୍ବ ଦିନ ଗ୍ରାମର ଆବାଳ ବୃଦ୍ଧବନୀତା ପାରମ୍ପରିକ ପରିପାଟ ପିନ୍ଧି ଗାଁ ଗାଁ ବୁଲି ମଉଜ ମଜଲିସ କରିଥାନ୍ତି। ସେଦିନ ଘୁମରା, ଦାସକାଠିଆ, ଚାଙ୍ଗୁ ଆଦି ଗିତ ସହ ନୃତ୍ୟ ପରିବେଶଣ କରିଥାଆନ୍ତି। ଦିନ ବେଳେ ବିଭିନ୍ନ ଗ୍ରାମରେ ନୃତ୍ୟ ପରିବେଶଣ କରି ସନ୍ଧ୍ୟାରେ ଘରକୁ ଫେରିଆସନ୍ତି। ପରେ ଗ୍ରାମ ମୁଣ୍ଡରେ ଆୟୋଜନ ହୋଇଥିବା ଭୋଜି ଭାତ ଖାଇ ରାତିତମାମ ନାଚକୁଦରେ ମଜା ଉଠାଇଥାଆନ୍ତି। ପରିବାରର ସଦସ୍ୟମାନେ ନବବସ୍ତ୍ର ପରଧାନ ସହ ସକ୍ଷମ ଅନୁଯାୟୀ ମାଛ ମାଂସ କରି ଅନ୍ୟ ପରିବାରକୁ ଭୋଜନ ନିମନ୍ତେ ଆମନ୍ତ୍ରଣ କରି ଭୋଜନ ଖୁଆଇ ସେମାନଙ୍କ ଠାରୁ ଆଶୀର୍ବାଦ ଲାଭ କରିଥାନ୍ତି।

### ଦୋକାନ ଘର ଭାଙ୍ଗି ଲୁଟିନେଲେ ଦୁର୍ବୃତ୍ତ

**ରତ୍ନଗିରି, ୨୨।୧(ଡି.ଏନ୍.ଏ.):** ବରୀ ବ୍ଲକ ଅଧୀନ ଅନ୍ତ୍ୟାସୀପୁର ଗ୍ରାମର ସୁଲଭ ମଲ୍ଲିକଙ୍କ ଦୋକାନ ଘର ଭାଙ୍ଗି ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କିଛି ସାମଗ୍ରୀ ଲୁଟି ନେଇଛନ୍ତି। ପ୍ରକାଶ ଯେ, ସୁଲଭ ରାତି ୧୦ଟାରେ ଦୋକାନ ବନ୍ଦ କରି ଆସିବା ପରେ ଏଭଳି ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳରେ ଦିନକୁଦିନ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବାରୁ ଏପରି ହେଉଛି। ତେଣୁ ବରୀ-କଳାମାଟିଆ ରାସ୍ତାରେ ରାତିରେ ପୋଲିସ୍ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି।

■ ଯାଜପୁର ଜିଲାରେ ପ୍ରହସନ ପାଲଟିଛି କମ୍ପ୍ୟୁଟର ଶିକ୍ଷା

# ୮୫% ବିଦ୍ୟାଳୟରେ ନାହିଁ କମ୍ପ୍ୟୁଟର

**ବିରଜାକ୍ଷେତ୍ର,୨୨।୧(ଡି.ଏନ୍.ଏ.)**

**ଯାଜପୁର ଜିଲା**
- ■ଜିଲାରେ ରହିଛି ୭୫୨ ସ୍କୁଲ
- ■୨୦୧୩ରୁ ଆରମ୍ଭ ହୋଇଥିଲା କମ୍ପ୍ୟୁଟର ଶିକ୍ଷା

ବର୍ତ୍ତମାନ ସାରା ବିଶ୍ୱ କମ୍ପ୍ୟୁଟର ଉପରେ ନିର୍ଭର କରୁଛି। ଶିକ୍ଷାଠାରୁ ଆରମ୍ଭକରି ସରକାରଙ୍କ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ଉପରେ ନିର୍ଭରଶୀଳ। କମ୍ପ୍ୟୁଟରର ବହୁଳ ପ୍ରଚଳନ ଯୋଗୁ ପୃଥିବୀର ପ୍ରତ୍ୟେକ ଦେଶର ବିଦ୍ୟାଳୟଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଭାରତ ସରକାର ମଧ୍ୟ କମ୍ପ୍ୟୁଟର ଶିକ୍ଷାକୁ ପ୍ରାଥମିକତା ଦେଇ ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦେଉଛନ୍ତି। ରାଜ୍ୟ ସରକାର ୨୦୧୩ରୁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଲାଗି ବିଦ୍ୟାଳୟରେ କମ୍ପ୍ୟୁଟର ପାଠ୍ୟକ୍ରମ ଯୋଜନା ଆରମ୍ଭ କରିଥିଲେ। ଏଥିପାଇଁ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦେବାପାଇଁ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେବା ସହ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରିଥିଲେ। କମ୍ପ୍ୟୁଟର ଶିକ୍ଷା ଆରମ୍ଭ ହେବାର ୬ ବର୍ଷ ବିତିଯାଇଥିଲେ ହେଁ ଯାଜପୁର ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୮୫ ପ୍ରତିଶତ ବିଦ୍ୟାଳୟରେ କମ୍ପ୍ୟୁଟର ନାହିଁ। କମ୍ପ୍ୟୁଟରର ଗୁଣାତ୍ମକ ଶିକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଜିଲାରେ ୭୫୨ ସ୍କୁଲ ଥିବାବେଳେ ବର୍ତ୍ତମାନ ୧୧୮ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ବଡ଼ଚଣାର ୯୭ରୁ ୧୨, ବରୀର ୮୦ରୁ ୧୧, ବିଞ୍ଝାରପୁରର ୬୮ରୁ ୧୨, ଦାନଗଦୀର ୫୧ରୁ ୧୨, ଦଶରଥପୁରର ୮୯ରୁ ୧୩, ଧର୍ମଶାଳାର ୯୨ରୁ ୧୦, ଯାଜପୁରର ୬୧ରୁ ୧୦ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ସେହିପରି କୋରେଇର ୬୪ରୁ ୯, ରସୁଲପୁରର ୭୩ରୁ ୧୧, ସୁକିନ୍ଦାର ୬୦ରୁ ୧୧, ଯାଜପୁର ମ୍ୟୁନିସିପାଲିଟିରେ ୭ରୁ ୩, ବ୍ୟାସନଗର ମ୍ୟୁନିସିପାଲିଟିରେ ୧୦ରୁ ୪ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। କମ୍ପ୍ୟୁଟର ଯୋଗାଇ ଦିଆଯାଇଥିବା ଅଧାରୁ ଅଧିକ ବିଦ୍ୟାଳୟରେ କମ୍ପ୍ୟୁଟର ଖରାପ ହୋଇଯାଇଛି। ବାକି ୮୫ ପ୍ରତିଶତ ବିଦ୍ୟାଳୟରେ କମ୍ପ୍ୟୁଟର ନ ଥିବା ବିଷୟରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ, 'କାଲ' (କମ୍ପ୍ୟୁଟର ଆପ୍ଲିକେସନ ଲର୍ନି) ଯୋଜନାରେ କେନ୍ଦ୍ର ଓ ରାଜ୍ୟ ସରକାର ଜିଲାର କେତେକ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦେଇଥିଲେ। ମାତ୍ର ଏହି ଯୋଜନା ବନ୍ଦ ହୋଇଯିବାରୁ ଅବଶିଷ୍ଟ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଯାଇ ପାରିଲା ନାହିଁ। ରାଜ୍ୟ ସରକାର ଅର୍ଥ ଯୋଗାଇଦେଲେ ଅବଶିଷ୍ଟ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇପାରିବ ବୋଲି ସେ କହିଥିଲେ।

## ଜାରକାରେ ଦ୍ରୁତଗାମୀ ବସ୍ ରହଣି ଦାବି

**ଧର୍ମଶାଳା,୨୨।୧(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀ ମଧଭାଗ ଦେଇ ଯାଇଥିବା ଜାତୀୟ ରାଜପଥର ଜାରକା ଛକ ବସଷ୍ଟାଣ୍ଡରେ ଭଦ୍ରକ, ବାଲେଶ୍ୱର, ବାରିପଦା, କେନ୍ଦୁଝର, ଭୁବନେଶ୍ୱର, କଟକ ଯାତାୟତ ପାଇଁ ବସ୍ ଯାତ୍ରୀମାନେ ଅପେକ୍ଷା କରିଥାନ୍ତି। ମାତ୍ର ଏହିସବୁ ଅଞ୍ଚଳକୁ ଯାତାୟତ କରୁଥିବା ଦ୍ରୁତଗାମୀ ବସ୍ ଜାରକା ବସଷ୍ଟାଣ୍ଡ ଷ୍ଟପେଜ୍‌ରେ ରହୁ ନାହିଁ। ଫଳରେ ଜାରକାରୁ ଚଣ୍ଡିଖୋଲ ଛକ କିମ୍ବା କୁଆଖିଆ ଛକ ପର୍ଯ୍ୟନ୍ତ ଯାତ୍ରୀମାନେ ଲୋକାଲ୍ ବସ୍‌ରେ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି। ଜାରକାଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସହ ଧର୍ମଶାଳା ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଘରୋଇ ଚିକିତ୍ସାଳୟ ରହିଛି। ଦୈନନ୍ଦିନ ବହୁ ସଂଖ୍ୟାକ ଜନସାଧାରଣ ବାଣିଜ୍ୟ ବ୍ୟବସାୟ ପାଇଁ ବସ୍ ଯୋଗେ ଜାରକା ବଜାରକୁ ଆସିଥାନ୍ତି। ହେଲେ ବସ୍‌ରେ ଯାତ୍ରା ସମୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ବହୁ ଯାତ୍ରି ଅଭିଯୋଗ କରିଛନ୍ତି। ବିଶେଷ କରି ମହିଳାମାନେ ବସ୍ ବଦଳାଇ ନିଜ ଜିନିଷପତ୍ର ନେଇ ଦ୍ରୁତଗାମୀ ବସ୍ ଯୋଗେ ଦୂରସ୍ଥାନକୁ ଯାତ୍ରା କରିବାରେ ଅଧିକ ସମସ୍ୟାର ସମ୍ମୁଖୀନ ହୋଇଥିବା କହିଛନ୍ତି। ଏ ନେଇ ବହୁବାର ଯାଜପୁର ଜିଲାପାଳ, ଚଣ୍ଡିଖୋଲ ଆରଟିଓ ଏବଂ ପରିବହନ ଅତିରିକ୍ତ କମିଶନର କଟକଙ୍କୁ ଲିଖିତ ଭାବରେ ଆବେଦନ କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରି ନ ଥିବା ଜଣାପଡିଛି। ତୁରନ୍ତ ଏ ଦିଗରେ ରାଜ୍ୟ ପରିବହନ ଉଚ୍ଚ କର୍ତ୍ତୃପକ୍ଷ ବିଚାର ନ କଲେ ଆଗାମୀ ଦିନରେ ବସ୍ ଯାତ୍ରୀ ତଥା ଧର୍ମଶାଳା ଅଞ୍ଚଳ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଆବାହକ ଦୁର୍ଗାପ୍ରସନ୍ନ ଦାଶ କହିଛନ୍ତି।




ବିଧାୟକ ସ୍ୱଚ୍ଛ ଓ ମଳମୁକ୍ତ ଗ୍ରାମ ସାର୍ଟିଫିକେଟ ପ୍ରଦାନ କରୁଛନ୍ତି।

## ସ୍ୱଚ୍ଛ, ମଳମୁକ୍ତ ଗ୍ରାମଭାବେ ଟାଙ୍ଗରସାହି ଘୋଷିତ

**କାଳିଆପାଣି ,୨୨।୧(ଡି.ଏନ୍.ଏ.)**

ଆଦିବାସୀ ଅଧୁସିତ ଚିଙ୍ଗୁଡ଼ିପାଳ ଗ୍ରାମପଞ୍ଚାୟତର ଟାଙ୍ଗରସାହି ସ୍ୱଚ୍ଛ ଓ ମଳମୁକ୍ତ ଗ୍ରାମଭାବେ ସୋମବାର ଘୋଷଣା କରାଯାଇଛି। ଏହି ଅବସରରେ ଜିଲା ଆରଡବ୍ଲ୍ୟୁ ଏସ୍ଏସ୍ ପକ୍ଷରୁ ଟାଙ୍ଗରସାହିଠାରେ ଆୟୋଜିତ ଏକ ସଭାରେ ଟାଙ୍ଗରସାହିକୁ ସ୍ୱଚ୍ଛ ଓ ମଳମୁକ୍ତ ଗ୍ରାମଭାବେ ଘୋଷଣା କରିବା ସହ ପୁରସ୍କୃତ କରାଯାଇଥିଲା। ଅପପୁଷ୍ଟିରେ ନଗଡ଼ା ଶିଶୁ ମୃତ୍ୟୁ ପରି ଘଟଣା ଘଟିଥିବାବେଳେ ସ୍ୱଚ୍ଛ ଓ ମଳମୁକ୍ତ ଗ୍ରାମଭାବେ ଟାଙ୍ଗରାସାହି ଘୋଷିତ ହୋଇ ପୁରସ୍କୃତ ହେବା ଜିଲା ପାଇଁ ଏକ ଉଦାହରଣ ପାଲଟିଥିବା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ କହିଛନ୍ତି। ଏକ ମାସ ପୂର୍ବରୁ ଓଡ଼ିଶା ଖଣି ନିଗମ ପକ୍ଷରୁ ଫିଡ୍‌ବ୍ୟାକ୍ ଫାଉଣ୍ଡେଶନ ନାମକ ଏନ୍‌ଜିଓ ତତ୍ତ୍ୱାବଧାନରେ ଟାଙ୍ଗରସାହିର ସ୍ୱଚ୍ଛ ଓ ମଳମୁକ୍ତ ପାଇଁ ନିଗରାନି ଟିମ୍ ଗଠନ କରାଯାଇ ପାଇଖାନା ନିର୍ମାଣ କରାଯାଇଥିଲା। ଏହି ଦଳର ପ୍ରେରଣାରେ ପ୍ରେରିତ ହୋଇ ମହିଳାମାନେ ଘରେଘରେ ପହଞ୍ଚି ପାଇଖାନା ନିର୍ମାଣ କରି ପରିବେଶକୁ ସ୍ୱଚ୍ଛ ଓ ମଳମୁକ୍ତ କରିବାକୁ ବୁଝାଇଥିଲେ। ଆରଡବ୍ଲ୍ୟୁ ଏସ୍ଏସ୍ ପାଇଖାନା ନିର୍ମାଣ ପାଇଁ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା, ପଦ୍ମାବତୀ ଜେନା, ଦିବ୍ୟରଞ୍ଜନ ବରାଳ, ଭଗବତୀ ମହାନ୍ତ, ବିଷ୍ଣୁମୋହନ ସତପଥୀ, ଅବନୀକାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଭା ପରିଚାଳନା ଫିଡ୍‌ବ୍ୟାକ ଫାଉଣ୍ଡେଶନ ପକ୍ଷରୁ ଚନ୍ଦ୍ରଭାନୁ ଶତୃଶଲ୍ୟା ସଭା ପରିଚାଳନା କରିଥିବାବେଳେ ବୈକୁଣ୍ଠ ମହାନ୍ତ, ଧୀରେନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

### ୧୨ ଦଫା ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

**ଢୁବୁରୀ,୨୨।୧(ଡି.ଏନ୍.ଏ.)**

୧୨ ଦାଫା ଦାବିରେ ମଙ୍ଗଳବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁକିନ୍ଦା ଶାଖା ପକ୍ଷରୁ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଥମେ ଏସ୍‌ୟୁସିଆଇ କର୍ମକର୍ତ୍ତାମାନେ ସୁକିନ୍ଦା ହାଟ ଛକରୁ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ପରେ ସଂଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ୧୨ ଦଫା ଦାବି ସମ୍ବଳିତ ପତ୍ର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଆଦିବାସୀଙ୍କୁ ଜମିପଟ୍ଟା ପ୍ରଦାନ କରିବା, ସ୍ଥାନୀୟ ଖଣି ଖାଦାନ ଓ ଶିଳ୍ପ କାରଖାନାରେ ସ୍ଥାନୀୟ ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି, କଲରଙ୍ଗୀ କ୍ରୋମାଇଟ ଖଣିକୁ ଅବିଳମ୍ବେ ଖୋଲିବା, ସୁକିନ୍ଦା ବ୍ଲକର ବିଭିନ୍ନ ଡାକ୍ତରଖାନାରେ ଖାଲିପଡିବା ଡାକ୍ତର, ନର୍ସ ଆଦି ପଦବି ପୂରଣ, ଢୁବୁରୀଠାରେ ୧ ଶହ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ହସ୍ପିଟାଲ ଆଦି ବିଭିନ୍ନ ୧୨ ଦଫା ଦାବିମାନ ଏସ୍‌ୟୁସିଆଇ ପକ୍ଷରୁ ଉପସ୍ଥାପନ କରାଯାଇଛି।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଧର୍ମଶାଳା, ୨୨।୧(ଡି.ଏନ୍.ଏ.)**

ଧର୍ମଶାଳା ମହାବିଦ୍ୟାଳୟର ୪୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସୁଭ୍ରାଂଶୁ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲ। କ୍ରୀଡା ଅଧାପକ ସୌମ୍ୟ ରଞ୍ଜନ ପ୍ରତାପ ସିଂ, କ୍ରୀଡା ସଂସଦ ଉପସଭାପତି ଅରବିନ୍ଦ କୁମାର ମହାନ୍ତି, ସନ୍ତୋଷ କୁମାର ଦାଶ, ଚତୁର୍ଭୁଜ ବେହେରା, ବିନୟ କୁମାର ସାମଲ, ନକୁଳ ଚରଣ ସାହୁ, ପ୍ରଶାନ୍ତ ଖିଲାର, ଶରତ ଚନ୍ଦ୍ର ରଣା, ସସ୍ମିତା ସାମଲ, ଆରତି ଶତପଥୀ, ମନୋରମା ସାହୁ, ଲୀନା ରାୟ, ସସ୍ମିତା ରାଉଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମହିଳା ଜୁନିୟର ବିଭାଗରେ ଜୟନ୍ତୀ ବେହେରା, ସିନିୟରରେ ଅନୁଷ୍କା ବେହେରା ଏବଂ ପୁରୁଷ ଜୁନିୟରରେ ସୁବ୍ରତ ସାହୁ, ସିନିୟରରେ ଅକ୍ଷୟ ପ୍ରଧାନ ଚାମ୍ପିୟନ ହୋଇଥିଲେ। କୃତିତ୍ୱ ହାସଲକରିଥିବା ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ପଟ୍ଟନାୟକ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀ କୁମାରୀ ଭାଗ୍ୟଶ୍ରୀ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ତିରୁପତିଠାରେ ଅନୁଷ୍ଠିତ ଜାତୀୟ ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅରବିନ୍ଦ କୁମାର ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ବିନୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଷଣ୍ଢ ଚାଲାଣ ଅଭିଯୋଗ, ୫ ଗିରଫ

**ଢୁବୁରୀ,୨୨।୧(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅନ୍ତର୍ଗତ ହାରିଡାବାହାଲି ଗ୍ରାମରେ ମଙ୍ଗଳବାର ଗ୍ରାମବାସୀ ୧୨ଟି ଷଣ୍ଢ ଚୋରା ଚାଲାଣ ହେଉଥିବାବେଳେ ଏହି କାରବରରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (୧୩/୧୯) ରୁଜୁ କରି ସେମାନଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିଡାବାହାଲି ଗ୍ରାମର ଶରତ ସଏ, ବାସୁଦେବ ମୁଣ୍ଡା, ରମେଶ ସଏ ଏବଂ କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କଣ୍ଟାପଡା ଗ୍ରାମର ଅମିନ ମୁଣ୍ଡା ଏବଂ ପ୍ରଦୀପ ମୁଣ୍ଡା।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନ

**ଧର୍ମଶାଳା, ୨୨।୧(ଡି.ଏନ୍.ଏ.)**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସୋମବାର ଯୁବ କଂଗ୍ରେସ ପକ୍ଷରୁ ପ୍ରତୀକ ଅନଶନ କରାଯାଇଛି। ରାଜ୍ୟ ଯୁବକଂଗ୍ରେସ ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ମାସନ ରଞ୍ଜନ କରଙ୍କ ନେତୃତ୍ୱରେ ବହୁ ଯୁବ କଂଗ୍ରେସ ଓ କଂଗ୍ରେସ କର୍ମୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନଶନରେ ବସିଥିଲେ। ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ଡାକ୍ତର ଅଭାବ, ପୋଷ୍ଟମର୍ଟମ୍ ଗୃହ କାର୍ଯ୍ୟକ୍ଷମ କରିବା, ନିରାମୟ ଯୋଜନାରେ ୯୩ଟି ଔଷଧ ଡାକ୍ତରଖାନାରେ ମହଜୁତ୍ ରଖି ଜନସାଧାରଣଙ୍କୁ ଯୋଗାଇବା, ଆମ୍ବୁଲାନ୍ସ ସେବା ଚାଲୁ କରିବା, ବିଲ୍ଡିଂର ଲିଫ୍ଟ କାର୍ଯ୍ୟକ୍ଷମ କରିବା, ରୋଗୀ କଲ୍ୟାଣସମିତିର ଅର୍ଥକୁ ସାର୍ବଜାନୀନ କରିବା ପ୍ରଭୃତି ୧୦ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀଙ୍କ ମାଧମରେ ଯୁବକଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏକମାସ ମଧ୍ୟରେ ଦାବିପୂରଣ ନ ହେଲେ ଯୁବକଂଗ୍ରେସ ପକ୍ଷରୁ ଆମରଣ ଅନଶନ କରାଯିବାକୁ ଚେତାବନୀ ଦିଆଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱପ୍ରକାଶ ସାମଲ, ତୋଫାନ୍ ପାଲ୍, ମିହିର ଖୁଣ୍ଟିଆ, ପ୍ରମୋଦ କୁମାର ଜେନା, ଶଶୀଭୁଷଣ ନାୟକ, ଉଗ୍ରସେନ ମହାନ୍ତି, ସେକ୍ ଏକବାଲ୍, ପ୍ରସନ୍ନ ପାଳ, ଧନେଶ୍ୱର ବେହେରା, କୁଳମଣି ପଣ୍ଡା ପ୍ରମୁଖ ବହୁ କର୍ମୀ ଅନଶନରେ ସାମିଲ ହୋଇଥିଲେ।

## କାରଖାନାରେ ଅବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କଳିଙ୍ଗନଗର, ୨୨।୧(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ମୈଥାନ କାରଖାନାରେ ଗତ ଡିସେମ୍ବର ୨୬ରେ ଘଟିଥିବା ଦୃର୍ଘଟଣାରେ ୫ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଳିଚନ୍ଦ୍ରପୁର ପଞ୍ଚାୟତର ରୁକୁଟି ପାଟ ଗ୍ରାମର ସତ୍ୟରଞ୍ଜନ(୨୧)ଙ୍କ ୯ ତାରିଖରେ ମୃତ୍ୟୁ ଘଟିଛି। ମୃତ୍ୟୁପରେ କାରଖାନା କର୍ତ୍ତୃପକ୍ଷ ସତ୍ୟରଞ୍ଜନ ପରିବାରକୁ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। କିନ୍ତୁ କ୍ଷତିପୂରଣ ରାଶି ବାବଦକୁ ୨୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ସୁକିନ୍ଦା ଯୁବଂକଗ୍ରେସ ସଭାପତି କୃପା ସିନ୍ଧୁ ସାମନ୍ତ ରାୟ ଦାବି କରିଛନ୍ତି। ସେହିପରି ଦୃର୍ଘଟଣାରେ ଅନ୍ୟ ୪ ଗୁରୁତରଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ଅର୍ଥ ରାଶି ଯୋଗାଇବା ସହିତ କ୍ଷତିପୂରଣ ପ୍ରଦାନ, ଦୁର୍ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଦୁର୍ଘଟଣାରେ ଶାରୀରିକ ଅକ୍ଷମ କର୍ମଚାରୀଙ୍କ ପରିବାର ଜଣଙ୍କୁ ସ୍ଥାୟୀ ଚାକିରି ପ୍ରଦାନ ଆଦି ୫ ଦଫା ଦାବିପତ୍ର ମୁଖ୍ୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ, ଶ୍ରମ ଆୟୋଗ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ କାରଖାନାରେ ଉପଯୁକ୍ତ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ନ ଥିବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନ ହାନି ଘଟୁଛି। ଯାଜପୁରରୋଡ ଅଞ୍ଚଳରେ ଥିବା ଫ୍ୟାକ୍ଟ୍ରି ଆଣ୍ଡ ବୟଲର ବିଭାଗ ପର୍ଯ୍ୟାୟ କ୍ରମେ କାରଖାନାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁ ନ ଥିବାରୁ ଏହିପରି ଦୁର୍ଘଟଣା ଘଟୁଥିବା କାରଖାନା କର୍ମଚାରୀ କହିଛନ୍ତି।

## ଇପିଏଫ୍ ପେନ୍‌ସନଭୋଗୀ ସଂଘର ବୈଠକ

**ଚଣ୍ଡିଖୋଲ,୨୨।୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ମହାବିନାୟକ ପାଦଦେଶରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅଲଓଡ଼ିଶା ଇପିଏଫ ପେନସନଭୋଗୀ ସଂଗଠନ ପକ୍ଷରୁ ରବିବାର ଜିଲାସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶରତ ଚନ୍ଦ୍ର ପାଣି ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଅଲଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ସହସମ୍ପାଦକ ଜର୍ମାନରାୟ, କୋଷାଧକ୍ଷ ଅଶୋକକୁମାର ରାଉତରାୟ, କାର୍ଯ୍ୟକାରୀଣୀ ସଭ୍ୟ ଶ୍ରୀଧର ମିଶ୍ର ଓ ରବୀନ୍ଦ୍ର କୁମାର ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧମରେ ଲୋକଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେଉଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀଙ୍କ ଆର୍ଥିକ ଦୁରବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନ ଥିବା ବୈଠକରେ କୁହାଯାଇଥିଲା। ଅଲଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ପକ୍ଷରୁ ସର୍ବନିମ୍ନ ମାସିକ ପେନସନ ୭,୫୦୦ ଟଙ୍କାକୁ ବୃଦ୍ଧି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ ଓ ସମସ୍ତ ଇପିଏଫ ପେନସନଭୋଗୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା ପ୍ରଦାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଭବିଷ୍ୟନିଧି କମିଶନର ଓଡ଼ିଶାଙ୍କ ଆମନ୍ତ୍ରଣକ୍ରମେ ଏକ ୧୬ ଜଣିଆ ପ୍ରତିନିଧି ଦଳ ପୂର୍ବରୁ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମ ମନ୍ତ୍ରୀ, କେନ୍ଦ୍ର ଶ୍ରମ ସଚିବ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। କର୍ମଚାରୀଙ୍କ ଦାବି ପୂରଣ ପାଇଁ ସମସ୍ତ ପେନସନଭୋଗୀ ରାଜ୍ୟସ୍ତରୀୟ ଏକ ବିଶାଳ ସମାବେଶରେ ଯୋଗଦେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବାକୁ ସଭାପତି ଖୁଣ୍ଟିଆ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବିର ନାୟକ, ଦେବରାଜ ବେହେରା, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରଦ୍ୟୁମ୍ନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ପାଣି ପଞ୍ଚାୟତ ପକ୍ଷ ପାଳନ

## 'କୃଷି, କୃଷକର ଉନ୍ନତି ପାଇଁ ସରକାର ଚେଷ୍ଟିତ'

**ବିରଜାକ୍ଷେତ୍ର, ୨୨।୧(ଡି.ଏନ୍.ଏ.)**




ଜିଲାପାଳଙ୍କ ସହ ଉପସ୍ଥିତ ଅତିଥି।

ଯାଜପୁର ବ୍ଲକ ମାଳଆନ୍ଦପୁର ପଞ୍ଚାୟତ ଜଳସେଚନ ବିଭାଗ ରୁଢ଼ିଆ ସେକ୍ସନ୍ ପରିସରରେ ମଙ୍ଗଳବାର ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ସହ କାଳିଆ ଯୋଜନା ପ୍ରସ୍ତୁତ କରିଛନ୍ତି। କାଳିଆ ଯୋଜନା ଦ୍ୱାରା ଚାଷୀ ସହାୟତା ପାଇ ପାରିବେ। ଯେଉଁ ରାଜ୍ୟରେ କୃଷିର ବିକାଶ ହୋଇଛି। ସେ ରାଜ୍ୟ ବିକଶିତ ରାଜ୍ୟ ଭାବେ ପରିଗଣିତ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଲୋକନାଥ ଜେନା ଯୋଗ ଦେଇଥିଲେ। ଗତ କିଛି ବର୍ଷ ହେବ ଫୁଲ ଚାଷ ଉପରେ ଚାଷୀ ଗୁରୁତ୍ୱ ଦେଉଥିବାରୁ ବିଭାଗ ପକ୍ଷରୁ ସମ୍ପୃକ୍ତ ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯାଉଛି ବୋଲି ଜେନା କହିଥିଲେ। ମତ୍ସ୍ୟଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ପତିତ ପୋଖରୀକୁ ପୁନରୁଦ୍ଧାର କରାଯାଇ ମାଛ ଚାଷ କରିବା ପାଇଁ ଲୋକଙ୍କୁ ଆକୃଷ୍ଟ କରାଯାଉଛି ବୋଲି ଅନ୍ୟତମ ଅତିଥିଭାବେ ଯୋଗଦେଇ କପିଳ ଚନ୍ଦ୍ର ଦାସ ସୂଚନା ଦେଇଥିଲେ। କୃଷି ବିଭାଗର ଉପ ନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି ଚାଷୀଙ୍କ ଉନ୍ନତି ପାଇଁ ବିଭାଗ ସଦାସର୍ବଦା ଚେଷ୍ଟିତଥିବା କହିଛନ୍ତି। ଯାଜପୁର ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଧନେଶ୍ୱର ସାମଲ ଓ ଜାରକା ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ବାମପ୍ରସାଦ ବିଶ୍ୱାଳ ପାଣି ପଞ୍ଚାୟତ ପକ୍ଷ ପାଳନ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦେବା ପାଇଁ ଜଳ ସମ୍ପଦ ବିଭାଗ ପାଣି ପଞ୍ଚାୟତ ଗଠନ କରି ଚାଷ ଜମିକୁ ପାଣି ଯୋଗାଇ ଦେଉଛି। ଏପରିକି ପୋତି ହୋଇ ପଡ଼ିଥିବା କେନାଲର ଉନ୍ନତିକରଣ କରାଯାଇ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଉଛି। ଚାଷ ଜମିରେ ଯେପରି ପାଣିର ଅଭାବ ରହିବ ନାହିଁ ସେଥିପ୍ରତି ବିଭାଗ ଗୁରୁତ୍ୱ ଦେଇଛି। ସେହିପରି ଚାଷୀର ଉନ୍ନତି ପାଇଁ ଉଠା ଜଳସେଚନ ମାଧ୍ୟମରେ ଚାଷ ଜମିକୁ ପାଣି ଯୋଗାଇ ଦିଆଯାଉଛି ବୋଲି ଉଠା ଜଳସେଚନ କନିଷ୍ଠ ଯନ୍ତ୍ରୀ ଶିବରାମ ପରିଡ଼ା ମତବ୍ୟକ୍ତ କରିଥିଲେ। ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ନାୟକ ଓ ନାରାୟଣ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଣି ପଞ୍ଚାୟତ ପକ୍ଷ କାର୍ଯ୍ୟକ୍ରମରେ ସମସ୍ତ ପାଣି ପଞ୍ଚାୟତର ସଦସ୍ୟ ଓ ବିଭିନ୍ନ ବିଭାଗର କନିଷ୍ଠଯନ୍ତ୍ରୀ, ପଦାଧିକାରୀ ଏବଂ ସ୍ଥାନୀୟ ରାଜନେତା ଯୋଗ ଦେଇଥିଲେ।

# ଓଡ଼ିଶାର ଆଦିବାସୀ କୃଷକ ଓ କୃଷି

**ପ୍ର.ସୁବୋଧ କୁମାର ସାହୁ**

‘ଆଦିବାସୀମାନେ ମୁଖ୍ୟତଃ ସୁଆଁ ଓ ମାଣ୍ଡିଆ ଯାଉ, ମକା ଓ ବାଜରା ଗୁଣ୍ଡରୁ ପ୍ରସ୍ତୁତ ପିଠା, ବଣ ଜଙ୍ଗଲର କନ୍ଦା, ଲଇ, ବାଉଁଶ କରଡ଼ିକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଖାଦ୍ୟର ଟିରୋଟ ସମୟରେ କେତେକ ଆଭ୍ୟନ୍ତରୀଣ ଆଦିବାସୀ ଆମ୍ବଟାକୁଆ କୋଇଲି ଓ ଜଙ୍ଗଲୀ ଛତୁ ଖାଇ ଖାଦ୍ୟର ଅଭାବ ମେଣ୍ଟାନ୍ତି ...’

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ରାଜ୍ୟର ସମୁଦାୟ ଲୋକ ସଂଖ୍ୟାର ପ୍ରାୟ ୨୪ ଶତକଡ଼ା ଆଦିବାସୀ । ଅଧିକାଂଶ ଆଦିବାସୀ ଆମ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର କେତେକ ଜିଲାରେ ବସବାସ କରନ୍ତି । ଏହି ଆଦିବାସୀମାନେ ଅତି ସରଳ । ବଣ, ପାହାଡ଼ ଓ ପର୍ବତ ସେମାନଙ୍କର ବାସସ୍ଥଳୀ । ଏମାନଙ୍କର ଚାଲିଚଳଣ ବେଶଭୂଷା ଓ ଆଚାର ବ୍ୟବହାର ଅଣଆଦିବାସୀଙ୍କ ଠାରୁ ପ୍ରାୟ ପୃଥକ । ବହୁ ପୁରୁଷ ଆଦିବାସୀ ଲେଙ୍ଗୁଟି ମାରି ରହୁଥିବା ବେଳେ ମହିଳା ଅଣ୍ଟା ଏବଂ ବେକରେ ବସ୍ତ୍ର ଗୁଡ଼ାଇ ଲଜ୍ଜା ନିବାରଣ କରନ୍ତି । ଆଧୁନିକ ଶିକ୍ଷାର ପ୍ରଚାର ଏମାନଙ୍କୁ ବିଶେଷଭାବେ ପ୍ରଭାବିତ କରିପାରି ନାହିଁ । ଉତ୍ତମ ଶିକ୍ଷାଦାନ ଲାଗି ସରକାର ଯଦିଓ ଅନେକ ଜିଲାରେ ଆବାସିକ ଆଦିବାସୀ ବିଦ୍ୟାଳୟମାନ ପ୍ରତିଷ୍ଠା କରିଛନ୍ତି ତଥାପି ବହୁ ଛାତ୍ରୀଛାତ୍ର ଅଧାରୁ ସ୍କୁଲ ଛାଡୁଛନ୍ତି । ହାତଗଣତି ଆଦିବାସୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇଁ ଆଗ୍ରହ ଦେଖାଉଥିବା ବେଳେ ବହୁ ଛାତ୍ରୀଛାତ୍ର କଲେଜ ଶିକ୍ଷାଦାନ ଠାରୁ ଦୂରେଇ ରହୁଛନ୍ତି ।

ଶିକ୍ଷା ସହିତ ଉନ୍ନତ ଏବଂ ଆଧୁନିକ କୃଷି ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଉପଯୁକ୍ତ ଶିକ୍ଷା ଅଭାବରୁ ଉନ୍ନତ କୃଷି ଏମାନଙ୍କ ପାଖରେ ଅପହଞ୍ଚ । ଆଦିବାସୀମାନେ ମୁଖ୍ୟତଃ ସୁଆଁ





ଓ ମାଣ୍ଡିଆ ଯାଉ, ମକା ଓ ବାଜରା ଗୁଣ୍ଡରୁ ପ୍ରସ୍ତୁତ ପିଠା, ବଣ ଜଙ୍ଗଲର କନ୍ଦା, ଲଇ, ବାଉଁଶ କରଡ଼ିକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । ଖାଦ୍ୟର ଟିରୋଟ ସମୟରେ କେତେକ ଆଭ୍ୟନ୍ତରୀଣ ଆଦିବାସୀ ଆମ୍ବଟାକୁଆ କୋଇଲି ଓ ଜଙ୍ଗଲୀ ଛତୁ ଖାଇ ଖାଦ୍ୟର ଅଭାବ ମେଣ୍ଟାନ୍ତି । ଏ ସବୁ ଅଖାଦ୍ୟ ଖାଇ ମଧ୍ୟ ଅସୁସ୍ଥ ହୁଅନ୍ତି । ସଲପ ଓ ଖଜୁରି ଗଛର ରସ ଏମାନଙ୍କର ପ୍ରିୟ ପାନୀୟ । ଅନେକ ଆଦିବାସୀ ମହୁଲରୁ ପ୍ରସ୍ତୁତ ନିଶାଦ୍ରବ୍ୟ ଖାଇ ଭୋକ ମେଣ୍ଟାନ୍ତି । କେତେକ ଆଦିବାସୀ ପାହାଡ଼ର ପାଦଦେଶରେ ଡାଲି ପାଇଁ ଡଙ୍ଗରରାଣୀ, କାନ୍ଦୁଲ ଓ ବାଇଲ ଚାଷ କରନ୍ତି । ତୈଳବୀଜ ଫସଲ ଭାବେ ଅଳସୀ, ପେଶି ଓ ଜଡ଼ା ଚାଷ କରନ୍ତି । ତୈଳବୀଜରୁ ଏମାନଙ୍କର ତେଲ ନିଷ୍କାସନ ପ୍ରଣାଳୀ ଅତି ନିଆରା । ପଥର ଦେହରେ ଖୋଲ କରି କିମ୍ବା ଶୁଖିଲା ଗଛ କୋରଡ଼ରେ ମୁନିଆଁ ପଥରରେ ଛେଚି ତେଲ ବାହାର କରନ୍ତି । ଫଳରେ ତେଲର ପରିମାଣ ଉନ୍ନତ ପ୍ରଣାଳୀର ନିଷ୍କାସନ ଠାରୁ ପ୍ରାୟ ୬୫ରୁ ୭୫ ଭାଗ କମ୍ ।

ଆଦିବାସୀ ଇଲାକାର ଚାଷ ଜମି ମୁଖ୍ୟତଃ ପାହାଡ଼ିଆ, ପଥୁରିଆ, ଗଡ଼ାଣିଆ, ଢିପ କିସମର । ଅଧିକାଂଶ ଜମିରେ ହିଡ଼ବନ୍ଧ ନ ଥାଏ । ଉଚ୍ଚ ତଥା ଢିପ କିସମ ଜମିକୁ ଦକ୍ଷିଣ ଓଡ଼ିଶାରେ ଡଙ୍ଗର ଏବଂ ପଶ୍ଚିମ ଓଡ଼ିଶାରେ ଆଟ ଜମି କହନ୍ତି । ମଧ୍ୟମ କିସମ ଜମିକୁ ଦକ୍ଷିଣ ଓଡ଼ିଶାରେ ନୀଚ୍ ଡଙ୍ଗର ଏବଂ ପଶ୍ଚିମ ଓଡ଼ିଶାରେ ମାଲ ଜମି କହନ୍ତି । ଉକ୍ତ ଦୁଇ କିସମ ଜମିର ମାଟି ମୁଖ୍ୟତଃ ବାଲିଆ, ବାଲିମିଶା ପଟୁ, ଜଳଧାରଣ ଶକ୍ତି କମ୍ ଓ ଗଠନବିହୀନ । ଏସବୁ ମାଟି ଅମ୍ଳଧର୍ମୀ ଏବଂ ସ୍ୱଳ୍ପ ଜୈବ ପଦାର୍ଥଯୁକ୍ତ ହେତୁ ଅନୁର୍ବର । ମାଟିର ରଙ୍ଗ ଦେଖିବାକୁ ପ୍ରାୟ ଲାଲ ଓ ବାଦାମୀ । ଜମି ଗଡ଼ାଣିଆ ହେତୁ ବର୍ଷା ଜଳରେ ଉପର ସ୍ତରର ଉର୍ବର ମାଟି ଧୋଇ ହୋଇ ନଷ୍ଟ ହୁଏ । ଦୁଇ ପାହାଡ଼ ମଧ୍ୟରେ ଥିବା ଅଣଓସାରିଆ ଖାଲ ଜମିକୁ ଦକ୍ଷିଣ ଓଡ଼ିଶାରେ ଖୋଲା ଏବଂ ପଶ୍ଚିମ ଓଡ଼ିଶାରେ ବାହାଲ କହନ୍ତି । ଏହି ସବୁ ଜମିର ମାଟି ବାଲିଆ ମିଶା କାଦୁଆ କିମ୍ବା ପଟୁ ମିଶା କାଦୁଆ । ଅଧିକ କର୍ଦ୍ଦମ ଭାଗ ହେତୁ ଶୁଷ୍କ ସମୟରେ କଠିନ ଏବଂ ଓଦା ବେଳେ ନରମ । ଏହି ମାଟିର ଜଳଧାରଣ ଶକ୍ତି ଅଧିକ । ଏହି ଜମିର ମାଟି ମଧ୍ୟମ ଜୈବଯୁକ୍ତ ଏବଂ ମଧ୍ୟମ ଅମ୍ଳଧର୍ମୀ । ଉକ୍ତ ଦୁଇ କିସମ ଜମିର ମାଟି ବର୍ଷର ଅଧିକାଂଶ ସମୟରେ ଓଦା ଓ ସନ୍ତସନ୍ତିଆ ରହେ । ଏ ପ୍ରକାର ଜମିର ମାଟି ଢିପ ଜମିର ମାଟିଠାରୁ ଉର୍ବର । ଏହାଛଡ଼ା ଆଦିବାସୀଙ୍କର କିଛି ଜମି ଜଙ୍ଗଲ ମଧ୍ୟରେ ଥାଏ । ଏସବୁ ଜମିର ମାଟି ଦେଖିବାକୁ ବାଦାମି କଳା ରଙ୍ଗର । ଏ ମାଟି ଅମ୍ଳଧର୍ମୀ କିନ୍ତୁ ଜୈବ ପଦାର୍ଥ ଅଧିକ ଥାଏ ।

ଜମିର କିସମକୁ ନେଇ ଆଦିବାସୀ ଚାଷୀ ବିଭିନ୍ନ ପ୍ରକାରର ଫସଲ ଚାଷ କରିଥାନ୍ତି । ଢିପ ଓ ଗଡ଼ାଣିଆ କିସମ ଜମିରେ ସୁଆଁ, ମାଣ୍ଡିଆ ଓ ଡଙ୍ଗରରାଣୀ ଚାଷ କରୁଥିବା ବେଳେ କମ୍ ଢିପ କିସମ ଜମିରେ ମକା, ଅଳସୀ, କାନ୍ଦୁଲ ଓ ବାଜରା ଚାଷ କରନ୍ତି । ମଧ୍ୟମ କିସମ ଜମିରେ ପନିପରିବା ଲାଗି ଦେଶୀ କିସମ ବାଇଗଣ, କଖାରୁ, ମୂଳା, ଶିମ୍ୱ, କନ୍ଦମୂଳ, ଗୟାଆଳୁ ଆଦି ଚାଷ କରିଥାନ୍ତି । ଧାନ ଚାଷ ଆଦିବାସୀଙ୍କର ପ୍ରାୟ ପ୍ରିୟ ନୁହେଁ । ତଥାପି କିଛି ଆଦିବାସୀ ଖୋଲା ଜମିରେ ବଡ଼ ଅର୍ଥାତ୍ ୧୫୦ରୁ ୧୬୦ ଦିନରେ ପାଚୁଥିବା ଧାନ ବର୍ଷା ପୂର୍ବରୁ ବୁଣିଥାନ୍ତି । ଏଥିରୁ କମ୍ ଅମଳ ମିଳେ । କୋରାପୁଟ, କନ୍ଧମାଳ ଓ ରାୟଗଡ଼ା ଜିଲାରେ କେତେକ ଆଦିବାସୀ ଅର୍ଥକରୀ ଫସଲ ଭାବେ ଅଦା ଓ ହଳଦୀ ଚାଷ କରନ୍ତି । କନ୍ଧମାଳ ଜିଲାର ହଳଦୀ ରାଜ୍ୟ ଏବଂ ଦେଶର ବହୁ ଅଞ୍ଚଳରେ ଲୋକପ୍ରିୟ । ଅଦା ଓ ହଳଦୀର ସାଇତା ପ୍ରଣାଳୀ ଓ ଗୁଣ୍ଡହଳଦୀ ପ୍ରସ୍ତୁତି ଜଣା ନ ଥିବାରୁ ବାହାରର ବ୍ୟବସାୟୀମାନେ ଆଦିବାସୀମାନଙ୍କୁ ଶୋଷଣ କରିଥାନ୍ତି । ଏପରି କି ଆଦିବାସୀମାନେ ଚାଷ କରୁଥିବା ତୈଳବୀଜକୁ ବ୍ୟବସାୟୀମାନେ ବହୁ ଶସ୍ତାରେ କିଣିନେଇ ଅଧିକ ଲାଭବାନ୍ ହୁଅନ୍ତି ।

*–ଶୈଳଶ୍ରୀବିହାର, ଭୁବନେଶ୍ୱର*
*ମୋ:୯୫୫୬୨୬୬୦୮୫*

## ରାଶି



ଜାନୁୟାରୀ ଶେଷରୁ ଫେବୃଆରୀ ୧୫ସୁଦ୍ଧା ରାଶି ବୁଣାବୁଣି ଶେଷ କରନ୍ତୁ । ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ । ଜମିକୁ ପଟାଳିରେ ବିଭକ୍ତ କଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ । ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ । ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କିଗ୍ରା ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ । ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ (୮କି.ଗ୍ରା.),ପଟାସ (୮କି.ଗ୍ରା.) ଓ ସଲଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ । ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ । ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ ।

## ପ୍ରାଣୀସମ୍ପଦ



ଗୋରୁଙ୍କର ସାହାଣ,ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭେକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ । କୁକୁଡ଼ାମାନଙ୍କର ନାଳି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ । କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ । ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ । ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ । ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ....

(ତୃତୀୟ ଭାଗ)



–କ୍ଷୀର ଦୁହିଁବା ବ୍ୟକ୍ତି ସୁସ୍ଥ ଓ ନୀରୋଗ ହେବା ସହିତ ନିୟମିତ ବ୍ୟବଧାନରେ ନଖ କାଟୁଥିବା ଆବଶ୍ୟକ ।

–ସେ ଦୁହିଁବା ସମୟରେ ସଫା ପୋଷାକ ପିନ୍ଧିଥିବ ତଥା ହାତ ଓ ବାହୁକୁ ଧୋଇ ପରିଷ୍କାର କରିଥିବ । ଦୁହୁଁଥିବା ବ୍ୟକ୍ତି ନିଜର ହାତକୁ ଭଲଭାବରେ ସାବୁନ୍ ବା ପଟାସ ପାଣିରେ ଧୋଇ ସଫା କପଡ଼ାରେ ପୋଛିବା ପରେ ଗାଈ ଦୁହିଁବା ଜରୁରୀ ।

–ବାରମ୍ବାର ଦୁହାଁଳି ବଦଳାଇଲେ ଗାଈ ଭୟଭୀତ ହୋଇ କ୍ଷୀର ଦେବା କମାଇଥାଏ ।

–ଦୁହିଁବା ବେଳେ ବିଡ଼ି, ସିଗାରେଟ୍ ବା ତମାଖୁ ବ୍ୟବହାର ନ କରିବା ଭଲ । ଯକ୍ଷ୍ମା, ଶ୍ୱାସରୋଗୀ ତଥା କାଛୁ କୁଣ୍ଡିଆ ଆଦି ସଂକ୍ରାମକ ରୋଗଧାରୀ ବ୍ୟକ୍ତି ଗାଈ ଦୁହିଁବା ଅନୁଚିତ ।

–ଦୁହିଁବା ସମୟରେ ଟୋପି ବା ଠେକା ପିନ୍ଧିବା ସହ କାଶିବା, ଛିଙ୍କିବା ଓ ଛେପ ପକାଇବା ଆଦି ନ କରିବା ଭଲ ।

**କ୍ଷୀର ଦୁହିଁବା ସମୟର ଯତ୍ନ**

–ଥରେ ଦୁହିଁବା ଆରମ୍ଭ କଲେ ୭-୮ ମିନିଟ ମଧ୍ୟରେ ଶେଷ କରନ୍ତୁ । କାରଣ ଗାଈର ହାଇପୋଥାଲାମସରୁ ନିର୍ଗତ ହେଉଥିବା ଅକ୍ସିଟୋସିନ୍ ହରମୋନ୍ ରକ୍ତରେ ୮ ମିନିଟ୍ ପର୍ଯ୍ୟନ୍ତ ରହି କ୍ଷୀରକୁ ଚିରରୁ ପୂରାପୂରି ବାହାରିବା ପାଇଁ ସାହାଯ୍ୟ କରିଥାଏ । ଦୁହିଁବାରେ ଅଧିକ ସମୟ ନେଲେ କ୍ଷୀର ଚିରରୁ ପୂରା ବାହାରି ନ ଥାଏ ଓ ଜୀବାଣୁମାନେ ଖାଦ୍ୟର ଭଣ୍ଡାର ପାଖରେ ପାଇ ଦ୍ରୁତ ଗତିରେ ବଢିଥାନ୍ତି ।

–ଅକ୍ସିଟୋସିନ୍ ଇଞ୍ଜେକଶନ୍ ଦେଇ କ୍ଷୀର ବାହାର କଲେ ଗାଈର ସ୍ୱାସ୍ଥ୍ୟ ଓ ଉତ୍ପାଦକତା ଉପରେ ପ୍ରଭାବ ପଡିଥାଏ । ଗାଈର ସ୍ୱାସ୍ଥ୍ୟ ତଥା କ୍ଷୀର ଉତ୍ପାଦନ କ୍ଷମତା ନଷ୍ଟ ହେବାର ଆଶଙ୍କା ଥାଏ ।

–କ୍ଷୀର ଦୁହିଁଲାବେଳେ ପୂରା ମୁଠା ବା ହାତରେ ଦୁହନ୍ତୁ, ଆଙ୍ଗୁଳିରେ ଦୁହିଁଲେ ଚିର ଆଘାତ ପାଇଥାଏ ।

–ଗାଈକୁ ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ଓ ସ୍ୱଚ୍ଛ ପାଣି ଦିଅନ୍ତୁ ।

–ଦୁହିଁବା ପରେ ୧୫-୨୦ ମିନିଟ ପର୍ଯ୍ୟନ୍ତ ଚିରର ଅଗ୍ରଭାଗ ଖୋଲାଥାଏ, ତେଣୁ ଦୁହିଁଲା ପରେ ଗାଈ ଯେପରି ଶୋଇ ନ ଯାଏ, ସେଥିପାଇଁ ଘାସ ବା ନଡା ଖାଇବାକୁ ଦିଅନ୍ତୁ । ନ ହେଲେ ଚିର ଦେଇ ଜୀବାଣୁମାନେ ପଶି ଚିରକୁ ନଷ୍ଟ କରିଥାନ୍ତି ।

**କ୍ଷୀର ଦୁହିଁବା ପରେ କ’ଣ କରିବେ**

–ଦୁହିଁ ସାରିବା ପରେ ଚିର ଓ ପହ୍ନାକୁ ପାଣିରେ ଧୋଇ ସଫାକନାରେ ପୋଛି ଦିଅନ୍ତୁ । ଯଦି ସମ୍ଭବ ଆୟୋଡିନ୍ ଦ୍ରବଣରେ ଚିରକୁ ବୁଡାନ୍ତୁ ।

***–ଡା.ରଞ୍ଜନ କୁମାର ମହାନ୍ତ***
***–ଡା. ସାରଦା ପ୍ରସନ୍ନ ସାହୁ***
*ମୋ:୯୪୩୮୪୦୮୧୦୫*

## ଅଳ୍ପରେ ପନିପରିବା



ମେଘୁଆ ପାଗ ହୋଇଥିଲେ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ଆଶଙ୍କା ଅଛି । ତା’ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ । ରସୁଣରେ ପତ୍ରପୋଡ଼ା ରୋଗ ଲାଗିଥିଲେ ତାହାର ନିରାକରଣ ସକାଶେ ଏକର ପିଛା ୬୦୦ଗ୍ରାମ୍ ମାଙ୍କୋଜେବ୍ କବକନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



**ପିଆଜ:** ଶଣ୍ଢା ବାହାରିବା ପିଆଜ ଫସଲରେ ଏକ ସମସ୍ୟା । ଶଣ୍ଢା ବାହାରିଲେ ଯଥା ଶୀଘ୍ର କାଟି ଦିଅନ୍ତୁ । ବର୍ତ୍ତମାନ ପିଆଜରେ ପତ୍ରପୋଡ଼ା ରୋଗ ଲାଗିବାର ଆଶଙ୍କା ରହିଛି, ତାହାର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ ।

ପ୍ରଥମ ପୃଷ୍ଠାରୁ...

## ଘାଟିରେ ଓଲଟିଲା...

ଡାକ୍ତର ରହିବା, ବ୍ରାହ୍ମଣୀଗାଁରୁ ମଦ ଦୋକାନ ଉଚ୍ଛେଦ ଓ ବେପରୁଆ ଗାଡି ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସି ରହିଥିଲେ । ପ୍ରାୟ ୨ ଘଣ୍ଟା ଏପରି ଆନ୍ଦୋଳନ ଚାଲିଥିଲା । ଏପରିକି ଲୋକେ ଜିଲାପାଳଙ୍କ ଗାଡ଼ିକୁ ଘେରି ଯାଇଥିଲେ । ଜିଲାପାଳ ପ୍ରତି ମୃତକଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୨୫ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ । ଏଥିସହ ରାଜ୍ୟ ସରକାର ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିବା କହିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ । ବ୍ରହ୍ମପୁର ବଡ଼ ମେଡିକାଲରେ ୪ ମୃତଦେହ ବ୍ୟବଚ୍ଛେଦ ପରେ ମହାପ୍ରୟାଣ ଗାଡ଼ିରେ ଗ୍ରାମକୁ ପଠାଇ ଦିଆଯାଇଥିବା ଦାରିଙ୍ଗବାଡି ବ୍ଲକ ଏପିଓ କେଦାର ଚନ୍ଦ୍ର ପଣ୍ଡା କହିଛନ୍ତି । ସେହିପରି ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୬ ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଫ୍ଲାଏଓଭର କାମ ବେଳେ ...

ରାଜନେତାମାନେ ମୁହଁ ଖୋଲୁ ନ ଥିବାରୁ ଏଥିରେ ସେମାନଙ୍କ ସ୍ୱାର୍ଥ ରହିଥିବା ଅଭିଯୋଗ ହୋଇଛି । ଶାସକ ଦଳର ନେତାମାନଙ୍କ ସହ ପଣ୍ଡା ଇନ୍‌ଫ୍ରାର ସମ୍ପର୍କ ରହିଥିବାରୁ ବିଭାଗୀୟ ଅଧିକାରୀ ତଥା ଜିଲା ପ୍ରଶାସନ ଚାପରେ କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । କାରଣ କମ୍ପାନୀ ଜନସାଧାରଣ କିମ୍ବା ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ନ କରି କାମ କରିଚାଲିଛି । ଏହି ଫ୍ଲାଏଓଭରର ବ୍ୟୟ ଅଟକଳଠାରୁ ଇତିମଧ୍ୟରେ ପ୍ରାୟ ୭୦ କୋଟି ଟଙ୍କା ଅଧିକ ବୃଦ୍ଧି କରାଯାଇଛି । ଏହି ଅନୁଦାନ ମଞ୍ଜୁର ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ସରକାରଙ୍କୁ ଚିଠି ଲେଖାଯାଇଥିଲା । ହେଲେ ଏବେ ଦୁର୍ଘଟଣା ଘଟିବା ପରେ ପୂର୍ତ୍ତ ବିଭାଗ ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ସଫେଇ ଦେଇଛି । ୧୬ ତାରିଖ ଦୁର୍ଘଟଣା ପରେ କାମ ବନ୍ଦ କରିବା ପାଇଁ ପଣ୍ଡା ଇନ୍‌ଫ୍ରାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତଥାପି କମ୍ପାନୀ କିପରି କାମ କରୁଥିଲା, ତାହାର ତଦନ୍ତ ହେବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁ କହିଛନ୍ତି । ମଙ୍ଗଳବାର ଦୁର୍ଘଟଣା ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ ବନ୍ଦ କରି ଦିଆଯାଇଛି । ଜିଲା ପ୍ରଶାସନ, ବରିଷ୍ଠ ପୋଲିସ ଅଧିକାରୀ ଓ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସାହୁ କହିଛନ୍ତି । ହେଲେ ସାହୁଙ୍କ ଏହି ବୟାନକୁ ନେଇ ଅନେକ ପ୍ରଶ୍ନ ଉଠିଛି । ବିଭାଗୀୟ ଅଧିକାରୀଙ୍କ ଅଜାଣତରେ କିପରି କାମ ହେଉଥିଲା ବୋଲି ଅଭିଯୋଗ ହେଉଛି । କେବଳ ସମ୍ବଲପୁର ନୁହେଁ, ପଣ୍ଡା ଇନ୍‌ଫ୍ରା ଦ୍ୱାରା କରାଯାଉଥିବା ଫ୍ଲାଏଓଭର କାମ ବେଳେ ଅନେକ ସ୍ଥାନରେ ଦୁର୍ଘଟଣା ଘଟିଥିବା ନଜର ରହିଛି । ୨୦୧୭ ସେପ୍ଟେମ୍ବର ୧୦ରେ ଭୁବନେଶ୍ୱର ବମିଖାଲ ଫ୍ଲାଏଓଭର ସେଣ୍ଟ୍ରିଂ ଭୁଶୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ୨୦୧୭ ଡିସେମ୍ବର ୧୨ରେ ପଣ୍ଡା ଇନ୍‌ଫ୍ରାକୁ କଳା ତାଲିକାଭୁକ୍ତ କରାଯାଇଥିଲା । ଫଳରେ ସମ୍ବଲପୁର ଫ୍ଲାଏଓଭର ନିର୍ମାଣ ୩ମାସ ବନ୍ଦ ରହିଥିଲା । ପରବର୍ତ୍ତୀ ସମୟରେ ପୁଣି କାମ ଆରମ୍ଭ ହୋଇଥିଲା । ସେହିପରି ୨୦୧୮ ମେ ୪ ସନ୍ଧ୍ୟାରେ କାମ ଚାଲିଥିବାବେଳେ ବମିଖାଲ ଫ୍ଲାଏଓଭର ପୁଣି ଭୁଶୁଡ଼ି ପଡ଼ିଥିଲା । ଏଥିରେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ଏହି ଠିକା କମ୍ପାନୀକୁ ବାରମ୍ବାର କାହିଁକି ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ପ୍ରଶ୍ନ ଉଠିଛି । ସୂଚନାଯୋଗ୍ୟ, ୨୦୧୬ ଫେବୃୟାରୀ ୧୨ରେ ସମ୍ବଲପୁର ଫ୍ଲାଏଓଭର କାମ ଆରମ୍ଭ ହୋଇଥିଲା । ୨୦୧୭ ମେ ୧୧ ସୁଦ୍ଧା କାମ ସାରିବାକୁ ଠିକା କମ୍ପାନୀକୁ ନିର୍ଦ୍ଦେଶ ରହିଥିଲା । କାମ ଶେଷ କରିବା ଧାର୍ଯ୍ୟ ତାରିଖଠାରୁ ଇତିମଧ୍ୟରେ ୨୦ ମାସରୁ ଅଧିକ ସମୟ ବିତିଗଲାଣି । ଧୁତୁରାପଡ଼ା ଛକରୁ କଚେରି ଛକ ପର୍ଯ୍ୟନ୍ତ ୧ ହଜାର ୮୮୧ ମିଟର ଫ୍ଲାଏ ଓଭରର ଲମ୍ବ ରହିଛି । ଏଥିରେ ୫୦ଟି ପିଲାର୍ ରହିଛି । ବିଭିନ୍ନ ସ୍ଥାନରେ ପିଲାର ଉଚ୍ଚତା ୫ ମିଟରରୁ ଆରମ୍ଭ କରି ୧୫ମିଟର ପର୍ଯ୍ୟନ୍ତ ରହିଛି । ଟେଣ୍ଡର ସମୟରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ୬୬.୩୮ କୋଟି ଟଙ୍କା ରହିଥିଲା ।

## ଆଇସିସି ପୁରସ୍କାରରେ ...

ଆଇସିସି ପକ୍ଷରୁ ବିଶ୍ୱ ସ୍ତରରେ ସମ୍ମାନିତ ହେବା ଜଣେ କ୍ରିକେଟର ଭାବେ ମୋ ପାଇଁ ଗର୍ବର ବିଷୟ । ମୋ ପ୍ରଦର୍ଶନକୁ ବଜାୟ ରଖିବା ଲାଗି ଏହା ମୋତେ ଉତ୍ସାହିତ କରୁଛି । କୋହଲି ଚଳିତ ବର୍ଷ ଉଭୟ ଦିନିକିଆ ଓ ଟେଷ୍ଟ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ । ସେ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଦୁଇ ଫର୍ମାଟରେ ଏକ ହଜାରରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି । ଏହି କ୍ଷେତ୍ରରେ ସେ ବିଶ୍ୱର ଏକମାତ୍ର କ୍ରିକେଟର । କୋହଲି କ୍ୟାଲେଣ୍ଡର ବର୍ଷରେ ୧୩ ଟେଷ୍ଟ ଖେଳି ୫୫.୦୮ ଆଭରେଜରେ ୧,୩୨୨ ରନ୍ କରିଛନ୍ତି । ଏଥିରେ ୫ଶତକ ରହିଛି । ସେହିଭଳି ୧୪ ଦିନିକିଆ ମ୍ୟାଚ୍‌ରୁ ୧୩୩.୫୫ ଆଭରେଜରେ ୬ ଶତକ ସହାୟତାରେ ୧,୨୦୨ ରନ୍ କରିଛନ୍ତି । ସେ ଆହୁରି ମଧ୍ୟ ୧୦ ଅନ୍ତର୍ଜାତୀୟ ଟି୨୦ରେ ୨୧୧ ରନ ସ୍କୋର କରିଛନ୍ତି । ସେ ଟେଷ୍ଟ ଓ ଦିନିକିଆ ଫର୍ମାଟର ଶୀର୍ଷ ର୍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଭାବେ ବର୍ଷ ଶେଷ କରିଛନ୍ତି ।

## ବରୀରେ ଚାଷୀ ...

ଯାଇଥିଲେ । ମାତ୍ର ସକାଳ ୭ଟାରେ ବାନାମ୍ବରଙ୍କୁ କାଣୀନଈ କୂଳରେ ଥିବା ଚାକୁଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ଏହା ଜଣାପଡ଼ିବା ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ । କୌଣସି ସୂତ୍ରରୁ ଖବରପାଇ ବିଞ୍ଝାରପୁର ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଘଟଣାକୁ ଚାପିଦେବା ଉଦ୍ଦେଶ୍ୟରେ କେତକ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପରାମର୍ଶରେ ପରିବାର ଲୋକେ ଗ୍ରାମ ମଶାଣିରେ ବାନାମ୍ବରଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିଦେଇଥିଲେ । ଅନ୍ୟପକ୍ଷରେ ବାନାମ୍ବରଙ୍କ ସ୍ତ୍ରୀ ତିଳୋତ୍ତମାଙ୍କ କହିବା ମୁତାବକ ତାଙ୍କ ସ୍ୱାମୀଙ୍କ କୌଣସି ଚାଷଜମି ନ ଥିବାବେଳେ ୧୦ଏକର ଜମିରେ ଭାଗ ଚାଷ କରିଥିଲେ । ନିଜର ଜମି ନ ଥିବାରୁ ତାଙ୍କୁ କୌଣସି ବ୍ୟାଙ୍କ କିମ୍ବା ସୋସାଇଟିରୁ ଋଣ ମିଳି ନ ଥିଲା । ତେଣୁ ଲକ୍ଷାଧିକ ଟଙ୍କା ହାତଉଧାର କରି ଧାନ, ମୁଗ, ବିରି ଚାଷ କରିଥିଲେ । ମାତ୍ର ଗତ ଦୁଇ ବର୍ଷରେ ଲଗାଣବର୍ଷା ଓ ବାତ୍ୟାରେ ଫସଲ ହାନି ହୋଇଯିବାରୁ ବାନାମ୍ବର ସବୁବେଳେ ଚିନ୍ତାରେ ରହୁଥିଲେ । ଲକ୍ଷାଧିକ ଟଙ୍କା ହାତଉଧାର କରିଥିବାରୁ ସୁଧ ଦେଇ ଦେଇ ସେ ନୟାନ୍ତ ହୋଇଯାଇଥିଲେ, ଯେଉଁଥିପାଇଁ ସ୍ତ୍ରୀ ଓ ୩ ଝିଅପୁଅଙ୍କୁ ୨ଓଳା ଠିକ୍‌ରେ ଖାଇବାକୁ ମଧ୍ୟ ଦେଇପାରୁ ନ ଥିଲେ । ଗତ ୨ବର୍ଷ ତଳେ ଇନ୍ଦିରାଆବାସ ଯୋଜନାରେ ଘରଖଣ୍ଡେ କରିବାକୁ କାର୍ଯ୍ୟାଦେଶ ମିଳିଥିଲା । ମାତ୍ର ତାହା ଛାତ ନ ପଡ଼ି ଅଧାପନ୍ତରିଆ ହୋଇ ପଡ଼ି ରହିଛି । ଦୁଃଖଦୁର୍ଦ୍ଦଶା ଓ ଅନଟନ ମଧ୍ୟରେ ରହି ବାନାମ୍ବର ସବୁବେଳେ ଚିନ୍ତାଗ୍ରସ୍ତ ରହୁଥିଲେ । ଆଉ ଏହି କାରଣରୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ତିଳୋତ୍ତମା କହିଛନ୍ତି । ତେବେ ଏହି ଘଟଣାକୁ ଚପାଇ ଦେବାକୁ ହେଉଥିବା ଉଦ୍ୟମକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ସରକାର ଚାଷୀଙ୍କ ପାଇଁ ଯୋଜନା ପରେ ଯୋଜନା ଘୋଷଣା କରୁଥିଲେ ମଧ୍ୟ ପ୍ରକୃତ ଚାଷୀ ଉପକୃତ ହେଉ ନ ଥିବା ବାନାମ୍ବରଙ୍କ ଘଟଣାରୁ ସ୍ପଷ୍ଟ ବୋଲି କୁହାଯାଉଛି । ପ୍ରଶାସନିକସ୍ତରରେ ବାନାମ୍ବର ଆତ୍ମହତ୍ୟା ଘଟଣାର ତଦନ୍ତ କରି ମୃତ ବାନାମ୍ବରଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ସ୍ଥାନୀୟ ସମିତି ସଭ୍ୟ ତଥା ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସଙ୍କୁ ପଚାରିବାରେ ବାନାମ୍ବର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ସେ ଜଣେ ଭାଗଚାଷୀ ଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିବା ଦାସ କହିଛନ୍ତି ।

## ବୈଷୟିକ ଅଫିସର...

ଟ୍ରିବ୍ୟୁନାଲଙ୍କ ଦ୍ୱାରା ଓଡିଶା ଏବଂ ଆନ୍ଧ୍ର ପ୍ରଦେଶର ବିବାଦୀୟ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ଯାଞ୍ଚ କରାଯାଇଥିଲା । ଏ ସମ୍ପର୍କିତ ପ୍ରସ୍ତୁତ ରିପୋର୍ଟକୁ ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କାଉନସେଲଙ୍କୁ ପ୍ରଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ୨୦୧୭ ସେପ୍ଟେମ୍ବରରେ ଚୂଡାନ୍ତ ରାୟ ପ୍ରକାଶ କରି ଟ୍ରିବ୍ୟୁନାଲ ବଂଶଧାରା ନଦୀ ଉପରେ ନେରାଡି ବ୍ୟାରେଜ ନିର୍ମାଣ କରିବାକୁ ଆନ୍ଧ୍ର ପ୍ରଦେଶକୁ ଅନୁମତି ଦେଇଥିଲେ । ତେବେ ଓଡିଶା ସରକାର ଟ୍ରିବ୍ୟୁନାଲ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ଏକ ସ୍ପେଶାଲ ଲିଭ ପିଟିଶନ ଦାଖଲ କରିଥିଲେ । ରାୟକୁ ବିଶ୍ଳେଷଣ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟ୍ରିବ୍ୟୁନାଲ ନିକଟରେ ପିଟିଶନ ଦାଖଲ କରିଛନ୍ତି । ବଂଶଧାରା ନଦୀ ଓଡିଶାର କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ଅଞ୍ଚଳରୁ ବାହାରିଛି । ଏହାର ଦୈର୍ଘ୍ୟ ପ୍ରାୟ ୨୬୫ କିଲୋମିଟର ହୋଇଥିବା ବେଳେ ଓଡିଶାରେ ୧୮୫ କିଲୋମିଟର ରହିଛି । ଏହି ନଦୀ ଆନ୍ଧ୍ରପ୍ରଦେଶର କଳିଙ୍ଗ ପଟ୍ଟନମଠାରେ ସମୁଦ୍ରରେ ମିଶିଛି ।

## ଶୁଜାଙ୍କ ନାଁରେ ମାମଲା ...

ତଥ୍ୟ ପ୍ରଘଟ କରିଥିଲେ । ସ୍କାଇପ୍ ଜରିଆରେ ସେ କହିଥିଲେ, ୨୦୧୪ ସାଧାରଣ ନିର୍ବାଚନ ବେଳେ ଇଭିଏମ୍ ହ୍ୟାକିଂ କରାଯାଇଥିଲା । ଭାରତରେ ତାଙ୍କୁ ହତ୍ୟା କରାଯିବା ଆଶଙ୍କା କରି ସେ ଦେଶ ଛାଡ଼ି ଚାଲିଯାଇଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଗୋପୀନାଥ ମୁଣ୍ଡେ ଏ ସମ୍ପର୍କରେ ଜାଣିଥିଲେ ବୋଲି ତାଙ୍କୁ ହତ୍ୟା କରାଯାଇଥିଲା । ଏହାର ଦିନକ ପରେ ନିର୍ବାଚନ କମିଶନ ଆତ୍ମଘୋଷିତ ହ୍ୟାକର ଶୁଜାଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ଦିଲ୍ଲୀ ପୋଲିସକୁ ଚିଠି ଲେଖିଛନ୍ତି । ଶୁଜା ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଦଫା ୫୦୫ (୧)କୁ ଉଲ୍ଲଂଘନ କରିଛନ୍ତି । ସେ ଭୟ ସୃଷ୍ଟିକାରୀ ଗୁଜବ କରିଥିବାରୁ ପୋଲିସ ତତ୍ପରତା ସହ ଏହାର ତଦନ୍ତ କରୁ ବୋଲି ଇସି ଏଥିରେ ନିର୍ଦ୍ଦେଶ ଦେଇଛନ୍ତି । ଇଭିଏମ୍ ହ୍ୟାକିଂ ଖବରକୁ ଭାଜପା କଂଗ୍ରେସର ଏକ ଷଡ଼ଯନ୍ତ୍ର ଭାବେ ଅଭିହିତ କରିଛି । ସେପଟେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ସମେତ ଅନେକ ବିରୋଧୀ ନେତା ଇଭିଏମ୍‌କୁ ଗଣତନ୍ତ୍ର ପାଇଁ ବିପଦ ଭାବେ ଅଭିହିତ କରି ନିର୍ବାଚନ ସମୟରେ ବାଲଟ୍ ପେପର ବ୍ୟବସ୍ଥା ଆପଣାଯାଉ ବୋଲି ଦାବି କରିଛନ୍ତି ।



“ସରକାର ଶୀଘ୍ର ନୂଆ ପାୱାର ଟାରିଫ ପଲିସିକୁ ମଞ୍ଜୁରୀ ପ୍ରଦାନ କରିବେ।
– ଆର୍.କେ. ସିଂ, କେନ୍ଦ୍ର ଶକ୍ତି ମନ୍ତ୍ରୀ



“ୟୁଏସ୍ ପକ୍ଷରୁ ଇସ୍ପାତ ସାମଗ୍ରୀ ଉପରେ ଲାଗୁ ହୋଇଥିବା ଟାରିଫ୍‌କୁ ନେଇ ବିଶ୍ୱ ବାଣିଜ୍ୟ ସଙ୍ଗଠନ ସହ ଆଲୋଚନା ହେବ।
– ଚୌଧରୀ ବୀରେନ୍ଦର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ

# ଚାଇନାକୁ ପଛରେ ପକାଇବ ଭାରତ

ନୂଆଦିଲ୍ଲୀ,୨୨-୧

ଅଟୋ ଇନ୍ଧନ ଓ ଏଲ୍‌ପିଜି ବ୍ୟବହାର ବୃଦ୍ଧି କାରଣରୁ ଭାରତ ୨୦୧୯ରେ ଅଶୋଧିତ ତୈଳ ଚାହିଦାରେ ଚାଇନାକୁ ପଛରେ ପକାଇ ଆମେରିକା ପରେ ବିଶ୍ୱର ଦ୍ୱିତୀୟ ଦେଶ ହେବାକୁ ଯାଉଛି। ଏ ସମ୍ପର୍କରେ ରିସର୍ଚ୍ଚ ଆଣ୍ଡ୍ କନସଲଟାନ୍ସି ଗ୍ରୁପ୍ ଉଡ୍ ମ୍ୟାକେଞ୍ଜି ପକ୍ଷରୁ ମଙ୍ଗଳବାର ଏକ ରିପୋର୍ଟ ପ୍ରକାଶ କରାଯାଇଛି।

ଏଥିରେ କୁହାଯାଇଛି ଯେ, ୨୦୧୮ରେ ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ ହେବାର ପ୍ରଭାବରୁ ଭାରତ ବାହାରି ଆସିଥିବା ମନେହେଉଛି। କାରଣ ଗତବର୍ଷରୁ ଭାରତର ତୈଳ ଚାହିଦା ଆଶାତୀତ ଭାବେ ବଢ଼ିଥିବା ଦେଖାଯାଇଛି। ଫଳରେ ଭାରତ ବିଶ୍ୱ ଚାହିଦା ବୃଦ୍ଧିରେ ୧୪% ଯୋଗଦାନ ଦେଇଛି, ଯାହା କି ଦୈନିକ ୨,୪୫,୦୦୦ ବ୍ୟାରେଲ ଥିଲା। ଚଳିତ ବର୍ଷ ମଧ୍ୟ ଗତବର୍ଷ ଭଳି ସମାନ ହାରରେ ଭାରତର ତୈଳ ଚାହିଦା ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଫଳରେ ଏହା ତୈଳ ଚାହିଦାରେ ବିଶ୍ୱରେ ଦ୍ୱିତୀୟ ସ୍ଥାନକୁ ଉଠିଆସିବ ଏବଂ ଚାଇନାକୁ ପଛରେ ପକାଇବ। ତେବେ ଆମେରିକା

**ତୈଳ ଚାହିଦା**
- ବିଶ୍ୱ ଚାହିଦାର ୧୪% ଭାରତର ଆବଶ୍ୟକତା
- ଚାହିଦାର ଶୀର୍ଷରେ ଆମେରିକା
- ୨୦୧୭-୧୮ରେ ଭାରତ ୨୦୬.୨ ମିଲିୟନ ଟନ ଅଶୋଧିତ ତେଲ କିଣିଥିଲା
- ଡିଜେଲ ଚାହିଦା ୬.୪% ବଢ଼ିବ

ଶୀର୍ଷ ସ୍ଥାନରେ ରହିବା ସହ ଚାଇନା ତୃତୀୟ ସ୍ଥାନକୁ ଖସି ଆସିବ। ପରିବହନରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲ ଏବଂ ରୋଷେଇ ଇନ୍ଧନ ଏଲ୍‌ପିଜି ଚାହିଦାର ମୁଖ୍ୟ ବାହକ ହେବ। ଆମେରିକାର ଏନର୍ଜି ଇନଫରମେଶନ ଆଡମିନିଷ୍ଟ୍ରେଶନର ରିପୋର୍ଟ ଅନୁଯାୟୀ ତୈଳ ଆମଦାନୀକାରୀ ଦେଶ ତାଲିକାରେ ବର୍ତ୍ତମାନ ଆମେରିକା ଓ ଚାଇନା ପଛରେ ଭାରତ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ୨୦୬.୨ ମିଲିୟନ ଟନ(୪୦ଲକ୍ଷ ବ୍ୟାରେଲ



ପ୍ରତିଦିନ) ଅଶୋଧିତ ତୈଳ ଉପଯୋଗ କରିଥିଲା। ଏପ୍ରିଲ-ଡିସେମ୍ବର ମଧ୍ୟରେ ପେଟ୍ରୋଲିୟମ ପଦାର୍ଥର ବ୍ୟବହାର ୧୫୭.୪ ମିଲିୟନ ଟନରେ ପହଞ୍ଚିଥିଲା, ଯାହା କି ପୂର୍ବ ବର୍ଷ ତୁଳନାରେ ୨.୫% ଅଧିକ। ୨୦୪୦ସୁଦ୍ଧା ଦୈନିକ ୫.୮ ମିଲିୟନ ବ୍ୟାରେଲ ହିସାବରେ ଭାରତର ତୈଳ ଚାହିଦା ବୃଦ୍ଧି ପାଇବ, ଯାହାକି ବିଶ୍ୱର ମୋଟ୍ ଚାହିଦାର ୪୦% ରହିବ ବୋଲି ଗତବର୍ଷ ଅଗଷ୍ଟରେ ଅଶୋଧିତ ତୈଳ ଉତ୍ପାଦନକାରୀ ଦେଶ ସମୂହ ଓପେକ୍ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ମ୍ୟାକେଞ୍ଜି ରିପୋର୍ଟ ଅନୁଯାୟୀ ଭାରତରେ ସବୁଠୁ ଅଧିକ ବ୍ୟବହୃତ ହେଉଥିବା ଡିଜେଲର ଚାହିଦା ଚଳିତ ବର୍ଷ ବର୍ଷକୁ ବର୍ଷ ହିସାବରେ ୬.୪% ହିସାବରେ ଦୈନିକ ୧,୧୨,୦୦୦ ବ୍ୟାରେଲକୁ ବୃଦ୍ଧି ପାଇବ। ୨୦୧୮ରେ ଏହା ୯୩,୦୦୦ ବ୍ୟାରେଲ ରହିଥିଲା। ଭିତ୍ତିଭୂମି ନିର୍ମାଣ ସମାନାନ୍ତରରେ ବୃଦ୍ଧି ପାଇବା ସହ ବାଣିଜ୍ୟିକ ଯାନର ବିକ୍ରି ବୃଦ୍ଧି ଯୋଗୁ ଡିଜେଲ ଚାହିଦା ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡ଼ା ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ ପରିବହନ ସେକ୍ଟରରେ ଟିକସ ଆଧାର ବଦଳରେ ଚାହିଦା ଆଧାରରେ ତୈଳ ବ୍ୟବହାର ବଢ଼ିବାକୁ ଯାଉଛି ବୋଲି ଏଥିରେ ଦର୍ଶାଯାଇଛି। ଆର୍ଥିକ ଦକ୍ଷତା ବୃଦ୍ଧି ପାଇବାକୁ ଯାଇ ଭାରି ଓ ମଧ୍ୟମ ଶକ୍ତିସମ୍ପନ୍ନ ଟ୍ରକ୍ ବିକ୍ରି ବୃଦ୍ଧି ପାଇବ ବୋଲି କୁହାଯାଇଛି। ଏହାଛଡ଼ା ଆସନ୍ତା ମେ’ରେ ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ଗାଡ଼ି ବ୍ୟବହାର ବଢ଼ିବାକୁ ଯାଉଛି। ଏହି କାରଣରୁ ତୈଳ ଚାହିଦା ଦ୍ୱିଗୁଣିତ ହେବାକୁ ଯାଉଛି। ତେବେ ଅଶୋଧିତ ତୈଳ ଦରରେ କ୍ରମାଗତ ଅସ୍ଥିରତା ଲାଗି ରହିବ ବୋଲି ଦର୍ଶାଇ ରିପୋର୍ଟରେ କୁହାଯାଇଛି ଯେ, ଭାରତ ଭଳି ଦେଶରେ ଅର୍ଥନୀତି ଅଭିବୃଦ୍ଧି ସହ ତାଳ ଦେଇ ପେଟ୍ରୋଲିୟମ ପଦାର୍ଥର ଚାହିଦା ବୃଦ୍ଧି ପାଇବାକୁ ଯାଉଛି। ସେହିପରି ଚଳିତ ବର୍ଷ ଏଲ୍‌ପିଜି ଚାହିଦା ମଧ୍ୟ ଢ଼େର ବଢ଼ିବ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଯୋଗୁ ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବ।

## ସଂକ୍ଷେପରେ

### ଆୟକର ରିଟର୍ନ ୨୧ ଦିନ ମିଳିଲା ଦାଖଲ ସମୟ



**ନୂଆଦିଲ୍ଲୀ,୨୨-୧:** ଉଚ୍ଚ ମୂଲ୍ୟର ନେଣଦେଣ କରିଛନ୍ତି, ଅଥଚ ୨୦୧୮-୧୯ ଲାଗି ଆୟକର ରିଟର୍ନ ଦାଖଲ କରି ନ ଥିଲେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ଏହା ଦାଖଲ ଲାଗି ଆହୁରି ୨୧ ଦିନ ସମୟ ଦେଇଛି। ଆୟକର ବିଭାଗ ପକ୍ଷରୁ ରିଟର୍ନ ଦାଖଲ ଲାଗି ଇ-ମେଲ୍ ଅଥବା ଏସ୍‌ଏମ୍‌ଏସ୍ ପଠାଯିବାର ଦିନଠାରୁ ୨୧ ଦିନ ଗଣାଯିବ। ରିଟର୍ନ ଅଥବା ଜବାବ ଦାଖଲ କରି ନ ଥିବା ଟିକସଦାତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସିବିଡିଟି ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ସୂଚନା ଦିଆଯାଇଛି। ସିବିଡିଟିର ବିଶ୍ଳେଷଣରୁ ଜଣାପଡିଛି ଯେ, ଏଭଳି ବହୁ ଟିକସଦାତା ରହିଛନ୍ତି, ଯିଏ କି ୨୦୧୭-୧୮ରେ ଉଚ୍ଚ ମୂଲ୍ୟର ନେଣଦେଣ କରିଛନ୍ତି, ଅଥଚ ୨୦୧୮-୧୯ ଆକଳନ ବର୍ଷ ଲାଗି ରିଟର୍ନ ଦାଖଲ କରିନାହାନ୍ତି। ସେମାନେ ଏଥିପାଇଁ ଜବାବ ଦେବାକୁ ବାଧ୍ୟ। ସେମାନଙ୍କ ଜବାବ ସନ୍ତୋଷଜନକ ହେଲେ ଏହି ମାମଲାକୁ ଅନ୍‌ଲାଇନରେ ହିଁ ବନ୍ଦ କରିଦିଆଯିବ। ତେବେ ରିଟର୍ନ ଦାଖଲ କରି ନ ଥିଲେ ଅଥବା ସନ୍ତୋଷଜନକ ଜବାବ ଦେଇନାହାନ୍ତି, ସେମାନଙ୍କ ବିରୋଧରେ ଆୟକର ଆଇନର ବିଭିନ୍ନ ଧାରାରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆଧାର ରାୟ ପରେ ବାୟୋମେଟ୍ରିକ ବ୍ୟବହାରକୁ ନେଇ ଦ୍ୱନ୍ଦ୍ୱରେ ବ୍ୟାଙ୍କ




**ହାଇଦ୍ରାବାଦ,୨୨-୧:** ଆଧାରକୁ ନେଇ ସୁପ୍ରିମକୋର୍ଟ ରାୟ ପରେ ବ୍ୟକ୍ତିଙ୍କ ପରିଚୟ ଜାଣିବା ପାଇଁ ବାୟୋମେଟ୍ରିକ ବ୍ୟବହାରକୁ ନେଇ ବ୍ୟାଙ୍କିଙ୍ଗ ସେକ୍ଟରରେ ଅନିଶ୍ଚିତତା, ଦ୍ୱନ୍ଦ୍ୱ ରହିଥିବା ବେଳେ ଅନିଚ୍ଛା ପ୍ରକାଶ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଆର.ଗାନ୍ଧୀ ମଙ୍ଗଳବାର ପ୍ରକାଶ କରିଛନ୍ତି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଏହି କାରଣରୁ ଅନେକ ଫିନ୍‌ଟେକ କମ୍ପାନୀକୁ ନିଜର ବ୍ୟବସାୟ ମଡେଲ ନୂଆ ଭାବେ ଗଢ଼ିବାକୁ ପଡିଛି। ଏହାଦ୍ୱାରା ସେମାନଙ୍କ ଲାଭ ହ୍ରାସ ପାଇବା ସହିତ ଅସ୍ତିତ୍ୱ ସଙ୍କଟରେ ପଡିଯାଇଛି। ଏଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଦ୍ରୁତଗତିରେ ପ୍ରଯୁକ୍ତି ବଦଳୁଥିବା ବେଳେ ତୃତୀୟ ପକ୍ଷ ଭେଣ୍ଡରଙ୍କୁ ବ୍ୟାପକ ହାରରେ ବ୍ୟବହାର ଏବଂ ଉପଭୋକ୍ତାଙ୍କ ଦ୍ୱାରା ମୋବାଇଲ ପ୍ରଯୁକ୍ତି ବ୍ୟବହାର କାରଣରୁ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସଂସ୍ଥାଗୁଡିକ ସାଇବର ବିପଦର ସାମ୍ନା କରୁଛନ୍ତି ବୋଲି ଗାନ୍ଧୀ କହିଛନ୍ତି।

### ଜେଟ୍ ଏୟାରୱେଜ ଚିନ୍ତା ବୋର୍ଡରୁ ହଟିବାକୁ ନରେଶ ଗୋଏଲ ସର୍ତ୍ତ ରଖିଲେ



**ନୂଆଦିଲ୍ଲୀ,୨୨-୧:** ଅତ୍ୟଧିକ କ୍ଷତି ଯୋଗୁ ଦୂରବସ୍ଥା ଦେଇ ଗତି କରୁଥିବା ଦେଶର ପ୍ରମୁଖ ଏୟାରଲାଇନ କମ୍ପାନୀ ଜେଟ୍ ଏୟାରୱେଜ ପ୍ରମୋଟର ତଥା ଅଧ୍ୟକ୍ଷ ନରେଶ ଗୋଏଲ ବୋର୍ଡରୁ ହଟିଯିବାକୁ ରାଜି ହୋଇଛନ୍ତି। ତେବେ ଏଥିପାଇଁ ସେ ଏକ ସର୍ତ୍ତ ରଖିଛନ୍ତି। ତେବେ ଆବୁଧାବୀ କମ୍ପାନୀ ଏଟିହାଦ୍ ଯଦି ଶେୟାର ବିକ୍ରି ବାବଦରେ ଉଚିତ ଦାମ ଦିଏ, ତେବେ ସେ ଏଥିପାଇଁ ରାଜି ଅଛନ୍ତି ବୋଲି ଗୋଏଲ କହିଛନ୍ତି। ଇତିପୂର୍ବେ ଏଟିହାଦ ଶେୟାର ପିଛା ୧୫୦ ଟଙ୍କା ଦେବାକୁ ପ୍ରସ୍ତାବ ଦେଇଥିଲା, ଯାହାକୁ ଗୋଏଲ ଗ୍ରହଣ କରି ନ ଥିଲେ। ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ, ଜେଟ୍‌ରୁ ହଟିଯିବା ପୂର୍ବରୁ ଗୋଏଲ ନିଜ ଶେୟାର ପାଇଁ ଉଚିତ୍ ଦାମ୍ ଚାହୁଁଛନ୍ତି। ବୋର୍ଡ ପରିଚାଳନା ନିଜ ହାତକୁ ନେବା ପରେ ଏଟିହାଦ ୨୫% ଜେଟ୍‌ର ଶେୟାର ଜନତାଙ୍କୁ ବିକିବାକୁ ହେବ ବୋଲି ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ସେବିର ନିୟମାବଳୀରେ ରହିଛି। ତେବେ ଗୋଏଲଙ୍କ ରାଜି ସମ୍ପର୍କରେ ଜେଟ୍ ଏୟାରୱେଜ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଜାନୁୟାରୀ-ଡିସେମ୍ବର ଆର୍ଥିକ ବର୍ଷ ଲାଗୁ କରିବାକୁ ପ୍ରସ୍ତୁତି

ନୂଆଦିଲ୍ଲୀ,୨୨-୧

ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶର ଆର୍ଥିକ ବର୍ଷକୁ ଏପ୍ରିଲ-ମାର୍ଚ୍ଚ ପରିବର୍ତ୍ତେ ଜାନୁୟାରୀ-ଡିସେମ୍ବର କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏନେଇ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ସମ୍ଭବତଃ ୨୦୨୦ରୁ ଏହି ନୂଆ ଆର୍ଥିକ ବ୍ୟବସ୍ଥା ଲାଗୁ ହୋଇପାରେ ବୋଲି ଆଲୋଚନା ହେଉଛି। ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲେ ଦୀର୍ଘ ୧୫୨ ବର୍ଷ ଧରି ଚାଲି ଆସିଥିବା ପରମ୍ପରା ଭାଙ୍ଗିଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆର୍ଥିକ ବର୍ଷକୁ ବଦଳାଇବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ନୀତି ଆୟୋଗ ଦ୍ୱାରା ଆୟୋଜିତ ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀରେ ଜୋର୍ ଦେଇଥିଲେ। ଏଥିରେ ଯୋଗ ଦେଇ ସେ କହିଥିଲେ ଯେ, ଭାରତ ଭଳି କୃଷି ପ୍ରଧାନ ଦେଶରେ କୃଷିଜାତ ଆୟର ବେଶ୍ ଗୁରୁତ୍ୱ ରହିଛି। କୃଷି ଆୟ ମିଳିବା ସହିତ ବଜେଟ ପ୍ରସ୍ତୁତ ହୋଇଯିବା ଦରକାର। ଜୁନ୍‌ରେ ମୌସୁମୀ ଆସୁଥିବାରୁ




ସରକାର ଘୋଷଣା କରୁଥିବା ଅର୍ଦ୍ଧାଧିକ ଯୋଜନାର କ୍ରିୟାନ୍ୱୟନ ଆରମ୍ଭ ହେଉ ହେଉ ଅକ୍ଟୋବର ଆସିଯାଉଛି। ଫଳରେ ସରକାରଙ୍କ ନିକଟରେ ଯୋଜନା ଲାଗୁ କରିବାକୁ ଆଉ ମାତ୍ର ୬ ମାସ ସମୟ ମିଳୁଛି। ପ୍ରଚଳିତ ବ୍ୟବସ୍ଥାରେ ଏବେ ଦେଶରେ ଏପ୍ରିଲ ପହିଲାରୁ ପରବର୍ତ୍ତୀ ବର୍ଷର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସମୟକୁ ଆର୍ଥିକ ବର୍ଷ ଭାବେ ଗଣାଯାଏ। ସରକାର, ରିଜର୍ଭ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସଂସ୍ଥା ଏହି କ୍ୟାଲେଣ୍ଡରକୁ ବ୍ୟବହାର କରିଆସୁଛନ୍ତି। ଏହାକୁ ଧ୍ୟାନରେ ରଖି ଫେବୃୟାରୀରେ ବଜେଟ୍ ଉପସ୍ଥାପନ କରାଯାଉଛି। ମିଡିଆ ରିପୋର୍ଟ ଅନୁଯାୟୀ ୨୦୨୦ ଜାନୁୟାରୀ ପହିଲାରୁ ଡିସେମ୍ବର ୩୧ ଯାଏ ଆର୍ଥିକ ବର୍ଷ ପାଳନ କରିବାକୁ କେନ୍ଦ୍ର ସରକାର ଘୋଷଣା କରିବାକୁ ଯାଉଛନ୍ତି। ପୂର୍ବରୁ ସରକାର ବଜେଟ୍ ଉପସ୍ଥାପନ ତାରିଖ ବଦଳାଇସାରିଛନ୍ତି। ପୂର୍ବେ ଫେବୃୟାରୀ ୨୮ରେ ବଜେଟ୍ ଉପସ୍ଥାପନ ହେଉଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏହାକୁ ଫେବୃୟାରୀ ପହିଲାକୁ ଘୁଞ୍ଚାଇ ଆଣିଛନ୍ତି। ସୂଚନାଥାଉ କି, ଆର୍ଥିକ ବର୍ଷକୁ ଜାନୁୟାରୀରୁ ଡିସେମ୍ବର ପର୍ଯ୍ୟନ୍ତ କରିବା ନେଇ ସୁପାରିସ କରିବା ସଂକ୍ରାନ୍ତରେ କେନ୍ଦ୍ର ସରକାର ଦୁଇବର୍ଷ ପୂର୍ବେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ସମସ୍ତ ଦିଗକୁ ଅଧ୍ୟୟନ କରିବା ପରେ ଏହି କମିଟି ସରକାରଙ୍କୁ ନିଜର ସୁପାରିସ କରିଥିଲେ। ଏଥିରେ ବଜେଟ ଆଗେଇ ନେବାର ପ୍ରତିଫଳ ଏବଂ ଆର୍ଥିକ ବ୍ୟବସ୍ଥା ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏପରି କି ବୀରପ୍ପା ମୋଇଲିଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ଥିକ ବ୍ୟାପାର ସଂସଦୀୟ କମିଟି ମଧ୍ୟ ୧୮୬୭ରୁ ଜାରି ପ୍ରଥାକୁ ବଦଳାଇବାକୁ ସୁପାରିସ କରିଥିଲେ। ଆର୍ଥିକ ବର୍ଷ ବଦଳିଲେ ସାଧାରଣ ଜନତାଙ୍କ ସହିତ ସରକାରଙ୍କ କାର୍ଯ୍ୟଶୈଳୀ ବଦଳିଯିବ।

## ରାଜ୍ୟ ଜିଡିପି ଅଭିବୃଦ୍ଧିରେ ଶୀର୍ଷରେ ବିହାର

ନୂଆଦିଲ୍ଲୀ,୨୨-୧

୨୦୧୭-୧୮ ଆର୍ଥିକ ବର୍ଷରେ ଦେଶର ରାଜ୍ୟଗୁଡ଼ିକର ଜିଡିପି ଅଭିବୃଦ୍ଧି କ୍ଷେତ୍ରରେ ବିହାର ପ୍ରଥମ ସ୍ଥାନରେ ରହିଛି। ତାଲିକାରେ ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ସ୍ଥାନ ଏବଂ ଗୁଜରାଟ ତୃତୀୟ ସ୍ଥାନରେ ରହିଥିବା ରେଟିଂ ଏଜେନ୍ସି କ୍ରିସିଲ ମଙ୍ଗଳବାର ସୂଚନା ଦେଇଛି। ର୍‍ୟାଙ୍କିଙ୍ଗ ବେଳେ ୧୭ ରାଜ୍ୟକୁ ବିଚାରକୁ ନିଆଯାଇଥିବା ବେଳେ ବିହାରରେ ରାଜ୍ୟ ଜିଡିପି ଅଭିବୃଦ୍ଧି ୧୧.୩% ରହିଛି। ର୍‍ୟାଙ୍କ ପ୍ରସ୍ତୁତି ବେଳେ ଅଭିବୃଦ୍ଧି, ମୁଦ୍ରାସ୍ଫୀତି ଏବଂ ବିତ୍ତୀୟ ନିଅଣ୍ଟକୁ ବିଚାର କରାଯାଇଯାଇଛି। ୨୦୧୮ ଆର୍ଥିକ ବର୍ଷରେ ଟପ୍ ୩ ପରଫର୍ମିଂ ରାଜ୍ୟ ମଧ୍ୟରେ ଗୁଜରାଟ ଏବଂ କର୍ଣ୍ଣାଟକ ରହିଛନ୍ତି। ସେହିଭଳି ଅଭିବୃଦ୍ଧି ର୍‍ୟାଙ୍କରେ ଶେଷ ଆଡକୁ ଝାଡଖଣ୍ଡ, କେରଳ ଏବଂ ପଞ୍ଜାବ ଭଳି ରାଜ୍ୟ ରହିଛନ୍ତି। ର୍‍ୟାଙ୍କିଙ୍ଗ କରାଯାଇଥିବା ଏହି ରାଜ୍ୟଗୁଡ଼ିକ ଅଣ ସ୍ୱତନ୍ତ୍ର କାଟେଗୋରି ରାଜ୍ୟ । କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ତଥ୍ୟ ମୁତାବକ ବିଭିନ୍ନ ପ୍ରସଙ୍ଗକୁ ବିଚାର କରି ର୍‍ୟାଙ୍କ ପ୍ରସ୍ତୁତ ହୋଇଥିବା କ୍ରିସିଲ ପକ୍ଷରୁ ସୂଚନା ରହିଛି। ମୋଟ ରାଜ୍ୟ ଜିଡିପି ଉତ୍ପାଦ ଅଭିବୃଦ୍ଧି କ୍ଷେତ୍ରରେ ପଶ୍ଚିମବଙ୍ଗ ଉନ୍ନତି କରିବା ସହ ଶୀର୍ଷ ୩ ର୍‍ୟାଙ୍କରେ ରହିଛି। ୨୦୧୮ ଆର୍ଥିକ ବର୍ଷରେ ଏହାର ଅଭିବୃଦ୍ଧି ୯.୧% ରହିଛି। ଯାହା ପୂର୍ବ ଆର୍ଥିକ ବର୍ଷରେ ୪.୮% ରହିଥିଲା। ଏଠାରେ ମୁଦ୍ରାସ୍ଫୀତି ୭%ରୁ ୪%କୁ କମିଥିବା ବେଳେ ବିତ୍ତୀୟ ନିଅଣ୍ଟ ୩%ରୁ ହ୍ରାସ ଘଟି ୨.୪%କୁ ଖସିଛି।

# ୭% ଅଭିବୃଦ୍ଧି ଭଲ, ହେଲେ ଦେଶରେ ପର୍ଯ୍ୟାପ୍ତ ନିଯୁକ୍ତି କାହିଁ: ରାଜନ

**ନୂଆଦିଲ୍ଲୀ,୨୨-୧:** ୭% ଅଭିବୃଦ୍ଧି ହାର ଭଲ। ମାତ୍ର ଦେଶରେ ଯେତେ ପରିମାଣରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା କଥା ତାହା ହେଉ ନାହିଁ। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ଲାଭ କରିବାକୁ ସକ୍ଷମ ହୋଇଛି। ମାତ୍ର ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟିରେ ଏହା ଆଖିଦୃଶିଆ କାର୍ଯ୍ୟ କରିପାରି ନାହିଁ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ କହିଛନ୍ତି। ୭%ରୁ ଊର୍ଦ୍ଧ୍ୱ ଅଭିବୃଦ୍ଧି ଦେଶ ଲାଗି ମଙ୍ଗଳକାରୀ ହୋଇଥିବା ବେଳେ ଭାରତ ସାମ୍ନାରେ ବିଭିନ୍ନ ଚ୍ୟାଲେଞ୍ଜ ରହିଥିବା ଡାଭୋସଠାରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ ଫୋରମ (ଡବ୍ଲ୍ୟୁଇଏଫ୍) ୨୦୧୯ କାର୍ଯ୍ୟକ୍ରମରେ ରାଜନ କହିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ଅର୍ଥନୀତି ମୁଖ୍ୟତଃ ବ୍ୟବହାର ଭିତ୍ତିକ। ମାତ୍ର ଏହା ନିଯୁକ୍ତି ସୃଷ୍ଟି ଦିଗରେ ସହାୟକ ହେଉ ନାହିଁ। ଭାରତରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାର ଆବଶ୍ୟକତା ରହିଛି। ଏହା ନ ହେଲେ ଅଭିବୃଦ୍ଧି ନିରର୍ଥକ। ଅର୍ଥନୀତିର ଢାଞ୍ଚାଗତ ସ୍ଥିରତାକୁ ବଜାୟ ରଖି ନିଯୁକ୍ତି ସୃଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିବା ଉଚିତ ବୋଲି ରାଜନ ମତ ରଖିଛନ୍ତି। ନୂତନ ଟେକ୍ନୋଲୋଜି ଯୋଗୁ ବିଭିନ୍ନ ସାମଗ୍ରୀ ବର୍ତ୍ତମାନ ଶସ୍ତା ହେବା ସହ ମାଗଣା ମଧ୍ୟ ମିଳୁଛି। ଏହା ଯୋଗୁ ଖାଉଟିମାନେ ଲାଭବାନ ହେଉଛନ୍ତି। ମାତ୍ର ଆଗାମୀ ଦିନରେ ଏହାର ସ୍ଥିତି କ’ଣ ରହିବ ତାକୁ ମଧ୍ୟ ଦେଖିବା ଆବଶ୍ୟକ ବୋଲି ସେ କହିଛନ୍ତି।



### ବୃହତ୍ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ରକ୍ଷା ଉପରେ ଜୋର

ସୁପ୍ରିମକୋର୍ଟ, ନିର୍ବାଚନ ଆୟୋଗ ଏବଂ ରିଜର୍ଭ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକର ସ୍ୱାୟତ୍ତତା ତଥା ସ୍ୱାଧୀନତା ରକ୍ଷା ବଡ ଚ୍ୟାଲେଞ୍ଜ ବୋଲି ରାଜନ କହିଛନ୍ତି। ଆର୍‌ବିଆଇ ସ୍ୱତନ୍ତ୍ରତା ଉପରେ ଏକ ପ୍ରଶ୍ନର ଉତ୍ତର ରଖି ସେ କହିଛନ୍ତି, ଯେ କେନ୍ଦ୍ରୀୟ ବ୍ୟାଙ୍କ ବର୍ତ୍ତମାନ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛି। ମାତ୍ର ଏହାକୁ ନିଜର ସ୍ୱାୟତ୍ତତା ଅନୁସାରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଭାରତ ଏକ ମଧ୍ୟମ ଆୟକାରୀ ଅର୍ଥ ବ୍ୟବସ୍ଥା ଆଡକୁ ଗତି କରୁଛି। ଏଭଳି ସ୍ଥିତିରେ ଦେଶର ସଂସ୍ଥାଗୁଡ଼ିକର ସ୍ୱାୟତ୍ତତାକୁ ଦୃଢ କରିବା ଏକ ଆହ୍ୱାନ ବୋଲି ସେ କହିଛନ୍ତି। ଆର୍‌ବିଆଇ ଗଭର୍ନର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟ କରିପାରିବେ। ମାତ୍ର କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ଜଣେ ସଚିବ ଗଭର୍ନରଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ନାହିଁ। ଯଦି କୌଣସି ସ୍ଥିତିରେ କେନ୍ଦ୍ର ଏବଂ ଆର୍‌ବିଆଇ ମଧ୍ୟରେ ବିବାଦ ଉପୁଜେ ତାକୁ ନେଇ ଆଲୋଚନା ହେବାର ଆବଶ୍ୟକତା ରହିଛି। ଯଦି ଏପରି ସ୍ଥିତିରେ ଉଭୟ ପକ୍ଷର ଆଲୋଚନା ବନ୍ଦ ହେଇଗଲା ସମସ୍ୟା ସମାଧାନ ତଥା ଉଭୟ ପକ୍ଷର ସ୍ୱତନ୍ତ୍ରତା ରକ୍ଷା କିଭଳି ହେଉଛି ତାକୁ ଦେଖିବାକୁ ହେବ ବୋଲି ରାଜନ କହିଛନ୍ତି।

# ବିଗ୍ ବଜାରର ‘ସବ୍‌ସେ ଶସ୍ତେ ୫ ଦିନ’ ଏବେ ୨୦% ଆହୁରି ଶସ୍ତା

ଭୁବନେଶ୍ୱର,୨୨-୧

BIG BAZAAR
Making India Beautiful

ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ବୁଧବାରଠାରୁ ଆରମ୍ଭ ହେଉଛି ‘ସବ୍‌ସେ ଶସ୍ତେ ୫ ଦିନ’। ଏହି ଅଫର ଚଳିତ ମାସ ୨୭ ତାରିଖ ଯାଏ ଚାଲିବାକୁ ଥିବା ବେଳେ ଏଥିରେ ଗ୍ରାହକଙ୍କ ଲାଗି ‘୨୦% ଆହୁରି ଶସ୍ତା’ ଭଳି ସୁବିଧା କରାଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ଏହି ସମୟରେ ବିଗ୍ ବଜାରର ବିଭିନ୍ନ ଷ୍ଟୋରରୁ ଗ୍ରାହକ ୩,୦୦୦ ଟଙ୍କାର ସାମଗ୍ରୀ କ୍ରୟରେ ଫ୍ୟୁଚର ପେ ୱାଲେଟରେ ୨୦% କ୍ୟାଶବ୍ୟାକ ପାଇ ପାରିବେ। ସେହିଭଳି ବିଭିନ୍ନ ଉତ୍ପାଦ ଶୃଙ୍ଖଳ ଉପରେ ଆକର୍ଷଣୀୟ ଅଫର ଏବଂ ଡିସ୍‌କାଉଣ୍ଟ ଉପଲବ୍ଧ ହେବ। ଖାଦ୍ୟସାମଗ୍ରୀ, ହାଉସହୋଲ୍ଡ ସାମଗ୍ରୀ, ଇଲେକଟ୍ରୋନିକ୍ସ,ଫ୍ୟାଶନ ଆପାରେଲ, ଫୁଟୱେର,ଟଏ, ଲଗେଜ, କିଚେନୱେର, ହୋମ୍ ଡେକୋର ସହ ଅନ୍ୟାନ୍ୟ ସାମଗ୍ରୀ ଉପରେ ଆକର୍ଷଣୀୟ ଡିଲ ଏବଂ ଡିସକାଉଣ୍ଟ ଲାଭ କରିପାରିବେ। ରୁପେ କ୍ରେଡିଟ କାର୍ଡରେ ସାମଗ୍ରୀ କ୍ରୟରେ ଅତିରିକ୍ତ ରିହାତି ସୁବିଧା ମିଳିବ। ୫୦୦ ଟଙ୍କାର ଅନ୍ୟୁନ ଟ୍ରାଞ୍ଜାକଶନ ଉପରେ ୭% ଅତିରିକ୍ତ ରିହାତି ଏବଂ ୫,୦୦୦ ଟଙ୍କାର ଟ୍ରାଞ୍ଜାକଶନ ଉପରେ ୧୦% ଅତିରିକ୍ତ ରିହାତି ଉପଲବ୍ଧ ହେବ। ଏହି ସମୟରେ ପେଟିଏମରୁ ବିଗ୍ ବଜାର ଗିଫ୍ଟ ଭାଉଚର କ୍ରୟରେ ୫୦% କ୍ୟାଶବ୍ୟାକ ମିଳିବ। ଏହି ଭାଉଚରଗୁଡ଼ିକୁ ବିଗ୍ ବଜାରରେ ସାମଗ୍ରୀ କ୍ରୟରେ ପ୍ରଡକ୍ଟ ଡିସ୍‌କାଉଣ୍ଟ ସହ ୨୦% ଅତିରିକ୍ତ କ୍ୟାଶବ୍ୟାକ ମଧ୍ୟ ମିଳିବ। ଚଳିତ ବର୍ଷ ଏହି ଅଫରକୁ ଅଧିକ ବଡ କରିବା ଲାଗି ପଦକ୍ଷେପ ନିଆଯାଇଥିବା ବିଗ୍ ବଜାରର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

# ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା



ଭୁବନେଶ୍ୱର,୨୨-୧

ସୁରକ୍ଷିତ ଗାଡି ଚାଳନା ସଂସ୍କୃତି ସୃଷ୍ଟି କରିବା ଲକ୍ଷ୍ୟରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଭୁବନେଶ୍ୱରଠାରେ ଛାତ୍ରଛାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭୁବନେଶ୍ୱରର ଶ୍ରୀଅରବିନ୍ଦ ସ୍କୁଲ ଏବଂ ଜୟଦେବ ଶିକ୍ଷା କେନ୍ଦ୍ରଠାରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଡ଼କ ସୁରକ୍ଷାକୁ ପ୍ରାଥମିକତା ଭାବେ ଗ୍ରହଣ କରି ଚଳିତ ବର୍ଷ ଜାନୁୟାରୀ ପହିଲାରୁ ଜାତୀୟ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା କମ୍ପାନୀ ସୂଚନା ଦେଇଛି। ଭୁବନେଶ୍ୱରରେ ୨୮୦୦ ଛାତ୍ରୀଛାତ୍ର ସଡ଼କ ସୁରକ୍ଷା ନେଇ ପ୍ରତିଶ୍ରୁତି ଗ୍ରହଣ କରିଛନ୍ତି। ଏହି ଅଭିଯାନ ଦ୍ୱାରା କମ୍ପାନୀ ପ୍ରତି ମାସରେ ୧୦ ସ୍କୁଲ ଏବଂ ୧୫ ହଜାର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବାକୁ ଯୋଜନା ରଖିଥିବା କହିଛି। ହୋଣ୍ଡା ପାଇଁ ସୁରକ୍ଷା ହେଉଛି ସବୁଠାରୁ ବଡ ପ୍ରାଥମିକତା ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ସୋମାନିର ନୂଆ ଶୋ’ରୁମ



ଭୁବନେଶ୍ୱର,୨୨-୧

ସୋମାନି ସେରାମିକ୍ସର ନୂଆ ଶୋ’ରୁମ ‘ସୋମାନି ଗ୍ରାଣ୍ଡେ’ ଭୁବନେଶ୍ୱରର ପାହାଳଠାରେ ଖୋଲିଛି। ସୋମାନିର ଉପସଭାପତି ସୁଜିତ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଟାଇଲ୍‌ସର ଲୋକପ୍ରିୟତା ବୃଦ୍ଧି ତଥା ନୂତନ ଗ୍ରାହକ ସୃଷ୍ଟି ଉପରେ ମହାନ୍ତି ଗୁରୁତ୍ୱାରୋପ କରିଥିଲେ। ଏହି ନୂଆ ଷ୍ଟୋର ଦ୍ୱାରା କମ୍ପାନୀର ଶୋ’ରୁମ ସଂଖ୍ୟା ୧୯ରେ ପହଞ୍ଚିଥିବା ବେଳେ ଏହା ଗ୍ରାଣ୍ଡେ ବର୍ଗରେ ଦ୍ୱିତୀୟ ଶୋ’ରୁମ। ଉତ୍ପାଦର ଗୁଣବତ୍ତା ତଥା ସ୍ଥାୟିତ୍ୱ ଲାଗି ଏହା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିବା କମ୍ପାନୀ ପ୍ରକାଶ କରିଛି। ଏଠାରେ ସେରାମିକ ୱାଲ ଏବଂ ଫ୍ଲୋର, ପଲିସ ଟାଇଲ, ଗ୍ଲେଜ ଟାଇଲ, ସାନିଟାରୀୱେର ଏବଂ ବାଥ୍ ଫିଟିଙ୍ଗ୍‌ସ ଉପଲବ୍ଧ ରହିଛି। କାର୍ଯ୍ୟକ୍ରମ ଅବସରରେ ସ୍ୱାତୀ ମାର୍ବଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଯୁଗ୍ମ ନିର୍ଦ୍ଦେଶକ ନରପତ ଚାନ୍ଦ, ମନସୁଖଲାଲ ସେଠିଆ, ବିକାଶ ବେତାଲା, ଓଡ଼ିଶା ଶାଖା ମୁଖ୍ୟ ଶାନ୍ତାବରଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କର୍ପୋରେଟ କଲ୍ଚର ଅଣାଯିବ

ନୂଆଦିଲ୍ଲୀ,୨୨-୧

କେନ୍ଦ୍ର ସରକାର ଖୁବଶୀଘ୍ର ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କର୍ପୋରେଟ କଲ୍ଚର ଆଣିବାକୁ ଯାଉଛନ୍ତି। ଫଳରେ କର୍ପୋରେଟ ଗଭର୍ନାନ୍ସ ବା କର୍ପୋରେଟ ପ୍ରଶାସନିକ ବ୍ୟବସ୍ଥା ଆପଣାଇବାକୁ ସରକାର ପଦକ୍ଷେପ ନେବେ। ଏହା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପ୍ରଶାସନିକ ସଂସ୍କାରର ଏକ ଅଙ୍ଗ ହେବ। ଏହିସବୁ ବ୍ୟାଙ୍କ ବୋର୍ଡଗୁଡିକର ବୋର୍ଡକୁ ଡାଇଭର୍ସିଫାଇ କରାଯିବ। ବୋର୍ଡ ସ୍ତରୀୟ କମିଟିଗୁଡିକ ଆହୁରି ଶକ୍ତିଶାଳୀ ହେବ। ଏଥିସହିତ କର୍ମଚାରୀଙ୍କ ଲାଗି ଦୃଢ଼ ପ୍ରଦର୍ଶନଭିତ୍ତିକ ପରିଚାଳନା ବ୍ୟବସ୍ଥା ଲାଗୁ ହେବ। ଅର୍ଥ ମନ୍ତ୍ରଣାଳୟର ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଲାଗି ସମାନ କର୍ପୋରେଟ ଗଭର୍ନାନ୍ସ ବ୍ୟବସ୍ଥା ଲାଗୁ କରିବାକୁ ଚାହୁଁଛନ୍ତି। ଏହା କମ୍ପାନୀ ଆଇନ ମୁତାବକ ହେବ। ବ୍ୟାଙ୍କ ବୋର୍ଡ ବ୍ୟୁରୋ ପକ୍ଷରୁ ଏ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ଆସିଛି। ଏ ସଂକ୍ରାନ୍ତରେ ରିଜର୍ଭ ବ୍ୟାଙ୍କ ସହ ଆଲୋଚନା ଚାଲିଛି। ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ବିପଦ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ କହିସାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।



“ଅଷ୍ଟ୍ରେଲିଆ ଓପନ୍‌ରେ ପଦାର୍ପଣରେ ପୁଣି ବିନା ଅଭ୍ୟାସରେ ସେମିଫାଇନାଲରେ ପ୍ରବେଶ କରିବା ମୋ ପାଇଁ ବଡ଼ ଆନନ୍ଦର ବିଷୟ ।

–ଡାନିଲି କଲିନ୍ସ, ଆମେରିକୀୟ ଟେନିସ୍ ଖେଳାଳି

“ଭାରତ ବିପକ୍ଷ ସିରିଜରେ ଏହି ଦଳର ରନ ମେସିନ୍ ତଥା ଅଧିନାୟକ ବିରାଟ କୋହଲିଙ୍କୁ ରୋକିବା ଆମର ମୂଳ ଲକ୍ଷ୍ୟ ରହିବ ।

–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### ୨୩ବର୍ଷରୁ କମ୍ ମହିଳା ଟି୨୦ ଓଡ଼ିଶାର ୨ୟ ପରାଜୟ

**କଟକ ଅଫିସ,୨୨।୧:** ରାଜକୋଟର ଏସ୍‌ସିଏ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଲିଗ୍‌ରେ ଓଡ଼ିଶା ୯ ଉଇକେଟରେ ରେଲୱେଠାରୁ ପରାସ୍ତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଦ୍ୱିତୀୟ ପରାଜୟ ଥିଲା। ୬ଟି ମ୍ୟାଚ୍‌ରୁ ୪ଟି ବିଜୟ ଓ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ଇ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। ରେଲୱେ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ସୋମବାର ଖେଳାଯାଇଥିବା ଜମ୍ମୁ କଶ୍ମୀର ବିପକ୍ଷ ମ୍ୟାଚ୍‌ରେ ୧୬୦ ରନର ଓପନିଂ ଭାଗିଦାରୀ ସୃଷ୍ଟି କରିଥିବା କାଜଲ ଜେନା ଓ ଅଞ୍ଜଳୀ ଏହି ମ୍ୟାଚ୍‌ରେ ମଧ ପ୍ରାରମ୍ଭରୁ ଭଲ ବ୍ୟାଟିଂ କରିଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୩୫ ରନ ସଂଗ୍ରହ ହୋଇଥିଲେ। ମାତ୍ର ୫ ରନ କରି ଖେଳୁଥିବାବେଳେ ଅଞ୍ଜଳି ପ୍ୟାଭିଲିୟନ ଫେରିଥିଲେ। ଗୋଟିଏ ପାର୍ଶ୍ୱରୁ କାଜଲ ସତର୍କତାର ସହ ବ୍ୟାଟିଂ ଜାରି ରଖିଥିଲେ। ଅଞ୍ଜଳିଙ୍କ ଉଇକେଟ ପତନ ପରେ ଓଡ଼ିଶାର ଅନ୍ୟ କେହି ଖେଳାଳି ଆଶାନୁରୂପ ବ୍ୟାଟିଂ ପ୍ରଦର୍ଶନ କରି ପାରି ନଥିଲେ। ଉଇକେଟକିପର ସୁମିତ୍ରା ସାହୁ ୯, ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ ରନରେ ଆଉଟ ହୋଇଥିଲେ। ୮ଟି ଚୌକା ଓ ଗୋଟିଏ ଛକା ବଳରେ ୬୨ବଲରୁ ୬୬ରନ କରି କାଜଲ ୪ର୍ଥ ଉଇକେଟ ଭାବେ ଆଉଟ୍ ହୋଇଥିଲେ। ଓଡ଼ିଶା ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ୧୦୨ ରନ କରିଥିଲା। ଇନ୍ଦ୍ରାଣୀ ଛତ୍ରିଆ ୭ ଓ ରାଣୀ ଟୁଡୁ ୧ ରନ କରି ଅପରାଜିତ ଥିଲେ। ରେଲୱେ ପକ୍ଷରୁ ଅର୍ଚ୍ଚନା ଦତ୍ତ ଓ ଭାରତୀ ବାୱାଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଜବାବରେ ରେଲ୍‌ୱେ ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓପନର ଏସ ମେଘନା ୪ ରନରେ ଇନ୍ଦ୍ରାଣୀଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହେବା ପରେ ଭି ସ୍ନେହା ଦୀପ୍ତୀ (୫୯ ରନ) ଓ ଅଧିନାୟିକା ନୁଜହତ ପରୱିନ(୩୮ ରନ) ଅପରାଜିତ ରହି ଦଳକୁ ଜିତାଇଥିଲେ।

### ଅଷ୍ଟ୍ରିଆରେ ଅଛି ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତି

**ନୂଆଦିଲ୍ଲୀ, ୨୨।୧:** ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ହକି ଖେଳାଳି ଭାବେ ମେଜର ଧ୍ୟାନ ଚାନ୍ଦ ଜଣାଶୁଣା। ଏହି କିମ୍ବଦନ୍ତୀ ଭାରତୀୟ ଖେଳାଳିଙ୍କୁ କେବଳ ଭାରତରେ ନୁହେଁ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ହକି ଗୁରୁ ଭାବେ ଗ୍ରହଣ କରାଯାଏ। ଏପରି କି ଅଷ୍ଟ୍ରିଆରେ ତାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ଏହି ମୂର୍ତ୍ତିର ବିଶେଷତ୍ୱ ହେଉଛି, ଏହାର ୪ଟି ହାତ ରହିଛି। ପ୍ରତ୍ୟେକ ହାତରେ ହକି ଷ୍ଟିକ୍ ଅଛି। ଏହା ହକି ଫିଲ୍ଡରେ ବଲ ଉପରେ ଧ୍ୟାନଚାନ୍ଦଙ୍କ ନିୟନ୍ତ୍ରଣକୁ ଦର୍ଶାଉଛି। ତାଙ୍କ ପ୍ରତିନିଧିତ୍ୱରେ ଭାରତ କ୍ରମାଗତ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ଜିତିଥିଲା। ବର୍ଲିନ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ ପରେ ତାଙ୍କୁ ଜର୍ମାନୀ ନାଗରିକତା ଓ ସୈନ୍ୟବାହିନୀ ପଦବୀ ଗ୍ରହଣ କରିବା ଲାଗି ଜର୍ମାନୀ ତାନାଶାହ ଆଡଲଫ ହିଟଲର ପ୍ରସ୍ତାବ ଦେଇଥିଲେ। ମାତ୍ର ସେ ଏହାକୁ ଅସ୍ୱୀକାର କରି ଦେଇଥିଲେ। ଏହାବାଦ୍ ତାଙ୍କ ଜନ୍ମଦିନ ଅଗଷ୍ଟ ୨୯ ତାରିଖରେ ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ।




# ସେମିରେ ନାଡାଲ, କ୍ୱିଟୋଭା

ମେଲବୋର୍ନ,୨୨।୧(ଏଏଫପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ମଙ୍ଗଳବାର ନବମ ଦିବସରେ ପହଞ୍ଚିଛି। ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଦୁଇ ସିଡେଡ ଖେଳାଳି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ ନଡ଼ାଲ ଓ ଅଷ୍ଟମ ସିଡ ମାନ୍ୟତା ପାଇଥିବା ଚେକ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ସେମିଫାଇନାଲ ଟିକେଟ ହାସଲ କରିଛନ୍ତି।

**ଅଷ୍ଟ୍ରେଲିଆ ଓପନ୍ ଟେନିସ୍**

ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନାଡ଼ାଲ ୬–୩, ୬–୪, ୬–୨ ସେଟରେ ଆମେରିକାର ଫ୍ରାନ୍‌ସେନ ଟିଆଫୋଙ୍କୁ ସହଜରେ ହରାଇ ସେମିଫାଇନାଲ ଟିକେଟ ହାସଲ କରିଛନ୍ତି। ଏହି ବିଜୟ ସହ ନାଡ଼ାଲ ତାଙ୍କ ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲର ନିକଟତର ହୋଇଛନ୍ତି। ସେମିଫାଇନାଲରେ ନାଡ଼ାଲ ଏବେ ୨୦ ବର୍ଷୀୟ ଗ୍ରୀକ୍ ସେନ୍‌ସେଶନ ଷ୍ଟିଫାନୋସ୍ ସିଟସିପାସ୍‌ଙ୍କୁ ଭେଟିବେ। ସିଟ୍‌ସିପାସ୍ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୨୨ତମ ସିଡ ସ୍ପେନର ରୋବେର୍ଟୋ ବଟିସ୍ତା ଅଗୁଟଙ୍କୁ ୭–୫, ୪–୬, ୬–୪, ୭–୬ ସେଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସର୍ବକନିଷ୍ଠ ଖେଳାଳିଭାବେ ସେ ଅଷ୍ଟ୍ରେଲିଆନ୍ ଓପନ ସେମିରେ ପ୍ରବେଶ କରିଛନ୍ତି।



ବିଜୟ ହାସଲ ପରେ ରାଫାଲ ନାଡାଲ।

### ଭାରତର ଅଭିଯାନ ଶେଷ

ଭେଟେରାନ ଡବଲ୍ସ ଭାରତୀୟ ଖେଳାଳି ଲିଆଣ୍ଡର ପେସ ଓ ତାଙ୍କ ଯୋଡ଼ିଦାର ସାମନ୍ଥା ଚୋସୁର ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ମିକ୍ସଡ୍ ଡବଲ୍ସ ବର୍ଗର ପ୍ରି–କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ଏଥିସହ ଚଳିତ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ପେସ ଓ ଷ୍ଟୋସୁର ୪–୬, ୬–୪, ୮–୧୦ ସେଟ୍‌ରେ ଆନା ଲେନା ଗ୍ରୋଏନଫିଲ୍ଡ ଓ ରବର୍ଟ ଫରାଙ୍କ ଠାରୁ ହାରି ଯାଇଛନ୍ତି। ଏଥିପୂର୍ବରୁ ୪୫ ବର୍ଷୀୟ ପେସ ପୁରୁଷ ଡବଲ୍ସ ବିଭାଗର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଜୀବନ ନେଦୁଞ୍ଚେଝିଆନ ଓ ନିକୋଲସ ମୋନ୍‌ରେ ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିପାରି ନ ଥିଲେ। ପୁରୁଷ ସିଙ୍ଗଲ୍ସ ବର୍ଗରେ ପ୍ରଜନେଶ ଗୁଣେଶ୍ୱରନ ମଧ ସମାନ ଦଶା ଭୋଗିଥିଲେ।

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ୨୮ ବର୍ଷୀୟା ଚେକ୍ ଗଣରାଜ୍ୟ ତାରକା ମହିଳା ଖେଳାଳି ପେଟ୍ରା କ୍ୱିଟୋଭା ସେମିଫାଇନାଲରେ ଅଣସିଡ ଖେଳାଳି ଆମେରିକାର ଡାନିଏଲେ କଲିନ୍ସକୁ ଭେଟିବା ସ୍ପଷ୍ଟ ହୋଇଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କ୍ୱିଟୋଭା ୬–୧,୬–୪ ସେଟରେ ୧୫ତମ ସିଡ ଅଷ୍ଟ୍ରେଲିଆର ଆଶଲେ ବାର୍ଟିଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି। ୨୦୧୬ ଡିସେମ୍ବରରେ ଭିଟୋଭାଙ୍କ ଉପରେ ଜଣେ ଦୁର୍ବୃତ୍ତ ଆକ୍ରମଣ କରିଥିଲା। ସେ ହାତରେ ଗୁରୁତର ଭାବେ ଆଘାତ ପାଇଥିଲେ। ଏହି ଘଟଣା ପରେ ସେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟ ପରେ କ୍ୱିଟୋଭା ବେଶ୍ ଭାବପ୍ରବଣ ହୋଇପଡିଥିଲେ। ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ୩୫ ନମ୍ବର ଖେଳାଳି ୨୫ ବର୍ଷୀୟ କଲିନ୍ସ ୨–୬, ୭–୫, ୬–୧ ସେଟରେ ରୁଷିଆର ଅନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ଇଣ୍ଡୋନେସିଆ ମାଷ୍ଟର୍ସ: ମୁଖ୍ୟ ଡ୍ର’ରେ ଶୁଭଙ୍କର

**ଜାକର୍ତ୍ତା, ୨୨।୧ (ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଶୁଭଶଙ୍କର ଦେ ପୁରୁଷ ସିଙ୍ଗଲ୍ସ କ୍ୱାଲିଫାଇଙ୍ଗ ରାଉଣ୍ଡରେ କ୍ରମାଗତ ବିଜୟ ସହ ଏଠାରେ ଚାଲିଥିବା ୩୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଇଣ୍ଡୋନେସିଆ ମାଷ୍ଟର୍ସ ମୁଖ୍ୟ ଡ୍ରକୁ ଉନ୍ନୀତ ହୋଇଛନ୍ତି। ଶୁଭଙ୍କର ଗତ ସିଜନରେ ଜର୍ମାନୀରେ ଅଷ୍ଟ୍ରେଲିଆର ଡାନିଏଲ ଫ୍ୟାନଙ୍କୁ ୨୧–୧୧, ୨୧–୧୫ରେ ପରାସ୍ତ କରି ସାର୍ ଲର୍‌ଲକ୍ସ ଓପନ୍ ତାଙ୍କର ପ୍ରଥମ ଟାଇଟଲ ହାସଲ କରିଥିଲେ। ପରେ ସେ ବର୍ଷରୁ ଦ୍ୱିତୀୟ ୱାର୍ଲ୍ଡ ଟୁର୍ ସୁପର ୫୦୦ ଟୁର୍ନାମେଣ୍ଟରେ ସ୍ଥାନୀୟ ଖେଳାଳି ଗାଟ୍‌ଜ୍ରା ପିଲିଆଙ୍ଗ୍ ଫିକିହିଲା କୁପୁଙ୍କୁ ୨୧–୧୮, ୨୧–୧୮ ସେଟ୍‌ରେ ହରାଇ ଦେଇଥିଲେ। ବୁଧବାର ଏଠାରେ ସେ ମୁଖ୍ୟ ଡ୍ର’ର ଓପନିଂ ରାଉଣ୍ଡରେ ୬ଷ୍ଠ ସିଡ୍ ତଥା ପୂର୍ବତନ ବିଶ୍ୱ ଚାମ୍ପିୟନ ଭିକ୍ଟର ଆକ୍ସେଲସେନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ପ୍ରଣବ ଜେରି ଚୋପ୍ରା ଏବଂ ଏନ. ସିକ୍କି ରେଡ୍ଡୀ ଚତୁର୍ଥ ସିଡ୍ ଇଣ୍ଡୋନେସିଆ ଯୋଡ଼ି ଟୋଣ୍ଟୋୱି ଅହମ୍ମଦ ଓ ଲିଲିୟାନା ନାଟ୍‌ସିର ଯୋଡ଼ିଙ୍କଠାରୁ ୧୫–୨୧, ୧୫–୨୧ରେ ହାରିଯାଇଛନ୍ତି। ମୁଖ୍ୟ ଡ୍ର’କୁ ପଦୋନ୍ନତି ପାଇଥିବା ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲ୍ଲୀ କାଶ୍ୟପ ଓପନିଂ ରାଉଣ୍ଡରେ ୭ମ ସିଡ୍ ଆଣ୍ଟୋନୀ ସିନିସୁକା ଜିଣ୍ଟିଙ୍ଗଙ୍କ ସହିତ ମୁକାବିଲା କରିବେ। ସୂଚନାଯୋଗ୍ୟ, ଗତ ସପ୍ତାହରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସରେ ଭାରତୀୟ ଖେଳାଳି ଜିଣ୍ଟିଙ୍ଗ୍‌ଙ୍କଠାରୁ ହାରିଯାଇଥିଲେ। କିଡାମ୍ବି ଶ୍ରୀକାନ୍ତ ମାଲେସିଆର ଚୋଙ୍ଗ୍ ୱି ଫେଙ୍ଗ୍‌ଙ୍କ ସହ ମୁକାବିଲା କରିବେ।

## ଲୌରସ ସ୍ପୋର୍ଟ୍ସ ଆୱାର୍ଡ
# ବେକେନବେଉର, ମାର୍କ ସ୍ପିଜ୍, ୱ୍ ଯୋଗଦେବେ

ମୋନାକୋ, ୨୨।୧ (ପି.ଟି.)

ଫେବୃୟାରୀ ୧୮ରେ ହେବାକୁଥିବା ଲୌରେସ ୱାର୍ଲ୍ଡ ସ୍ପୋର୍ଟ୍ସ ପୁରସ୍କାର ବିତରଣ ଉତ୍ସବରେ ଅନେକ କ୍ରୀଡ଼ା କିମ୍ବଦନ୍ତୀ ଉପସ୍ଥିତ ରହିବେ। ସେମାନଙ୍କ ମଧ୍ୟରେ ଜର୍ମାନୀର ବିଶ୍ୱକପ୍ ବିଜୟୀ ଅଧିନାୟକ ତଥା ମ୍ୟାନେଜର ଫ୍ରାଞ୍ଜ୍ ବେକେନବେଉର, ୯ଥର ଅଲିମ୍ପିକ ଚାମ୍ପିୟନ ସୁଇମର ମାର୍କ ସ୍ପିଜ୍ ଏବଂ କ୍ରିକେଟ କିମ୍ବଦନ୍ତୀ ଷ୍ଟିଭ ୱ’ ରହିଛନ୍ତି। ଲୌରସ ୱାର୍ଲ୍ଡ ସ୍ପୋର୍ଟ୍ସ ଏକାଡେମୀ ଚେୟାରମ୍ୟାନ ସିନ୍ ଫିଜ୍‌ପ୍ୟାଟ୍ରିକ ଏହି ସୂଚନା ଦେଇଛନ୍ତି। ଏକାଡେମୀର ସଦସ୍ୟ ଏବଂ ଏକମାତ୍ର କ୍ରିକେଟର ଭାବେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ୱ’ ଉପସ୍ଥିତ ରହିବେ। ସେଦିନ ମୋନାକୋଠାରେ ଯେଉଁ ଲୌରସ ଏକାଡେମୀ ସଦସ୍ୟମାନେ ଉପସ୍ଥିତ ରହିବେ ସେମାନେ ହେଲେ– **ଫୁଟ୍‌ବଲ:** ଫ୍ରାଞ୍ଜ୍ ବେକେନବେଉର, କାଫୁ, ମାର୍ସେଲ ଡିସେଲି, ଲୁଇସ୍ ଫିଗୋ, କାର୍ଲେସ ପୁୟଲ, ଆଲେସାଣ୍ଡ୍ରୋ ଡେଲ୍ ପିରୋ। **ଆଥଲେଟିକ୍ସ:** ସର୍ଗେ ବୁବ୍‌କା, କ୍ୟାଥି ଫ୍ରିମ୍ୟାନ, ଟେଗ୍‌ଲା ଲୋରୋପ୍ ଏଡୱିନ ମୋସେସ୍, ନାୱାଲ ଏଲ୍ ମୋଟାୱାକେଲ, ଡାଲେ ଥମ୍ପସନ। **ରଗ୍‌ବୀ:** ସିନ୍ ଫିଜ୍‌ପ୍ୟାଟ୍ରିକା, ମୋର୍ନ ଡୁ’ପ୍ଲେସି, ହୁଗୋ ପୋର୍ଟା। **ଗଲ୍ଫ :** ଲୋରେନା ଓଚୱା। **ଟେନିସ୍:** ବୋରିସ ବେକର, ଲି’ ନା, ମୋନିକା ସେଲେସ। **ସାଇକ୍ଲିଂ:** ଫାବିଆନ କ୍ୟାନସେଲାରା, ଖ୍ରିସ୍ ହଏ। **ଜିମ୍ନାଷ୍ଟିକ୍ସ:** ନାଡିଆ କୋମାନେସି, ଆଲେକ୍ସି ନେମୋଭ, ଲି’ ଜିଆଓପେଙ୍ଗ୍। **ବକ୍ସିଂ:** ମାର୍ଭେଲସ ମାର୍ଭିନ ହାଗଲର। **ସ୍କେଟବୋର୍ଡିଂ:** ଟୋନି ହକ୍। **ମୋଟର ସ୍ପୋର୍ଟ୍ସ:** ଜିଆକୋମୋ ଅଗୋଷ୍ଟିନି, ମିକ୍ ଡୁହାନ, ଇମର୍ଜନ ଫିଟିପାଲ୍‌ଡି।
**ରୋଇଂ:** ଷ୍ଟିଭ୍ ରେଡଗ୍ରେଭ୍। **ଆମେରିକାନ ଫୁଟ୍‌ବଲ:** ମାର୍କସ ଆଲେନ୍। **ଟେବୁଲ ଟେନିସ:** ଡେଙ୍ଗ୍ ୟାପିଙ୍ଗ। **ସୁଇମିଂ:** ଡନ୍ ଫ୍ରେଜର, ମାର୍କ ସ୍ପିଜ୍। **ପାରା ଅଲିମ୍ପିକ୍ ସ୍ପୋର୍ଟ:** ଟାନି ଗ୍ରେ ଥମ୍ପସନ। **ୱିଣ୍ଟର ସ୍ପୋର୍ଟ:** ମାରିଆ ହୋଫଲ–ରିଚ୍, ଫ୍ରାଞ୍ଜ କ୍ଲାମେର, କାଟାରିନା ୱିଟ୍, ୟାଙ୍ଗ୍ ୟାଙ୍ଗ୍। **କ୍ରିକେଟ:** ଷ୍ଟିଭ୍ ୱ’।

## ଫ୍ରେଞ୍ଚ ଓପନରେ ଖେଳିବେ ଫେଡରର

**ମେଲବୋର୍ନ,୨୨।୧:** କିମ୍ବଦନ୍ତୀ ଖେଳାଳି ରୋଜର ଫେଡରର ଫ୍ରେଞ୍ଚ ଓପନରେ ଖେଳିବେ। ଏ ନେଇ ସୁଇଜରଲାଣ୍ଡ ଖେଳାଳି ଚଳିତ ଅଷ୍ଟ୍ରେଲିଆନ ଓପନର ୪ର୍ଥ ରାଉଣ୍ଡରେ ପରାଜୟ ପରେ ଘୋଷଣା କରିଛନ୍ତି। ୨୦୧୫ ସଂସ୍କରଣ ପରେ ସେ ପ୍ରଥମ ଥର ଲାଗି ଏହି ଟୁର୍ନାମେଣ୍ଟରେ ଖେଳିବାକୁ ଯାଉଛନ୍ତି। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ୨୦୧୬ ସଂସ୍କରଣରେ ଆହତ ସମସ୍ୟା ଯୋଗୁ ଖେଳି ନ ଥିଲେ।

## ଭେଙ୍କଟେଶ୍ୱର, ସେଣ୍ଟ ଜାଭିୟର ବିଜୟୀ



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାନ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୨୨।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଦି ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୧୭ତମ ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭେଙ୍କଟେଶ୍ୱର ସ୍କୁଲ (ୟୁନିଟ୍–୪) ଓ ସେଣ୍ଟ ଜାଭିଅର (ଖଣ୍ଡଗିରି)ବିଜୟୀ ହୋଇଛନ୍ତି।

ଦିବସର ପ୍ରଥମ ମ୍ୟାଚ୍‌ରେ ଭେଙ୍କଟେଶ୍ୱର ୪ ଉଇକେଟ୍‌ରେ ୟଙ୍ଗ୍ ଫୋଏନିକ୍ସ ସ୍କୁଲକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ୟଙ୍ଗ୍ ଫୋଏନିକ୍ସ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଭେଙ୍କଟେଶ୍ୱର ପକ୍ଷରୁ ଶୁଭମ ଗୁପ୍ତା ୩ଟି ଉଇକେଟ୍ ନେଇଥିଲେ। ଜବାବରେ ୧୩୩ ରନର ଟାର୍ଗେଟ୍‌କୁ ପିଛା କରି ଭେଙ୍କଟେଶ୍ୱର ପ୍ରଦୀପ ଶ’ଙ୍କ ୮୭ ରନ ବଳରେ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚ୍ ବିଜୟୀ ଇନିଂସ ଲାଗି ପ୍ରଦୀପ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିଭଳି ୨ୟ ମ୍ୟାଚ୍ ଲୋୟଲା ଓଡ଼ିଆ ହାଇସ୍କୁଲ ଓ ସେଣ୍ଟ ଜାଭିଅର ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇ ସେଣ୍ଟ ଜାଭିଅର ସୂର୍ଯ୍ୟାନ ପଟ୍ଟନାୟକ (୫୩ ରନ)ଙ୍କ ଅର୍ଦ୍ଧଶତକ ବଳରେ ୧୯୫ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଲୋୟଲା ସ୍କୁଲ ମାତ୍ର ୭୮ ରନରେ ଅଲ୍‌ଆଉଟ୍ ହୋଇ ୧୧୭ ରନରେ ପରାସ୍ତ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ୧୫ ରନରେ ୬ ଉଇକେଟ୍ ଅକ୍ତିଆର କରିଥିବା ଅଂଶୁମାନ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିନୋଦ ଦାସ ଓ ସୁରଜିତ୍ କୁମାର ଅମ୍ପାୟର ଓ ବିକାଶ ମାନସିଂହ ସ୍କୋରିଂରେ ସହାୟତା କରିଥିଲେ।

## ଜଗବନ୍ଧୁ ସ୍ମାରକୀ କ୍ରିକେଟ: ସେମିରେ ଫ୍ରେଣ୍ଡସ କ୍ଲବ୍

**ପୁରୁଣା ଭୁବନେଶ୍ୱର, ୨୨।୧ (ଡି.ଏନ୍.ଏ):** ସ୍ଥାନୀୟ ବାଙ୍କୁଆଳ ଖେଳପଡିଆରେ ଚାଲିଥିବା ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ କଟକର ଫ୍ରେଣ୍ଡସ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫ୍ରେଣ୍ଡସ ପ୍ରତିପକ୍ଷ ମଞ୍ଚେଶ୍ୱର କ୍ରିକେଟ କ୍ଲବକୁ ହରାଇ ଏହି ସଫଳତା ହାସଲ କରିଛି। ଟସ୍ ଜିତି ମଞ୍ଚେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ଫ୍ରେଣ୍ଡସ ମାତ୍ର ୨ ଉଇକେଟ ହରାଇ ୧୮୨ ରନ କରି ବିଜୟୀ ହୋଇଥିଲା। ବିଜୟୀ ଦଳର କିରଣ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଅତିଥି ରୂପେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜିତେନ୍ଦ୍ର ସ୍ୱାଇଁ ଓ ଆଲୋକ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ।



“ ଏଏଫ୍‌ସି ଏସିଆନ କପ୍‌ରେ କ୍ୱାଲିଟି ଦଳ ବିପକ୍ଷରେ ଖେଳିବା ଦ୍ୱାରା ଭାରତୀୟ ଫୁଟବଲ ଦଳର ନିଷ୍ପତ୍ତି ନେବା ଦକ୍ଷତା ବୃଦ୍ଧି ପାଇଛି ।

–ଆଶିକ୍ କୁରୁନିୟାନ, ଯୁବ ଷ୍ଟ୍ରାଇକର



“ ଅଷ୍ଟ୍ରେଲିଆନ ଓପନ ଟେନିସ୍ ସେମିଫାଇନାଲରେ ପ୍ରବେଶ କରିବା ମୋତେ ପରୀ କାହାଣୀ ଭଳି ମନେ ହେଉଛି ।

–ଷ୍ଟିଫାନୋସ୍ ସିତ୍‌ସିପାସ୍, ଗ୍ରୀକ୍ ଟେନିସ୍ ଖେଳାଳି



## ସଂକ୍ଷେପରେ

### ଚୟନକର୍ତ୍ତାଙ୍କୁ ମିଳିବ ୨୦ ଲକ୍ଷ

**ମୁମ୍ବାଇ,୨୨।୧(ପି.ଟି.):** ନିକଟରେ ଭାରତୀୟ ଦଳ ଅଷ୍ଟ୍ରେଲିଆରେ ପ୍ରଥମ ଥର ଟେଷ୍ଟ ଓ ଦିନିକିଆ ସିରିଜ୍ ଜିତି ରେକର୍ଡ କରିଛି। ଏଥିନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଚୟନ କମିଟି ସଦସ୍ୟଙ୍କୁ ପୁରସ୍କୃତ କରିବା ଲାଗି ନିଷ୍ପତ୍ତି ନେଇଛି। ଚୟନ କମିଟିର ୫ସଦସ୍ୟଙ୍କ ଲାଗି ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି। ଏମ୍.ଏସ୍. କେ. ପ୍ରସାଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟ କରୁଥିବା ଚୟନ କମିଟିରେ ସଦସ୍ୟ ଭାବେ ଦେବାଙ୍ଗ ଜୋଶୀ, ଜତିନ ପରାଞ୍ଜପେ, ଗଗନ ଖୋଡା ଓ ସରନଦୀବ ସିଂ ରହିଛନ୍ତି। ପ୍ରଶାସକ କମିଟି (ସିଓଏ) ଅଧ୍ୟକ୍ଷ ବିନୋଦ ରାୟ ଅଷ୍ଟ୍ରେଲିଆ ଗସ୍ତ ଲାଗି ଠିକ ଖେଳାଳି ଚୟନ କରିଥିବାରୁ ଚୟନକର୍ତ୍ତାଙ୍କୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଭାରତୀୟ ଦଳ ଯେଉଁଭଳି ଅଷ୍ଟ୍ରେଲିଆରେ ପ୍ରଦର୍ଶନ କରିଛି, ସେଥିନେଇ ଆମେ ଗର୍ବିତ। ଆମେ ପୂର୍ବରୁ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଲାଗି ପୁରସ୍କାର ରାଶି ଘୋଷଣା କରିଥିଲୁ। ଏବେ ଚୟନ କର୍ତ୍ତାଙ୍କୁ ପୁରସ୍କୃତ କରୁଛୁ। ୫ ଜଣିଆ କମିଟି ବାଲାନ୍ସି ଭାରତୀୟ ଦଳ ଚୟନ କରି ମ୍ୟାନେଜମେଣ୍ଟକୁ ଯଥେଷ୍ଟ ବିକଳ୍ପ ପ୍ରଦାନ କରିଥିଲା। ଦଳରେ ସ୍ଥାନ ପାଇଥିବା ପ୍ରତ୍ୟେକ ଖେଳାଳି ନିଜ ଦକ୍ଷତା ଅନୁଯାୟୀ ପ୍ରଦର୍ଶନ କରିଥିଲେ। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଐତିହାସିକ ବିଜୟ ଲାଭ କରିଥିବା ଭାରତୀୟ ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ମ୍ୟାଚ୍ ପିଛା ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିଲା। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆରେ ଭାରତୀୟ ଦଳ ଟେଷ୍ଟ ଓ ଦିନିକିଆ ସିରିଜ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି।

### ଜ୍ୟାକବଙ୍କ ସହାୟତା ଲାଗି ବ୍ଲାଙ୍କ ଚେକ୍

**ଭଦୋଦରା, ୨୨।୧:** ମୃତ୍ୟୁ ସହ ସଂଘର୍ଷ କରୁଥିବା ପୂର୍ବତନ କ୍ରିକେଟର ଜ୍ୟାକବ ମାର୍ଟିନଙ୍କୁ ଆର୍ଥିକ ସହାୟତା କରିବା ଲାଗି ବହୁ ବର୍ତ୍ତମାନ ଓ ପୂର୍ବତନ ଭାରତୀୟ କ୍ରିକେଟର ହାତ ବଢ଼ାଇଛନ୍ତି। ଏମାନଙ୍କ ମଧ୍ୟରେ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ରହିଛନ୍ତି। ସେ ଜ୍ୟାକବଙ୍କ ଚିକିତ୍ସା ଲାଗି ଏକ ବ୍ଲାଙ୍କ (ଖାଲି) ଚେକ୍ ଦେଇଛନ୍ତି। ସେହିଭଳି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଭଦୋଦରା ବ୍ୟାଟ୍ସମ୍ୟାନଙ୍କ ଆକାଉଣ୍ଟରେ ଅର୍ଥ ଟ୍ରାନ୍ସଫର କରିଛନ୍ତି। ଏହା ବ୍ୟତୀତ ତାଙ୍କ ପରିବାରକୁ ଜାହିର ଖାଁ, ୟୁସୁଫ ଓ ଇର୍ଫାନ ପଠାନ ଓ ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ ସହାୟତା ରାଶି ଦେଇଛନ୍ତି। ଏ ନେଇ ଭଦୋଦରା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତା ସଞ୍ଜୟ ପଟେଲ ସୂଚନା ଦେଇଛନ୍ତି। ୪୬ ବର୍ଷୀୟ ମାର୍ଟିନଙ୍କ ଚିକିତ୍ସା ଲାଗି ବିସିସିଆଇ ପକ୍ଷରୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଜ୍ୟାକବ ଗାଙ୍ଗୁଲିଙ୍କ ନେତୃତ୍ୱ ଭାରତୀୟ ଦଳ ପାଇଁ ପଦାର୍ପଣ କରିଥିଲେ। ସେ ୧୦ ଦିନିକିଆ ମ୍ୟାଚ୍ ୨୨.୬ ହାରରେ ୧୫୮ ରନ୍ କରିଥିଲେ।

### ଧୋନୀଙ୍କୁ ମାଇକ ହେସନଙ୍କ ଚ୍ୟାଲେଞ୍ଜ

**ନାପିଅର,୨୨।୧:** ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ କ୍ରମାଗତ ହ୍ୟାଟ୍ରିକ ଅର୍ଦ୍ଧଶତକ ଅର୍ଜନ କରି ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ସେ ଏବେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସହ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି। ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ପୂର୍ବରୁ ଧୋନୀଙ୍କୁ ନ୍ୟୁଜିଲାଣ୍ଡ ଦଳର ପୂର୍ବତନ କୋଚ୍ ମାଇକ ହେସନ ଚ୍ୟାଲେଞ୍ଜ କରିଛନ୍ତି। ଗତ ସିରିଜ୍‌ରେ ଧୋନୀଙ୍କ ବ୍ୟାଟରୁ ବାହାରିଥିବା ରନ୍ ତାଙ୍କ ଅଭିଜ୍ଞତାକୁ ଦର୍ଶାଉଛି। ଧୋନୀ ଫର୍ମରେ ଥିବା ସୂଚନା ବିଶ୍ୱର ଅନ୍ୟ କ୍ରିକେଟରଙ୍କ ଲାଗି ବିପଦଜନକ। ଧୋନୀ ବହୁବାର ସଫଳତାର ସହ ରନ୍‌ର ପିଛା କରିଛନ୍ତି। ଏହା ଏବେ ବି ଅନ୍ତର୍ଜାତୀୟ କ୍ରିକେଟରେ କଷ୍ଟକର। ମାତ୍ର ରନ୍‌ର ପିଛା କେଉଁ ଭଳି କରାଯାଏ, ତାହା ଧୋନୀଙ୍କୁ ଭଲ ଜଣା। କିନ୍ତୁ ଭାରତୀୟ ଦଳର ପ୍ରଥମ ବ୍ୟାଟିଂ ବେଳେ ନିଜ ପ୍ରଦର୍ଶନକୁ ଦୋହରାଇ ପାରିବେ କି ବୋଲି ହସନ ବିଶ୍ୱକପ୍ ଚାମ୍ପିୟନ ଅଧିନାୟକ ଧୋନୀଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି। ଉଲ୍ଲେଖଥାଉ କି, ଗତ ୨୦୧୪-୧୫ ଗସ୍ତରେ ନ୍ୟୁଜିଲାଣ୍ଡଠାରୁ ଭାରତ ୪-୦ରେ ପରାସ୍ତ ହୋଇଥିଲା। ମାତ୍ର ଧୋନୀ ଲଗାତାର ୩ଟି ହାଫ ସେଞ୍ଚୁରି ମାରିଥିଲେ। ଉଲ୍ଲେଖଥାଉ କି, ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ନାପିଅରଠାରେ ବୁଧବାର ଖେଳାଯିବ।

# ଆଇସିସି ଟେଷ୍ଟ, ଦିନିକିଆ ଅଧିନାୟକ କୋହଲି

**ଦୁବାଇ,୨୨।୧(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ୨୦୧୮ ବର୍ଷର ଶ୍ରେଷ୍ଠ ଦିନିକିଆ ଓ ଟେଷ୍ଟ ଦଳ ଘୋଷଣା କରାଯାଇଛି। ଭାରତୀୟ ବ୍ୟାଟିଂ ବିଭାଗର ମେରୁଦଣ୍ଡ ବିରାଟ କୋହଲିଙ୍କୁ ଉଭୟ ଦଳର ଅଧିନାୟକ ଭାବେ ଚୟନ କରାଯାଇଛି। କୋହଲି ଗତ ବର୍ଷ ୧୩ ଟେଷ୍ଟ ଖେଳି ୫୫.୦୮ ଆଭରେଜରେ ୧,୩୨୨ ରନ୍ କରିଛନ୍ତି। ଏଥିରେ ୫ ଶତକ ରହିଛି। ସେହିଭଳି ୧୪ ଦିନିକିଆ ମ୍ୟାଚ୍‌ରୁ ୬ ଶତକ ସହାୟତାରେ ୧,୨୦୨ ରନ୍ କରିଛନ୍ତି। ସେ ଟେଷ୍ଟ ଓ ଦିନିକିଆ ଫର୍ମାଟର ଶୀର୍ଷ ର୍‍ୟାଙ୍କଧାରୀ ବ୍ୟାଟ୍ସମ୍ୟାନ ଭାବେ ବର୍ଷ ଶେଷ କରିଛନ୍ତି। ତାଙ୍କ ନେତୃତ୍ୱାଧୀନ ଭାରତ ଟେଷ୍ଟ ଦଳଗତ ର୍‍ୟାଙ୍କିଂ ଶୀର୍ଷରେ ଥିବାବେଳେ ଦିନିକିଆ ଫର୍ମାଟରେ ଇଂଲଣ୍ଡ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଗତ ବର୍ଷ ଜାନୁୟାରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ଭାରତ ୬ ଟେଷ୍ଟ ଜିତିଥିବାବେଳେ ୭ ଟେଷ୍ଟରେ ପରାସ୍ତ ହୋଇଛି। ଦିନିକିଆରେ କୋହଲିଙ୍କ ନେତୃତ୍ୱରେ ଭାରତ ୯ ଦିନିକିଆ ମ୍ୟାଚ୍ ଜିତିଥିବାବେଳେ ୪ଟି ହାରିଛି ଓ ଗୋଟିଏ ବିନା ଫଳାଫଳରେ ଶେଷ ହୋଇଛି। ଆଇସିସି ଭୋଟିଂ ଏକାଡେମୀ ଦ୍ୱାରା ବିଭିନ୍ନ ବାର୍ଷିକ ପୁରସ୍କାର ଲାଗି ଖେଳାଳି ଓ ଦଳ ଚୟନ କରାଯାଇଛି। ଭୋଟିଂ ପ୍ରକ୍ରିୟାର ପ୍ରତ୍ୟେକ ସଦସ୍ୟଙ୍କ ତାଲିକାରେ କୋହଲି ସ୍ଥାନ ପାଇଥିଲେ। କୋହଲିଙ୍କ ବ୍ୟତୀତ ପେସର ଯଶପ୍ରୀତ ବୁମରା ଉଭୟ ଦିନିକିଆ ଓ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ଟେଷ୍ଟ ଦଳରେ କୋହଲି ଓ ବୁମରାଙ୍କ ସମେତ ଯୁବ ଉଇକେଟକିପର ରିଷଭ ପନ୍ତ ରହିଛନ୍ତି। ଦିନିକିଆ ଦଳରେ ୩ ଜଣ ଭାରତୀୟ ରହିଛନ୍ତି। ସେମାନେ ହେଲେ କୋହଲି, ଓପନର ରୋହିତ ଶର୍ମା ଓ ସ୍ପିନର କୁଲଦୀପ ଯାଦବ। ଭାରତ ଭଳି ଇଂଲଣ୍ଡ ଦଳର ମଧ୍ୟ ୪ ଜଣ ଖେଳାଳି ଯଥା ଜୋ ରୁଟ, ଜନି ବେୟାରଷ୍ଟୋ, ଜୋସ ବଟଲର ଓ ବେନ ଷ୍ଟୋକ୍ସଙ୍କୁ ସ୍ଥାନ ଦିଆଯାଇଛି।

**ଆଇସିସି ଟେଷ୍ଟ ଦଳ:** ଟମ ଲଥାମ, କେନ ୱିଲିୟମସନ ଓ ହେନ୍‌ରୀ ନିକୋଲାସ (ନ୍ୟୁଜିଲାଣ୍ଡ), ଦିମୁଥ କରୁନାରତ୍ନେ (ଶ୍ରୀଲଙ୍କା), ବିରାଟ କୋହଲି (ଅଧିନାୟକ), ରିଷଭ ପନ୍ତ (ଉଇକେଟକିପର) ଓ ଯଶପ୍ରୀତ ବୁମରା (ଭାରତ), ଜାସନ ହୋଲ୍ଡର (ୱେଷ୍ଟଇଣ୍ଡିଜ), କାଗିସୋ ରବାଡା (ଦକ୍ଷିଣ ଆଫ୍ରିକା), ନାଥନ ଲିଅନ (ଅଷ୍ଟ୍ରେଲିଆ) ଓ ମହମ୍ମଦ ଆବାସ (ପାକିସ୍ତାନ)।

**ଆଇସିସି ଦିନିକିଆ ଦଳ:** ରୋହିତ ଶର୍ମା, ବିରାଟ କୋହଲି (ଅଧିନାୟକ) କୁଳଦୀପ ଯାଦବ ଓ ଯଶପ୍ରୀତ ବୁମରା (ଭାରତ), ରସ ଟେଲର (ନ୍ୟୁଜିଲାଣ୍ଡ), ଜନି ବେୟାରଷ୍ଟୋ, ବେନ ଷ୍ଟୋକ୍ସ, ଜୋସ ବଟଲର ଓ ଜୋ ରୁଟ (ଇଂଲଣ୍ଡ), ମୁସ୍ତାଫିଜୁର ରହମାନ (ବାଂଲାଦେଶ) ଓ ରଶିଦ ଖାଁ (ଆଫଗାନିସ୍ତାନ)।



## ୨୦୧୮ରେ କୋହଲି...

- ୨୦୧୮ରେ କୋହଲି ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ୪୭ ଇନିଂସରୁ ୬୮.୩୭ ଆଭରେଜରେ ୨୭୩୫ ରନ୍ ସଂଗ୍ରହ କରିଛନ୍ତି।
- ଗତ ବର୍ଷ ସେ ମୋଟ୍ ୧୧ ଶତକ ଓ ୯ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଭାରତର ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ଟୁର୍‌ରେ କୋହଲି ସର୍ବାଧିକ ସ୍କୋରର ମଧ୍ୟ ରହିଥିଲେ।
- ୧୩ ଟେଷ୍ଟରୁ ୫୫.୦୮ ଆଭରେଜରେ ୧୩୨୨ ରନ ସଂଗ୍ରହ କରିଥିଲେ, ଯାହା ମଧ୍ୟରେ ୫ ଶତକ ରହିଛି। ସେହିଭଳି କୋହଲି ୧୪ଟି ଦିନିକିଆ ମ୍ୟାଚ୍‌ରୁ ୬ ଶତକ ସହାୟତାରେ ୧୨୦୨ ରନ କରିଛନ୍ତି। ୧୦ଟି ଟି୨୦ ମ୍ୟାଚ୍‌ରୁ ସେ ୨୧୧ ରନ କରିଥିଲେ।
- ୨୦୧୮ରେ ଦିନିକିଆ କ୍ରିକେଟରେ ସବୁଠାରୁ କମ୍ ଡଟ୍ ବଲ୍ ଖେଳିଥିବା ୫ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରାଟ ରହିଛନ୍ତି। ଏହି ବର୍ଷ ସେ ୧୪ ଦିନିକିଆରୁ ୧୨୩ଟି ଚୌକା ମାରିଛନ୍ତି, ଯାହା କୌଣସି ବ୍ୟାଟ୍ସମ୍ୟାନ ମଧ୍ୟରେ ସର୍ବାଧିକ।
- ଅକ୍ଟୋବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅପରାଜିତ ୧୫୭ ରନର ଇନିଂସ ଖେଳିବା ଅବସରରେ କୋହଲି ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଦ୍ରୁତ ଏକ ହଜାର ଦିନିକିଆ ରନ୍ ପୂରଣ କରିବାର କିର୍ତ୍ତୀମାନ କରିଥିଲେ।
- ଲଗାତର ୩ୟ ବର୍ଷ ପାଇଁ କୋହଲି ଗୋଟିଏ କ୍ୟାଲେଣ୍ଡରରେ ଏକ ହଜାର ଟେଷ୍ଟ ରନ୍ ସଂଗ୍ରହ।

## ପନ୍ତ ଆଇସିସି ଇମର୍ଜିଂ କ୍ରିକେଟର



ଭାରତର ଉଦୀୟମାନ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ନାମ ମଙ୍ଗଳବାର ଆଇସିସି ପକ୍ଷରୁ ଇମର୍ଜିଂ ପ୍ଲେୟର ଅଫ୍ ଇୟର ପୁରସ୍କାର ଲାଗି ଘୋଷଣା କରାଯାଇଛି। ୨୦୧୮ ବର୍ଷରେ ଉଇକେଟ ପଛରେ ଓ ଆଗରେ ଭଲ ପ୍ରଦର୍ଶନ ଯୋଗୁ ୨୧ ବର୍ଷୀୟ ପନ୍ତଙ୍କୁ ଏହି ସମ୍ମାନ ଲାଗି ଚୟନ କରାଯାଇଛି। ସେ ପ୍ରଥମ ଭାରତୀୟ ଉଇକେଟକିପର ଭାବେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଶତକ ଅର୍ଜନ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ଆଡିଲେଡ୍ ଟେଷ୍ଟରେ ସେ ସର୍ବାଧିକ କ୍ୟାଚ୍ ନେଇଥିବା ଉଇକେଟକିପରଙ୍କ ସହ ସମକକ୍ଷ ହୋଇଥିଲେ।



ରାଘବୀର ସିଂ ଭୋଲ।

## ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ରାଘବୀରଙ୍କ ବିୟୋଗ

**ନୂଆଦିଲ୍ଲୀ, ୨୨।୧ (ପି.ଟି.):** ଭାରତର ପ୍ରାକ୍ତନ ହକି ଖେଳାଳି ତଥା ଦୁଇଥର ଅଲିମ୍ପିକ ପଦକ ବିଜେତା ରାଘବୀର ସିଂ ଭୋଲଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ରାଘବୀର ତାଙ୍କ ପତ୍ନୀ କମଲ ଭୋଲ ଓ ୩ ଝିଅ ଏବଂ ନାତିଙ୍କ ସହ ରହୁଥିଲେ।

ଭୋଲ ୧୯୫୬ ମେଲବୋର୍ନ ଓ ୧୯୬୦ ରୋମ୍ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲା। ଏହି ଦୁଇ ଅଲିମ୍ପିକ୍ସରେ ଭାରତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲା। ହକିରେ ନିଜର ନିଷ୍ଠାପରତା ଓ ସମର୍ପଣ ଲାଗି ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ରାଘବୀର ଅନ୍ତର୍ଜାତୀୟ ହକି ମହାସଂଘ (ଆଇଏଚ୍‌ଏଫ୍) ଚୟନ କମିଟିର ସଦସ୍ୟ, ଏଫ୍‌ଆଇଏଚ୍ ଇଣ୍ଟରନ୍ୟାଶନାଲ ଅମ୍ପାୟର, ଭାରତୀୟ ହକି ଟିମ୍‌ର ମ୍ୟାନେଜର, ଟିଭି ଭାଷ୍ୟକାର ଓ ଅଲିମ୍ପିକ୍ ଗେମ୍‌ରେ ସରକାରୀ ପର୍ଯ୍ୟବେକ୍ଷକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଏଥିସହ ୧୯୫୪-୬୦ ପର୍ଯ୍ୟନ୍ତ ଇଣ୍ଡିଆନ୍ ଏୟାର୍ ଫୋର୍ସ ଓ ସର୍ଭିସେସ୍ ଟିମ୍‌ର ଅଧିନାୟକ ଭାବେ ମଧ୍ୟ ସଫଳତାର ସହ ଦାୟିତ୍ୱ ସମ୍ପର୍କ କରିଛନ୍ତି। ୨୦୦୦ ମସିହାରେ ତାଙ୍କୁ ସମ୍ମାନଜନକ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ରାଘବୀରଙ୍କ ବିୟୋଗରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ), ଏଫ୍‌ଆଇଏଚ୍ ମୁଖ୍ୟ ନରିନ୍ଦର ବାତ୍ରା ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ଭିବିଏସ୍‌ଠାରୁ ହାରିଲା ଉତ୍କଳ

**କଟକ ଅଫିସ, ୨୨।୧:** କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାଠାରୁ ଲିଗ ପର୍ଯ୍ୟାୟ ମୁକାବିଲା ଆରମ୍ଭ ହୋଇଛି। ୪ଟି ପୁଲର ଶୀର୍ଷ ୪ଟି ଦଳକୁ ନେଇ ଏହି ଫାଇନାଲ ପର୍ଯ୍ୟାୟ ହେବ। ତେବେ ଏହି ପର୍ଯ୍ୟାୟକୁ ଯୋଗ୍ୟତା ହାସଲ କରିଥିବା ଏକମାତ୍ର ଓଡ଼ିଶା ଦଳ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଥମ ମ୍ୟାଚରେ ପରାସ୍ତ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ ଉତ୍କଳ ୭୪ ରନରେ ଭିବିଏସ୍ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟଠାରୁ ହାରିଯାଇଛି। ଭିବିଏସ୍ ଦଳ ରାଜକୁମାର ଯାଦବଙ୍କ ଧୁଆଁଧାର ଅର୍ଦ୍ଧଶତକ ବଳରେ ୬ ଉଇକେଟ ହରାଇ ୨୫୭ ରନ କରିଥିଲା। ରାଜକୁମାର ୨୪ଟି ବଲରୁ ୭୫ରନ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୫ଟି ଚୌକା ଓ ୮ଟି ଛକା ସାମିଲ ଥିଲା। ଜବାବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ୧୮୩ ରନରେ ଅଲଆଉଟ ହୋଇଥିଲା। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ଏମଜି କାଶୀ ବିଦ୍ୟାପୀଠ ୮ ଉଇକେଟରେ ବିନୋବା ଭାବେ ବିଶ୍ୱବିଦ୍ୟାଳୟଠାରୁ ହାରିଛି।

# ଆଜିଠାରୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ

**ନାପିଏର, ୨୨।୧ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜ ଜିତି ଇତିହାସ ସୃଷ୍ଟି କରିବା ପରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ପାଇଁ ଏବେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଅବତୀର୍ଣ୍ଣ ହେବ। ସ୍ଥାନୀୟ ମ୍ୟାକ୍‌ଲିନ୍ ପାର୍କଠାରେ ବୁଧବାର ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ତେବେ ଏହି ସିରିଜ ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଭାରତ ଏବେ ଆଉ କିଛି ମାସ ପରେ ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଉପରେ ମନୋନିବେଶ କରିଛି। ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ଦ୍ୱିପାକ୍ଷିକ ଦିନିକିଆ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲେ ମଧ୍ୟ ଭାରତର ମିଡିଲ ଅର୍ଡର କମ୍ବିନେଶନ ନେଇ ଚିନ୍ତା ଦୂର ହୋଇପାରି ନାହିଁ।

ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ହ୍ୟାଟ୍ରିକ ଅର୍ଦ୍ଧଶତକ ଭାରତୀୟ ଶିବିରରେ ଖୁସି ଆଣିଦେଇଛି। ନ୍ୟୁଜିଲଣ୍ଡର ଅପେକ୍ଷାକୃତ ଛୋଟ ବାଉଣ୍ଡାରି ଓ ଉନ୍ନତ ପେସ୍ ବାହିନୀ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବ। ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁଶନ ଓ ଟିମ୍ ସାଉଦିଙ୍କୁ ନେଇ ଗଠିତ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲିଂ ବିଭାଗ ଭାରତୀୟ ଦୃଢ ବ୍ୟାଟିଂ ଲାଇନ୍‌ଅପ୍ ପାଇଁ ଭିନ୍ନ ପ୍ରକାରର ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ନିଜ ମାଟିରେ ନ୍ୟୁଜିଲାଣ୍ଡ ସବୁବେଳେ ଏକ ଶକ୍ତିଶାଳୀ ଦଳ ରୂପେ ପରିଗଣିତ ହୋଇ ଆସିଛି। ନ୍ୟୁଜିଲାଣ୍ଡରେ ଦିନିକିଆ ଫର୍ମାଟରେ ଭାରତର ପ୍ରଦର୍ଶନ ଆଶାନୁରୂପ ପ୍ରଦର୍ଶନ କରିପାରିନାହିଁ। ମ୍ୟାକଲିନ୍ ପାର୍କରେ ୩୦ ଡିଗ୍ରୀ ଗରମ ପରିବେଶରେ ଅବଶ୍ୟ ଏହି ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଦଳରେ କେତେକ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି ଓ ଭାରତୀୟ ଅଧିନାୟକ ବିରାଟ କୋହଲି ଏକଥା ବେଶ୍ ଭଲ ଭାବେ ଜାଣିଛନ୍ତି। ଗତ କେତେ ବର୍ଷ ହେବ ବିଶ୍ୱର ୩ ନମ୍ବର ଦିନିକିଆ ଦଳ ନ୍ୟୁଜିଲାଣ୍ଡ ପ୍ରଦର୍ଶନରେ ସ୍ଥିରତା ପରିଲକ୍ଷିତ ହୋଇଛି। ମୁମ୍ବାଇରେ ନ୍ୟୁଜିଲାଣ୍ଡ ଭାରତକୁ ହରାଇଛି ଓ ପ୍ରାୟ ସବୁ ମ୍ୟାଚରେ ଜବରଦସ୍ତ ଟକ୍କର ଦେଇଛି ବୋଲି କୋହଲି କହିଛନ୍ତି। ସେମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥାନ୍ତି ଓ ଯାହା ପ୍ରଶଂସନୀୟ ବୋଲି ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ବାସନ୍ଦରୁ ନ ଫେରିବା ପର୍ଯ୍ୟନ୍ତ ଭାରତ ପାଇଁ କେତୋଟି ସମସ୍ୟା ରହିଛି। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଫର୍ମ, ଧୋନୀଙ୍କ ବ୍ୟାଟିଂ ପୋଜିଶନ ଓ ମିଡଲ ଅର୍ଡରରେ ସନ୍ତୁଳନ ରକ୍ଷା ନେଇ ସମସ୍ୟା ରହିଛି। ଗତ ୯ଟି ମ୍ୟାଚ୍‌ରେ ଧାୱନଙ୍କ ସର୍ବାଧିକ ସ୍କୋର ୩୫ ରହିଛି, ଯାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଆଉ ୧୦ ରନ କଲେ ଧାୱନ ୧୩ତମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ୫ ହଜାର ଦିନିକିଆ ରନ ସଂଗ୍ରହ କରିବେ। ସେହିପରି ମହମ୍ମଦ ସାମି ଆଉ ଗୋଟିଏ ଉଇକେଟ ହାସଲ କଲେ ୧୦୦ତମ ଦିନିକିଆ ଉଇକେଟ ହାସଲ କରିବେ। ୪ ନମ୍ବର ପୋଜିଶନ ନେଇ ଭାରତର ଦ୍ୱନ୍ଦ୍ୱ ଜାରି ରହିଛି। ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେବା ପରେ ଅମ୍ବାତି ରାୟୁଡୁ ୪ ନମ୍ବରରେ ବ୍ୟାଟିଂ କରିବା ନେଇ ଦ୍ୱନ୍ଦ୍ୱ ଦୂର ହୋଇ ପାରିନାହିଁ। ୪ ନମ୍ବର ସ୍ଥାନରେ ଧୋନୀ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ମ୍ୟାଚର ସ୍ଥିତି ଅନୁସାରେ କୋହଲି ଧୋନୀଙ୍କୁ ବ୍ୟବହାର କରିବେ। ଏହି ମ୍ୟାଚ ହାଇ ସ୍କୋରିଂ ହେବ ବୋଲି ନ୍ୟୁଜିଲାଣ୍ଡ କୋଚ୍ ଡେଭିଡ ଷ୍ଟେଡ କହିଛନ୍ତି। ଫଳରେ ଦିନେଶ କାର୍ତ୍ତିକ ଓ କେଦାର ଯାଦବଙ୍କ କ୍ରମରେ ଉନ୍ନତି ହେବା ଆଶା କରାଯାଇଛି। ବୋଲିଂ ବିଭାଗରେ ଭୁବନେଶ୍ୱର କୁମାର ଓ ମହମ୍ମଦ ସାମିଙ୍କୁ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ୍ କିମ୍ବା ଖଲିଲ ଅହମ୍ମଦ ସହାୟତା କରିବେ। ଅପରପକ୍ଷରେ ଅଧିନାୟକ କେନ୍ ଉଇଲିୟମସନ, ଅଭିଜ୍ଞ ରସ୍ ଟେଲରଙ୍କୁ ନେଇ ନ୍ୟୁଜିଲାଣ୍ଡ ଟପ୍ ଅର୍ଡର ବେଶ୍ ଦୃଢ ମନେ ହେଉଛି। କେତେଜଣ ବିଶ୍ୱସ୍ତରୀୟ ଖେଳାଳିଙ୍କୁ ନେଇ ନ୍ୟୁଜିଲାଣ୍ଡ ଦଳ ବେଶ୍ ସନ୍ତୁଳିତ ରହିଛି।



ଅଭ୍ୟାସ ସେସନ ଅବସରରେ ଆଲୋଚନାରତ ନ୍ୟୁଜିଲାଣ୍ଡ ଖେଳାଳି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ଦୀନେଶ କାର୍ତ୍ତିକ, ବିଜୟ ଶଙ୍କର, ଶୁଭମନ ଗିଲ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ଖଲିଲ ଅହମ୍ମଦ ଓ ରବୀନ୍ଦ୍ର ଜାଡେଜା।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ଉଇଲିୟମସନ (ଅଧିନାୟକ), ରସ୍ ଟେଲର, ଟମ୍ ଲାଥମ, ମାର୍ଟିନ ଗୁପ୍ଟିଲ, ଗଲିନ୍ ଡି ଗ୍ରାଣ୍ଡହୋମ୍, ଟେଣ୍ଟ ବୋଲ୍ଟ, ହେନରୀ ନିକୋଲ୍ସ, ଡଗ୍ ବ୍ରାସୱେଲ, ଲୁକି ଫର୍ଗୁଶନ, ମ୍ୟାଟ ହେନେରୀ, କଲିନ୍ ମୁନରୋ, ଇଶ୍ ସୋଧୀ, ମିଚେଲ ସାଣ୍ଟନର ଓ ଟିମ୍ ସାଉଦି।

**ସ୍ଥାନ: ମ୍ୟାକ୍‌ଲିନ୍ ପାର୍କ, ନାପିଏର**
**ସମୟ: ସକାଳ ୭.୩୦**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

## ଭାରତର ସୀମିତ ଓଭର ରେକର୍ଡ

ବୁଧବାରଠାରୁ ନାପିଏରଠାରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୫ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ। ସେହିପରି ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଫେବୃୟାରୀ ୬ ତାରିଖରେ ୱେଲିଂଟନରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଅଷ୍ଟମଥର ପାଇଁ ଭାରତ ନ୍ୟୁଜିଲାଣ୍ଡରେ ଏକ ଦ୍ୱିପାକ୍ଷିକ ସୀମିତ ଓଭର ସିରିଜ ଖେଳିବାକୁ ଯାଉଛି। ନ୍ୟୁଜିଲାଣ୍ଡ ମାଟିରେ ଭାରତ ଏପର୍ଯ୍ୟନ୍ତ ଦ୍ୱିପାକ୍ଷିକ ଦିନିକିଆ ସିରିଜରେ ମୋଟ ୩୦ଟି ମ୍ୟାଚ୍ ଖେଳିଛି। ଭାରତ ସେଥିମଧ୍ୟରୁ ୯ଟି ମ୍ୟାଚ୍ ଜିତିଥିବା ବେଳେ ଏହାର ଦୁଇଗୁଣ ମ୍ୟାଚ୍ ଅର୍ଥାତ୍ ୧୮ଟି ମ୍ୟାଚ୍‌ରେ ପରାଜୟ ବରଣ କରିଛି। ଗୋଟିଏ ମ୍ୟାଚ୍ ଟାଇ ରହିଥିବା ବେଳେ ଦୁଇଟି ମ୍ୟାଚ୍‌ର ଫଳାଫଳ ମିଳିପାରି ନ ଥିଲା। ଶେଷଥର ପାଇଁ ଭାରତ ୨୦୧୪ରେ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସିରିଜ ଖେଳିଥିଲା। ୭ଟି ଦ୍ୱିପାକ୍ଷିକ ସିରିଜରୁ ଭାରତ ୨୦୦୯ରେ ଗୋଟିଏରେ ବିଜୟୀ ହୋଇଥିବା ବେଳେ ୪ଟିରେ ପରାଜୟ ବରଣ କରିଥିଲା। ଦୁଇଟି ସିରିଜ ଅମୀମାଂସିତ ରହିଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୩/୨୦୧୯ Bhubaneswar, Wednesday, January 23/ 2019

ରେଢୁଆ ସିଏଚ୍‌ସିରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉପଲବ୍ଧ ପ୍ରସଙ୍ଗ

# କାର୍ଯ୍ୟରେ ଯୋଗଦେଲେ ଡାକ୍ତର, ଗଣଧାରଣା ପ୍ରତ୍ୟାହୃତ




ରେଢୁଆ ସିଏଚସିରେ ନୂତନ ଭାବେ ଯୋଗଦେଇଥିବା ଡାକ୍ତର ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର, ୨୨।୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେଢୁଆ ସିଏଚସିରେ ୨୪ ଘଣ୍ଟିଆ ଇନ୍‌ଡୋର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବି ନେଇ ଗତ ମଙ୍ଗଳବାରଠାରୁ ଜାରି ରହିଥିବା ଅନଶନ ଓ ଗଣଧାରଣା ମଙ୍ଗଳବାର ପ୍ରତ୍ୟାହୃତ ହୋଇଛି। ମଙ୍ଗଳବାର ଡା. ଏ. ପରଭେଜ କାର୍ଯ୍ୟରେ ଯୋଗଦେବା ପରେ ଅଞ୍ଚଳରେ ଖୁସିର ବାତାବରଣ ଫେରିଛି। ସୋମବାର ସିଡିଏମ୍‌ଓ ମହେଶ୍ୱର ପ୍ରଧାନ ଧାରଣାସ୍ଥଳକୁ ଆସି ଆସନ୍ତା ଦୁଇମାସ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କ୍ୱାର୍ଟର କାର୍ଯ୍ୟ ଆରମ୍ଭ ଏବଂ ଡାକ୍ତର ନିଯୁକ୍ତି ପାଇଁ ଫାଇନାନ୍ସ ବିଭାଗକୁ ଚିଠି କରାଯାଇଥିବା ସମ୍ପର୍କରେ କହିଥିଲେ। ପରେ ଅଞ୍ଚଳବାସୀ ଖୁସି ପ୍ରକାଶ କରିଥିଲେ। ତେବେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ପାଇଁ ଅଡି ବସିଥିଲେ। ସିଡିଏମ୍‌ଓ ପ୍ରଧାନ ବିଧିବଦ୍ଧ ଭାବେ ଜଣେ ଡାକ୍ତର ନ ପଠାଇବା ଯାଏ ଧାରଣା ପ୍ରତ୍ୟାହୃତ କରାଯିବ ନାହିଁ ବୋଲି ଅଞ୍ଚଳବାସୀ କହିଥିଲେ। ଅନଶନକାରୀ ସ୍ନେହାଂଶୁ ଜେନା, ଦେବୀ ପ୍ରସାଦ ମହାରଣା, ଗୀତା ରଥ ଓ ପ୍ରାଣକୃଷ୍ଣ ନାୟକ ପ୍ରମୁଖ କଥା ରଖି ଡାକ୍ତର ନିଯୁକ୍ତି ଦିଆଯାଇଥିବାରୁ ସିଏମ୍‌ଓଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। ସୁଧୀର ସେଠୀ, ଶଶିକାନ୍ତ ସାହୁ, ଓମ୍‌ପ୍ରକାଶ ବେହେରା, ବାପି ପ୍ରଧାନ, ଗଗନ ବିଶ୍ୱାଳ, ଅମରେଶ ସ୍ୱାଇଁ, ବିକ୍ରମ କେଶରୀ ମହାନ୍ତିଙ୍କ ସମେତ ବହୁ ଯୁବ ଗୋଷ୍ଠୀ ଧାରଣାସ୍ଥଳରେ ରହି ସମର୍ଥନ ଜଣାଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ବିଜୁ ଯୁବବାହିନୀର ନିଶା ନିବାରଣ

**ଏରସମା,୨୨।୧(ସ୍ୱ.ପ୍ର.):** ଏରସମା ବ୍ଲକ ବଳେଇପୁର ପଞ୍ଚାୟତରେ ମଙ୍ଗଳବାର ବିଜୁ ଯୁବ ବାହିନୀ ପକ୍ଷରୁ ନିଶା ନିବାରଣ ଅଭିଯାନ ଅନୁଷ୍ଠିତ ହୋଇଛି। ବାହିନୀର ସଭାପତି ଦେବୀ ପ୍ରସାଦ ମିଶ୍ର, ସୁଶୀଲ ପରିଡା, ରାକେଶ ପାତ୍ର, ଦିବ୍ୟଜ୍ୟୋତି ମହାପାତ୍ର, ଦେବାଶିଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ। ଗ୍ରାମ ଦେବୀ ମନ୍ଦିର ପାଖରୁ ଏକ ପଦଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା କରିଥିଲା।

# ବିଦ୍ୟୁତ୍ ଆଘାତରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ

ପାରାଦୀପ,୨୨।୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୩ନଂ କଣ୍ଟା ନିକଟରେ ମଙ୍ଗଳବାର ରାତିରେ ଏକ ଅଘଟଣ ଘଟିଛି। ଜଣେ ଟ୍ରକ୍ ଚାଳକ ଗାଡ଼ିରୁ ଓହ୍ଲାଇ ପରିସ୍ରା କରିବାକୁ ଯାଇଥିବବେଳେ ସେଠାରେ ଥିବା ବିଦ୍ୟୁତ୍ କେବୁଲ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା ବନ୍ତଲା ଥାନା ଅଧୀନ ବଡ଼କାଣ୍ଟପୁରର ଗଣେଶ ରାଉଳଙ୍କ ପୁଅ ସଞ୍ଜୟ (୨୬)। ବିଦ୍ୟୁତ୍ ଆଘାତ ଲାଗିବା ପରେ ପୋର୍ଟ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁଣ୍ଡ କୋଇଲା ଅପସରଣ ଭିତରେ ବିଦ୍ୟୁତ୍ କେବୁଲରେ ଫାଙ୍କା ଥିବା ଦେଖିବାକୁ ମିଳିଛି। ଚାଳକ ଜଣଙ୍କ ଜାଣି ନ ପାରି ସେଠାରେ ପାଦ ପକାଇବାରୁ ଏହି ଦୁର୍ଘଟଣା ଘଟିଛି।

# ଚିକିତ୍ସାଧୀନ ଅବସ୍ଥାରେ କଏଦୀ ମୃତ

**କଟକ ଅଫିସ, ୨୨।୧–** ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ କଏଦୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲାର ବିଜୟ ରାଉତ(୪୭)। ଏକ ଯୌତୁକ ମାମଲାରେ ବିଜୟ ଯାଜପୁର ସବ୍‌ଜେଲରେ ସଜା କାଟୁଥିଲେ। ତାଙ୍କ ପେଟ ଭିତରେ ଘା ହୋଇଯାଇଥିଲା। ଗତ ୨୦ ତାରିଖରେ ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ବିଜୟଙ୍କ ପେଟରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିବା ମଙ୍ଗଳାବାଗ ଥାନା ଅଧିକାରୀ ଅରୁଣ ସ୍ୱାଇଁ କହିଛନ୍ତି। ଏନେଇ ମଙ୍ଗଳାବାଗ ପୋଲିସ ଏକ ଅପମୃତ୍ୟୁ(୧୭୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। –ଶ୍ରୀଅରବିନ୍ଦ



# ଚୋକ୍‌ସିଙ୍କ ପଥ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ସ୍କାମ୍ ପ୍ରାୟ ବର୍ଷେ ପୂରଣ କରିବାକୁ ଯାଉଛି। ଇତିମଧ୍ୟରେ ଏହାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରିଲା ନାହିଁ। ଚୋକ୍‌ସି ଆଣ୍ଟିଗୁଆ ନାଗରିକତ୍ୱ ଗ୍ରହଣ କରିସାରିଥିବାରୁ ୨୦୧୯ ଜାନୁୟାରୀ ୨୧ରେ ଭାରତୀୟ ପାସ୍‌ପୋର୍ଟ ସମର୍ପଣ କରିଦେଇଛନ୍ତି। ଭାରତୀୟ ବୈଦେଶିକ ନୀତି ଅନୁଯାୟୀ, ଯେତେବେଳେ ଜଣେ ନାଗରିକ ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିଥାଆନ୍ତି, ସେତେବେଳେ ସେ ଭାରତର ନାଗରିକତ୍ୱ ହରାଇବସିଥାଆନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଚୋକ୍‌ସି ପାସ୍‌ପୋର୍ଟ ଫେରାଇଦେବାରେ କୌଣସି ନୂତନତ୍ୱ ନାହିଁ। ପ୍ରସଙ୍ଗ ହେଉଛି ୨୦୧୮ ପ୍ରାରମ୍ଭରେ ଯେତେବେଳେ ୧୪,୦୦୦ କୋଟି ଟଙ୍କାର ପିଏନ୍‌ବି ଠକେଇ ଲୋକଲୋଚନକୁ ଆସିଲା, ସେହି ସମୟରେ ବ୍ୟାଙ୍କର ଆର୍ଥିକ କାରବାର ନେଇ ପ୍ରଶ୍ନ ଉଠିଥିଲା। କେନ୍ଦ୍ର ସରକାରଙ୍କୁ ବିରୋଧୀମାନେ ଘେରିବା ପରେ ନୀରବ ଓ ଚୋକ୍‌ସିଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କୁହାଯାଇଥିଲା। ଅନ୍ୟପଟେ ନୀରବ ଲଣ୍ଡନରେ ରହୁଥିବା କୁହାଯାଉଛି। ତେବେ ଆଣ୍ଟିଗୁଆ ସହ ଭାରତର ପ୍ରତ୍ୟର୍ପଣ ଚୁକ୍ତି ନ ଥିବାରୁ ଚୋକ୍‌ସିଙ୍କ ଫେରିବା ବିଳମ୍ବ ହେବାରେ ଲାଗିଛି। ଗତବର୍ଷ ଭାରତ ପକ୍ଷରୁ ଏକ ଟିମ୍ ଆଣ୍ଟିଗୁଆ ପଠାଯାଇ ତାଙ୍କୁ ଫେରାଇ ଆଣିବା ଲାଗି ଉଦ୍ୟମ କରାଯାଇଥିଲେ ମଧ୍ୟ ବିଫଳତା ଦେଖିବାକୁ ମିଳିଥିଲା। ୨୦୧୮ ଡିସେମ୍ବରରେ ଇଣ୍ଟରପୋଲ୍ ପକ୍ଷରୁ ରେଡ୍ କର୍ନର ନୋଟିସ ଜାରି କରାଯାଇଥିଲେ ମଧ୍ୟ ଏ ଦିଗରେ ବିଶେଷ ଅଗ୍ରଗତି ହୋଇପାରି ନାହିଁ। ଆଣ୍ଟିଗୁଆ ସହ କୂଟନୈତିକ ସମ୍ପର୍କକୁ ଦୃଢ଼ୀଭୂତ କରି ଚୋକ୍‌ସିଙ୍କୁ ଫେରାଇ ଆଣିବାରେ କୌଣସି ଆନ୍ତରିକତା ଭାରତ ସରକାରଙ୍କ ପକ୍ଷରୁ ମଧ୍ୟ ଦେଖିବାକୁ ମିଳିନାହିଁ।

୨୦୧୪ରେ କେନ୍ଦ୍ରରେ ଭାଜପା କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶପଥ ଗ୍ରହଣ ଉତ୍ସବକୁ ସାର୍କ ଦେଶର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ତାଙ୍କ ବୈଦେଶିକ ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବାରୁ କୌଣସି ଦେଶ ସହ ଭାରତର ସୁସମ୍ପର୍କ ରହିଛି ବୋଲି କୁହାଯାଇପାରିବ ନାହିଁ। ଅନ୍ତର୍ଜାତୀୟ ସ୍ତରରେ ଭାରତ ଏକ ବନ୍ଧୁହୀନ ରାଷ୍ଟ୍ର ଭାବେ ଆବିର୍ଭାବ ହୋଇଛି। ପ୍ରାୟ ୫ ବର୍ଷର ଶାସନ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ଅନେକ ବିଦେଶ ରାଷ୍ଟ୍ର ଗସ୍ତ କରିଥିଲେ ମଧ୍ୟ ବୈଦେଶିକ ସମ୍ପର୍କରେ ଉନ୍ନତି ଆସିପାରି ନାହିଁ। ଏଭଳିସ୍ଥଳେ ଆଣ୍ଟିଗୁଆ ଭଳି ଦେଶ ସହ ପ୍ରତ୍ୟର୍ପଣ ଚୁକ୍ତି ନ ଥିବା ବେଳେ ପଳାତକମାନଙ୍କୁ ଫେରାଇ ଆଣିବା କଷ୍ଟକର ହେଉଛି। ୨୦୧୮ ଅଗଷ୍ଟରେ ପଳାତକ ଅର୍ଥନୈତିକ ଅପରାଧୀ ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦିନ ଲାଭ କରିଥିଲା। ସେହି ଅନୁଯାୟୀ ବିଦେଶ ପଳାୟନ କରିଥିବା ବ୍ୟକ୍ତିଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବା ଲାଗି ଆଇନଗତ ସୁବିଧା ମିଳିପାରିଛି। ୨୦୧୮ ଅକ୍ଟୋବର ୧୭ ସୁଦ୍ଧା ୧୪,୦୦୦ କୋଟି ଟଙ୍କା ପିଏନ୍‌ବି ଠକେଇ ମଧ୍ୟରୁ ଆର୍ଥିକ ଗୋଇନ୍ଦା ସଂସ୍ଥା ମାତ୍ର ୪,୪୪୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ବୋଲି କହୁଛି। ଦେଖିବାକୁ ଗଲେ ପିଏନ୍‌ବି ଠକେଇ ପରିମାଣ ଭରଣା ଅସମ୍ଭବ ମନେହେଉଛି।

ଚୋକ୍‌ସିଙ୍କୁ ଗିରଫ କରିବା ଲାଗି ଇଣ୍ଟରପୋଲ ରେଡ୍ କର୍ନର ନୋଟିସ ଜାରି କରିଥିଲେ ମଧ୍ୟ ଆଣ୍ଟିଗୁଆ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଉନାହିଁ। ଏହାର କାରଣ ହେଉଛି ଆଣ୍ଟିଗୁଆରେ ଚୋକ୍‌ସି ନାଗରିକତ୍ୱ ଗ୍ରହଣ କରିବା ସହ ବିପୁଳ ଅର୍ଥ ବିନିଯୋଗ କରିଥିବାରୁ ସେଠାକାର ସରକାର ତାଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି। ଏଥିରୁ ବୁଝିବାକୁ ହେବ ଯେ ଭାରତ ସରକାରଙ୍କ ଚାପକୁ ଅନ୍ତର୍ଜାତୀୟ ସ୍ତରରେ ଗ୍ରହଣ କରାଯାଉ ନାହିଁ। ଏପରିସ୍ଥଳେ ଭାରତୀୟ ନେତୃତ୍ୱ ବାହୁସ୍ଫୋଟ ନ ମାରି ବୈଦେଶିକ ଓ କୂଟନୈତିକ ନୀତିକୁ ସୁଦୃଢ଼ କରିବା ଉଚିତ। ନ ହେଲେ ଭାରତରୁ ଲୁଟି ପଳାତକ ସାଜିଥିବା ବ୍ୟକ୍ତିମାନେ କେବଳ ଚିନ୍ତାର ବିଷୟ ହେବେ ନାହିଁ, ତା' ସହିତ ଭାରତ ବିରୋଧରେ ବିଭିନ୍ନ ପ୍ରକାର ଅର୍ଥନୈତିକ ଅପରାଧ ଘଟିବାର ଆଶଙ୍କା ବୃଦ୍ଧି ପାଇବ। ଅନ୍ୟମାନେ ଦେଖିଶିଖି ଚୋକ୍‌ସିଙ୍କ ପଥ ବାଛିବେ।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜାନୁୟାରୀ ୧୯୯୪

- ଦେଶର ଉତ୍ତର–ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଗଠନ କରାଯିବା ନେଇ ନିଷ୍ପତ୍ତି।
- ନିର୍ବାଚନ କମିଶନ ସମାଜବାଦୀ ପାର୍ଟି ନିର୍ବାଚନ ଚିହ୍ନ ସାଇକେଲକୁ ସ୍ୱୀକୃତି ଦେଇଛନ୍ତି।
- ବିଳାସପ୍ରିୟ ହୋଟେଲ ନିର୍ମାଣ ସକାଶେ କୋଣାର୍କ–ପୁରୀ ବେଳାଭୂମି ଅଞ୍ଚଳରେ ଥିବା ୨,୨୨୭ ଏକର ଜଙ୍ଗଲ ଜମିକୁ ସଫା କରିବା ପାଇଁ ସମ୍ପୃକ୍ତ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ସମ୍ପର୍କରେ ସୁପ୍ରିମକୋର୍ଟ ପକ୍ଷରୁ ଓଡିଶା ସରକାର ଓ କେନ୍ଦ୍ର ସରକାରଙ୍କଠାରୁ କୈଫିୟତ ତଲବ କରିଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 0 | | | 7 | | | | | | A | C | 6 |
| | | 9 | 2 | | B | | | | | 8 | | 4 | | 5 |
| 1 | 6 | | | | | 4 | | | | | | | | 9 |
| | | | | | A | | | | C | | 2 | | 8 | |
| | | 8 | | | 5 | | 0 | | 1 | B | 4 | | E | D |
| | 1 | | | 3 | | | | C | | | | | 6 | |
| 8 | | 0 | | | C | | 3 | | 6 | | | | | E |
| | | | 0 | 7 | | | 6 | | A | | 8 | 5 | 3 | |
| C | | D | | A | | | E | | | 2 | 7 | | | |
| | | | | | | | D | | 5 | | | 1 | | C |
| 4 | | | | 7 | | | | 3 | | 9 | | E | 0 | |
| | | 6 | | | | | | | | | D | | | 8 |
| | 3 | B | | | 6 | C | 2 | 9 | | 7 | | | | |
| | | C | | | D | | | 6 | | 0 | 3 | | A | B |
| | | E | | | | 0 | | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | A | C | D | 7 | 0 | B | E | 6 | 1 | 9 | 8 | 2 | 3 | 4 |
| 3 | 2 | D | E | C | A | 9 | 8 | 0 | 6 | 4 | 7 | 1 | B | 5 |
| 8 | 6 | 0 | 4 | 9 | 5 | 1 | D | 3 | B | 2 | E | C | 7 | A |
| E | 1 | 4 | 6 | B | 2 | 7 | C | A | 5 | D | 3 | 0 | 9 | 8 |
| 9 | 7 | B | 1 | 8 | 3 | 2 | 5 | 4 | 0 | A | C | 6 | E | D |
| 0 | 5 | 6 | C | E | 9 | A | 1 | 7 | 3 | 8 | D | 4 | 2 | B |
| D | 8 | 7 | 3 | 6 | B | 4 | 9 | 5 | 2 | 0 | A | E | C | 1 |
| 2 | E | 1 | 8 | A | D | 0 | 6 | C | 7 | B | 4 | 9 | 5 | 3 |
| 4 | C | 3 | 7 | 5 | 1 | D | 2 | B | E | 6 | 9 | A | 8 | 0 |
| B | 9 | A | 0 | 2 | 4 | E | 3 | 8 | C | 5 | 1 | 7 | D | 6 |
| A | 4 | 2 | 5 | 1 | 8 | C | B | D | 9 | E | 0 | 3 | 6 | 7 |
| 6 | D | 8 | 9 | 0 | C | 3 | 4 | 2 | A | 7 | 5 | B | 1 | E |
| C | B | 9 | A | 4 | E | 5 | 7 | 1 | 8 | 3 | 6 | D | 0 | 2 |
| 1 | 3 | 5 | 2 | D | 7 | 6 | 0 | E | 4 | C | B | 8 | A | 9 |
| 7 | 0 | E | B | 3 | 6 | 8 | A | 9 | D | 1 | 2 | 5 | 4 | C |

ଗତକାଲିର ଉତ୍ତର

# ଆଚାରରେ ସକାରାତ୍ମକତା ପ୍ରକାଶର ସୁଯୋଗ



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

୨୦୧୯ ବର୍ଷର ଶେଷ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନକାରାତ୍ମକତାର ପ୍ରସାର କରିବା ଅତି ସହଜ କିନ୍ତୁ ଲୋକେ ସକାରାତ୍ମକତାର ପ୍ରସାର ପାଇଁ ଆଗେଇ ଆସିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ଭଳି ନେତୃସ୍ଥାନୀୟ ବ୍ୟକ୍ତି ଏଭଳି ସକାରାତ୍ମକତାର ବିଚାର ଦେବା ଅନେକ ଆଶା ଉଦ୍ରେକ କରାଏ। ଏହି ନିର୍ବାଚନୀ ଋତୁରେ ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍'ରେ ରଖିଥିବା ବିଚାରକୁ ନିଜ ଆଚାରରେ ପରିଣତ କରିପାରିଲେ ତାହା ସକାରାତ୍ମକତାର ଉଦାହରଣ ସୃଷ୍ଟିକରିବ। ନିଜ ବିଚାରକୁ ଆଚାରରେ ପରିଣତ କରି ବିରୋଧୀଙ୍କୁ ଟାହିଟାପରା କରିବାର ପ୍ରବୃତ୍ତିରୁ ନିଜକୁ ଦୂରେଇ ବା ବିରୋଧୀଙ୍କ ଟାହିଟାପରାକୁ ଆଦୌ ଗୁରୁତ୍ୱ ନ ଦେଇ ଯଦି ପ୍ରଧାନମନ୍ତ୍ରୀ ନିଜର ପାଞ୍ଚବର୍ଷର ଶାସନକାଳରେ ଆରମ୍ଭ କରିଥିବା ଅନେକ ଯୋଜନା କେମିତି ସୁଫଳ ଆଣିଛି, ତାହା ଉପରେ ହିଁ ମନୋନିବେଶ କରିବେ ତେବେ ତାହା 'ସକାରାତ୍ମକତା'ର ପ୍ରସାର ଦିଗରେ ଏକ ବିରାଟ ସଫଳତା ହେବ।

ଏହି ପ୍ରାୟ ପାଞ୍ଚବର୍ଷର ଶାସନକାଳରେ ନରେନ୍ଦ୍ର ମୋଦି ଏତେ ଯୋଜନା ଆରମ୍ଭ କରିଛନ୍ତି ଯେ, ସବୁ ଯୋଜନାର ଖବର ହୁଏ ତ ତାଙ୍କ ପାଖରେ ବି ନ ଥିବ। ତେବେ ମୋଦି କିଛି ଖୁବ୍ ପ୍ରଚାରିତ ଓ ବଡ଼ ଜାକଜମକରେ ଆରମ୍ଭ ହୋଇଥିବା ଯୋଜନା, ଯଥା: କୃଷକଙ୍କ ଆୟ ଦୁଇଗୁଣ କରିବା, ସ୍ମାର୍ଟ ସିଟି, ସ୍ୱଚ୍ଛ ଭାରତ ଅଭିଯାନ, ମେକ୍ ଇନ୍ ଇଣ୍ଡିଆ, ବୁଲେଟ ଟ୍ରେନ୍, ଉଜ୍ଜ୍ୱଳା, ଡିଜିଟାଲ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମିଶନ ଭାଗୀରଥୀ, ପ୍ରଧାନମନ୍ତ୍ରୀ ସାଂସଦ ଆଦର୍ଶ ଗ୍ରାମ, ନମାମି ଗଙ୍ଗେ, ଆୟୁଷ୍ମାନ ଭାରତ, ଉଡାନ୍, ବେଟି ବଚାଓ ବେଟି ପଢ଼ାଓ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଇପାରନ୍ତି। କିଛି ଅତି ପ୍ରମୁଖ ଯୋଜନା ବିଷୟରେ ଲୋକଙ୍କୁ ଜଣାଇ ସକାରାତ୍ମକତାର ଏକ ନୂଆ ଉଦାହରଣ ସୃଷ୍ଟି କରିବାର କେମିତି ଅପୂର୍ବ ସୁଯୋଗ ପ୍ରଧାନମନ୍ତ୍ରୀଙ୍କ ପାଖରେ ରହିଛି ତାହାର କିଛି ଉଦାହରଣ ଏହି ଆଲେଖ୍ୟରେ ଦେଉଛୁ।

ପ୍ରଥମେ ଆସିବା 'ଚାଷୀଙ୍କ ଆୟ ଦୁଇଗୁଣ' ଯୋଜନାକୁ। ପ୍ରଧାନମନ୍ତ୍ରୀ ମୋଦି ୨୮।୨।୨୦୧୬ରେ ଏକ ନିର୍ବାଚନୀ ସଭାରେ କହିଥିଲେ ଯେ, ୨୦୨୨ ମସିହା ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବା ତାଙ୍କର ଲକ୍ଷ୍ୟ। ନୀତିଆୟୋଗ ହିସାବ କରିଛି ଯେ, ୨୦୧୫–୧୬କୁ ମୂଳ ବର୍ଷ ଭାବରେ ନେଲେ ୨୦୨୨–୨୩ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ହେଲେ କୃଷିକ୍ଷେତ୍ରରେ ବାର୍ଷିକ ହାରାହାରି ୧୦.୪% ହାରରେ ଅଭିବୃଦ୍ଧି ହେବା ଦରକାର। ନୀତିଆୟୋଗ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଆଶା ରଖିଛନ୍ତି। ତେବେ ବିରୋଧୀ ଓ ଅନେକ ବିଶେଷଜ୍ଞ କହୁଛନ୍ତି ଯେ, ବଢ଼ିବା ଦୂରର କଥା ମୋଦିଙ୍କ ଶାସନରେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ଅନେକ ଧିମେଇ ଯାଇଛି। ବିଶିଷ୍ଟ କୃଷି ଅର୍ଥନୀତିଜ୍ଞ ଅଶୋକ ଗୁଲାଟି କହିଛନ୍ତି ଯେ, ଉପା–୨ ଶାସନର ପ୍ରଥମ ଚାରିବର୍ଷରେ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ୫.୨% ଥିଲା। ମୋଦିଙ୍କ ଶାସନର ପ୍ରଥମ ୪ବର୍ଷରେ ଏହି ହାର ଅଧାରୁ ଅଧିକ ଖସି ମାତ୍ର ୨.୫% ରହିଛି। ଏବେ ପ୍ରଧାନମନ୍ତ୍ରୀ ଲୋକଙ୍କ ଆୟ ଆଉ ତିନିବର୍ଷରେ କେମିତି ଦୁଇଗୁଣ ହେବ ତାହା କହି ସକାରାତ୍ମକତାର ଏକ ସୁନ୍ଦର ବାର୍ତ୍ତା ଦିଅନ୍ତୁ।

ଏହାପରେ ଆସିବା 'ସ୍ମାର୍ଟ ସିଟି' ଯୋଜନାକୁ। ସରକାରକୁ ଆସିବା ମାତ୍ରେ ୨୦୧୪ରେ ମୋଦି 'ସ୍ମାର୍ଟ ସିଟି'ର ନାରା ଧରିଥିଲେ। ତେବେ ଏହି ଯୋଜନା ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା ୨୦୧୬ ଜୁନ୍ ୨୫ରେ। ଏହି ଯୋଜନା ଅନୁସାରେ ଦେଶର ୧୦୦ଟି ସହରରେ ଲୋକଙ୍କ ରହଣି ଓ ସାଚ୍ଛନ୍ଦ୍ୟକୁ ଏକ ଅତି ଉନ୍ନତ ସ୍ଥିତିକୁ ଅଣାଯିବ, ଯାହା ଅନ୍ୟ ସହରଗୁଡ଼ିକ ପାଇଁ ଉଦାହରଣ ହେବ। 'ସ୍ମାର୍ଟ ସିଟି' ଯୋଜନା ଅଧୀନରେ କିଛି ମୌଳିକ ସ୍ଥିତିରେ ଯଥେଷ୍ଟ ଉନ୍ନତି ଆଣିବାର ଉଦ୍ଦେଶ୍ୟ ଥିଲା– ପର୍ଯ୍ୟାପ୍ତ ପାଣି, ନିରନ୍ତର ବିଜୁଳି, ସ୍ୱଚ୍ଛ ପରିମଳ ଓ ବର୍ଜ୍ୟ ପରିଚାଳନା, ଉନ୍ନତ ସହରୀ ଗମନାଗମନ ବ୍ୟବସ୍ଥା, ସମସ୍ତେ ଏପରିକି ଗରିବ ମଧ୍ୟ କିଣିପାରୁଥିବା ଘର, ପ୍ରଯୁକ୍ତି ଓ ଜ୍ଞାନକୌଶଳର ବଳିଷ୍ଠ ଉପଯୋଗ, ଭାଗୀଦାରିଭିତ୍ତିକ ଶାସନ ବ୍ୟବସ୍ଥା, ଉନ୍ନତ ପରିବେଶ ଏବଂ ସମସ୍ତଙ୍କ ସୁରକ୍ଷା ଇତ୍ୟାଦି। ଗତ ଜାନୁୟାରୀ ୩ ତାରିଖରେ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରଦେଇ ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ରାଉଣ୍ଡରେ 'ସ୍ମାର୍ଟ ସିଟି' ହିସାବରେ ନିଆହୋଇଥିବା ସହରଗୁଡ଼ିକରେ ଆସନ୍ତା ୨୦୨୦–୨୧ ସୁଦ୍ଧା ସମସ୍ତ ପ୍ରକଳ୍ପ ସାରିବାର ଯୋଜନା ଅଛି। ବିରୋଧୀମାନେ ଅବଶ୍ୟ ନକାରାତ୍ମକତା ଦେଖାଇ କହନ୍ତି ଯେ, 'ସ୍ମାର୍ଟ ସିଟି' ଏକ ପ୍ରହେଳିକା ଓ ଏହାର କାର୍ଯ୍ୟାନ୍ୱୟନ ହାର ଅତି ମନ୍ଥର। ରାଜ୍ୟ ସଭାର ସେହି ଉତ୍ତରରେ ସରକାର କହିଛନ୍ତି ଯେ, ୨,୦୫,୦୧୮ କୋଟି ଟଙ୍କାର ମୋଟ ପ୍ରକଳ୍ପ ମଧ୍ୟରୁ ୫୨,୮୬୬ କୋଟି ଟଙ୍କାର ପ୍ରକଳ୍ପ କାମ ଆରମ୍ଭ ହୋଇଛି ବା ସରିଛି। ତେବେ ପ୍ରଧାନମନ୍ତ୍ରୀ ସକାରାତ୍ମକତା ଦେଖାଇ 'ସ୍ମାର୍ଟ ସିଟି' କେମିତି ପରିବର୍ତ୍ତନ ଆଣିପାରିଛି ତାହା ଲୋକଙ୍କୁ ଜଣାନ୍ତୁ।

ମୋଦିଙ୍କ ଆଉ ଏକ ମହତ୍ୱାକାଂକ୍ଷୀ ଯୋଜନା ଥିଲା ସ୍ୱଚ୍ଛ ଭାରତ ଅଭିଯାନ। ୨୦୧୪ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ଯୋଜନା ଅନୁସାରେ ୨୦୧୯ ଗାନ୍ଧୀ ଜୟନ୍ତୀରେ ବା ଆଉ ପ୍ରାୟ ୮ମାସରେ ଭାରତରେ କେହି ପଦାରେ ମଳତ୍ୟାଗ କରୁ ନ ଥିବେ। ଗତ ଡିସେମ୍ବର ୨୭ ତାରିଖରେ ରାଜ୍ୟ ସଭାରେ ସରକାର କହିଛନ୍ତି ଯେ, ଡିସେମ୍ବର ୨୦୧୮ ସୁଦ୍ଧା ଦେଶର ୯.୦୫କୋଟି ଘରୋଇ ପାଇଖାନା ତିଆରି ହୋଇସାରିଛି। ବିରୋଧୀ ଅବଶ୍ୟ କହନ୍ତି ଯେ, ତଥ୍ୟଠାରୁ ସତ୍ୟ ସମ୍ପୂର୍ଣ୍ଣ ଭିନ୍ନ। ତେବେ ସରକାର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରିସାରିଲେଣି। ଯଦି ତଥ୍ୟଠାରୁ ସତ୍ୟ ଭିନ୍ନ ନୁହେଁ ତେବେ ସକାରାତ୍ମକତାର ବାଣୀକୁ ନେଇ ଲୋକଙ୍କ ପାଖରେ ପହଞ୍ଚିବାରେ ଏହାଠୁ ବଡ଼ ଉପଲବ୍ଧି ବା କ'ଣ ହୋଇପାରେ!

ପ୍ରଧାନମନ୍ତ୍ରୀ ଭାବରେ ଲାଲକିଲ୍ଲାରୁ ତାଙ୍କର ପ୍ରଥମ ସ୍ୱାଧୀନତା ଦିବସ ଅଭିଭାଷଣରେ 'ମେକ୍ ଇନ୍ ଇଣ୍ଡିଆ'ର ଆହ୍ୱାନ ଦେଇ ମୋଦି ବିଶ୍ୱର ନିର୍ମାତା ଓ ପୁଞ୍ଜିପତିଙ୍କୁ ଡାକିଥିଲେ, 'ଆସ, ଭାରତରେ ନିର୍ମାଣ କର ଓ ଯେଉଁଠି ବିକିବାର ଅଛି ନେଇ ବିକ'। ଅତି ସୁନ୍ଦର ଉଦ୍ଦେଶ୍ୟ – ବିଶ୍ୱରେ ଭାରତର ନାଁ, ଭାରତୀୟମାନଙ୍କୁ ରୋଜଗାର ଓ ଭାରତୀୟ ଆର୍ଥିକସ୍ଥିତି ସୁଦୃଢ଼ ହେବାର ତାହା ମାଧ୍ୟମ ହୋଇଥାନ୍ତା। ଅବଶ୍ୟ ବିରୋଧୀ ତଥା ଅନେକ ଅର୍ଥନୀତିଜ୍ଞ କହୁଛନ୍ତି ଯେ, 'ମେକ୍ ଇନ୍ ଇଣ୍ଡିଆ' କେବଳ ସାଇନବୋର୍ଡରେ ସୀମିତ ଏବଂ ଭାରତରୁ ରପ୍ତାନି ବଢ଼ିବା ବଦଳରେ କମିବାରେ ଲାଗିଛି। ୨୦୧୪ରେ ମୋଦି ପ୍ରଧାନମନ୍ତ୍ରୀ ହୋଇଥିବା ବର୍ଷରେ ଭାରତ ୩୧୮.୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ରପ୍ତାନି କରିଥିଲା। ୨୦୧୭ରେ ତାହା ୨୭୫.୮ ବିଲିୟନ ଆମେରିକୀୟ ଡଲାରକୁ ଖସି ଆସିଥିଲା। ତେବେ ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦେବା କଦାପି ମୂଲ୍ୟହୀନ ହେବନାହିଁ।

ପ୍ରଧାନମନ୍ତ୍ରୀଙ୍କ ପାଖରେ ସେ ଆରମ୍ଭ କରିଥିବା ଯୋଜନାଗୁଡ଼ିକର ଭଣ୍ଡାର ଅଛି। ତେଣୁ ତାଙ୍କ ପାଖରେ ସକାରାତ୍ମକତାର ବିଚାରକୁ ଆଚାରରେ ପରିଣତ କରିବାର ବିଶାଳ ସାଧନ ମଧ୍ୟ ରହିଛି। ଏଇ ନିକଟରେ ଏକ ମାମଲାର ବିଚାର ଚାଲିଥିବା ବେଳେ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତି କୁଆଡେ ବିଶିଷ୍ଟ ଓକିଲ ପ୍ରଶାନ୍ତ ଭୂଷଣଙ୍କୁ କହିଲେ ଯେ, 'ସବୁକୁ ଆଶାବାଦୀ ବା ସକାରାତ୍ମକ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତୁ, ଦେଖିବେ ସମାଜ ସୁନ୍ଦର ଦେଖାଯିବ।' ପ୍ରଧାନମନ୍ତ୍ରୀ ଓ ତାଙ୍କ ଭଳି ବ୍ୟକ୍ତି 'ସକାରାତ୍ମକତା'ର ବାଣୀ ଦେବା ଅତି ସ୍ୱାଗତଯୋଗ୍ୟ। ତେବେ ବାଣୀ ନୁହେଁ, ଠାଣିବା କାର୍ଯ୍ୟରେ ତାହା ରୂପାନ୍ତରିତ ହେବା ହିଁ ବାସ୍ତବ ସକାରାତ୍ମକତା।

# ସଶସ୍ତ୍ର ମୁକ୍ତି ସଂଗ୍ରାମର ମହାନାୟକ



ଡ. ପ୍ରଫୁଲ୍ଲ କୁମାର ସାହୁ

ଉଚ୍ଚଶିକ୍ଷିତ ଭାରତୀୟଙ୍କ ପକ୍ଷରେ ଯେତେବେଳେ ଆଇସିଏସ୍ ଚାକିରି ଥିଲା ଶ୍ରେଷ୍ଠ ସଫଳତା, ସେତେବେଳେ ସୁଭାଷ ବୋଷ ଥିଲେ ପ୍ରଥମ ଭାରତୀୟ, ଯିଏ ଆଇସିଏସ୍ ପରୀକ୍ଷାରେ ସଫଳତା ଅର୍ଜନ କରି ମଧ୍ୟ ତାହାକୁ ପାଦରେ ଏଡ଼େଇ ଦେଇ କେମ୍ବ୍ରିଜ୍‌ରୁ ସ୍ୱଦେଶ ଫେରି ଆସିଥିଲେ ଦେଶମାତୃକାକୁ ସ୍ୱାଧୀନ କରିବାର ଦୃଢ଼ ସଂକଳ୍ପ ନେଇ। ସିଧାସଳଖ ବମ୍ବେରେ ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ କରି (୨୦ଜୁଲାଇ ୧୯୨୧) ସେ କଂଗ୍ରେସରେ ଯୋଗଦେଲେ ଏବଂ କଲିକତାରେ ରହି ସାଂଗଠନିକ କାର୍ଯ୍ୟରେ ଲାଗିପଡ଼ିଲେ ଚିତ୍ତରଞ୍ଜନ ଦାସଙ୍କ ଦିଗ୍‌ଦର୍ଶନରେ। ମାତ୍ର ତାଙ୍କର ଇଂରେଜ ବିରୋଧୀ ଉଗ୍ର ମନୋଭାବକୁ ଗ୍ରହଣ କରିପାରୁ ନ ଥିଲେ ଗାନ୍ଧିଜୀ। ଛାତ୍ର ଜୀବନରୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ନେତାଜୀ ଥିଲେ କଠୋର ବାସ୍ତବବାଦୀ। ସେ କହୁଥିଲେ ଅଧିକାର ଓ ନ୍ୟାଯ୍ୟ ଦାବି ଭିକ୍ଷାକରି ନୁହେଁ, ବରଂ ତାକୁ ଛଡାଇ ଅଣାଯାଏ ବଳପୂର୍ବକ। ଅନ୍ୟପକ୍ଷରେ ଗାନ୍ଧିଜୀ ଥିଲେ ଅହିଂସାର ପୂଜାରୀ। ସ୍ୱାଧୀନତା ସଂଗ୍ରାମରେ ସେ ଅହିଂସାର ବ୍ୟତିକ୍ରମକୁ ବରଦାସ୍ତ କରୁ ନ ଥିଲେ। ତେଣୁ ମୁକ୍ତି ସଂଗ୍ରାମର ପନ୍ଥାକୁ ନେଇ ଗାନ୍ଧିଜୀ ଓ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ମତଭେଦ। ଏହି ଆଦର୍ଶଗତ ଲଢେଇ ତୀବ୍ରତର ହେଲା ଗାନ୍ଧୀଙ୍କ ସମର୍ଥିତ ପ୍ରାର୍ଥୀ ସୀତାରାମାୟାଙ୍କୁ ପରାସ୍ତ କରି (୧୯୩୯) ନେତାଜୀ ଦ୍ୱିତୀୟ ଥର ପାଇଁ କଂଗ୍ରେସ ସଭାପତି ନିର୍ବାଚିତ ହେବା ପରେ। ସେହିବର୍ଷ ଏପ୍ରିଲରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଗାନ୍ଧିଜୀ ଓ ତାଙ୍କ ଅନୁଗତମାନଙ୍କ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେବା କାରଣରୁ ସେ କଂଗ୍ରେସରୁ ଅଲଗା ହୋଇ ଗଠନ କଲେ ଫରୱାର୍ଡ ବ୍ଲକ୍।

୧୯୩୯ ମସିହା ସେପ୍ଟେମ୍ବରରେ ଆରମ୍ଭ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଏତିକି ବେଳେ ନେତାଜୀଙ୍କ ନେତୃତ୍ୱରେ ଫରୱାର୍ଡ ବ୍ଲକ୍ ଇଂରେଜ ବିରୋଧୀ ଆନ୍ଦୋଳନକୁ ତୀବ୍ର କରିବା ଫଳରେ ନେତାଜୀ ଓ ଫରୱାର୍ଡ ବ୍ଲକ୍‌ର ହଜାର ହଜାର କର୍ମୀଙ୍କୁ ଗିରଫ କଲେ ଇଂରେଜ ସରକାର। ମାତ୍ର ଜେଲଖାନାରେ ନିଜର ମୁକ୍ତି ଦାବିରେ ଆମରଣ ଅନଶନ ଧମକ ଦେଇ ଇଂରେଜ ସରକାରଙ୍କୁ ଚରମପତ୍ର ଦେଲେ ନେତାଜୀ। ଅବସ୍ଥାର ଗୁରୁତ୍ୱ ଉପଲବ୍ଧି କରି ସରକାର ତାଙ୍କୁ କାରାମୁକ୍ତ କରିଦେଲେ ସତ, କିନ୍ତୁ ୧୧ଥର ବନ୍ଦୀ ଜୀବନ ବିତେଇଥିବା ସୁଭାଷଙ୍କୁ ଏଥର ନଜରବନ୍ଦୀ କରି ରଖାଗଲା କଲିକତାସ୍ଥିତ ଏଲ୍‌ଗିନ୍ ରୋଡ଼ରେ ଥିବା ତାଙ୍କ ନିଜ ବାସଗୃହରେ। ରୁଷିଆ ଓ ଜର୍ମାନୀ ରେଡ଼ିଓରୁ ବିଶ୍ୱଯୁଦ୍ଧ ସମ୍ପର୍କରେ ଖବର ରଖୁଥିବା ସୁଭାଷ ଅନୁଭବ କଲେ ଇଂରେଜ ଶକ୍ତି ବିରୋଧରେ ସାମରିକ ଶକ୍ତି ପ୍ରୟୋଗ କରି ସ୍ୱାଧୀନତା ହାସଲ କରିବାର ଏହା ହିଁ ପ୍ରକୃଷ୍ଟ ବେଳ। ତେଣୁ ଇଂରେଜ ବିରୋଧୀ ଦେଶମାନଙ୍କର ସାହାଯ୍ୟ ଓ ସମର୍ଥନ ହାସଲ କରିବା ପାଇଁ ବିଭିନ୍ନ ରାଷ୍ଟ୍ର ମୁଖ୍ୟଙ୍କୁ ସାକ୍ଷାତ୍ କରିବା ତାଙ୍କର ଏକାନ୍ତ ଜରୁରୀ। ସେଥିପାଇଁ ଯୋଜନାବଦ୍ଧ ଭାବରେ ସେ ଇଂରେଜ ସରକାରଙ୍କ ଆଖିରେ ଧୂଳିଦେଇ ଖସିଗଲେ ଜଣେ କାବୁଲିବାଲା ପଠାଣ ବେଶରେ। ପ୍ରଥମେ ପେଶୱାର ଓ ସେଠାରୁ କାବୁଲ୍ ଦେଇ ନେତାଜୀ ପହଞ୍ଚିଲେ ରୁଷିଆରେ। ସେଠାରେ ଆଶାନୁରୂପ ସାହାଯ୍ୟର ପ୍ରତିଶ୍ରୁତି ନ ପାଇ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜର୍ମାନୀର ରାଜଧାନୀ ବର୍ଲିନ୍‌ରେ ପହଞ୍ଚିଲେ ଜର୍ମାନ୍ ରାଷ୍ଟ୍ରଦୂତଙ୍କ ସହାୟତାରେ।



ନେତାଜୀ ଜୟନ୍ତୀ ଉପଲକ୍ଷେ

ବର୍ଲିନ୍‌ରେ ଆଡ଼ଲଫ୍ ହିଟଲର ଓ ନେତାଜୀଙ୍କ ଐତିହାସିକ ଆଲୋଚନା ପରେ ଭାରତକୁ ସାମରିକ ସହାୟତା ଯୋଗାଇ ଦେବାକୁ ଜର୍ମାନ ପକ୍ଷରୁ ମିଳିଲା ନିର୍ଭର ପ୍ରତିଶ୍ରୁତି। ବର୍ଲିନ୍‌ରେ ପ୍ରତିଷ୍ଠା ହେଲା ଆଜାଦ୍ ହିନ୍ଦ୍ ରେଡ଼ିଓ ଓ ସ୍ୱାଧୀନ ଭାରତ କେନ୍ଦ୍ର। ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ଜାପାନରେ ପହଞ୍ଚି ପ୍ରଧାନମନ୍ତ୍ରୀ ଜେନେରାଲ୍ ଟୋଜ୍‌ଙ୍କଠାରୁ ହାସଲ କଲେ ସମର୍ଥନ। ଜାପାନର ଟୋକିଓରେ ଭାରତର ମହାନ୍ ବିପ୍ଳବୀ ରାସବିହାରୀ ବୋଷ ପ୍ରତିଷ୍ଠା କରିଥିଲେ ଆଜାଦ୍ ହିନ୍ଦ୍ ଫୌଜ। ତାଙ୍କ ସହ ସାକ୍ଷାତ୍ ପରେ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଲେ ନେତାଜୀ। ତାଙ୍କ ନେତୃତ୍ୱ ଯୋଗୁ ସେନାରେ ସଂଚାର ହେଲା ନୂଆ ଜୀବନ। ସେଥିରେ ସାମିଲ ହେଲେ ଜାପାନରେ ଅଟକ ଥିବା ୨୦ହଜାର ଭାରତୀୟ ଯୁଦ୍ଧବନ୍ଦୀ।

ଆଜାଦ୍ ହିନ୍ଦ୍ ଫୌଜର ସୁପ୍ରିମ୍ କମାଣ୍ଡୋ ଭାବରେ ୧୯୪୩ ଜୁଲାଇ ୫ତାରିଖ ସିଙ୍ଗାପୁର ଟାଉନ୍‌ହଲ ସମ୍ମୁଖରେ ସେନାକୁ ସମ୍ବୋଧିତ କରି ନେତାଜୀ ବଜେଇଥିଲେ 'ଦିଲ୍ଲୀ ଚଲୋ' ବିଗୁଲ୍। ସେନାର ଶକ୍ତି ଆକଳନପୂର୍ବକ ସେହିବର୍ଷ ଅକ୍ଟୋବର ୨୧ ତାରିଖରେ ନେତାଜୀ ଗଠନ କଲେ ଭାରତର ଅସ୍ଥାୟୀ ସରକାର। ଅବିଭକ୍ତ ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣକଲେ ନେତାଜୀ। ତାଙ୍କ ସରକାରଙ୍କୁ ସ୍ୱୀକୃତି ଦେଲା ଜର୍ମାନ୍, ଜାପାନ, ଫିଲ୍‌ଫାଇନ୍ସ, କୋରିଆ, ଚାଇନା, ଇଟାଲି ଓ ଆୟର୍ଲାଣ୍ଡ ଆଦି ଦେଶ।

ଆଜାଦ୍ ହିନ୍ଦ୍ ଫୌଜ ରେଙ୍ଗୁନ୍ ଦେଇ ସ୍ଥଳପଥରେ ଅଗ୍ରସର ହେବା ପୂର୍ବରୁ ରେଙ୍ଗୁନ୍ ରେଡ଼ିଓରେ ମହାତ୍ମା ଗାନ୍ଧୀଙ୍କୁ ଜାତିର ପିତା ବୋଲି ସମ୍ବୋଧନ କରି ସେ କହିଥିଲେ– ''ଭାରତର ସ୍ୱାଧୀନତା ପାଇଁ ଏବେ ଆରମ୍ଭ ହୋଇସାରିଛି ଯୁଦ୍ଧ। ହେ ରାଷ୍ଟ୍ରପିତା! ଭାରତର ଏହି ପବିତ୍ର ମୁକ୍ତି ସଂଗ୍ରାମରେ ଆମେ କାମନା କରୁଛୁ ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା।'' ଆଜାଦ୍ ହିନ୍ଦ୍ ଫୌଜ ଭାରତ ଅଭିମୁଖେ ଅଗ୍ରସର ହୋଇ ପହଞ୍ଚିଥିଲା କୋହିମା ଓ ଇମ୍ଫାଲରେ। ସୈନ୍ୟମାନଙ୍କ ମନରେ ଆହୁରି ତେଜ ଭରିଦେବା ପାଇଁ ସେମାନଙ୍କୁ ସମ୍ବୋଧିତ କରି ନେତାଜୀ କହିଥିଲେ (୧୯୪୪ ସେପ୍ଟେମ୍ବର ୨୨)– 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି।' ଭାରତର ୩୮କୋଟି ଜନତାଙ୍କୁ ସ୍ୱତନ୍ତ୍ରତା ଦେବା ପାଇଁ ନେତାଜୀଙ୍କର ଏହି ଆହ୍ୱାନ ଆଜି ବି କୋଟି କୋଟି ଯୁବତୀ ଯୁବକଙ୍କ ପ୍ରାଣରେ ଭରିଦିଏ ପ୍ରେରଣାର ମନ୍ତ୍ର।

ବିଜୁପଟ୍ଟନାୟକନଗର, ଭଦ୍ରକ, ମୋ–୯୪୩୮୮୫୫୦୮୮

## ଏଇ ଭାରତରେ

ଦେଶର ବିଭିନ୍ନ ରାଜ୍ୟରେ ବିବାହକୁ ନେଇ ରହିଛି ଭିନ୍ନ ଭିନ୍ନ ପରମ୍ପରା। ବିବାହ ବେଳେ କନ୍ୟା ଓ ବର ଅଗ୍ନିକୁ ସାକ୍ଷୀ ରଖି ସାରା ଜୀବନ ଲାଗି ସାଥୀ ହୋଇଥାଆନ୍ତି। ତେବେ ରାଜସ୍ଥାନର ଶ୍ରୀମାଲୀ ସମ୍ପ୍ରଦାୟରେ ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ବିଭାଘର ବେଳେ ବର କନ୍ୟାକୁ କୋଳରେ ଧରି ଅଗ୍ନି ଚାରିପାଖରେ ସାତଥର ପ୍ରଦକ୍ଷିଣ କରିଥାଆନ୍ତି। ପୁରାଣରେ ଉଲ୍ଲେଖ ରହିଛି ପ୍ରଭୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିବା ସମୟରେ ବିଘ୍ନ ସୃଷ୍ଟି ପାଇଁ ଶିଶୁପାଳ ଆସିଥିଲେ। ଫଳରେ ତାଙ୍କୁ ପ୍ରତିହତ କରିବା ଲାଗି ଶ୍ରୀକୃଷ୍ଣ ବିବାହ ଅଧାରୁ ଉଠି ଯାଇଥିଲେ। ଫଳରେ ରାତି ବିତି ଯାଇଥିଲା। ପରେ ଶ୍ରୀକୃଷ୍ଣ ସକାଳେ ରୁକ୍ମିଣୀଙ୍କୁ କୋଳରେ ଧରି ଅଗ୍ନିଙ୍କୁ ପ୍ରଦକ୍ଷିଣ କରିଥିଲେ। ସେବେଠାରୁ ଶ୍ରୀମାଲୀ ସମାଜରେ କନ୍ୟାକୁ କୋଳରେ ଧରି ସାତଘେରା ବୁଲିବା ପରମ୍ପରା ଚଳି ଆସୁଛି। ଶ୍ରୀମାଲୀ ସମାଜର ଏହି ବିବାହ ଉତ୍ସବରେ ଅବିବାହିତ ଯୁବତୀ ଯୁବକମାନେ ଅଧିକ ସଂଖ୍ୟାରେ ଯୋଗଦେଇ ବେଦି ଚାରିପଟେ ପଡିଥିବା ଅରୁଆ ଚାଉଳକୁ ପ୍ରସାଦ ଭାବରେ ସେବନ କରିଥାଆନ୍ତି। ଏପରି କରିବା ଦ୍ୱାରା ସେମାନଙ୍କର ବିବାହ ଶୀଘ୍ର ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଚିରନ୍ତନୀ

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ!
ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ–ଦିବସ ସମ ଜୀବନ–ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି।
କି ଉଦ୍ଦେଶ୍ୟେ ଏ ସୃଷ୍ଟିର
କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଲେ
ଅବିଶ୍ରାମ ଧାଇଁଚାଲେ ପ୍ରାଣୀ।

(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ବିଶୃଙ୍ଖଳା ଅନ୍ତରାଳେ

ମହାଶୟ,

ପୁରୀ ଶ୍ରୀମନ୍ଦିରରେ ଡିସେମ୍ବର ୨୮ରେ ଘଟିଯାଇଥିବା ବିଶୃଙ୍ଖଳାରୁ ଏହା ପ୍ରତୀୟମାନ ହେଉଛି ଯେ, ୧୯୬୦ର ପୂର୍ବ ସମୟରେ ଶ୍ରୀମନ୍ଦିର ପରିଚାଳନା ଓ ସେବାପୂଜା ରାଜପରିବାର ତଥା ଗଜପତି ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଉଥିଲା। ବିଗତ ଦିନର ପରମ୍ପରା ଅଗଣିତ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କର ପ୍ରିୟଭାଜନ ହୋଇ ଆସୁଥିଲା। ଯାହା କିଛି ବି ବିଶୃଙ୍ଖଳା କେବେ କେମିତି ଦେଖାଦେଉଥିଲେ ମଧ୍ୟ ଗଜପତି ମହାରାଜାଙ୍କ ଶାସନ ପଦ୍ଧତି ଅନୁଯାୟୀ ତା'ର ତ୍ୱରିତ ସମାଧାନ ହୋଇଯାଉଥିଲା। କିନ୍ତୁ ଆଜିର ଶ୍ରୀମନ୍ଦିର ପରିଚାଳନାଗତ ବ୍ୟତିକ୍ରମ ପାଇଁ ପ୍ରଶାସନିକ ଅବହେଳା ଦାୟୀ। ତେଣୁ ପ୍ରତି କିଛିଦିନ ଅନ୍ତରାଳରେ ବ୍ୟତିକ୍ରମ ଓ ବିଶୃଙ୍ଖଳା ହେଉଛି। ଏସବୁର ସମ୍ପୂର୍ଣ୍ଣ ନିରାକରଣ ପାଇଁ ପୁନଃ ଗଜପତିଙ୍କ ହାତରେ ଶ୍ରୀମନ୍ଦିର ପରିଚାଳନା ଭାର ଅର୍ପଣ କରାଯାଇପାରିଲେ ହିଁ ସମସ୍ତ ବିଶୃଙ୍ଖଳାର ପରିସମାପ୍ତି ଘଟିପାରନ୍ତା।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

### ଉଧାରକୁ ବଦଳ

କଥାରେ ଅଛି ଉଧାରକୁ ବଦଳ କିମ୍ବା କାହାକୁ ଇଟାଟିଏ ପକେଇଲେ ତାହା ଲାଗି ପଥରଟିଏ ଥୁଆ। ପ୍ରାଚୁର୍ଯ୍ୟ ମଧ୍ୟରେ ରହି ମଣିଷ ଏ ସବୁକୁ ଭ୍ରୂକ୍ଷେପ କରେ ନାହିଁ। ମଣିଷ ଏ ଜନ୍ମରେ ନ ହେଲେ ପରଜନ୍ମରେ କର୍ମଫଳ ଭୋଗ କରେ। ଗାନ୍ଧାରୀ ତାଙ୍କ ଶତପୁତ୍ରଙ୍କୁ ହରାଇ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଥିଲେ– ''ହେ କୃଷ୍ଣ! ତମେ ଚାହିଁଥିଲେ ମହାଭାରତ ଭଳି ଭୟଙ୍କର ଯୁଦ୍ଧକୁ ବନ୍ଦ କରିପାରିଥାନ୍ତ। କିନ୍ତୁ ତମେ ତାହା କଲ ନାହିଁ। ମୁଁ ମୋର ଶହେ ପୁଅଙ୍କୁ ହରାଇ ମର୍ମଭେଦୀ କଷ୍ଟ ଭୋଗ କରୁଛି। ତେଣୁ ମୁଁ ତୁମକୁ ଅଭିଶାପ ଦେଉଛି, ତୁମର ଯଦୁବଂଶ ଧ୍ୱଂସ ପାଇଯିବ।'' କୃଷ୍ଣ ତାହାକୁ ସାଦରେ ସ୍ୱୀକାର କରିଥିଲେ। କିନ୍ତୁ ଗାନ୍ଧାରୀଙ୍କୁ ତାଙ୍କ ପୂର୍ବଜନ୍ମର କର୍ମକୁ ଦର୍ଶାଇ ଦେଇଥିଲେ। ପୂର୍ବ ଜନ୍ମରେ ଗାନ୍ଧାରୀ ଶହେଟି କୁମ୍ଭୀର ଅଣ୍ଡାକୁ ଫୁଟାଇ ହତ୍ୟା କରିଥିଲେ। ଗାନ୍ଧାରୀ ବୁଝିଗଲେ ତାଙ୍କ ପ୍ରତି କୃଷ୍ଣ କିଛି ଅବିଚାର କରିନାହାନ୍ତି। ବରଂ ପୂର୍ବଜନ୍ମର କର୍ମଫଳକୁ ସେ ଏ ଜନ୍ମରେ ଭୋଗ କରୁଛନ୍ତି। ସମାଜର ବିଭିନ୍ନ ସ୍ତରରେ ଆଜି ଯେଉଁ ଅନ୍ୟାୟ ଆଉ ଅନୀତି ହେଉଛି ସରକାର ସେଥିପାଇଁ ସତର୍କତା ଅବଲମ୍ବନ କରି ନିଜକୁ ସୁଧାରିବା ସହିତ ସ୍କୁଲ କଲେଜର ପାଠ୍ୟଖସଡାରେ ନୈତିକ ଶିକ୍ଷା ପ୍ରଚଳନ କରାଇବା ଉଚିତ। ଅନ୍ୟଥା ମାନବିକ ମୂଲ୍ୟବୋଧ ରହିବ ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କ୍ରୋଧରୁ ମୋହ ଜନ୍ମେ, ମୋହରୁ ସ୍ମରଣ ଶକ୍ତି ନଷ୍ଟ ହୁଏ, ସ୍ମରଣ ଶକ୍ତି ନଷ୍ଟ ହେଲେ ବିଚାରଶକ୍ତି ନଷ୍ଟ ହୁଏ ଏବଂ ବିଚାର ଶକ୍ତି ନଷ୍ଟରୁ ମନୁଷ୍ୟ ମୃତ୍ୟୁ ମୁଖରେ ପତିତ ହୁଏ।
- ଭଗବତ୍ ଗୀତା



## ସଂକ୍ଷେପରେ

### ଆଧ୍ୟାତ୍ମିକ ଦେବତା ବୁଦ୍ଧଦେବ

ପୁରୀ ଅଫିସ,୨୨।୧: ପୌଷ ପୂର୍ଣ୍ଣିମା ଅବସରରେ ବୋଧିଚକ୍ର ପକ୍ଷରୁ ସୋମବାର ବୌଦ୍ଧ ମନ୍ଦିର ପରିସରରେ ବୌଦ୍ଧ ଦର୍ଶନରେ ଶୂନ୍ୟବାଦ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ହରପ୍ରିୟା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଦର୍ଶନ ଓ ଚେତନା ମୂଳାଧାର ରୂପେ ଆଧ୍ୟାତ୍ମିକ ଦେବତା ହେଉଛନ୍ତି ବୁଦ୍ଧଦେବ। ହିନ୍ଦୁ ଧର୍ମାଗ୍ରନ୍ଥମାନଙ୍କରେ ବୁଦ୍ଧଦେବଙ୍କୁ ଭଗବାନ ବିଷ୍ଣୁଙ୍କର ନବମ ଅବତାର ବୋଲି କୁହାଯାଇଛି। ବୁଦ୍ଧଦେବଙ୍କର ପ୍ରଥମ ଉପାସକ ତପସୁ ଓ ଭଲ୍ଲୁକ କଳିଙ୍ଗରେ ଯାଜପୁରଠାରେ କେଶସ୍ତୂପ ତପସୁ ବୌଦ୍ଧବିହାର ପ୍ରତିଷ୍ଠା କରି ଶେଷ ଜୀବନ ପର୍ଯ୍ୟନ୍ତ ବୁଦ୍ଧବାଣୀ ଓ ଧର୍ମ ପ୍ରଚାର କରିଥିଲେ। ଏହା ଯାଜପୁର ତାରାପୁର ପାହାଡ଼ରୁ ମିଳିଥିବା ବ୍ରାହ୍ମୀଲିପିରୁ ସୂଚନା ମିଳେ ବୋଲି ସେ କହିଥିଲେ। ମୁଖ୍ୟଅତିଥି ପ୍ରଭାକର ମିଶ୍ର ବୁଦ୍ଧଙ୍କ ମାର୍ଗ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଇଂ. ଗିରିଜାଶଙ୍କର ପାଢୀ ଆଭିମୁଖ୍ୟ ବର୍ଣ୍ଣନା କରିଥିବାବେଳେ ଉପାସକ ଉମେଶ ଚନ୍ଦ୍ର ଦାଶ ବୁଦ୍ଧ ବନ୍ଦନା ଗାନ କରିଥିଲେ। ଆଲୋଚନାଚକ୍ରରେ ପୁରୁଷୋତ୍ତମ ନନ୍ଦ, ପ୍ରମୋଦା ଦେବୀ, ଅଶୋକ କୁମାର ଆଢ୍ୟ, ହେମାଙ୍ଗିନୀ ମହାନ୍ତି ପ୍ରମୁଖ ବୁଦ୍ଧଦେବଙ୍କ ନୀତି, ମାର୍ଗ ଓ ଆତ୍ମଚିନ୍ତନ ଉପରେ ଆଲୋକପାତ କରିଥିଲେ।

### ବସ୍ ଚକ ତଳେ ପର୍ଯ୍ୟଟକଙ୍କ ଜୀବନ ଗଲା

ପୁରୀ ଅଫିସ,୨୨।୧: ବସ୍ ଚକ ତଳେ ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ଜୀବନ ଯାଇଛି। ସେ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣାର ଅମୂଲ ଦେବନାଥ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପଶ୍ଚିମବଙ୍ଗରୁ ଏକ ପର୍ଯ୍ୟଟକ ଦଳ ଗତ ଶନିବାରଠାରୁ ପୁରୀ ବୁଲିବାକୁ ଆସିଥିଲେ। ମଙ୍ଗଳବାର ସକାଳେ ମହାପ୍ରଭୁଙ୍କ ଦର୍ଶନ ସାରି ମାଲତିପାଟପୁରରେ ପହଞ୍ଚିଥିଲେ। ସେଠାରୁ ବସ୍ ଯୋଗେ କୋଣାର୍କ ଯିବା ଲାଗି ବାହାରିଥିଲେ। ମାଲତିପାଟପୁର ନିକଟ ବ୍ରିଜ ଦେଇ ଯିବା ସମୟରେ ଅମୂଲଙ୍କ ଚପଲ ତଳକୁ ଖସିପଡ଼ିଥିଲା। ସେ ବସକୁ ଅଟକାଇବା ଲାଗି ଡ୍ରାଇଭରଙ୍କୁ ଅନୁରୋଧ କରିଥିଲେ। ବସ୍ ଗତି ଧୀର ଥିବାରୁ ସେ ଓହ୍ଲାଇ ପଡ଼ିଥିଲେ। ମାତ୍ର ଭାରସାମ୍ୟ ହରାଇ ସେ ତଳେ ପଡିଯାଇଥିଲେ। ବସ୍‌ର ପଛ ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଆଶ୍ରମ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ସିଂଘାପଡା ପଞ୍ଚାୟତ ସମ୍ବରବିନ୍ଧା ଆଶ୍ରମ ବିଦ୍ୟାଳୟ ପରିସରରେ ରବିବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ମ୍ୟାଲେରିଆ ସୁପରଭାଇଜର ଓ ଫାର୍ମାସିଷ୍ଟ ଉପସ୍ଥିତ ରହି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ମନ୍ଦାକିନୀ ନଦୀ ସେତୁ

ନିରାକାରପୁର,୨୨।୧(ଡି.ଏନ.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ଛକ ନିକଟରେ ୧୬ ନଂ ଜାତୀୟ ରାଜପଥସ୍ଥିତ ମନ୍ଦାକିନୀ ନଦୀ ଉପରେ ଥିବା ସେତୁଟି ସମ୍ପ୍ରତି ବିପଜ୍ଜନକ ଅବସ୍ଥାରେ ଥିବା ଅଭିଯୋଗ ହେଉଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ବ୍ରିଜ୍ ମଝିରେ ପିଚୁ ଉଠି ଖାଲ ହୋଇଯାଇଛି। ଏଭଳି ଶୋଚନୀୟ ଅବସ୍ଥାରେ ଥିବା ବ୍ରିଜ୍ ଉପରେ ଗତି କଲାବେଳେ ଟିକିଏ ଅସାବଧାନତା ହେଲେ ଯାନବାହନ ନଦୀଗର୍ଭକୁ ଖସି ଧନଜୀବନ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିରୁ ଲୁହା ରଡ୍‌ଗୁଡିକ ବାହାରକୁ ଦେଖାଯାଉଛି । ତେଣୁ ଏବେଠାରୁ ସତର୍କ ହୋଇ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ ହେଲେ ଭବିଷ୍ୟତରେ ସେତୁଟି ଅଧିକ ବିପଜ୍ଜନକ ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ୧୬ନଂ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ଏସ୍ କେ ନାୟକଙ୍କୁ ପଚାରିବାରୁ ଉକ୍ତ ଅଞ୍ଚଳଟି ତାଙ୍କ ଅଧୀନରେ ଆସୁ ନ ଥିବା କହିଥିବା ଜଣାପଡ଼ିଛି।

# ପୁରୀ ଜିଲାରେ ୨୫ ହଜାର ନୂଆ ଭୋଟର

ପୁରୀ ଅଫିସ,୨୨।୧



ଖବରଦାତା ସମ୍ମିଳନୀରେ ଉପଜିଲାପାଳ ସୂଚନା ଦେଉଛନ୍ତି।

- ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ସର୍ବାଧିକ ନୂଆ ଭୋଟର
- ଜିଲାର ମୋଟ ଭୋଟର ୧୩ଲକ୍ଷ ୫୪ ହଜାର ୫୬୯
- ପୁରୀ ନିର୍ବାଚନମଣ୍ଡଳୀରେ ସର୍ବାଧିକ ଭୋଟର

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚଳିତବର୍ଷ ରାଜ୍ୟରେ ୫.୪୮ ଲକ୍ଷ ନୂଆ ଭୋଟର ସାମିଲ ହୋଇଛନ୍ତି। ସେଥିମଧ୍ୟରେ ପୁରୀ ଜିଲାରେ ୨୫,୦୮୨ ନୂଆ ଭୋଟର ରହିଛନ୍ତି। ଏମାନଙ୍କୁ ମିଶାଇବା ପରେ ଜିଲାର ମୋଟ ଭୋଟର ସଂଖ୍ୟା ୧୩,୫୪,୫୬୯ରେ ପହଞ୍ଚିଛି ବୋଲି ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଭବତାରଣ ସାହୁ ଏହି ସୂଚନା ଦେଇଛନ୍ତି।

ଉପଜିଲାପାଳଙ୍କ ସୂଚନା ମୁତାବକ, ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ନାମ ସାମିଲ କରିବାକୁ ୫୩,୪୬୫ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୮,୩୮୩ ଜଣଙ୍କ ନାମ ବାଦ୍ ପଡ଼ିଛି। କାକଟପୁର ନିର୍ବାଚନମଣ୍ଡଳୀରୁ ୮,୬୯୮ ଆବେଦନ କରିଥିବା ବେଳେ ୫,୨୮୬ ଜଣଙ୍କ ନାମ ବାଦ୍ ପଡିଛି। ସେହିପରି ନିମାପଡ଼ାରୁ ୭,୭୬୬ରୁ ୨,୭୩୨, ପୁରୀରୁ ୯,୪୪୦ରୁ ୪,୬୪୪, ବ୍ରହ୍ମଗିରିରୁ ୧୦,୫୬୨ରୁ ୫,୨୨୫, ସତ୍ୟବାଦୀରୁ ୭,୮୨୯ରୁ ୪,୩୪୯ ଏବଂ ପିପିଲି ନିର୍ବାଚନ ମଣ୍ଡଳୀରୁ ୯,୧୭୦ ମଧ୍ୟରୁ ୬,୧୪୭ ଜଣଙ୍କ ନାମ ବାଦ୍ ପଡ଼ିଛି। ନୂଆ ଭୋଟରଙ୍କ ମଧ୍ୟରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରୁ ସର୍ବାଧିକ ୫,୩୩୭ ରହିଥିବା ବେଳେ ନିମାପଡ଼ାରୁ ୫,୦୩୪, ପୁରୀରୁ ୪,୭୯୬, ସତ୍ୟବାଦୀ ୩,୪୮୦, କାକଟପୁର ୩,୪୧୨ ଏବଂ ପିପିଲି ନିର୍ବାଚନମଣ୍ଡଳୀରୁ ୩,୦୨୩ ରହିଛନ୍ତି। ଜିଲାର ମୋଟ ଭୋଟରଙ୍କ ମଧ୍ୟରେ ସର୍ବାଧିକ ଭୋଟର ପୁରୀ ନିର୍ବାଚନମଣ୍ଡଳୀରେ ୨,୩୯,୪୫୪ ରହିଥିବା ବେଳେ କାକଟପୁର ୨,୩୬,୭୯୪, ନିମାପଡ଼ା ୨,୩୬,୪୫୭, ବ୍ରହ୍ମଗିରି ୨,୧୪,୨୮୫, ସତ୍ୟବାଦୀ ୨,୦୪,୦୪୮ ଏବଂ ପିପିଲି ନିର୍ବାଚନମଣ୍ଡଳୀର ୨,୨୩,୫୩୧ ଜଣ ଭୋଟର ରହିଛନ୍ତି।

# ରାସ୍ତାରେ ଯୁବକଙ୍କୁ ଗୋଡ଼େଇ ହାଣି ହତ୍ୟା

## ପୋଲିସର ନିଷ୍କ୍ରିୟତାକୁ ଦାୟୀକଲେ ପରିବାର ଲୋକେ

ପୁରୀ ଅଫିସ,୨୨।୧: ଚନ୍ଦନପୁର ଥାନା ଅନ୍ତର୍ଗତ ବୀରନରସିଂହପୁର ନିକଟରେ ମଙ୍ଗଳବାର କେତେଜଣ ଦୁର୍ବୃତ୍ତ ଜଣେ ଯୁବକଙ୍କୁ ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଥେଣ୍ଟପୁରର ଜୟକୃଷ୍ଣ ପ୍ରଧାନ(୪୫)। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ପ୍ରକାରେ, କୌଣସି କାରଣକୁ ନେଇ ଜୟକୃଷ୍ଣଙ୍କର ସେହି ଗ୍ରାମର କେତେଜଣ ଯୁବକଙ୍କ ସହ ଶତ୍ରୁତା ଥିଲା। ଗତ ୨୦ ତାରିଖରେ ସେମାନେ ତାଙ୍କ ଘର ଆଗରେ ବୋମା ଓ ଟେକାପଥର ମାଡ଼ କରିଥିଲେ। ଏନେଇ ଜୟକୃଷ୍ଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଗ୍ରହଣ କରି ଚୁପ ବସିପଡିଥିଲା। ସୋମବାର ରାତିରେ ଉକ୍ତ ଯୁବକମାନେ ତାଙ୍କ ଘରକୁ ଲକ୍ଷ୍ୟକରି ବୋମାମାଡ଼ କରିଥିଲେ। ଏନେଇ ଜୟକୃଷ୍ଣ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ମଙ୍ଗଳବାର ଜୟକୃଷ୍ଣ ସ୍କୁଟି ଯୋଗେ ବୀରନରସିଂହପୁରରୁ ଫେରୁଥିଲେ। କିଛି ଦୂରରେ ସମ୍ପୃକ୍ତ ଯୁବକମାନେ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଜୟକୃଷ୍ଣ ସ୍କୁଟି ଛାଡ଼ି ଭୟରେ ଦୌଡିବା ବେଳେ ତାଙ୍କୁ ଖଣ୍ଡା, କାତି, କଟୁରି ଧରି ଗୋଡାଇଥିଲେ। ସେ ତଳେ ପଡିଯିବା ପରେ ଶରୀରର ବିଭିନ୍ନ ସ୍ଥାନକୁ ନୃଶଂଶ ଭାବେ ହାଣି ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଅପରାହ୍ନରୁ ମାଡ଼ିଲା କୁହୁଡ଼ି: ଲୁଚିଗଲା ନୀଳଚକ୍ର



କୁହୁଡି ଘେରରେ ପୁରୀ ବଡଦାଣ୍ଡ।

ପୁରୀ ଅଫିସ,୨୨।୧

କିଛିଦିନ ହେବ ପୁରୀ ଜିଲାରେ ପ୍ରବଳ କୁହୁଡ଼ି ହେଉଛି। ରବିବାର ଏବଂ ସୋମବାର କୁହୁଡ଼ି ଯୋଗୁ ପୂର୍ବାହ୍ନ ପ୍ରାୟ ୧୧ଟା ପରେ ବି ସୂର୍ଯ୍ୟ କିରଣ ସ୍ୱଷ୍ଟ ଭାବେ ପଡି ନ ଥିଲା। ଏମିତି କି ଦିନତମାମ କୁହୁଡ଼ି ଛାଇ ରହିଥିଲା। ମଙ୍ଗଳବାର ମଧ୍ୟ ସମାନ ପ୍ରକାର ଅବସ୍ଥା। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୁହୁଡ଼ି ଆସ୍ତରଣ ରହିଥିଲା। ମଧ୍ୟାହ୍ନରେ ସବୁ ସ୍ୱାଭାବିକ ରହିଥିଲା। ହେଲେ ଅପରାହ୍ନ ପ୍ରାୟ ସାଢେ ୩ଟା ବେଳକୁ ସହରକୁ କୁହୁଡ଼ି ମାଡ଼ିବା ଆରମ୍ଭ କରିଥିଲା। ୪ଟା ବେଳକୁ ସମ୍ପୂର୍ଣ୍ଣ ସହର କୁହୁଡ଼ିରେ ଆଚ୍ଛାଦିତ ହୋଇ ଯାଇଥିଲା। କୁହୁଡ଼ି ପରିମାଣ ଏତେ ହୋଇଯାଇଥିଲା ଯେ, ଶ୍ରୀମନ୍ଦିର ନୀଳଚକ୍ର ଦେଖିପାରି ନ ଥିଲେ ଭକ୍ତ। ସାଧାରଣତଃ ଦିନ ବେଳା ଅଠରନଳା ପୋଲ ଉପରୁ ଏବଂ ବଳଗଣ୍ଡି ଛକରୁ ଭକ୍ତମାନେ ଶ୍ରୀମନ୍ଦିର ନୀଳଚକ୍ର ଦର୍ଶନ କରିଥାନ୍ତି। ଏପରି କି ପ୍ରତିଦିନ ବଡ଼ଦାଣ୍ଡରେ ଠିଆ ହୋଇ ପତିତପାବନ ବାନା ବନ୍ଧା ଦୃଶ୍ୟକୁ ଉପଭୋଗ କରୁଥିବା ଶହ ଶହ ଶ୍ରଦ୍ଧାଳୁ ମଧ୍ୟ ମଙ୍ଗଳବାର ଏଥିରୁ ବଞ୍ଚିତ ହୋଇଥିଲେ।

# ମାନସିକ ରୋଗୀଙ୍କ ସାମାଜିକ ନିରାପତ୍ତା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

ଖଣ୍ଡପଡା,୨୨।୧(ସ୍ୱ.ପ୍ର.)–ସାରା ରାଜ୍ୟରେ ମାନସିକ ରୋଗୀଙ୍କ ଚିକିତ୍ସା ଓ ସାମାଜିକ ନିରାପତ୍ତା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଉଛି। ଏଥିପ୍ରତି ଦୃଷ୍ଟିଦେବାକୁ ଖଣ୍ଡପଡା ଅଞ୍ଚଳର ସାମାଜିକ କର୍ମୀ ତଥା ଜାତୀୟ ପୁରସ୍କାରପ୍ରାପ୍ତ ସୁଶାନ୍ତ କୁମାର ସାହୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅତି ଦୁର୍ଦ୍ଦିନରେ ଦିନ କାଟୁଥିବା ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ପାଇଁ ସରକାରୀ ସ୍ତରରେ ସେଭଳି କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଏହି ବର୍ଗର ବ୍ୟକ୍ତିଙ୍କ ଯୋଗୁ ସମୟେ ସମୟେ କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଗତ ୧୭ ତାରିଖରେ ନୟାଗଡ଼ ଜିଲା ଓଡଗାଁଠାରେ ମାନସିକ ରୋଗୀ ନିରଞ୍ଜନ ମଲ୍ଲିକଙ୍କ ଯୋଗୁ ୨ଜଣଙ୍କ ଅକାଳ ମୃତ୍ୟୁ ଘଟିଥିଲା। ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଖୋଦ୍ ଓଡଗାଁ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଅପରପକ୍ଷେ ମହିଳା ମାନସିକ ରୋଗୀଙ୍କ ଚିକିତ୍ସା ଓ ଥଇଥାନ ନିମନ୍ତେ ଭୁବନେଶ୍ୱର ନିକଟ ଜାଆଁଳାଠାରେ 'ମିଶନ ଆଶ୍ରା' ନାମରେ ଏକ ବେସରକାରୀ ସଂସ୍ଥା କାର୍ଯ୍ୟ କରୁଛି। ହେଲେ ପୁରୁଷ ମାନସିକ ରୋଗୀଙ୍କ ନିମନ୍ତେ କୌଣସିଠାରେ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ। ଏଡି ପରିପ୍ରେକ୍ଷୀରେ ରାଜ୍ୟର ପ୍ରତ୍ୟେକ ଜିଲାରେ ମାନସିକ ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇଦେବା ସହ ସେମାନଙ୍କୁ ଥଇଥାନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀ ଓ ରାଜ୍ୟ ସରକାର ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହୁ ଦାବିପତ୍ର ମାଧ୍ୟମରେ ନିବେଦନ କରିଛନ୍ତି।

# ବାଳିକା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ଡିସେମ୍ବର ୨୬ ତାରିଖଠାରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ ମହିଳା ମହାବିଦ୍ୟାଳୟର ୬ଟି ଗ୍ରୁପରେ ୧୮୦ ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିଲା । ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରାୟୋଜିତ କାର୍ଯ୍ୟକ୍ରମରେ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଅମୃତା ସେନ ଓ ଲକ୍ଷ୍ମୀପ୍ରିୟା ସେଠୀ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ତୃପ୍ତିପ୍ରିୟା ସେଠୀ ଓ ନିବେଦିତା ପଟ୍ଟନାୟକ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ +୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ଯୁକ୍ତ ୩ ଅଧ୍ୟକ୍ଷା ଲିପିକା ମହାନ୍ତ, ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ ଗାଇଡ୍ ପୁସ୍ତକ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ତୃପ୍ତିପ୍ରିୟା ସେଠୀ, ବିଶ୍ୱ ଭାରତୀ ମହାରଣା, ମଧୁସ୍ମିତା ସ୍ୱାଇଁ, ନିରୁପମା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ଗ୍ରହଣ କରୁଛନ୍ତି।

# ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା

ନୂଆଗାଁ,୨୨।୧ (ଡି.ଏନ.ଏ.)

**ନୂଆଗାଁ ବ୍ଲକ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣିଛନ୍ତି ହରିପୁର ପଞ୍ଚାୟତ ହାତିଆଶିଳା ଗ୍ରାମର ପ୍ରକାଶ ଚନ୍ଦ୍ର ସାହୁ। ସେ ନୂଆଗାଁ ବିଡିଓଙ୍କ ନିକଟରେ କରିଥିବା ଅଭିଯୋଗ ମୁତାବକ ହରିପୁର ପଞ୍ଚାୟତର ଭାଟସାହି, ଶିଆରିମାଳ, ହାତିଆଶିଳା, ଜୟପୁର ଆଦି ଗ୍ରାମରେ ଅନେକ ଗରିବ ହିତାଧିକାରୀ ରହିଛନ୍ତି, ଯେଉଁମାନଙ୍କର ରହିବା ପାଇଁ ଭଲ ଚାଳଘର ଖଣ୍ଡେ ନାହିଁ। ବିଜୁ ପକ୍କା ଘର ଯୋଜନାରେ ସାମିଲ ହେବା ପାଇଁ ଅନେକ ଯୋଗ୍ୟ ହିତାଧିକାରୀ ଥିଲେ ମଧ୍ୟ ସେମାନଙ୍କୁ ଆବାସ ଗୃହ ଦିଆଯାଉ ନାହିଁ। ହେଲେ ହାତିଆଶିଳା ଗ୍ରାମର ତ୍ରିନାଥ ନାହାକଙ୍କ ପୂର୍ବରୁ ଦୁଇ ବଖରା ଛାତ ଘର ଥାଇ ମଧ୍ୟ ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇ ଦିଆଯାଇଛି। ତେଣୁ ଏହାର ତଦନ୍ତ କରି ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ସେ ନିବେଦନ କରିଛନ୍ତି। ଆବାସ ଯୋଜନା ପାଇଁ ହିତାଧିକାରୀ ଚୟନରେ ଏପରି ଅନିୟମିତତା ବିଷୟରେ ହରିପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀକାନ୍ତ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ତ୍ରିନାଥଙ୍କର ଘର ଅଛି କି ନାହିଁ ମୁଁ ସେ ବିଷୟରେ କହିପାରିବି ନାହିଁ। ବିଜୁ ପକ୍କାଘର ହିତାଧିକାରୀ ଚୟନ କରିବା ପାଇଁ ବିଡିଓ ଏକ ଟିମ୍ ଗଠନ କରି ତଦନ୍ତ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାଦେଶ ଦିଆଯାଇଛି । ଅଭିଯୋଗକାରୀ ବିଡିଓଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ନକୁଳ ରାଉତଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଅଭିଯୋଗର ତଦନ୍ତ ବିଷୟରେ ସହକାରୀ ଯନ୍ତ୍ରୀ ରାଉତ କହନ୍ତି, ବିଡିଓ ଛୁଟିରେ ଅଛନ୍ତି। ସେ ଆସିବା ପରେ ଯାହା କରିବେ।

# ବାଳିକା ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ

ବୋଲଗଡ଼,୨୨।୧(ଡି.ଏନ.ଏ.)

ବୋଲଗଡ଼ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ମୀନାକ୍ଷୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇଥିଲେ। ବୋଲଗଡ଼ ବିଇଓ ବିଭୂତି ଭୂଷଣ ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । କୃତୀ ପ୍ରତିଭା ଓ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ନୀଳମାଧବ ପୀଠରେ ଭଜନ ସମାରୋହ

ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.)

ପବିତ୍ର ପୌଷ ପୂର୍ଣ୍ଣମୀରେ ଶ୍ରୀଜୀଉଙ୍କ ସୁନାବେଶ ଅବସରରେ ସୋମବାର କଣ୍ଟିଲୋ ନୀଳମାଧବ ପୀଠରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଠାକୁରଙ୍କ ରାଶ ମଣ୍ଡପରେ ଆୟୋଜିତ ସମାରୋହରେ ପୂଜକ ସମାଜ ସଭାପତି ରାଜୀବ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। କଣ୍ଠଶିଳ୍ପୀ ମିନତୀ ପାତ୍ର, ଅଧ୍ୟାପିକା ହିମାଦ୍ରୀ ତନୟା ମିଶ୍ର, ଇପ୍‌ସିତା ପଣ୍ଡା, ସ୍ମୃତିମୟୀ ଦାସ, ଗଗନ ଯେନା, ଆଲୋକ କୁଣ୍ଡୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସଞ୍ଜୟ କୁମାର ଦାଶ ସଂଯୋଜନା କରିଥିଲେ। ପରେ ମୁଖ୍ୟ ଅତିଥି କଣ୍ଠଶିଳ୍ପୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଖଣ୍ଡପଡା ଅଞ୍ଚଳର ଗୌରବ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥଙ୍କ ଦ୍ୱାରା ସଂକଳିତ 'ଆହେ ନୀଳମାଧବ' ଭଜନ କ୍ୟାସେଟ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କଣ୍ଟିଲୋ ଫାଣ୍ଡି ଅଧିକାରୀ ରଘୁନାଥ ଷଡଙ୍ଗୀ, ଦେବୋତ୍ତର ମ୍ୟାନେଜର ହରିହର ଦାଶ ଅତିଥି ଭାବେ ଉପସ୍ଥିତ ଥିଲେ ।



ଭଜନ ସମାରୋହରେ ବିଧାୟକ ଓ ଅନ୍ୟ ଅତିଥିମାନେ।

## ପାଞ୍ଚଗଡ଼ ମହୋତ୍ସବ ଉଦ୍‌ଘାଟିତ

# ଆକର୍ଷଣ ସାଜିଲା ମେଢ଼ ନୃତ୍ୟ, ଓଡ଼ିଶୀ

ବୋଲଗଡ଼,୨୨।୧(ଡି.ଏନ.ଏ.)



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

- ଖଞ୍ଜଣି, କେନ୍ଦରା, ପାଲା, ସଂକୀର୍ତ୍ତନରେ ଦର୍ଶକ ମୁଗ୍ଧ
- ସ୍ଥାନୀୟ ପରମ୍ପରା, ସଂସ୍କୃତି, ଭ୍ରାତୃତ୍ୱ ଓ ଐକ୍ୟର ବାର୍ତ୍ତା

ବୋଲଗଡ଼ ବ୍ଲକ ବଡକୁମାରୀ ସ୍ଥିତ ମହୋତ୍ସବ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ୮ମ ପାଞ୍ଚଗଡ଼ ମହୋତ୍ସବ-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ସଂସ୍କୃତି ତଥା ପରମ୍ପରା ପ୍ରଦର୍ଶନ, ଭ୍ରାତୃତ୍ୱ, ସାମାଜିକ ଐକ୍ୟର ବାର୍ତ୍ତା ପ୍ରଦାନ ସହ ପ୍ରତିଭା ଅନ୍ୱେଷଣର ଉଦ୍ଦେଶ୍ୟ ନେଇ ପାଞ୍ଚଗଡ଼ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହେଉଛି। ସଭାରେ କମିଟି ଅଧ୍ୟକ୍ଷ ଡ. ପ୍ରକାଶ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ କାଳୀ ଚରଣ ଜୟସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର କୁମାର ସୁବୁଦ୍ଧି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରଫୁଲ୍ଲ କୁମାର ପ୍ରଧାନ, ସ୍ଥାନୀୟ ନାଏବ ସରପଞ୍ଚ ବିଜୟ କୁମାର ତାରେଣିଆ ଓ ଶିକ୍ଷାବିତ୍ ଝାନ୍‌ସି ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଓଡ଼ିଶାର ସଂସ୍କୃତି ଓ ମହନୀୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। କମିଟି କାର୍ଯ୍ୟକାରୀ ସଭାପତି ବସନ୍ତ ନାୟକ ଅତିଥି ପରିଚୟ ଓ ସମ୍ପାଦକ ସୁନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବଡକୁମାରୀ ଗ୍ରାମର ରାଧା ନାୟକ ଓ ସାଥୀଙ୍କ ସଂକୀର୍ତ୍ତନ, ଖଉରୁଣୀ ଗ୍ରାମର ଦାଶରଥି ପାଇକରାୟ ଏବଂ ସାଥୀଙ୍କ ଦ୍ୱାରା ଖଞ୍ଜଣି ଭଜନ, ଚମ୍ପାଇଲୋ ଗ୍ରାମର ଶିବ ଦାସଙ୍କ କେନ୍ଦରା ଭଜନ, ବାଙ୍କୋଇ ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ ଓ ସାଥୀଙ୍କ ଦ୍ୱାରା ପାଲା ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଖୋର୍ଦ୍ଧା ନଟରାଜ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ସାହି ଜାତ ମେଢ଼ ନୃତ୍ୟ ବେଶ୍ ଅକର୍ଷଣୀୟ ଥିଲା । ଭୁବନେଶ୍ୱର ସନ୍‌ସାଇନ ଅନୁଷ୍ଠାନର ହୃଦୟଛୁଆଁ ଓଡ଼ିଶୀ ନୃତ୍ୟ ମଧ୍ୟ ବେଶ୍ ଆକର୍ଷଣୀୟ ଥିଲା।



କୃତଜ୍ଞତା ରୂପକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
- ଫ୍ରାଙ୍କଲିନ୍



# ବିପର୍ଯ୍ୟସ୍ତ ହୋଇପଡ଼ିଛି ଶିକ୍ଷା, ସ୍ୱାସ୍ଥ୍ୟସେବା

ଗଣିଆ,୨୨।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସ୍ୱାଧୀନତାର ଦୀର୍ଘ ୭୧ ବର୍ଷ ପରେ ମଧ୍ୟ ଏହି ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇଥିବାବେଳେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିନାହିଁ। ଗୁପ୍ତେଶ୍ୱର ବିଦ୍ୟାପୀଠରେ ଆବଶ୍ୟକ ଶିକ୍ଷକ ନ ଥିବାବେଳେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ଓ କର୍ମଚାରୀ ଅଭାବ ଭଳି ସମସ୍ୟା ଲାଗିରହିଛି। ଏହି ସମସ୍ୟା ନେଇ ଅଞ୍ଚଳବାସୀ ଗଣଧାରଣା ଓ ଜନଆନ୍ଦୋଳନ କରିଆସୁଥିଲେ ହେଁ କୌଣସି ସୁଫଳ ମିଳିପାରୁନାହିଁ ।

ଗଣିଆ ବ୍ଲକର ଛାମୁଣ୍ଡିଆ ଓ ବଡଶିଲିଙ୍ଗା ଭଳି ଆଦିବାସୀ ପ୍ରବଣ ପଞ୍ଚାୟତରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୧୯୮୮ମସିହାରେ ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହରିହର କରଣଙ୍କ ଦ୍ୱାରା ଛାମୁଣ୍ଡିଆ (ବେଣ୍ଟପଡା)ଠାରେ ୬ଶଯ୍ୟା ବିଶିଷ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲା। ପରେ ୨୦୦୮ମସିହାଠାରୁ ଏଠାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନିମିତ୍ତ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଥିଲା । ଏହାକୁ ଯଥାର୍ଥ ମନେକରି ୨୦୧୪ରେ ଜଣେ ସ୍ଥାୟୀ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଆଳ ଦେଖାଇ ସମ୍ପୃକ୍ତ ଡାକ୍ତର ଜଣଙ୍କୁ ୨୦୧୫ରେ ଡେପୁଟେଶନରେ ଗଣିଆକୁ ବଦଳି କରାଯାଇଥିଲା । ଏହାର ପ୍ରତିବାଦରେ ସେହିବର୍ଷ ସେପ୍ଟେମ୍ବର ୧୫ ତାରିଖରେ ଅଞ୍ଚଳବାସୀଙ୍କ ତରଫରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ତତ୍କାଳୀନ ସିଡିଏମ୍ଓ, ଏଡିଏମଓ, ଗଣିଆ ବିଡିଓ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଧାରଣାସ୍ଥଳରେ ପହଞ୍ଚି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ମେଡିକାଲ ଅଫିସର ଯୋଗଦାନ ପରେ ସମ୍ପୃକ୍ତ ଡାକ୍ତର ପୂର୍ବପରି ନିୟମିତ ଭାବେ ଛାମୁଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ନିର୍ଦ୍ଦେଶ ଦିଆଯାଇ ନ ଥିବାରୁ ଡାକ୍ତର ଜଣଙ୍କ ପୂର୍ବପରି ଗଣିଆରେ କାର୍ଯ୍ୟକରିଆସୁଛନ୍ତି। ଫଳରେ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବାଧାପ୍ରାପ୍ତ ହେଉଛି । ସେହିପରି ସ୍ଥାନୀୟ ଗୁପ୍ତେଶ୍ୱର ବିଦ୍ୟାପୀଠରେ କୌଣସି ସ୍ଥାୟୀ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାନ୍ତି। ଫଳରେ ଛାତ୍ରୀଛାତ୍ର କିପରି ପଢୁଥିବେ ତାହା ସହଜରେ ଅନୁମେୟ। ଏଥିପାଇଁ ସ୍ଥାନୀୟ ଜନସାଧାରଣ ଓ ଅଭିଭାବକମାନେ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀଙ୍କଠାରୁ ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷଙ୍କ ନିକଟରେ ଗୁହାରି କରିଆସୁଥିଲେ ମଧ୍ୟ ସମାଧାନ ହୋଇପାରୁନାହିଁ। ବାରମ୍ବାର ଧାରଣା, ଆନ୍ଦୋଳନ ପରେ ନିରାଶ ହୋଇ ଅଭିଭାବକ ଏବେ ପିଲାଙ୍କ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡିଛନ୍ତି। ଚଳିତ ବର୍ଷ ଏହି ହାଇସ୍କୁଲରେ ୧୦ମ ଶ୍ରେଣୀରେ ୫୩ ଓ ୯ମ ଶ୍ରେଣୀରେ ୭୮ ଛାତ୍ରୀଛାତ୍ର ପଢୁଛନ୍ତି। ୧୯୮୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ୨୦୦୭ ମସିହାରୁ ସ୍ଥାୟୀ ବିଜ୍ଞାନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ ଗତ ୧୧ବର୍ଷ ଭିତରେ ଯେଉଁ ବିଜ୍ଞାନ ଶିକ୍ଷକଙ୍କୁ ଏଠାକୁ ପଠାଯାଇଛି ସେମାନେ ପୁଣିଥରେ ବଦଳି କିମ୍ବା ଡେପ୍ଲଏଡ ହୋଇ ଅନ୍ୟତ୍ର ଶିକ୍ଷାଦାନ କରୁଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ୨ବର୍ଷ ତଳେ ନିର୍ମାଣ ହୋଇଥିବା ଛାତ୍ରାବାସ କାର୍ଯ୍ୟକ୍ଷମ ନ ହୋଇ ନଷ୍ଟ ହେବାକୁ ବସିଛି । ଏହି ସମସ୍ୟା ସମାଧାନ ନେଇ ଅଞ୍ଚଳବସୀଙ୍କ ତରଫରୁ ସୋମବାର ନୟାଗଡ଼ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ, ଦଶପଲ୍ଲା ବିଧାୟକ, ଗଣିଆ ବ୍ଲକ ଅଧ୍ୟକ୍ଷ, ଗଣିଆ ବିଡିଓ, ତହସିଲଦାର ପ୍ରମୁଖଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଫେବୃୟାରୀ ପ୍ରଥମ ସପ୍ତାହ ମଧ୍ୟରେ ଏହା ସମାଧାନ ନ ହେଲେ ସେମାନେ ଗଣଧାରଣା ଓ ଆମରଣ ଅନଶନ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ଅଞ୍ଚଳର ଜୟଦେବ ସାହୁ ଓ ହେମନ୍ତ କୁମାର ମାଝି ସୂଚନା ଦେଇଛନ୍ତି।



ଛାମୁଣ୍ଡିଆ ବେଣ୍ଟପଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।



କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଗୁପ୍ତେଶ୍ୱର ବିଦ୍ୟାପୀଠ ଛାତ୍ରାବାସ ।

**ଛାମୁଣ୍ଡିଆ ପଞ୍ଚାୟତ**
- ଜିଲାପାଳଙ୍କୁ ଅବଗତ କଲେ ଅଞ୍ଚଳବାସୀ
- ସମାଧାନ ନ ହେଲେ ଆନ୍ଦୋଳନ ନିଷ୍ପତ୍ତି

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା, ୨ ଗୁରୁତର



**ନୂଆଗାଁ,୨୨।୧(ଡି.ଏନ୍.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନରେ ମଙ୍ଗଳବାର ଗୋଟିଏ ଦିନରେ ପୃଥକ୍ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ହୋଇଛନ୍ତି। ମହିତମା ଛକ ନିକଟରେ ସକାଳ ୧୦ରେ ବାଇକ୍‌କୁ କାର୍ ଧକ୍କା ଦେବା ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସିକ୍ରିଡା ପଞ୍ଚାୟତ ବଡବାରଣା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତି (୪୨)। ମିଳିଥିବା ସୂଚନା ଅନୁସାରେ ବଡବରଣା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନିଜ ବାଇକ୍ (ଓଡି୨୫ସି-୨୧୧୩) ଯୋଗେ ଗ୍ୟାସ୍ ଆଣିବା ପାଇଁ ନୂଆଗାଁ ଯାଉଥିଲେ । ଏହି ସମୟରେ ନୟାଗଡ଼ ପଟୁ ଦଶପଲ୍ଲା ଯାଉଥିବା କାର୍ (ଓଡି୦୫ୱାଇ-୮୦୩୯) ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ ବାଇକ୍ ଚୂର୍‌ମାର ହେବା ସହ ପୂର୍ଣ୍ଣଚନ୍ଦ୍ର ଗୁରୁତର ହୋଇଥିଲେ। ନୂଆଗାଁ ଦମକଳବାହିନୀ ସହାୟତାରେ ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି । ସେହିପରି ଅପରାହ୍ନ ୪ଟା ସମୟରେ ନୂଆଗାଁ ନୂଆସାହି ଗ୍ରାମର ସଞ୍ଜୟ ମହାନ୍ତି ନିଜ ବାଇକ୍ (ଓଡି୨୫ଡି-୪୧୨୮) ନେଇ କୌଣସି କାର୍ଯ୍ୟରେ ଖାଲମଡା ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ବୁଢାବାରୀ ନିକଟରେ ରାସ୍ତା ଖରାପ ଥିବାରୁ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଏକ ପଥରରେ ପିଟି ହୋଇଯାଇଥିଲା। ଫଳରେ ସଞ୍ଜୟଙ୍କ ମୁହଁ ଓ ଶରୀରରେ ଗଭୀର ଆଘାତ ଲାଗିଥିଲା। ନୂଆଗାଁ ଦମକଳବାହିନୀ ଗାଡି ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ଖଣ୍ଡପଡ଼ା ଆର୍‌ସି ହାଇସ୍କୁଲରେ ମକ୍‌ଡ୍ରିଲ



ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.)-ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ସଚେତନତା ପାଇଁ ମଙ୍ଗଳବାର ସ୍ଥାନୀୟ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଗ୍ନିଶମ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ନନ୍ଦ, ବରିଷ୍ଠ ଶିକ୍ଷକ କିଶୋର ମୋହନ ପ୍ରଧାନ ଓ ଶିକ୍ଷୟିତ୍ରୀ ନିବାସିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଭୂମିକମ୍ପ, ବନ୍ୟା, ବାତ୍ୟା, ନିଆଁ ଲାଗିବା ଆଦି ବିପର୍ଯ୍ୟୟରୁ ଆତ୍ମରକ୍ଷା ସହିତ ଅନ୍ୟର ଜୀବନ ବଞ୍ଚାଇବା ନିମନ୍ତେ କିଭଳି କୌଶଳ ଅବଲମ୍ବନ କରାଯିବ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା।

## ଛାତ୍ରୀଙ୍କୁ ଅସଦାଚରଣ ମାମଲା: ପ୍ରଧାନ ଶିକ୍ଷକ ଗିରଫ

ନୟାଗଡ଼ ଅଫିସ/ଓଡ଼ଗାଁ, ୨୨।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ଏକ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇଛି। ସୋମବାର ସମ୍ପୃକ୍ତ ଛାତ୍ରୀଙ୍କୁ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ଅସଦାଚରଣ କରିଥିଲେ। ଏହି ଘଟଣା ଗ୍ରାମବାସୀ ଜାଣିବା ପରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶରଣକୁଳ ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ସୋମବାର ପ୍ରଧାନଶିକ୍ଷକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଘଟଣାକୁ ଚପାଇଦେବାକୁ ରାଜନୈତିକ ଚାପ ପକାଯାଉଥିବା ଅଭିଯୋଗ ହେଉଥିଲା। ତେବେ ପୋଲିସ ନିଜଆଡୁ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବିପିନ ବିହାରୀ ତ୍ରିପାଠୀଙ୍କ ବିରୋଧରେ ୫/୧୯ରେ ମାମଲା ରୁଜୁ କରିବା ସହିତ ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ନାବାଳିକାଙ୍କ ବୟାନ ରେକର୍ଡ କରିବାକୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଉଥିବା ଏସଡିପିଓ ନାରାୟଣ ଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।

## ହାଇଓ୍ୱା ଧକ୍କାରେ ୨ ଶିକ୍ଷକଙ୍କ ସମେତ ୫ ଆହତ

ଭାପୁର,୨୨।୧(ଡି.ଏନ୍.ଏ.)

ଦ୍ରୁତ ଗତିରେ ଯାଉଥିବା ଏକ ବାଲିବୋଝେଇ ହାଇଓ୍ୱା ଧକ୍କା ଦେବାରୁ ୩ଟି ସ୍ଥାନରେ ୨ ଶିକ୍ଷକ ଓ ଜଣେ ଛାତ୍ରଙ୍କ ସହ ୫ଜଣ ଆହତ ହୋଇଛନ୍ତି। ଘଟଣାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ରାସ୍ତା ଉପରେ ବସି ଧାରଣା ଦେଇଥିଲେ। ତହସିଲଦାର ଓ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧୀନ ମହାନଦୀର ମାଧପୁର ବାଲିଘାଟରୁ ବାଲି ବୋଝେଇ କରି ଏକ ହାଇଓ୍ୱା ଦ୍ରୁତ ଗତିରେ ଭାପୁର ଗୋଳାପୋଖରୀ ଦେଇ ରାଜସୁନାଖଳା ଯାଉଥିଲା। ଫଳରେ ଗୋଳାପୋଖରୀ ପୋଲ ଓ ବଜାର ନିକଟରେ ୩ଟି ସ୍ଥାନରେ ୩ଟି ବାଇକ୍‌କୁ ଧକ୍କା ଦେଇ ପଳାଇଯାଇଥିଲା। ଏହି ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ଭାପୁର ଗ୍ରାମର ଶିକ୍ଷକ ସରୋଜ କୁମାର ନାୟକ (୩୮) ଓ ତାଙ୍କର ୬ଷ୍ଠ ଶ୍ରେଣୀରେ ପଢୁଥିବା ପୁଅ ଆଦିତ୍ୟ ପ୍ରସାଦ ଗୁରୁତର ହୋଇଛନ୍ତି। ଏଲପଡ଼ା ଗ୍ରାମର ଶିକ୍ଷକ ସୁରେଶ ମହାରଣା (୪୫) ଓ ଗୋଳାପୋଖରୀ ଗ୍ରାମର ୨ ଯୁବକ ଗଗନ ବେହେରା (୨୫) ଓ ବୈକୁଣ୍ଠ ନାଥ ପଲେଇ (୨୪)ସେମାନଙ୍କ ବାଇକ୍‌ରୁ ବିଲକୁ ଛିଟିକି ପଡି ଆହତ ହୋଇଛନ୍ତି। ୩ଟି ସ୍ଥାନରେ ୩ ବାଇକ୍ ମଧ୍ୟ ଭାଙ୍ଗିଯାଇଛି। ଏହି ଘଟଣା ଜଣାପଡିବା ପରେ ଆହତ ହୋଇଥିବା ଶିକ୍ଷକଙ୍କ ପାଇଁ ଗୋଳାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଧାରଣା ଦେଇ ରାସ୍ତାରୋକୋ କରିଥିଲେ। ଖବରପାଇ ଭାପୁର ତହସିଲଦାର ତୃପ୍ତି ମହାନ୍ତି, ଫତେଗଡ଼ ଥାନା ଅଧିକାରୀ ଆଶୁତୋଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ସହ ଆଲୋଚନା କରିଥିଲେ। ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବାରୁ ନୟାଗଡ଼ ଜିଲାପାଳ ପୂର୍ବରୁ ତାଙ୍କ ଚିଠିରେ ବାଲି ବୋଝେଇ ହାଇଓ୍ୱା ଗାଡି ଦିନ ୮ଟାରୁ ରାତି ୮ଟା ଭିତରେ ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାୟମ ରଖିବାକୁ ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ରାସ୍ତାରେ ଧାନ ବେଙ୍ଗଳା ବନ୍ଦ କରିବା ଓ ସ୍କୁଲ ସମ୍ମୁଖରେ ହମ୍ପସ ନିର୍ମାଣ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।



ଛାତ୍ରୀଛାତ୍ର ରାସ୍ତାରୋକୋ କରୁଛନ୍ତି।

- ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ
- ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

## ମିନିଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଦଶପଲ୍ଲା,୨୨।୧(ଡି.ଏନ.ଏ.)

ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଟାକରା ସେତୁଠାରେ ଏକ ମିନିଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ନୁକାପଡା ଗ୍ରାମର ଅଶୋକ କୁମାର ଗୌଡ଼। ଅଶୋକ ମଙ୍ଗଳବାର ମଧ୍ୟାହ୍ନରେ ବାଇକ ଯୋଗେ ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଏକ ମିନିଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଅଶୋକ ସେଠାରେ ଗୁରୁତର ହୋଇ ପଡିଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଛି।

## କାଜୁ ଜଙ୍ଗଲରୁ ନବଜାତ ଶିଶୁ ପୁତ୍ର ଉଦ୍ଧାର

ଖୋର୍ଦ୍ଧା ଅଫିସ,୨୨।୧

ଖୋର୍ଦ୍ଧା ଜିଲା ତରାବୋଇ ବାଜପୁର ରାସ୍ତାର ବାଜପୁର କାଜୁ ଜଙ୍ଗଲ ପରିସରରୁ ଜଣେ ନବଜାତ ଶିଶୁ ପୁତ୍ର ମଙ୍ଗଳବାର ଉଦ୍ଧାର କରାଯାଇଛି। ଶିଶୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି। ବାଜପୁର କ୍ରଶର ପଛ ପାଖରେ ଥିବା କାଜୁ ଜଙ୍ଗଲ ପରିସରରେ ନବଜାତ ଶିଶୁ ପୁତ୍ର ଭୋର ସମୟରେ କ୍ରନ୍ଦନ କରୁଥିଲା। କ୍ରଶର ପରିଚାଳକ ଅକ୍ଷୟ ମହାରଣା ଶୌଚ ହେବାକୁ ଯାଇଥିବା ବେଳେ ଛୋଟ ପିଲାର କାନ୍ଦ ଶୁଣିଥିଲେ। ସେ ସେଠାକୁ ଯାଇ ଶିଶୁ ଜଣକ କପଡାରେ ଆଚ୍ଛାଦିତ ହୋଇ ତଳେ ପଡିଥିବା ଦେଖିଥିଲେ। ସେ ଶିଶୁପୁତ୍ରକୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁ ବିଶେଷଜ୍ଞ ପଦ୍ମଜ ପାଳଙ୍କ ସୂଚନା ଅନୁସାରେ, ଚିକିତ୍ସା ପରେ ଶିଶୁ ପୁତ୍ର ଜଣକଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି। ଶିଶୁ ଜଣକ ଠିକ୍ ସମୟରେ ଜନ୍ମ ନେଇଛି। ଓଜନ ୨ କେଜି ୫୦୦ ଗ୍ରାମ ଥିବାବେଳେ ଜନ୍ମ ପରେ ଶିଶୁଟି ମା’ କ୍ଷୀର ଖାଇଛି। କାକର ଥଣ୍ଡାରେ ପଡି ରହିବା ଯୋଗୁ ଅସୁସ୍ଥ ହୋଇପଡିଥିଲା। ଶିଶୁକୁ ନିଉ ବର୍ଣ୍ଣ କେୟାର ୟୁନିଟ୍‌ରେ ରଖାଯାଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ୩ରୁ ୪ ଦିନ ରଖାଯିବ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ମେଡିକାଲ) ନାରାୟଣ ବେହେରା କୁହନ୍ତି, କାଜୁ ଜଙ୍ଗଲରୁ ଉଦ୍ଧାର ଶିଶୁକୁ ଫ୍ଲୁଇଡ୍ ଇଞ୍ଜେକଶନ ଓ ସାଲାଇନ ଦିଆଯାଉଛି। ଶିଶୁଟି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହେବା ସମ୍ପର୍କରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଓ ଚାଇଲ୍ଡ ଲାଇନକୁ ଅବଗତ କରାଯାଇଛି ବୋଲି ସୂଚନା ଦେଇଛନ୍ତି।

## ବେଗୁନିଆ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୨୨।୧ (ଡି.ଏନ.ଏ.)

ବେଗୁନିଆ ମହାବିଦ୍ୟାଳୟର ଖେଳପଡିଆଠାରେ ଚାଲୁଥିବା ୪୧ତମ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ କୈଳାସ ଚନ୍ଦ୍ର ମିଶ୍ର ଉଦ୍‌ଯାପନି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଠ ପଢା ସାଙ୍ଗକୁ ଖେଳର ଆବଶ୍ୟକତା ରହିଛି ବୋଲି କହିଥିଲେ। କ୍ରୀଡା ଅଧ୍ୟାପକ ସୂର୍ଯ୍ୟମଣି ମାଝିଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ଆଖପାଖ ମହାବିଦ୍ୟାଳୟର ଖେଳ ବିଭାଗର ଅଧ୍ୟାପକମାନେ ଯୋଗ ଦେଇଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ପ୍ରାୟ ୩୦୦ ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭଲିନ ଥ୍ରୋ, ସାଇକେଲ ରେସ୍ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଯୁକ୍ତ ୨ ବାଳକ ବିଭାଗର ଜିତେନ୍ଦ୍ର ଲେଙ୍କା ଓ ବାଳିକା ବିଭାଗର ଜ୍ୟୋତିର୍ମୟୀ ସାହୁ, ଯୁକ୍ତ ୩ ବିଭାଗର ବାଳକ ତ୍ରିନାଥ ବିଶ୍ୱାଳ ଓ ବାଳିକା ମେନକା ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ଶେଷରେ ମହାବିଦ୍ୟାଳୟର ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ଡ୍ରେନ୍ ସଫା କଲେ ମହିଳା ଗୋଷ୍ଠୀ

ଦଶପଲ୍ଲା,୨୨।୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ତୁମାଣ୍ଡି ପଞ୍ଚାୟତ କଇଁଆଡିହ ଗ୍ରାମଠାରେ ଏକ ଡ୍ରେନ୍ ଦୀର୍ଘ ଦିନ ଧରି ସଫେଇ ନ ହୋଇ ପଡି ରହିଥିଲା। ଏଥିପ୍ରତି ନା ପ୍ରଶାସନ ନା ସ୍ଥାନୀୟ ନେତୃବୃନ୍ଦ କେହି ଦୃଷ୍ଟି ଦେଉ ନ ଥିଲେ। ମଙ୍ଗଳବାର ଗ୍ରାମର ମହିଳା ଗୋଷ୍ଠୀ ଅଣ୍ଟାଭିଡି ଉକ୍ତ ଡ୍ରେନକୁ ସଫେଇ କରିଛନ୍ତି। ଗ୍ରାମର କସ୍ତୁରୀ ନାୟକଙ୍କ ଆହ୍ୱାନକ୍ରମେ ମା’ ଗ୍ରାମଦେବତୀ ସ୍ୱୟଂସହାୟିକା ଗୋଷ୍ଠୀର ସଭାପତି ପୁଷ୍ପଲତା ନାୟକ, ସମ୍ପାଦିକା ନମିତା ନାୟକ, ଗ୍ରାମର ଉତ୍ସାହୀ ଯୁବକ ବସନ୍ତ କୁମାର ନାୟକଙ୍କ ନେତୃତ୍ୱରେ ମହିଳା ଓ ଜନସାଧାରଣ ଡ୍ରେନକୁ ସଫେଇ କରିଥିଲେ। ଏହି ସଫେଇ ଦ୍ୱାରା ଜମି ରହୁଥିବା ପାଣି ସମସ୍ୟା ଦୂର ହୋଇଥିବା ବେଳେ ମହିଳା ଗୋଷ୍ଠୀଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।



ସଫେଇରେ ସାମିଲ ହୋଇଥିବା ମହିଳା।

ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀମେଳାର ଦ୍ୱିତୀୟ ସନ୍ଧ୍ୟା

## ଛାତ୍ରୀଛାତ୍ରଙ୍କ ନୃତ୍ୟସଙ୍ଗୀତରେ ଦର୍ଶକ ବିମୋହିତ

ନୟାଗଡ଼ ଅଫିସ/ଓଡ଼ଗାଁ, ୨୨।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଶ୍ରୀଲଡୁକେଶ ମହେଶଙ୍କ ଯାତ୍ରା ପଡିଆରେ ୪ ଦିନ ବ୍ୟାପୀ ଆୟୋଜିତ ହେଉଥିବା ଭଣ୍ଡାର ମହୋତ୍ସବ, ପଲ୍ଲିଶ୍ରୀମେଳା ୨୦୧୯ ସୋମବାର ଉଦ୍‌ଘାଟିତ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହାପୂର୍ବରୁ ଏସ୍‌ପି ଶତପଥୀ, ଅନ୍ୟ ଅତିଥି ଓ ଆୟୋଜକମାନେ ଶ୍ରୀଲଡୁବାବାଙ୍କ ନିକଟରୁ ଅଖଣ୍ଡ ଦୀପ ସହିତ ମଶାଲ ଶୋଭାଯାତ୍ରାରେ ଆଣି ମହୋତ୍ସବ ମଞ୍ଚରେ ସ୍ଥାପନ କରିଥିଲେ । ସ୍ଥାନୀୟ ସ୍କୁଲ ପିଲାଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ମଙ୍ଗଳବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦେବାଶିଷ ପଟ୍ଟନାୟକ, ସିଦ୍ଧାର୍ଥ ପଣ୍ଡା, ସ୍ୱର୍ଣ୍ଣପ୍ରକାଶ ରାଉତରାୟ, ବୈକୁଣ୍ଠ ନାଥ ସିଠ, ସୋଲପଟା ସରପଞ୍ଚ ସୁଶାନ୍ତ କୁମାର ଜେନା ମଞ୍ଚାସୀନ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ସାମୂହିକ ନୃତ୍ୟ ସଙ୍ଗୀତ ଦର୍ଶକଙ୍କୁ ଆନନ୍ଦିତ କରିଥିଲା । ଏହା ସହିତ ଖୋର୍ଦ୍ଧା ଜିଲାର ମହିଳା ପାଇକ ଆଖଡା ଖେଳ, ଅଭିନେତ୍ରୀ ଇପ୍‌ସିତା କରଙ୍କ ସଂଳାପ ଓ ଅଭିନୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା । ମହୋତ୍ସବ କମିଟି ସଭାପତି ଭାଗବତ ସେଠୀ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ରବୀନ୍ଦ୍ର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ଦୀନବନ୍ଧୁ ମହାପାତ୍ର, ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

କାଳିଆ ଯୋଜନାରେ ବ୍ୟସ୍ତ ପ୍ରାଣୀ ଚିକିତ୍ସା କର୍ମଚାରୀ

## ଚିକିତ୍ସାସେବା ପାଉନାହାନ୍ତି ଗୃହପାଳିତ ପ୍ରାଣୀ

ରଣପୁର,୨୨।୧ (ସ୍ୱ.ପ୍ର.)

ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିବା ପରେ ଏବେ ପ୍ରତ୍ୟେକ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗ କର୍ମଚାରୀଙ୍କୁ ନେଇ ସଭାସମିତି କରାଯାଉଛି। ରଣପୁର ବ୍ଲକରେ ଏହି କାର୍ଯ୍ୟକ୍ରମ ଚାଲିଥିଲା ବେଳେ ବିଭିନ୍ନ ବିଭାଗ ଏପରି କି ପ୍ରାଣୀ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କୁ ଏଥିରେ ନିୟୋଜିତ କରାଯାଇଛି। ଫଳରେ ଗାଁଗହଳିରେ ରୋଗାକ୍ରାନ୍ତ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା କରିବା ପାଇଁ ଡାକ୍ତର କିମ୍ବା କର୍ମଚାରୀ ଯାଇପାରୁନାହାନ୍ତି। ଫଳରେ ବହୁ ଗ୍ରାମରେ ଗାଈ, ବଳଦ, ଛେଳି, ମେଣ୍ଢା ଚିକିତ୍ସାସେବା ପାଉନାହାନ୍ତି। ମହଉପଲ୍ଲା ପଞ୍ଚାୟତ ବିରୁଡା ଗ୍ରାମର ଲକ୍ଷ୍ମୀଧର ବେହେରା, ପ୍ରଫୁଲ୍ଲ ବେହେରାଙ୍କ ଗାଈ ଓ ବଳଦ ୧୦ଦିନ ହେବ ପେଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ସେମାନେ ମଝିଆଖଣ୍ଡଠାରେ ଥିବା ପ୍ରାଣୀ ଚିକିତ୍ସାଳୟକୁ ବାରମ୍ବାର ଯାଉଥିଲେ ମଧ୍ୟ ସେଠାରେ ନିୟୋଜିତ ନିରୀକ୍ଷକ କାଳିଆ ଯୋଜନା ପାଇଁ ବ୍ଲକରେ ନିୟୋଜିତ ହୋଇଥିବାରୁ କୌଣସି ସୁଫଳ ପାଉନାହାନ୍ତି। ରଣପୁରରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଅଭିଯୋଗ କରିବାକୁ ଆସିଥିଲା ବେଳେ ସେଠାରେ ଥିବା କର୍ମଚାରୀ କାଳିଆ ଯୋଜନାରେ ସମସ୍ତେ ନିୟୋଜିତ ହୋଇଥିବାରୁ ଗୋରୁଙ୍କ ଚିକିତ୍ସା ପାଇଁ ଯାଇପାରିବେ ନାହିଁ ବୋଲି କୁହାଯାଉଥିବା ଲକ୍ଷ୍ମୀଧର ପ୍ରକାଶ କରିଛନ୍ତି। ଏକ ଜରୁରିକାଳୀନ ସେବାରେ ନିୟୋଜିତ କର୍ମଚାରୀ ଓ ଡାକ୍ତରଙ୍କୁ କିଭଳି କାଳିଆ ଯୋଜନାରେ ନିୟୋଜିତ କରାଗଲା ତାହାକୁ ନେଇ ଏଠାରେ ଚର୍ଚ୍ଚା ହେଉଛି। ରଣପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରର ୮ ନିରୀକ୍ଷକଙ୍କ ମଧ୍ୟରୁ ୬ଜଣ କାଳିଆ ଯୋଜନାରେ ନିୟୋଜିତ ହୋଇଛନ୍ତି। ବିଭିନ୍ନ ଗ୍ରାମରେ ଗୃହପାଳିତ ପ୍ରାଣୀ ରୋଗରେ ଆକ୍ରାନ୍ତ ହୋଇଥିବାରୁ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ରଣପୁର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଶୈଳଶ୍ୟ ମହାନ୍ତି କୁହନ୍ତି, ବିଭିନ୍ନ ପ୍ରାଣୀ ଚିକିତ୍ସାକେନ୍ଦ୍ରର ନିରୀକ୍ଷକମାନଙ୍କୁ କାଳିଆ ଯୋଜନାରେ ହେଉଥିବା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି।

**ଅଭିଯୋଗ କଲେ ଆସୁନାହାନ୍ତି ଡାକ୍ତର**



ବିରୁଡା ଗ୍ରାମରେ ଆକ୍ରାନ୍ତ ଗାଈ।

## ସଂକ୍ଷେପରେ

### ରାସ୍ତାରେ ମାଡ଼ ମାରି ଟଙ୍କା ଲୁଟ୍ ଘଟଣା, ୩ ଗିରଫ



**ବ୍ରହ୍ମପୁର ଅଫିସ୍,୨୨।୧:** ରାସ୍ତାରେ ମାଡ଼ମାରି ଟଙ୍କା ଲୁଟି ନେବା ଘଟଣାରେ ସଦରଥାନା ପୋଲିସ ମଙ୍ଗଳବାର ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସଦରଥାନା ଅଧୀନ ବାଇଗଣବାଡି ଗ୍ରାମର ପପୁନୁ ଗୌଡ, ଅନୀଲ ଗୌଡ ଏବଂ କାଳିଆ ଗୌଡ। ସେମାନଙ୍କ ନିକଟରୁ ପୋଲିସ ଏକ ନମ୍ବରବିହୀନ ସ୍କୁଟି, ୭ ହଜାର ୫ଶହ ଟଙ୍କା, ଗୋଟିଏ ଖଣ୍ଡା, ତିନୋଟି କଳାମୁଖା ଏବଂ ଦୁଇଟି ଛୁରି ଜବତ କରିଛି। ପ୍ରକାଶଯେ, ଗତ ୧୯ ତାରିଖ ରାତିରେ ରୋହିଗାଁ ଗ୍ରାମର ସନାତନ ଜେନା ନିଜ ଗାଁକୁ ଫେରୁଥିବା ବେଳେ ରାସ୍ତାରେ ଅଭିଯୁକ୍ତମାନେ ଗାଡି ଅଟକାଇଥିଲେ। ବିଭିନ୍ନ ମାରଣାସ୍ତ୍ରରେ ମାଡ ମାରି ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଆକ୍ରମଣରେ ଆହତ ସନାତନ ଚିକିତ୍ସିତ ହେବା ପରେ ସଦର ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୩/୧୯ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଆଇଆଇସି ଶିବଶଙ୍କର ମହାପାତ୍ର ଏବଂ ଡିଏସ୍‌ପି ଶାନ୍ତା ନୂତନ ସାମଦ୍ ସୂଚନା ଦେଇଛନ୍ତି।

### ଇସ୍କନ୍‌ରେ ପୁଷ୍ୟାଭିଷେକ ମହୋତ୍ସବ



**ବ୍ରହ୍ମପୁର ଅଫିସ୍,୨୨।୧:** ବ୍ରହ୍ମପୁର ଇସ୍କନ୍ ମନ୍ଦିରରେ ଶ୍ରୀରାଧା ରାଧାକାନ୍ତ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇସ୍କନ୍ ଓଡ଼ିଶାର କ୍ଷେତ୍ରିୟ ସଚିବ ଶ୍ରୀପାଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ଓ ଭକ୍ତ ଶ୍ରୀପ୍ରତାପ ରୁଦ୍ର ଦାସଙ୍କ ଉପସ୍ଥିତିରେ ସଂଗଠିତ ହୋଇଥିଲା। ଭଜନ କୀର୍ତ୍ତନ ସହ ଭଗବାନ ଶ୍ରୀରାଧା ରାଧାକାନ୍ତ ମହାପ୍ରଭୁଙ୍କୁ ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗ ପୁଷ୍ପ ଦ୍ୱାରା ଅଭିଷେକ କରାଯାଇଥିଲା। ଏହାସହିତ ସମାଗତ ଶତାଧିକ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ଆସନ୍ତା ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୭ରୁ ୯ଟା ପର୍ଯ୍ୟନ୍ତ ଶ୍ରୀପାଦ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜ ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନ ପ୍ରଦାନ କରିବେ। କେନ୍ଦ୍ରର ଅଧ୍ୟକ୍ଷ ପଞ୍ଚରତ୍ନ ଦାସଙ୍କ ତତ୍ତ୍ୱାବଧାନରେ ସେବକ ଅଚ୍ୟୁତମୂର୍ତ୍ତି ଦାସ, ଜଗତବନ୍ଧୁ ଦାସ, ସର୍ବମଙ୍ଗଳ ଦାସ, ପଦ୍ମଲୋଚନ ଦାସ, ରାଧାକାନ୍ତ ଦାସ, କଳାନିଧି ହରି ଦାସ, ମୋହନକୃଷ୍ଣ ଦାସ ଆଦି ପରିଚାଳନା କରିଥିଲେ ।

### ଗଞ୍ଜେଇ ଚୋରା ଚାଲାଣ ମାମଲା
### ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର ଅଫିସ୍, ୨୨।୧:** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମଙ୍ଗଳବାର ବ୍ରହ୍ମପୁର ଏଡିଜେ-୧ ସଞ୍ଜୟ କୁମାର ସାହୁ ଶୁଣାଣି କରି ପ୍ରମାଣ ଅଭାବରୁ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ୨ ଅଭିଯୁକ୍ତ ହେଲେ ଡେଙ୍ଗାଓସ୍ତା ଗ୍ରାମର ଉଦୟନାଥ ସାହୁ ଏବଂ ଲୋଚାପଡା ଅଞ୍ଚଳର ଦଣ୍ଡପାଣି ପାତ୍ର । ପ୍ରକାଶଯେ, ୨୦୧୪ ଡିସେମ୍ବର ୨୦ରେ ଗୁଡ୍‌ଶେଡ୍ ରୋଡ୍ ତ୍ରିନାଥ ମନ୍ଦିର ନିକଟରେ ଗୋଷାଣୀନୂଆଗାଁ ପୋଲିସ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୦୭ ଡି ୫୫୨୧)କୁ ପୋଲିସ ଅଟକାଇଥିଲା । ସେଥିରେ ୧୮ କେଜି ୪୦୦ ଗ୍ରାମ୍ ଗଞ୍ଜେଇ ବୋଝେଇ କରି ଚୋରା ଚାଲାଣ କରାଯାଉଥିବା ଜାଣି ପୋଲିସ ନଂ. ୧୧୪/୧୪ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିବା ପରେ ତଦନ୍ତକାରୀ ଅଧିକାରୀ ମମତା ନାୟକ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ । ମଙ୍ଗଳବାର ମାମଲାର ବିଚାର ଚାଲିଥିବା ସମୟରେ ୨୦ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ଅଭାବରୁ ସମ୍ପୃକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ଅଦାଲତ ରାୟ ପ୍ରକାଶ କରିଥିଲେ। ମାମଲାକୁ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପରିକ୍ଷିତ ପଣ୍ଡା ଓ ହରପ୍ରସାଦ ସାହୁ ପରିଚାଳନା କରୁଥିଲେ ।

## ଟାଟା ବିସ୍ଥାପିତଙ୍କ ପ୍ରତିଶ୍ରୁତି ପୂରଣ ଦାବି
# ଶିବସେନାର ବିକ୍ଷୋଭ, ଆରଡିସିଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୨୨।୧**

ଟାଟା କମ୍ପାନୀ ଦ୍ୱାରା ବିସ୍ଥାପିତ ଲୋକଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପ୍ରତିବାଦରେ ଶିବସେନାର ଯୁବସେନା ପକ୍ଷରୁ ମଙ୍ଗଳବାର ଏକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଟାଟା ବିସ୍ଥାପିତ ଅଞ୍ଚଳବାସୀଙ୍କ ସହ ସଙ୍ଗଠନ କର୍ମକର୍ତ୍ତାମାନେ କମାପଲ୍ଲୀ ଛକରୁ ବାହାରି ସହର ପରିକ୍ରମା କରିବା ସହ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଟାଟା ବିସ୍ଥାପିତ ପରିବାରକୁ ଆର୍ଥିକ କ୍ଷତିପୂରଣ ଓ ଚାକିରି ଦେବା ନେଇ ଟାଟା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଏଯାଏ ୮୦ ପରିବାରକୁ ସହାୟତା ମିଳି ନ ଥିବା ସଂଗଠନ ଅଭିଯୋଗ କରିଛି । ଶିଳ୍ପ ଉଦ୍ୟୋଗରେ ନିଯୁକ୍ତି ଦେବା ନାମରେ ଗଞ୍ଜାମ ଜିଲ୍ଲାର ଶିକ୍ଷିତ ଯୁବକଙ୍କ ସହ ସରକାର ଖେଳୁଥିବା ନେଇ ଶିବସେନା ପକ୍ଷରୁ ବିକ୍ଷୋଭ ସମାବେଶରେ କୁହାଯାଇଥିଲା । ଲୋକଙ୍କୁ ଚକ୍ରାନ୍ତ କରି ନେଇଥିବା ଆଫିଡାଭିଟ୍‌କୁ ବାଜ୍ୟାପ୍ତ କରିବା, ଟାଟା କଲୋନୀରେ ଖୋଲାଯିବାକୁ ଥିବା ମେଡିକାଲରେ ସ୍ଥାନୀୟ କଲୋନୀବାସୀଙ୍କୁ ନିଯୁକ୍ତି ଦେବା, ଟାଟାକଲୋନୀରେ ଆଦର୍ଶଗ୍ରାମ ପରି ସମସ୍ତ ସୁବିଧା ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି । ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଗଠନ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବାକୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ସମାବେଶରେ ସଂଗଠନ ରାଜ୍ୟ ଉପପ୍ରମୁଖ ବଳରାମ ବାବା, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ସୀମାଞ୍ଚଳ ପାଢୀ, ଜିଲା ଯୁବସେନା ପ୍ରମୁଖ ପି. ତୁଳସାୟା ରେଡ୍ଡୀ, ସୁଦର୍ଶନ ଦାଶ, ରାଜେଶ ମହାରଣା ଓ ସୀମାଞ୍ଚଳ ଗୌଡଙ୍କ ସମେତ ସମସ୍ତ କର୍ମକର୍ତ୍ତା ଟାଟା ବିସ୍ଥାପିତ ମହିଳା ଓ ପୁରୁଷ ସାମିଲ ହୋଇଥିଲେ ।



ଆରଡିସି ଅଫିସ ଆଗରେ ଶିବସେନାର କର୍ମକର୍ତ୍ତା ଓ ଟାଟା ବିସ୍ଥାପିତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ସାକ୍ଷୀଙ୍କୁ ପ୍ରାକ୍ତନ ମେୟରଙ୍କ ହତ୍ୟା ଧମକ ମାମଲା
# ଅଭିଯୋଗକାରୀ, ଜମି ମାଲିକାଣୀଙ୍କ କୋର୍ଟରେ ସାକ୍ଷ୍ୟ ଗ୍ରହଣ

**ବ୍ରହ୍ମପୁର ଅଫିସ୍,୨୨।୧**

ସାକ୍ଷୀଙ୍କୁ ପ୍ରାକ୍ତନ ମେୟର ଶିବଶଙ୍କର ଦାସ ଓରଫ୍ ପିଣ୍ଟୁଙ୍କ ହତ୍ୟା ଧମକ ମାମଲାରେ ମଙ୍ଗଳବାର ବ୍ରହ୍ମପୁର ଏଡିଜେ-୨ କୋର୍ଟରେ ଅଭିଯୋଗକାରୀ ଲୁଲୁ ମଙ୍ଗରାଜ ଏବଂ ଜମି ମାଲିକାଣୀ ପୁଷ୍ପାଞ୍ଜଳି ମହାରଣାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ଜିଆର୍ କେସ ନଂ ୧୦୫୫/୧୫ରେ ମାମଲାର ବିଚାର ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର କୋର୍ଟରେ ପ୍ରଥମ ସାକ୍ଷ୍ୟ ଗ୍ରହଣ ପାଇଁ ଧାର୍ଯ୍ୟ ହୋଇଥିଲା । ବ୍ରହ୍ମପୁର ମଣ୍ଡଳ କାରାଗାରରୁ ପିଣ୍ଟୁଙ୍କୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ସେହିପରି ପିଣ୍ଟୁଙ୍କ ବିରୋଧରେ ଏତଲା ଦେଇଥିବା ଲୁଲୁ ଏବଂ ପୁଷ୍ପାଞ୍ଜଳି ମଧ୍ୟ କୋର୍ଟରେ ହାଜର ହୋଇଥିଲେ।

ପ୍ରକାଶଯେ, ୨୦୧୫ରେ ପୁଷ୍ପାଞ୍ଜଳିଙ୍କଠାରୁ ଏକ ଜମି ଲୁଲୁ କ୍ରୟ କରିଥିଲେ। ପରବର୍ତ୍ତୀ ସମୟରେ ଲୁଲୁ ଏବଂ ପୁଷ୍ପାଞ୍ଜଳି ଉକ୍ତ ଜମି ଉପରେ ଛିଡା ହୋଇ ଥିବା ବେଳେ ପ୍ରାକ୍ତନ ମେୟର ପିଣ୍ଟୁ ଦାସ ତାଙ୍କ ବାପା ଖଲି ଦାସ ଏବଂ ତାଙ୍କ ସହିତ ଅନ୍ୟମାନେ ଆସି ମାଉଜର୍ ଦେଖାଇଥିଲେ । ଜମି କାହିଁକି କିଣିଲେ ବୋଲି ପ୍ରଶ୍ନ କରିବା ସହିତ ୨୦ ଲକ୍ଷ ଟଙ୍କା ମାଗିଥିଲେ । ଏହି ସମୟରେ ଭୟଭୀତ ହୋଇ ଯାଇ ପୁଷ୍ପାଞ୍ଜଳି ଦୌଡି ପଳାଇ ଯାଇଥିଲେ । ପରବର୍ତ୍ତୀ ସମୟରେ ଲୁଲୁ ୪ ଲକ୍ଷ ଟଙ୍କା ପିଣ୍ଟୁଙ୍କୁ ଭୟରେ ଦେଇଥିଲେ । ପରେ ଥାନାକୁ ଯାଇ ପିଣ୍ଟୁ, ତାଙ୍କ ବାପା ଓ ଅନ୍ୟମାନଙ୍କ ନାଁରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ କେବଳ ପିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅନ୍ୟମାନଙ୍କୁ ମଧ ଥାନାକୁ ନେଇଥିଲା । ମାମଲାର ବିଚାର ଆରମ୍ଭ ହେବା ବେଳେ ମଙ୍ଗଳବାର ଅଭିଯୋଗକାରୀ ଲୁଲୁ ଏବଂ ସାକ୍ଷୀ ପୁଷ୍ପାଞ୍ଜଳିଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସାକ୍ଷ୍ୟ ଗ୍ରହଣ ସମୟରେ ପିଣ୍ଟୁଙ୍କ ଓକିଲ ବିଭିନ୍ନ ଯୁକ୍ତି ବାଢିଥିଲେ । ମୁଦାଲା ପିଣ୍ଟୁଙ୍କ ପକ୍ଷରୁ ଆଇନଜୀବୀ କୈଳାସ ପଣ୍ଡା, କୃଷ୍ଣ ପଟ୍ଟନାୟକ, ଜଗତ୍ ପଟ୍ଟନାୟକ ଓ ଶିବନାରାୟଣ ସାହୁ ମକଦ୍ଦମା ପରିଚାଳନା କରୁଥିବା ଜଣାପଡିଛି ।

# ଜେଇଇ ମେନ୍ ପ୍ରବେଶିକାରେ ସଫଳତା



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ ।

**ବ୍ରହ୍ମପୁର ଅଫିସ,୨୨।୧**

ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଇଥିବା ଜେଇଇ ମେନ୍ ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟ ଜେଇଇ(ମେନ୍) ଅନ୍‌ଲାଇନ୍ ପରୀକ୍ଷା ଗତ ୯ରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସାରା ଦେଶରୁ ୮ଲକ୍ଷ ୭୪ ହଜାର ୪୬୯ ପରୀକ୍ଷାର୍ଥୀ ଅନ୍‌ଲାଇନ୍‌ରେ ପରୀକ୍ଷା ଦେଇଥିଲେ। ସେଥିରେ ଓଡ଼ିଶାର ପ୍ରାୟ ୪୦ହଜାର ପରୀକ୍ଷାର୍ଥୀ ରହିଥିଲେ। ତେବେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିରର ୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ମୋନାଲିସା ପଣ୍ଡା ୯୯.୫୯ ପ୍ରତିଶତ ମାର୍କ ରଖିଥିବା ବେଳେ ଅଚ୍ୟୁତ କୁମାର ପଣ୍ଡା ୯୮.୯ପ୍ରତିଶତ, ଆୟୁଷ କୁମାର ଦାଶ ୯୮.୬ପ୍ରତିଶତ, ଶୁଭ୍ରାଂଶୁ ଶେଖର ଦେହୁରୀ ୯୮.୫ପ୍ରତିଶତ, ଏନ୍.ରବୀନ୍ଦ୍ର ୯୭.୮ପ୍ରତିଶତ, ସୁପ୍ରିତା ଦେବୀ ୯୭.୬ପ୍ରତିଶତ ଏବଂ ସୁଯୋଗ୍ୟ କୁମାର ସାହୁ ୯୭.୧ପ୍ରତିଶତ ମାର୍କ ରଖିଛନ୍ତି। ଏପରିକି ୧୮ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ମାର୍କ ରଖି ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତା ପାଇଁ କୋଚିଂ ଡିଭିଜନ୍‌ର ସର୍ବଭାରତୀୟସ୍ତରର ଅଭିଜ୍ଞ ଶିକ୍ଷକମାନଙ୍କ ଉଦ୍ୟମ ମୁଖ୍ୟ କାରଣ ବୋଲି କୁହାଯାଉଛି। ଅଭିଜ୍ଞ ପ୍ରାଧ୍ୟାପକ ଗଙ୍ଗାଧର ପରିଡ଼ା, ଇଂ. ଅନିଲ କୁମାର ବିଶ୍ୱାଳ, କମଳାପତି ପଣ୍ଡା, ରାମକୃଷ୍ଣ ରେଡ୍ଡୀ, ବିଜୟ କୁମାର, ନାଗେସ୍ ବାବୁ, ପ୍ରଶାନ୍ତ ସାହୁ, ପ୍ରତାପ କୁମାର ପାତ୍ର, ସନ୍ତୋଷ କୁମାର ପଣ୍ଡା, ଜି.ସୁରେଶ, ନଗେନ୍ଦ୍ର ରାଓ, ବିଦ୍ୟାକାନ୍ତ ଚୌଧୁରୀ, ଭି.ରାଜେନ୍ଦ୍ର ପ୍ରସାଦ, ବିକାଶ ତ୍ରିପାଠୀ ଏବଂ ରମେଶ କୁମାରଙ୍କ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ସଫଳତା ମିଳିପାରିଛି । ଏହି ସଫଳତା ପାଇଁ ଅଭିଭାବକଙ୍କ ସମେତ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, ଅଧ୍ୟକ୍ଷ ଏସ୍.ମୋହନ ରାଓ, ପ୍ରଧାନ ଆଚାର୍ଯ୍ୟ ଉମାଧବ ମହାନ୍ତି ଏବଂ ସୁବ୍ରତ କୁମାର ପାଣିଗ୍ରାହୀ ପ୍ରମୁଖ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ, ଏସ୍‌ପିଙ୍କୁ ଅଭିଯୋଗ

**ବ୍ରହ୍ମପୁର ଅଫିସ୍/କନିଷ୍ଠି,୨୨।୧**

ବ୍ରହ୍ମପୁର ଗୋଳନ୍ଥରା ଥାନା ପଞ୍ଚମା ଗ୍ରାମରେ ସୋମବାର ଜଣେ ଦମ୍ପତିଙ୍କ ଘରେ ପଶି କେତେକ ଦୁର୍ବୃତ୍ତ ଦୁର୍ବ୍ୟବହାର କରିବା ସହିତ ମାଡ ମାରିଥିବା ଅଭିଯୋଗ ହୋଇଛି । ଏନେଇ ଉକ୍ତ ଦମ୍ପତି ମଙ୍ଗଳବାର ଗୋଳନ୍ଥରା ଥାନାରେ ଏତଲା ଦେବା ସହିତ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି । ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଅଭିଯୋଗ ଗ୍ରହଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶଯେ, ସୋମବାର ପଞ୍ଚମା ଗ୍ରାମର ଭାରତୀ ନାହାକ ଏବଂ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ନାହାକଙ୍କ ଝିଅର ବିବାହ ପାଇଁ ନିର୍ବନ୍ଧ କାର୍ଯ୍ୟକ୍ରମ ରହିଥିଲା। ଏହି ସମୟରେ ସେହି ଗ୍ରାମର ୫ ଜଣ ଦୁର୍ବୃତ୍ତ ଆସି ଘରେ ପଶି ସମସ୍ତଙ୍କୁ ଦୁର୍ବ୍ୟବହାର କରିଥିଲେ। ଏମିତିକି ଗାଳି ଗୁଲଜ କରିବା ସହିତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଓ ସ୍ତ୍ରୀ ଭାରତୀଙ୍କୁ ମାଡ ମାରିଥିଲେ । ୨୪ ରେ ଝିଅର ବିବାହ କାର୍ଯ୍ୟକ୍ରମ ଥିବାରୁ ସମସ୍ୟାରେ ପଡିଯାଇ ଭାରତୀ ମଙ୍ଗଳବାର ସକାଳେ ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ହେଲେ ସେଠାରେ କୌଣସି ସୁଫଳ ନ ମିଳିବାରୁ ଅପରାହ୍ନରେ ଏସ୍‌ପି ଅଫିସକୁ ଆସିଥିଲେ । ସେଠାରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସଙ୍କୁ ଭେଟି ସମସ୍ତ ବିଷୟ ଜଣାଇଥିଲେ । ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ପାଇବା ପରେ ଦମ୍ପତି ଫେରିଥିଲେ। ଖବରଲେଖିବା ସୁଦ୍ଧା ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ଉଭୟ ପକ୍ଷକୁ ଡକାଯାଇ ତଦନ୍ତ ଚାଲିଥିବା ଇନ୍‌ସ୍ପେକ୍ଟର ବସନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

## ଡାଟୁମ୍ ଚିଟ୍‌ଫଣ୍ଡ୍ ଠକେଇ ମାମଲା
# ଜାମିନ ପାଇଲେ ନିର୍ଦ୍ଦେଶକ ଦମ୍ପତି

**ବ୍ରହ୍ମପୁର ଅଫିସ୍,୨୨।୧**

ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ତଥା ଚିଟ୍‌ଫଣ୍ଡ କମ୍ପାନୀ ଡାଟୁମ୍‌ର ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତିଙ୍କୁ ମଙ୍ଗଳବାର ଚିଟ୍‌ଫଣ୍ଡ୍ କୋର୍ଟ ଜଜ୍ ଦୀପ୍ତିରଞ୍ଜନ କାନୁନ୍‌ଗୋ ଜାମିନ ପ୍ରଦାନ କରିଥିବା ଜଣାପଡିଛି । ଗିରଫ ହେବାର ୬୦ ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିପାରି ନ ଥିବାରୁ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି ଜାମିନ ପାଇଥିବା ଜଣାପଡିଛି । ଜାମିନ ପାଇ ଜେଲରୁ ନିର୍ଦ୍ଦେଶକ ଦମ୍ପତି ବ୍ରଜମୋହନ ପଟ୍ଟନାୟକ ଏବଂ ତାଙ୍କ ସ୍ତ୍ରୀ ତ୍ରିଧାରା ମହାନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକୁଳିଥିବା ଜଣାପଡିଛି ।

ପ୍ରକାଶଯେ, ବିଭିନ୍ନ ସ୍କିମ୍ ମାଧ୍ୟମରେ ପ୍ରଲୋଭନ ଦେଖାଇ ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ କରିଥିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ନଂ. ୨୦୨/୧୮ରେ ଏକ ମାମଲା ରୁଜୁକରି ୨୦୧୮ ନଭେମ୍ବର ୬ରେ ଚିଟ୍‌ଫଣ୍ଡ ସଂସ୍ଥା ଡାଟୁମ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରଜମୋହନ ଏବଂ ତାଙ୍କ ସ୍ତ୍ରୀ ତଥା ଅନ୍ୟତମ ନିର୍ଦ୍ଦେଶକ ତ୍ରିଧାରାଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ରିମାଣ୍ଡରେ ନେଇ ବହୁ ତଥ୍ୟ ହାସଲ କରିଥିଲା । ହେଲେ ଚିଟ୍‌ଫଣ୍ଡ୍ କୋର୍ଟର ଧାରା ୧୬୭ ଅନୁଯାୟୀ ୬୦ ଦିନ ମଧ୍ୟରେ ତଦନ୍ତକାରୀ ଅଧିକାରୀ ଆଲୋକ କୁମାର ଜେନା କୋର୍ଟରେ ଚାର୍ଜଶିଟ୍ ଦାଖଲ କରିପାରି ନ ଥିଲେ। ମଙ୍ଗଳବାର ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଜାମିନ ଆବେଦନ କରିଥିବା ବେଳେ ଏହା ମଞ୍ଜୁର ହୋଇଥିଲା । ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ନୀହାର ପଟ୍ଟନାୟକ ମାମଲା ପରିଚାଳନା କରୁଥିବା ବେଳେ ପୂର୍ବରୁ ଏହି ଚିଟ୍‌ଫଣ୍ଡ୍ ସଂସ୍ଥାର ଅନ୍ୟ ଏକ ମାମଲାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୨ ଜଣ ଏଜେଣ୍ଟ୍ ବିଜୟ କୁମାର ମହାପାତ୍ର ଏବଂ ସିଏଚ୍. ତ୍ରିପତି ବାଲାଜୀ ପାତ୍ର ଜାମିନ ପାଇଥିବା ଜଣାପଡିଛି ।


ଡାଟୁମ୍ ଚିଟ୍‌ଫଣ୍ଡ୍ ଅଭିଯୁକ୍ତ ନିର୍ଦ୍ଦେଶକ ଦମ୍ପତି ।

# ସାଧାରଣ ନିର୍ବାଚନ ନେଇ ବିଏଲଓଙ୍କୁ ପ୍ରଶିକ୍ଷଣ ଶିବିର

**କନିଷ୍ଠି,୨୨।୧(ଡି.ଏନ.ଏ.):** ଗଞ୍ଜାମ ଜିଲାରେ ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ନେଇ ମଙ୍ଗଳବାର ରଙ୍ଗେଇଲୁଣ୍ଡା ବ୍ଲକ ଡାକବଙ୍ଗଳାରେ ବିଏଲଓମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହକାରୀ ଜିଲାପାଳ ଡି. ମାଲେଶ ପାତ୍ର ଯୋଗଦେଇ କହିଥିଲେ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ୧୪୫ଟି ବୁଥ୍ ରହିଛି। ପ୍ରତ୍ୟେକ ବୁଥରେ ଭୋଟରମାନେ କିପରି ଶାନ୍ତି ଶୃଙ୍ଖଳା ସହ ଭୋଟ ଦେବେ ସେ ସମ୍ପର୍କରେ ବିଏଲଓମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଙ୍ଗେଇଲୁଣ୍ଡା ବ୍ଲକ ସମ୍ପ୍ରସାରଣ ଅଧିକାରୀ ପ୍ରତାପ କୁମାର ପଟ୍ଟନାୟକ, ସମନ୍ୱୟ ଶିଶୁ ବିକାଶ ଅଧିକାରୀ, ସୁପରଭାଇଜର ଭାଗ୍ୟଲତା ପାତ୍ରଙ୍କ ସମେତ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ ।

# ଡିଏଲ୍‌ଏସ୍‌ଏର କିନ୍ନରଙ୍କ ଆଇନ ସଚେତନତା ଶିବିର

**ବ୍ରହ୍ମପୁର ଅଫିସ, ୨୨।୧**

ବ୍ରହ୍ମପୁର କୋର୍ଟରେ ଥିବା ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ କମିଟି (ଡିଏଲ୍‌ଏସ୍‌ଏ) କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର କିନ୍ନରମାନଙ୍କ ପାଇଁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ଫ୍ୟାମିଲି କୋର୍ଟ ଜଜ୍ ଲଳିତ କୁମାର ଦାସ, ଏଡିଜେ-୧ ସଞ୍ଜୟ କୁମାର ସାହୁ, ଏଡିଜେ-୨ ଦୀପକ କୁମାର, ଏଡିଜେ-୩ ନିରଞ୍ଜନ ଜେନା, ଏସିଜେଏମ୍ ସରୋଜ ଦାସ ଓ ଆଇନଜୀବୀ ଟି.କେ.ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ୨୦୧୪ରେ ହୋଇଥିବା ଶୁଣାଣି ପ୍ରକାରେ କିନ୍ନରମାନଙ୍କର ସାମ୍ବିଧାନିକ ଅଧିକାର ଅକ୍ଷୁର୍ଣ୍ଣ ରଖିବା ଦିଗରେ ପ୍ରାଧିକରଣ କମିଟି ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଅତିଥି ମାନେ ଉପସ୍ଥିତ କିନ୍ନରମାନଙ୍କୁ ସଚେତନ କରିଥିଲେ । କୌଣସି ସମସ୍ୟା ହେଲେ ପ୍ରାଧିକରଣ କାର୍ଯ୍ୟାଳୟର ପାରା ଲିଗାଲ୍ ଭଲ୍ୟୁଣ୍ଟରମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ କିନ୍ନର ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଇଟି, ସିମ୍ରନ୍, କରିସ୍ମା, ସୋନିଆ, ଭାରତୀ, ପୂଜା, ବାବୁଲା, ପ୍ରୀତି ପ୍ରମୁଖ କିନ୍ନର ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।


ଡିଏଲ୍‌ଏସ୍‌ଏ ପକ୍ଷରୁ କିନ୍ନରମାନଙ୍କ ପାଇଁ ଆଇନ ସଚେତନତା ଶିବିର ।

# ମହିଳାଙ୍କୁ ବିଏମ୍‌ସିର ରାଜମିସ୍ତ୍ରି ତାଲିମ

- ପୁରୁଷ ସହ ମହିଳା ବି କରିବେ ଗୃହ ନିର୍ମାଣ
- ପିଏମ୍‌ଏୱାଇ ଗୃହ ନିର୍ମାଣରେ ନିୟୋଜିତ ହେବେ ମହିଳା ଏସ୍‌ଏଚ୍‌ଜି

**ବ୍ରହ୍ମପୁର ଅଫିସ,୨୨।୧**

ମହିଳାମାନେ ଅବଳା ଦୁର୍ବଳା ନୁହନ୍ତି । ସେମାନେ ମଧ୍ୟ ପୁରୁଷ ସହ ସମକକ୍ଷ। ସେମାନେ ହୋଇଛନ୍ତି ସଶକ୍ତ ଓ ଆତ୍ମନିର୍ଭରଶୀଳ। ଏପରିକି ପୂର୍ବରୁ ପୁରୁଷମାନେ କରୁଥିବା ରାଜମିସ୍ତ୍ରି ଭଳି କଠିନ କାର୍ଯ୍ୟକୁ ମଧ କରିବାରେ ସକ୍ଷମ ବୋଲି ପ୍ରମାଣ କରି ଦେଖାଇଛନ୍ତି । ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ହରିଡାଖଣ୍ଡି ଅଞ୍ଚଳରେ। ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ଜାତୀୟ ସହରାଞ୍ଚଳ ଜୀବିକା ନିର୍ବାହ ମିଶନ ଅଧୀନରେ ଉକ୍ତ ଅଞ୍ଚଳରେ ଗଠିତ ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ଏଭଳି କାର୍ଯ୍ୟ କରିବାରେ ସାମର୍ଥ୍ୟ ଦେଖାଇଛନ୍ତି ।

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୂର୍ବରୁ ପଲିଥିନର ବିକଳ୍ପ ବ୍ୟାଗ, ଧୂପକାଠି, ଆଚାର ପାମ୍ପଡ, ସିଲେଇ ମେଶିନ, ମୋବାଇଲ ରିପ୍ୟାରିଂ, କମ୍ପ୍ୟୁଟର, ଫିନାଇଲ ତିଆରି କରିବା, ଲିକ୍ୟୁଡ ଡିଜେରଜେଷ୍ଟ, ଚାନ୍ଦୁଆ ଭଳି ବହୁଟ୍ରେନିଂ ପ୍ରଦାନ କରାଯିବା ସହ କାର୍ଯ୍ୟ କରିବା ପାଇଁ ଋଣ ପ୍ରଦାନ କରାଯାଇଛି । ଏବେ ଏସଏଚଜିଗୁଡିକୁ ରାଜମିସ୍ତ୍ରି କାର୍ଯ୍ୟ ପାଇଁ ଗତ ୧ତାରିଖରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହରିଡାଖଣ୍ଡି ଅଞ୍ଚଳର ମହାମାୟୀ ସ୍ୱୟଂ ସହାୟକ ଗୋଷ୍ଠୀର ୧୦ ମହିଳାଙ୍କୁ ତାଲିମ ପ୍ରଦାନ କରାଯାଉଛି। ହରିଡାଖଣ୍ଡି ଅଞ୍ଚଳରେ ଚାଲିଥିବା ଏକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣରେ ଏହି ଏସଏଚଜି ମହିଳାଙ୍କୁ ନିୟୋଜିତ କରାଯିବା ସହ ତାଲିମ ପ୍ରଦାନ କରାଯାଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି । ଜାନୁୟାରୀ ୩୦ରେ ତାଲିମ ଶେଷ ହେବାପରେ ସହରରେ ହେବାକୁ ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ କରି ମହିଳାମାନେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରିବେ ବୋଲି ବିଏମସି କମ୍ୟୁନିଟି ଅର୍ଗାନାଇଜର ତଥା ନୋଡାଲ ଅଫିସର ଗୀତାଞ୍ଜଳି ସାମନ୍ତରାୟ ସୂଚନା ଦେଇଛନ୍ତି । ଏହି ମହିଳାମାନେ ରାଜମିସ୍ତ୍ରି ଉପେନ୍ଦ୍ର ଦାଶଙ୍କଠାରୁ ତାଲିମ ଗ୍ରହଣ କରୁଛନ୍ତି । ଏହି ତାଲିମ ପ୍ରଦାନ କରିବାରେ ବିଏମ୍‌ସି ରାଜ୍ୟରେ ପ୍ରଥମ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଗତ ୧୯ତାରିଖରେ ମିଶନ ଡାଇରେକ୍ଟର ତଥା ରାଜ୍ୟ ସ୍ୱତନ୍ତ୍ର ସଚିବ ଏସ୍.ପି. ଦାଶ ତାଲିମ ଗ୍ରହଣ କରୁଥିବା ଏସ୍‌ଏଚ୍‌ଜିଙ୍କୁ ସାକ୍ଷାତ କରିବା ସହ ସେମାନଙ୍କ କାର୍ଯ୍ୟଶୈଳୀ ଅନୁଧ୍ୟାନ କରିଥିବା ଜଣାପଡିଛି । ଆଗାମୀ ଦିନରେ ଅନ୍ୟ ସମସ୍ତ ଏସଏଚଜିକୁ ମଧ ଏହି ତାଲିମ ପ୍ରଦାନ କରାଯିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି ।


ମିଶନ ଡାଇରେକ୍ଟରଙ୍କ ସହ ଏସ୍‌ଏଚ୍‌ଜି ମହିଳାମାନେ ।